# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ନଭେମ୍ବର ୨୧/୨୦୧୯ (୨୦ ପୃଷ୍ଠା) | Sambalpur, Thursday, November 21 / 2019 | ★★

୧୫ଶ ଭାଗ ୩୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଖାକି ପୋଷାକ ପ୍ରେମରେ ରାଣୀ**

ଅଭିନେତ୍ରୀ ରାଣୀ ମୁଖାର୍ଜୀ 'ମର୍ଦ୍ଦାନୀ-୨'ରେ ଜଣେ ସଚ୍ଚୋଟ୍ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବା ପରେ ତାଙ୍କୁ ଖାକି ନିଶା ଘାରିଛି ।

୧୫

୧୯

**କୋହଲି ପର୍ସନ ଅଫ୍ ଦି ଇୟର**

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ପିପୁଲ ଫର୍ ଦି ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା) ଇଣ୍ଡିଆ ପର୍ସନ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।



# ମଙ୍ଗଳରେ ଜୀବନ

**ଫଟୋରୁ ପ୍ରମାଣ ମିଳିଥିବା ଦାବି କଲେ ଆମେରିକା ଗବେଷକ**

**ନ୍ୟୁୟର୍କ, ୨୦।୧୧:** ମଙ୍ଗଳରେ ଜୀବସତ୍ତା ସମ୍ଭବ କି ବୋଲି ଜାଣିବା ପାଇଁ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଥିବାବେଳେ ଜୀବନ ସମ୍ପର୍କିତ କେତେକ ତଥ୍ୟ ସାମ୍ନାକୁ ଆଣିଛନ୍ତି ଆମେରିକାସ୍ଥିତ ଓହାୟୋ ୟୁନିଭର୍ସିଟିର ଜଣେ ଗବେଷକ। ଲାଲଗ୍ରହରେ କୀଟ ଭଳି କେତେକ ପ୍ରାଣୀ ରହିଥିବା ପ୍ରଫେସର ଏମେରିଟସ୍ ୱିଲିୟମ୍ ରୋମୋସର ଗବେଷଣାରୁ ଜାଣିବାକୁ ପାଇଛନ୍ତି।

ରୋମୋସର ଏକାଧିକ ମଙ୍ଗଳ ଅଭିଯାନରୁ ସଂଗୃହୀତ ଫଟୋଗ୍ରାଫ୍‌କୁ ନେଇ ଗଭୀର ଅନୁଧ୍ୟାନ ଓ ଗବେଷଣା କରିଥିଲେ। ଏଥିରୁ ସେ ଜାଣିବାକୁ ପାଇଛନ୍ତି ଯେ, ମଙ୍ଗଳରେ ଅନେକ ପ୍ରଜାତିର କୀଟାକୃତିର ଜୀବ ରହିଛନ୍ତି। ଫଟୋରେ ଉଭୟ ଜୀବାଶ୍ମ ଏବଂ ଜୀବନ୍ତ ଜୀବମାନଙ୍କ ଶରୀର ଗଠନ ଢାଞ୍ଚା ମହୁମାଛି ଓ ସରୀସୃପ ଭଳି ଦେଖାଯାଉଛି। ସେମାନଙ୍କ ଦେହରେ ଡେଣା, ଡେଣାର ସଙ୍କୋଚନ, ଚାଲିବା ଓ ଉଡ଼ିବା ଭଳି ବ୍ୟବସ୍ଥା ରହିଛି। ମଙ୍ଗଳକୁ ଯାଇଥିବା ଅନେକ ଯାନ ବିଶେଷକରି କ୍ୟୁରୋସିଟି ରୋଭର ସେଠାରେ ଜୈବିକ ଗତିବିଧି ସମ୍ପର୍କରେ ସୂଚକ ଖୋଜୁଛି। ରୋଭର ପଠାଇଥିବା ଫଟୋଗୁଡ଼ିକରେ କୀଟ ଓ ସରୀସୃପ ଜାତୀୟ ପ୍ରାଣୀ ରହିଥିବା ସ୍ପଷ୍ଟ ଦେଖାଯାଉଛି। ମଙ୍ଗଳରେ ଅଧିକ ମାତ୍ରାରେ ମେଟାଜୋଆ ଅର୍ଗାନିଜମ୍‌ର ଉପସ୍ଥିତି ପୋଷକ/ଶକ୍ତି ଉତ୍ସ ଓ ପ୍ରକ୍ରିୟା, ଖାଦ୍ୟଶୃଙ୍ଖଳ, ଜଳ ଉପଲବ୍ଧ ଥିବାର ସୂଚନା ଦିଏ। ତେଣୁ ମଙ୍ଗଳରରେ ଏବେ ମଧ୍ୟ ଜୀବନ ରହିଛି ବୋଲି ରୋମୋସର କହିଛନ୍ତି। ତାଙ୍କର ଏହି ଅଧ୍ୟୟନକୁ ଏଣ୍ଟୋମୋଲୋଜିକାଲ୍ ସୋସାଇଟି ଅଫ୍ ଆମେରିକାର ଜାତୀୟ ବୈଠକରେ ଉପସ୍ଥାପନ କରାଯାଇଛି।



> ମଙ୍ଗଳରେ ଜୀବନର ପ୍ରମାଣ ଅନେକ ଅତିରିକ୍ତ ଗୁରୁତ୍ୱପୂର୍ଣ୍ଣ ଜୈବିକ ତଥା ସାମାଜିକ ଓ ରାଜନୈତିକ ପ୍ରଶ୍ନ ପାଇଁ ଏକ ଦୃଢ଼ ଆଧାର ସୃଷ୍ଟିକରେ।
> **-ଏମେରିଟସ୍ ୱିଲିୟମ୍ ରୋମୋସର ଓହାୟୋ ୟୁନିଭର୍ସିଟି ଗବେଷକ**



## ୟୁରୋପାରେ ଜଳୀୟବାଷ୍ପ

**ୱାଶିଂଟନ,୨୦।୧୧(ପି.ଟି.):** ବୃହସ୍ପତିର ଉପଗ୍ରହ ୟୁରୋପାରେ ଜଳୀୟବାଷ୍ପର ସନ୍ଧାନ ପାଇଛି ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା। ଏହାର ବୈଜ୍ଞାନିକମାନେ ପ୍ରଥମଥର ପାଇଁ ୟୁରୋପା ପୃଷ୍ଠରେ ଏପରି ଏକ ତରଳ ଉପାଦାନ ଆବିଷ୍କାର କରିବାରେ ସକ୍ଷମ ହୋଇଛନ୍ତି, ଯାହା ବିସ୍ତୃତ ବରଫ ଚାଦର ତଳେ ସମୁଦ୍ର ଉପସ୍ଥିତିର ଧାରଣାକୁ ଦୃଢ଼ତର କରିଛି। ବୃହସ୍ପତିର ଶକ୍ତ ବିକିରଣ କ୍ଷେତ୍ର ଜଳ କଣିକାଗୁଡ଼ିକୁ ୟୁରୋପାର ବରଫ ଶିଳାରୁ ଅଲଗା କରୁଥାଇପାରେ ବୋଲି ମନେକରାଯାଉଛି। ନେଚର ଆଷ୍ଟ୍ରୋନୋମି ଜର୍ନାଲରେ ହାୱାଇସ୍ଥିତ ଡବ୍ଲ୍ୟୁ.ଏମ୍. କେକ୍ ଅବ୍‌ଜର୍ଭେଟୋରିର ଏହି ଗବେଷଣାକୁ ନେଇ ଏକ ନିବନ୍ଧ ଉପସ୍ଥାପନ କରାଯାଇଛି।

## ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ

■ **ତାଗିଦ୍ କଲେ ବାଚସ୍ପତି**

ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)

ଚଳିତ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଶାସକ ଦଳର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ଉପସ୍ଥିତ ରହିବାକୁ କଡ଼ା ନିର୍ଦ୍ଦେଶ ଦେଲେ। ମାତ୍ର ଏହି ନିର୍ଦ୍ଦେଶକୁ ସଦସ୍ୟମାନେ ମାନୁନାହାନ୍ତି। ଗୃହ ଚାଲୁଥିବାବେଳେ ହାତଗଣତି କେତେଜଣ ସଭ୍ୟଙ୍କୁ ବାଦ୍‌ଦେଲେ ଅଧିକାଂଶ ଅନୁପସ୍ଥିତ ରହୁଛନ୍ତି। ଗୃହକାର୍ଯ୍ୟ ଆରମ୍ଭ ବେଳକୁ ସଦସ୍ୟମାନେ ଉପସ୍ଥିତ ରହୁଛନ୍ତି। ପ୍ରଶ୍ନକାଳ ପରେ ଅଧିକାଂଶ ସିଟ୍ ଫାଙ୍କା ପଡୁଛି। କେବଳ ଶାସକ ନୁହନ୍ତି ବିରୋଧୀ ଦଳ ସଦସ୍ୟଙ୍କର ମଧ୍ୟ ସମାନ ଅବସ୍ଥା । ସମୟ ପୂର୍ବାହ୍ନ ୧୨ଟା ୨୨ ମିନିଟ୍। ଶୂନ୍ୟକାଳ ଚାଲିଥିବା ବେଳେ କଂଗ୍ରେସ ☞ପୃଷ୍ଠା-୪

# ସାରା ଦେଶରେ ହେବ ଏନ୍‌ଆର୍‌ସି

**ପ୍ରିୟ ପାଠିକାପାଠକଙ୍କ ପାଇଁ ସୂଚନା**

ଏ ସପ୍ତାହର ପିଲାଙ୍କ ଧରିତ୍ରୀ ଶନିବାର ବଦଳରେ **ଶୁକ୍ରବାର** ଏବଂ **ଛୁଟିଦିନ** ରବିବାର ବଦଳରେ **ଶନିବାର** ପାଇବେ।

ନୂଆଦିଲ୍ଲୀ,୨୦।୧୧(ପି.ଟି./ଆଇଏଏନ୍‌ଏସ୍)

ଆସାମ ପରେ ଏବେ ସାରା ଦେଶରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଏ ସମ୍ପର୍କିତ ଯୋଜନା ନେଇ ରାଜ୍ୟ ସଭାରେ ବୁଧବାର ସୂଚନା ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ। ତେବେ ଧର୍ମ ଆଧାରରେ କୌଣସି ଭେଦଭାବ ହେବ ନାହିଁ। ତେଣୁ ଏନ୍‌ଆର୍‌ସିକୁ ନେଇ କୌଣସି ସମ୍ପ୍ରଦାୟର ଲୋକେ ଭୟଭୀତ ହେବା ଆବଶ୍ୟକ ନୁହେଁ ବୋଲି ଶାହ ସ୍ପଷ୍ଟ କରିଛନ୍ତି। ବୁଧବାର ଥିଲା ପାର୍ଲାମେଣ୍ଟ ଶୀତ ଅଧିବେଶନର ତୃତୀୟ ଦିନ। ୬ଟି ଅଣମୁସ୍‌ଲିମ ସମ୍ପ୍ରଦାୟର ପ୍ରବାସୀମାନଙ୍କୁ ଏନ୍‌ଆର୍‌ସି ନାଗରିକତ୍ୱ ପ୍ରଦାନ କରେ କି ବୋଲି ଉଚ୍ଚ ସଦନରେ ପ୍ରଶ୍ନକାଳରେ କଂଗ୍ରେସ ନେତା ସୟଦ ନାସିର ହୁସେନ ପ୍ରଶ୍ନ କରିଥିଲେ। ଏହି ଅତିରିକ୍ତ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ କହିଥିଲେ, ଆସାମରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଏନ୍‌ଆର୍‌ସି ଲାଗୁ ହୋଇଛି। ସାରା ଦେଶରେ ଏହା ଲାଗୁ ହେବାବେଳେ ଆସାମକୁ ମଧ୍ୟ ☞ପୃଷ୍ଠା-୪

**ରାଜ୍ୟ ସଭାରେ ସ୍ପଷ୍ଟକଲେ ସ୍ୱରାଷ୍ଟ୍ରମନ୍ତ୍ରୀ**



- ଏନ୍‌ଆର୍‌ସି ସମସ୍ତଙ୍କୁ ଗୋଟିଏ ପଞ୍ଜିକା ଅଧୀନକୁ ଆଣିବାର ଏକ ପ୍ରକ୍ରିୟା
- ସର୍ବଭାରତୀୟ ସ୍ତରରେ ଏହାକୁ ଲାଗୁ କରାଯିବ
- ଧର୍ମ ଆଧାରରେ ରହିବନି ଭେଦଭାବ
- କୌଣସି ସମ୍ପ୍ରଦାୟର ଲୋକେ ଭୟଭୀତ ହେବା ଅନୁଚିତ

## 'ଆସାମରେ ନାଗରିକତ୍ୱ ହରାଇବେ ୧୯ ଲକ୍ଷ'

ୱାଶିଂଟନ,୨୦।୧୧(ଆଇଏଏନ୍‌ଏସ୍)

ଆସାମରେ ଏନ୍‌ଆର୍‌ସି ଲାଗୁ ହେବା ଫଳରେ ୧୯ ଲକ୍ଷ ଲୋକ ରାଜ୍ୟଚ୍ୟୁତ ହେବେ। ଉପଯୁକ୍ତ, ସ୍ୱଚ୍ଛ ଓ ସୁନିୟନ୍ତ୍ରିତ ପ୍ରକ୍ରିୟାର ଅଭାବ ଯୋଗୁ ସେମାନେ ନିଜ ନାଗରିକତ୍ୱକୁ ନେଇ ତିରସ୍କୃତ ହେଉଛନ୍ତି ବୋଲି ଆମେରିକାର ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ପାଇଁ କମିଶନ (ୟୁଏସ୍‌ସିଆଇଆର୍‌ଏଫ୍) ପକ୍ଷରୁ ସତର୍କ କରିଦିଆଯାଇଛି। ଉକ୍ତ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଆସାମରେ ଦୀର୍ଘବର୍ଷ ଧରି ରହୁଥିବା ୧୯ ଲକ୍ଷ ଲୋକ ଏନ୍‌ଆର୍‌ସିରୁ ବାଦ ପଡ଼ିଛନ୍ତି। ରାଜ୍ୟରେ ମୁସ୍‌ଲିମ ଜନସଂଖ୍ୟାକୁ ଟାର୍ଗେଟ କରିବା ପାଇଁ ଏପରି କରାଯାଇଥିବା ୟୁଏସ୍‌ସିଆଇଆର୍‌ଏଫ୍ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଛି।

## ପଶ୍ଚିମବଙ୍ଗରେ ଲାଗୁକରି ଦିଆଯିବନି: ମମତା

କୋଲକାତା,୨୦।୧୧(ଆଇଏଏନ୍‌ଏସ୍)

ସାରା ଦେଶରେ ଏନ୍‌ଆର୍‌ସି ଲାଗୁ ହେବ ବୋଲି ବୁଧବାର ପାର୍ଲାମେଣ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୂଚନା ଦେଇଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ତାଙ୍କୁ ଚ୍ୟାଲେଞ୍ଜ୍ କରିଛନ୍ତି। ପଶ୍ଚିମବଙ୍ଗରେ ଏନ୍‌ଆର୍‌ସିକୁ ଲାଗୁ କରିବାକୁ ଦିଆଯିବ ନାହିଁ ବୋଲି ମମତା ରାଜ୍ୟବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ମୁର୍ଶିଦାବାଦ ଜିଲାର ସାଗରଦିଘିରେ ଏକ ସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, କୌଣସି ବ୍ୟକ୍ତିଙ୍କୁ କେହି ଜଣେ ଶରଣାର୍ଥୀ ଘୋଷଣା କରି ତାଙ୍କ ନାଗରିକତ୍ୱକୁ ଛଡ଼ାଇ ନେଇପାରିବେ ନାହିଁ। ଆସାମ ଏନ୍‌ଆର୍‌ସିରୁ ୧୪ ଲକ୍ଷ ହିନ୍ଦୁ ଓ ବଙ୍ଗାଳୀ କାହିଁକି ବାଦ୍ ପଡ଼ିଲେ ତାହା ଭାଜପା ସ୍ପଷ୍ଟ କରୁ। କେତେଜଣ ଲୋକ ପଶ୍ଚିମବଙ୍ଗରେ ଏନ୍‌ଆର୍‌ସି ନାମରେ ଅସୁବିଧା ସୃଷ୍ଟି ପାଇଁ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ପଶ୍ଚିମବଙ୍ଗରେ ଏହାକୁ କେବେହେଲେ ଲାଗୁ କରି ଧର୍ମ ଆଧାରରେ ଲୋକଙ୍କ ବିଭାଜନକୁ ଅନୁମତି ଦିଆଯିବ ନାହିଁ।

**ଆଜିର ସମ୍ପାଦକୀୟ**

**ଶୁଦ୍ଧ ଶାକାହାରବାଦ**

**ଆଜିର ମନ୍ତବ୍ୟ**

> ଲୋକଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସହ ଆଧାର ସଂଯୋଗ ପାଇଁ କୌଣସି ପ୍ରସ୍ତାବ ନାହିଁ।
> **-ରବିଶଙ୍କର ପ୍ରସାଦ, ଆଇନ ଓ ଆଇଟି ମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ୨,୧୦୦ କୋଟି ଟଙ୍କାର ଡିଜିଟାଲ ଟ୍ରାଞ୍ଜାକଶନ ରେକର୍ଡ କରାଯାଇଛି। ଏହା ୨୦୧୮-୧୯ରେ ୩,୧୩୪ କୋଟି ଟଙ୍କା ରହିଥିଲା। – **ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ**

## ପୃଥ୍ୱୀ-୨ର ଦୁଇଥର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ,୨୦।୧୧

ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ଆଣବିକ ଯୁଦ୍ଧାସ୍ତ୍ର ପରିବହନ କ୍ଷମତା ରଖିଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବୁଧବାର ରାତ୍ରିକାଳୀନ ପରୀକ୍ଷଣ କରାଯାଇଛି। ସନ୍ଧ୍ୟା ୭ଟାରୁ ୭ଟା୧୫ ମିନିଟ୍ ମଧ୍ୟରେ ଏହି କ୍ଷେପଣାସ୍ତ୍ରକୁ ଦୁଇଥର



ପରୀକ୍ଷା କରାଯାଇଥିଲା। ଷ୍ଟ୍ରାଟେଜିକ୍ ଫୋର୍ସର କମାଣ୍ଡୋଙ୍କ ଦ୍ୱାରା ଏହାର ବ୍ୟାବହାରିକ ପରୀକ୍ଷଣ କରାଯିବା ବେଳେ ଉପକୂଳରେ ଥିବା ଅତ୍ୟାଧୁନିକ ରାଡ଼ାର ସହାୟତାରେ ଏହାର ଗତିପଥ ଅନୁଧ୍ୟାନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ଏହା ଠିକ୍ ଭାବେ ଲକ୍ଷ୍ୟଭେଦ କରିଥିବା ପ୍ରତିରକ୍ଷା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ, ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇ ପାରୁଥିବା ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଲମ୍ବ ୯ ମିଟର ଥିବା ବେଳେ ମୋଟେଇ ୧୧୦ ସେଣ୍ଟିମିଟର। ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ଆଣବିକ ଓ ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରି ଏହା ୩୫୦ କି.ମି. ଦୂରତା ମଧ୍ୟରେ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି। ୨୦୦୩ରେ ଏହି କ୍ଷେପଣାସ୍ତ୍ର ଭାରତୀୟ ସେନାରେ ସାମିଲ ହୋଇସାରିଛି।

## ଅଭୟ ନୂଆ ଡିଜିପି

**ଅନ୍ତରୀଣ ଡିଜି ଦାୟିତ୍ୱରେ ସତ୍ୟଜିତ୍**

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ରାଜ୍ୟ ସରକାର ବିଜୟ କୁମାର ଶର୍ମାଙ୍କୁ ହଠାତ ବୁଧବାର ପୋଲିସ ଡିଜି ପଦରୁ ହଟାଇ ଦେଇଛନ୍ତି। ନୂଆ ଡିଜିପି ଭାବେ ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟଙ୍କୁ ନିଯୁକ୍ତି ଦିଆଯାଇଛି। ଅଭୟ ଏବେ ଜାତୀୟ ପୋଲିସ ଏକାଡେମୀର ଡିଜି ଭାବେ କାର୍ଯ୍ୟ କରୁଛନ୍ତି। ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ରାଜ୍ୟ କାରାଗାର ଡିଜି ସତ୍ୟଜିତ ମହାନ୍ତି ମଧ୍ୟବର୍ତ୍ତୀକାଳୀନ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୋଇନ୍ଦା ନିର୍ଦ୍ଦେଶକ ସୁନୀଲ ରୟଙ୍କୁ ଅଗ୍ନିଶମ ବିଭାଗ, ହୋମଗାର୍ଡ ଓ ସିଭିଲ ଡିଫେନ୍ସ ଡିଜି ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି କାରାଗାର ଡିଜି ସତ୍ୟଜିତ୍‌ଙ୍କୁ ଗୋଇନ୍ଦା ବିଭାଗ ସ୍ୱତନ୍ତ୍ର ଡିଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଡିଜିପି ଦାୟିତ୍ୱରେ ଥିବା ବିଜୟ କୁମାର ଶର୍ମାଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି।



ଆଇପିଏସ୍ ଅଫିସର ଅଭୟ

# ହାତରୁ ବନ୍ଧୁକ ଛଡ଼ାଇଲା ପ୍ରେମ

ଦିନେଶ ଦେହୁରୀ

ବନ୍ତଲା, ୨୦।୧୧

ଏକଦା ଲାଲ୍‌ଗଡ଼ରେ ଥିଲା ସେମାନଙ୍କ ରାଜୁତି। ଦୁର୍ନୀତି ବିରୋଧରେ ଉଠାଇଥିଲେ ବନ୍ଧୁକ। ମାଓବାଦୀ ସଙ୍ଗଠନ ବିଷୟରେ ମତାଉଥିଲେ ଲୋକଙ୍କୁ। ହେଲେ ହିଂସା ଯେ ସମସ୍ୟା ସମାଧାନର ବାଟ ନୁହେଁ, ତାହା ଅନୁଭବ ହେଲା ଯେତେବେଳେ ସେମାନଙ୍କ ଭିତରେ ଗଢ଼ି ଉଠିଲା ପ୍ରେମ। ଏହାପରେ ବନ୍ଧୁକ ଛାଡ଼ି ଦୁହେଁ ଫେରିଆସିଥିଲେ ମୁଖ୍ୟସ୍ରୋତକୁ। ମାଓବାଦୀ ଇଲାକାରୁ ଆରମ୍ଭ ହୋଇଥିବା ଏପରି ଏକ ପ୍ରେମ କାହାଣୀ ବିବାହରେ ନେଇଛି ପୂର୍ଣ୍ଣାଙ୍ଗ ରୂପ। ସାତଜନ୍ମ ପାଇଁ ବଞ୍ଚିବା ମରିବାର ଶପଥ ନେଇଛନ୍ତି ଦୁହେଁ। ଏପରି ଏକ ନିଆରା ବିବାହର ସାକ୍ଷୀ ରହିଛନ୍ତି ପୋଲିସ ସମେତ ହଜାର ହଜାର ଜନସାଧାରଣ। ଅଞ୍ଚଳର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କଠାରୁ ଆଶୀର୍ବାଦ ନେଇ ନୂଆ ଜୀବନ ଆରମ୍ଭ କରିଛନ୍ତି ଆତ୍ମସମର୍ପଣ କରିଥିବା ମାଓବାଦୀ କ୍ୟାଡର ଛୁଟୁ ଗଞ୍ଜୁ ଏବଂ ଜଲି ଦେହୁରୀ।

ସାତକୋଶିଆ ଅଭୟାରଣ୍ୟରେ ଏସଡିଏସ ମାଓବାଦୀ ସଙ୍ଗଠନକୁ ବଢ଼ାଇବା ପାଇଁ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ଛୁଟୁ (୨୬)ଙ୍କ କାନ୍ଧରେ ଦିଆଯାଇଥିଲା ଦାୟିତ୍ୱ। ସେକ୍ସନ କମାଣ୍ଡର ଭାବେ ସେ ଶିବିର ପରିଚାଳନା କରୁଥିଲେ। ଗାଁ ଗାଁରେ ବୈଠକ କରିବା, ସରକାରୀ କାର୍ଯ୍ୟରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉଠାଇବା ଭଳି କାର୍ଯ୍ୟ ଜାରି ରଖିଥିଲେ ଛୁଟୁ। ଏକଦା ଟିକରପଡ଼ା ପଞ୍ଚାୟତ ମଝିପଡ଼ା ଗ୍ରାମରେ ମାଓବାଦୀମାନେ ଗ୍ରାମବାସୀଙ୍କୁ ନେଇ ବୈଠକ କରୁଥିବାବେଳେ ସେଠାରେ ଉପସ୍ଥିତ ଜଲିଙ୍କ ସହ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। ମାଓବାଦୀଙ୍କ କଥାରେ ପ୍ରଲୋଭିତ ହୋଇ ୨୦୧୮ରେ ଜଲି ଘର ଛାଡ଼ି ପଳାଇ ଆସି ସଙ୍ଗଠନରେ ଯୋଗଦେଇଥିଲେ। ଜଙ୍ଗଲରେ ଘୁରିବୁଲିବା ସମୟରେ ଦୁହିଁଙ୍କ ପ୍ରେମ ଆହୁରି ମଜଭୁତ୍ ହୋଇଥିଲା। ☞ପୃଷ୍ଠା-୪



- ମାଓବାଦୀ କ୍ୟାଡର ସାଜିଲେ ଦମ୍ପତି
- ଶିବ ମନ୍ଦିରରେ ସରିଲା ବିବାହ
- ୨୦୦୦ କନ୍ୟାଯାତ୍ରୀଙ୍କ ଯୋଗଦାନ
- ଜଙ୍ଗଲ ସିଲ୍ କରି ସୁରକ୍ଷା ଦେଲେ ଯବାନ





Taste the difference! Vencobb FRESH CHICKEN

20.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 84 | 137 | 147 |

*Conditions Apply

Issued in the Interest of Consumers




Contact Number - 9748164499, 7894470058, 7337254400

Authorised Dealer

| | | |
|---|---|---|
| TRUPTI AUTOMOTIVES<br>Angul, Jajpur, Dhenkanal, Cuttack, Jagatsinghpur, Kendrapada<br>9583040249, 9583040257 | CONSORTIUM AUTOMOBILES<br>Khorda, Puri, Nayagarh, Kandhmal, Ganjam, Gajpati<br>7375087787 | PAL MOVERS<br>Balasore, Bhadrak, Mayurbhanj Keonjhar<br>8984368595, 8456911350. |
| JALAN AUTOMOBILES<br>Sambalpur, Deogarh, Jharsuguda, Sundergarh, Rourkela<br>7381002302, 7381062291 | LAXMI SALES AND SERVICE<br>Bargarh, Balangir, Sonepur, Boudh, Nuapda<br>8144917704, 8144917701 | KALINGA AUTO SYNDICATE<br>Koraput, Nabarangpur, Malkangiri, Kalahandi, Rayagada<br>9937167720, 7682826345 |

ପେଗାସସ୍ ଗୁପ୍ତଚର ବୃତ୍ତି ବିବାଦ ମାମଲାରେ ହ୍ୱାଟ୍ସଆପ୍ ଦୁଃଖପ୍ରକାଶ କରିଛି। ସରକାରଙ୍କୁ ପତ୍ର ଲେଖି ଏଭଳି ସମସ୍ୟା ଦୂର କରିବା ଦିଗରେ ସମସ୍ତ ସୁରକ୍ଷା ପଦକ୍ଷେପ ନେବାକୁ ଉକ୍ତ ସୋସିଆଲ ମିଡିଆ ପ୍ରତିଶ୍ରୁତି ଦେଇଛି। ପେଗାସସ୍ ସ୍ପାଏୱେର ବ୍ୟବହାର କରି ଅଜଣା ସଂସ୍ଥା ଭାରତୀୟ ଖବରଦାତା ଓ ମାନବାଧିକାର କର୍ମୀଙ୍କ ସମେତ ସାରା ବିଶ୍ୱରୁ ୧୪୦୦ ଲୋକଙ୍କ ଗୋପନ ତଥ୍ୟ ସଂଗ୍ରହ କରିଥିଲା।

**ସଂକ୍ଷେପରେ**

## ପାକିସ୍ତାନରେ ଟମାଟୋ ୪୦୦

**କରାଚୀ,୨୦ା୧୧(ଆଇଏଏନ୍ଏସ୍):** ପାକିସ୍ତାନରେ ପରିବା ଦର ଆକାଶଛୁଆଁ ହୋଇଛି। ଟମାଟୋ କିଲୋ ୪୦୦ ଟଙ୍କାରେ ବିକ୍ରି ହେଉଛି। ସୋମବାର ଟମାଟୋ କେ.ଜି. ପିଛା ୩୦୦ରୁ ୩୨୦ ଟଙ୍କା ଥିବାବେଳେ ମଙ୍ଗଳବାର ସୁଦ୍ଧା ଇରାନରୁ ଟମାଟୋ ନ ପହଞ୍ଚିବା ପରେ ଏହା ୪୦୦ ଛୁଇଁଛି। ଇରାନରୁ ୪,୫୦୦ କିଲୋ ଟମାଟୋ ଆସିବାକୁ ଥିବାବେଳେ ତଫତାନ ସୀମା ଦେଇ ମାତ୍ର ୯୮୯ କିଲୋ ପହଞ୍ଚିଥିବା ଜଣେ ବ୍ୟବସାୟୀ କହିଛନ୍ତି। ପୂର୍ବରୁ ମୁକ୍ତ ଆମଦାନୀ ଯୋଗୁ ଟମାଟୋ ମୂଲ୍ୟ ସ୍ଥିର ଥିଲା।

## ୧୦ ବର୍ଷର ପୁରୁଣା ମାମଲା ତୁରନ୍ତ ଫଇସଲା ଲାଗି ହାଇକୋର୍ଟକୁ ଅନୁରୋଧ

**ନୂଆଦିଲ୍ଲୀ,୨୦ା୧୧(ପି.ଟି.):** ଦଶବର୍ଷ ତଳର ମାମଲାଗୁଡ଼ିକୁ ତୁରନ୍ତ ଫଇସଲା କରିବା ଲାଗି ଆଇନ ମନ୍ତ୍ରଣାଳୟ ପକ୍ଷରୁ ହାଇକୋର୍ଟଗୁଡ଼ିକୁ ଅନୁରୋଧ କରାଯାଇଥିବା ବୁଧବାର ବିଭାଗୀୟ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଲୋକ ସଭାରେ କହିଛନ୍ତି। ଫଳରେ ଦୀର୍ଘଦିନ ଧରି ପଡିରହିଥିବା ମାମଲାଗୁଡିକର ସଂଖ୍ୟା କମିପାରିବ। ଏଥିସହିତ ବିଭିନ୍ନ ଅଦାଲତର ଭିତ୍ତିଭୂମି ବିକାଶ ଲାଗି ସରକାର ପଦକ୍ଷେପମାନ ନେଉଛନ୍ତି। ଏଥିପାଇଁ ଆବଶ୍ୟକ ଅର୍ଥର ୫୦ ପ୍ରତିଶତ କେନ୍ଦ୍ର ସରକାର ଯୋଗାଇସାରିଲେଣି। ଏକ ଜାତୀୟ ନ୍ୟାୟିକ ଡାଟାବେସ୍ ସ୍ଥାପନ କରାଯାଉଥିବା ଆଇନମନ୍ତ୍ରୀ ପ୍ରଶ୍ନୋତ୍ତର କାଳରେ କହିଥିଲେ। ଏଥିସହିତ ହାଇକୋର୍ଟଗୁଡିକରେ ୪୭୮ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ମଧ ବଢ଼ାଯାଇଥିବା ସେ ଗୃହକୁ ସୂଚନା ଦେଇଥିଲେ। ଦେଶର ୨୫ଟି ହାଇକୋର୍ଟରେ ୪୩ ଲକ୍ଷ ମାମଲା ବିଚାର ଅପେକ୍ଷାରେ ପଡିରହିଥିବାବେଳେ ସେଥିରୁ ୧୦ ବର୍ଷରୁ ପୁରୁଣା ମାମଲା ସଂଖ୍ୟା ୮ ଲକ୍ଷରୁ ଅଧିକ।

# ଶ୍ରୀଲଙ୍କାରେ ରାଜପାକ୍ସେ ସରକାର

**କଲମ୍ବୋ,୨୦ା୧୧(ପି.ଟି.)**


ଗୋଟାବାୟା ରାଜପାକ୍ସେ


ମହିନ୍ଦା ରାଜପାକ୍ସେ


ରାନିଲ ୱିକ୍ରମସିଂଘେ

- ଇସ୍ତଫା ଦେଲେ ୱିକ୍ରମସିଙ୍ଘେ
- ମହିନ୍ଦା ରାଜପାକ୍ସେ ନୂଆ ପ୍ରଧାନମନ୍ତ୍ରୀ
- ବଡ଼ ଭାଇଙ୍କୁ ଆଜି ଶପଥ ପାଠ କରାଇବେ ସାନ

ରାଷ୍ଟ୍ରପତି ନିର୍ବାଚନରେ ଶାସକ ଦଳର ପରାଜୟ ପରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଙ୍ଘେ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ପରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ତାଙ୍କ ବଡ଼ଭାଇ ତଥା ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କ ନାମ ଘୋଷଣା କରିଛନ୍ତି। ଗୁରୁବାର ସାନଭାଇ ଗୋଟାବାୟା ବଡ଼ଭାଇ ମହିନ୍ଦାଙ୍କୁ ଶପଥ ପାଠ କରାଇବେ।

ୱିକ୍ରମସିଂଘେ ମଙ୍ଗଳବାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଭେଟି ଶ୍ରୀଲଙ୍କା ପାର୍ଲାମେଣ୍ଟର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଏବେ ମଧ ପାର୍ଲାମେଣ୍ଟରେ ୱିକ୍ରମସିଙ୍ଘେ ସରକାରଙ୍କର ସଂଖ୍ୟାଗରିଷ୍ଠତା ରହିଛି। ତେବେ ରାଷ୍ଟ୍ରପତି ନିର୍ବାଚନରେ ରାଜପାକ୍ସେଙ୍କ ସପକ୍ଷରେ ଜନାଦେଶ ଆସିଥିବାରୁ ଏହାକୁ ସମ୍ମାନ ଜଣାଇ ସେ ଇସ୍ତଫା ଦେଉଥିବା କହିଛନ୍ତି। ତେବେ ରାଜପାକ୍ସେ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ୱିକ୍ରମସିଂଘେଙ୍କୁ ଇସ୍ତଫା ଦେବା ପାଇଁ ବିରୋଧୀ ଶିବିରରୁ ଚାପ ପଡିଥିଲା ବୋଲି ଜଣାପଡିଛି। ଶନିବାର ଅନୁଷ୍ଠିତ ନିର୍ବାଚନରେ ଗୋଟାବାୟା ପ୍ରଧାନମନ୍ତ୍ରୀ ୱିକ୍ରମସିଂଘେଙ୍କ ଡେପୁଟି ସାଜିଥ ପ୍ରେମଦାସାଙ୍କୁ ପରାସ୍ତ କରିଥିଲେ।

ପୂର୍ବତନ ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନା ଗତବର୍ଷ ଅକ୍ଟୋବର ୨୬ରେ ଏକ ବିବାଦୀୟ ଘଟଣାକ୍ରମରେ ମହିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିଲେ। ଏହାକୁ ନେଇ ଶ୍ରୀଲଙ୍କାରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଡିସେମ୍ବରରେ ମହିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡିଥିଲା। ରାଷ୍ଟ୍ରପତି ସିରିସେନାଙ୍କ ଦ୍ୱାରା ପାର୍ଲାମେଣ୍ଟ ଭଙ୍ଗ କରାଯିବା ବେଆଇନ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ୧୯୭୦ରେ ସର୍ବକନିଷ୍ଠ ଏମ୍‌ପି ଭାବେ ମହିନ୍ଦା ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ସେ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଦେଶର ରାଷ୍ଟ୍ରପତି ଥିଲେ। ସେତେବେଳେ ଗୋଟାବାୟା ଥିଲେ ପ୍ରତିରକ୍ଷା ସଚିବ। ଏଲ୍‌ଟିଟିଇ ସଂଗଠନକୁ ଧ୍ୱଂସ କରି ଶ୍ରୀଲଙ୍କାରେ ଦୀର୍ଘବର୍ଷ ଧରି ଚାଲିଥିବା ଗୃହଯୁଦ୍ଧର ଅନ୍ତ ଘଟାଇବାର ଶ୍ରେୟ ଦୁଇ ରାଜପାକ୍ସେ ଭାଇଙ୍କୁ ଦିଆଯାଇଥାଏ।

## ସୋସିଆଲ ମିଡିଆ ସହ ଆଧାର ସଂଯୋଗ ପ୍ରସ୍ତାବ ନାହିଁ

**ନୂଆଦିଲ୍ଲୀ,୨୦ା୧୧(ପି.ଟି.)**


ରବିଶଙ୍କର ପ୍ରସାଦ

**ସ୍ପଷ୍ଟକଲେ ଆଇ.ଟି. ମନ୍ତ୍ରୀ**

ସୋସିଆଲ ମିଡିଆ ଆକାଉଣ୍ଟ ସହ ଆଧାର ସଂଯୋଗ କରାଇବା ଲାଗି ସରକାରଙ୍କର କୌଣସି ପ୍ରସ୍ତାବ ନ ଥିବା ବୁଧବାର ଲୋକ ସଭାରେ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଏ ସମ୍ପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଆଧାର ତଥ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ବିଭିନ୍ନ ସମୟରେ ସରକାର ଏହାର ଅଡିଟ୍ ମଧ କରୁଛନ୍ତି। ଜନସାଧାରଣ ଦେଇଥିବା ତଥ୍ୟକୁ ଆଧାର କରି ଆଧାର କାର୍ଡ ପ୍ରସ୍ତୁତ କରାଯାଉଛି। ଯେଉଁମାନେ ମୋବାଇଲ ନମ୍ବର ଏବଂ ଇ-ମେଲ୍ ଠିକଣା ଦେଉଛନ୍ତି ତାହା ମଧ ଆଧାରରେ ସ୍ଥାନ ପାଉଛି। ଆଧାର ଡାଟାବେସ୍‌ରେ ବ୍ୟକ୍ତିଙ୍କ ନାମ, ଠିକଣା, ଲିଙ୍ଗ, ଜନ୍ମତାରିଖ, ବୟସ, ଫଟୋ ଏବଂ ବାୟୋମେଟ୍ରିକ୍ ତଥ୍ୟ (୧୦ ଆଙ୍ଗୁଠିର ଛାପ ଓ ୨ ଆଖିର ସ୍କାନ୍) ରହୁଛି। ପ୍ରବାସୀ ଭାରତୀୟ ଭାରତରେ ପହଞ୍ଚିବା ପରେ ସେମାନଙ୍କୁ ଆଧାର ନମ୍ବର ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ତେବେ ଦେଶ ଓ ଜନହିତ ପାଇଁ ଆଇଟି ଆଇନର ଧାରା ୬୯ଏ ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ବ୍ଲକ୍ କରିବା କ୍ଷମତା ସରକାରଙ୍କର ରହିଛି। ବିଭିନ୍ନ କାରଣରୁ ଚଳିତ ବର୍ଷ ଅକ୍ଟୋବର ୩୧ ସୁଦ୍ଧା ସୋସିଆଲ ମିଡିଆ ପ୍ଲାଟଫର୍ମରୁ ୩୪୩୩ ୟୁଆର୍‌ଏଲ୍‌କୁ ବ୍ଲକ କରାଯାଇଥିବା ମନ୍ତ୍ରୀ କହିଥିଲେ। ୨୦୧୬ରେ ୬୩୩ ୟୁଆର୍‌ଏଲ୍, ୨୦୧୭ରେ ୧୩୮୫ ଏବଂ ଗତବର୍ଷ ୨୭୯୯ ୟୁଆର୍‌ଏଲ୍‌କୁ ବ୍ଲକ କରାଯାଇଥିଲା।

## ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିକୁ ବ୍ୟବହାର କରିବ ସିଙ୍ଗାପୁର

**ସିଙ୍ଗାପୁର,୨୦ା୧୧(ଆଇଏଏନ୍ଏସ୍)**

ଓଡ଼ିଶାର ବାଲେଶ୍ୱର ଜିଲାର ଚାନ୍ଦିପୁରଠାରେ ଥିବା ସମନ୍ୱିତ ପରୀକ୍ଷଣ ଘାଟିକୁ ସିଙ୍ଗାପୁରର ପ୍ରତିରକ୍ଷା ବିଭାଗ ବ୍ୟବହାର କରିପାରେ। ଏଥିପାଇଁ ଦୁଇଦେଶ ମଧ୍ୟରେ ଖୁବ୍‌ଶୀଘ୍ର



ବୁଝାମଣାପତ୍ର ସ୍ୱାକ୍ଷର ହେବାକୁ ଯାଉଛି। ବୁଧବାର ଭାରତ ଓ ସିଙ୍ଗାପୁର ଏନେଇ ପରସ୍ପରକୁ ଅଭିପ୍ରାୟ ପତ୍ର ପ୍ରଦାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦୁଇଦିନିଆ ସିଙ୍ଗାପୁର ଗସ୍ତରେ ଯାଇଥିବାବେଳେ ତାଙ୍କ ଉପସ୍ଥିତିରେ ଏହି ଅଭିପ୍ରାୟ ପତ୍ର ଆଦାନପ୍ରଦାନ ହୋଇଛି। ଏହି ସମୟରେ ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରୀ ଡ. ଏନ୍.ଇ. ହେନ୍ ଉପସ୍ଥିତ ଥିଲେ। ବଙ୍ଗୋପସାଗର ଉପକୂଳରେ ପୂର୍ବରୁ ହ୍ୱିଲର ଦ୍ୱୀପ ଭାବେ ପରିଚିତ ବର୍ତ୍ତମାନର ଡ. ଅବଦୁଲ କଲାମ ଦ୍ୱୀପରେ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ)ର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ରହିଛି।

ବୁଧବାର ଅନୁଷ୍ଠିତ ଚତୁର୍ଥ ଭାରତ-ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନାରେ ରାଜନାଥ ସହଅଧକ୍ଷତା କରିଥିଲେ। ପ୍ରତିରକ୍ଷା କ୍ଷେତ୍ରରେ ମିଳିତ ସହଯୋଗର ସୁଯୋଗ ଅନ୍ୱେଷଣ ଉପରେ ସିଙ୍ଗାପୁର ପ୍ରତିରକ୍ଷା ମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିବାବେଳେ ଭାରତର ପ୍ରତିରକ୍ଷା ପରୀକ୍ଷଣ ଭିତ୍ତିଭୂମି ଯୋଜନାରେ ମିଳିତ ପରୀକ୍ଷା କେନ୍ଦ୍ର ସ୍ଥାପନ ଲାଗି ରାଜନାଥ ପ୍ରସ୍ତାବ ଦେଇଥିଲେ। ଏହାବ୍ୟତୀତ କୃତ୍ରିମ ବୌଦ୍ଧିକତା, ଭୂସ୍ଥାନିକ ତଥ୍ୟ ବିନିମୟ ଓ ସାଇବର ସୁରକ୍ଷା କ୍ଷେତ୍ରରେ ସହଯୋଗର ପନ୍ଥା ବାହାର କରିବା ଲାଗି ଦୁଇ ମନ୍ତ୍ରୀ ସହମତି ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ଭାରତରେ ୫ମ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ।


ପାର୍ଲାମେଣ୍ଟ ଶୀତ ଅଧିବେଶନର ତୃତୀୟ ଦିନରେ ଗଣମାଧମକୁ ସମ୍ବୋଧିତ କରିବାକୁ ଯାଉଛନ୍ତି ବରିଷ୍ଠ କଂଗ୍ରେସ ନେତା ଗୁଲାମନବି ଆଜାଦ ଓ ରଣଦୀପ ସୁର୍ଜେୱାଲା।




**[ଇତିହାସର ଆଇନାରେ]**

**ନଭେମ୍ବର ୨୧ର ପ୍ରମୁଖ ଘଟଣା**

୨୦୧୩ ନଭେମ୍ବର ୨୧ରେ ଲାଟ୍‌ଭିଆର ରିଗାରେ ଥିବା ଏକ ଶପିଂ ସେଣ୍ଟର ଛାତ ଭୁଶୁଡ଼ି ୫୪ ଜଣଙ୍କ ପ୍ରାଣହାନି ଘଟିଥିଲା। ୫୫ ଜଣ ଗୁରୁତର ଆହତ ହୋଇଥିଲେ। ଏଥିସହିତ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା।

୨୦୧୭ ନଭେମ୍ବର ୨୧ରେ ଜିମ୍ବାୱେର ରାଷ୍ଟ୍ରପତି ରବର୍ଟ ମୁଗାବେ ଇସ୍ତଫା ଦେଇଥିଲେ। ସେ ୩୭ ବର୍ଷ ରାଷ୍ଟ୍ରପତି ରହିଥିଲେ। ପୂର୍ବରୁ ୧୯୮୦ରେ ସେ ଜିମ୍ବାୱେର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଜଣେ ଉଗ୍ର ଜାତୀୟତାବାଦୀ ନେତା ଭାବେ ସେ ଜଣାଶୁଣା। ଦେଶଦ୍ରୋହ ମାମଲାରେ ସେ ୧୦ ବର୍ଷ କାରାଦଣ୍ଡ ଭୋଗିଥିଲେ। ମୁକ୍ତ ହେବା ପରେ ମୋଜାମ୍ବିକ୍ ଯାଇ ସେଠାରେ ନେତୃତ୍ୱ ପ୍ରତିପାଦନ କରି ଦେଶର ଶାସନ ହାତମୁଠାକୁ ଆଣିଥିଲେ।

## ମୋଟରଯାନ ଆଇନ କାର୍ଯ୍ୟକାରିତା ଲାଗି ଆଇପିସି, ସିପିସିରେ ସଂଶୋଧନ ଆବଶ୍ୟକ

**ନୂଆଦିଲ୍ଲୀ,୨୦ା୧୧(ପି.ଟି.)**

ସଂଶୋଧିତ ମୋଟରଯାନ ଆଇନକୁ କାର୍ଯ୍ୟକାରୀ କରିବା ଲାଗି ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଏବଂ ଦେୱାନି ଆଚାର ସଂହିତା (ସିପିସି)ରେ ସଂଶୋଧନ ଆବଶ୍ୟକ ବୋଲି କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ଜଣାଇଦେଇଛନ୍ତି। ଉପରୋକ୍ତ ଦୁଇଟି ସଂହିତାରେ ସଂଶୋଧନ ପାଇଁ ରାଜ୍ୟଗୁଡିକର ମତାମତ ଜରୁରୀ ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ବୁଧବାର ରାଜ୍ୟ ସଭାରେ କହିଛନ୍ତି। ସଂଶୋଧିତ ମୋଟର ଯାନ ଆଇନ ଗତ ସେପ୍ଟେମ୍ବର ୧ରୁ ଲାଗୁ କରାଯାଇଛି, ଯେଉଁଥିରେ କଠୋର ଦଣ୍ଡବ୍ୟବସ୍ଥା ରହିଛି। ତେବେ ନୂଆ ଆଇନରେ ଦିଆଯାଇଥିବା କ୍ଷମତା ବଳରେ କେତେକ ରାଜ୍ୟ ଦଣ୍ଡ କୋହଳ କରିଦେଇଛନ୍ତି। ଆଇପିସି ଏବଂ ସିପିସିରେ ସଂଶୋଧନ ସମ୍ପର୍କରେ ମନ୍ତ୍ରୀ ଗୃହ ସଦସ୍ୟମାନଙ୍କ ମତାମତ ମଧ ଲୋଡିଥିଲେ। ମୋଟରଯାନ ଆଇନ ଲାଗୁ କରିବା ଦାୟିତ୍ୱ ରାଜ୍ୟ ସରକାରଙ୍କର। ସେମାନେ ଏହାକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଲାଗୁ କରିବେ ତାହା ସେମାନଙ୍କ ଉପରେ ନିର୍ଭର କରୁଛି ବୋଲି ରେଡ୍ଡୀ କହିଥିଲେ। ରାସ୍ତା ଦୁର୍ଘଟଣା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପରିବହନ ମନ୍ତ୍ରଣାଳୟ ଅନେକ ପଦକ୍ଷେପ ନେଇଛନ୍ତି। ଫଳରେ ଗତବର୍ଷଠାରୁ ଦୁର୍ଘଟଣା ପରିମାଣ ହ୍ରାସ ପାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

# ଚିଟ୍‌ଫଣ୍ଡ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୨୦ା୧୧**

ଚିଟ୍‌ଫଣ୍ଡ ସଂଶୋଧନ ବିଲ୍ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଚିଟ୍‌ଫଣ୍ଡ ଜମାରାଶି ସୀମା ୩ ଗୁଣ ବଢ଼ାଯାଇଛି। ଏହି ଫଣ୍ଡ ପରିଚାଳନା ବାବଦରେ ଜମାକାରୀଙ୍କୁ ୭ ପ୍ରତିଶତ କମିଶନ ଦେବାକୁ ପଡିବ। ବର୍ତ୍ତମାନ ତାହା ୫ ପ୍ରତିଶତ ରହିଛି। ଚିଟ୍‌ଫଣ୍ଡକୁ ଅଧିକ ମର୍ଯ୍ୟାଦାଜନକ କରିବା ପାଇଁ ଏହାକୁ ଭ୍ରାତୃତ୍ୱ ପାଣ୍ଠି, ରୋଟେଟିଂ ସେଭିଙ୍ଗ୍‌ସ ଆଣ୍ଡ କ୍ରେଡିଟ୍ ଆସୋସିଏଶନ ଭାବେ ନାମିତ କରାଯାଇଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଚିଟ୍‌ଫଣ୍ଡ ଆଇନସମ୍ମତ ଓ ଏହାକୁ ନେଇ କେହି ଦ୍ୱନ୍ଦ୍ୱରେ ପଡିବା ଉଚିତ ନୁହେଁ।। ଅନିୟମିତ ଜମା ଯୋଜନା ବା ପୋଞ୍ଜି ସ୍କିମ୍‌ରେ ଅନେକେ ସେମାନଙ୍କ ଜମାରାଶି ହରାଇଛନ୍ତି।

ବିଲ୍‌ରେ ବ୍ୟକ୍ତିବିଶେଷ କିମ୍ବା ୪ ଜଣରୁ କମ୍ ଅଂଶୀଦାରଙ୍କ ଦ୍ୱାରା ପରିଚାଳିତ ଚିଟଫଣ୍ଡରେ ସର୍ବାଧିକ ଚିଟ୍ ପରିମାଣ ୧ ଲକ୍ଷ ଟଙ୍କାରୁ ୩ ଲକ୍ଷକୁ ବୃଦ୍ଧିକରିବା ପ୍ରସ୍ତାବ ରହିଥିଲାବେଳେ ୪ କିମ୍ବା ତଦୂର୍ଦ୍ଧ୍ୱ ଅଂଶୀଦାର ଗଠନ କରିଥିବା ସଂସ୍ଥା ଦ୍ୱାରା ପରିଚାଳିତ ଚିଟ୍‌ଫଣ୍ଡରେ ସର୍ବାଧିକ ଚିଟ୍ ପରିମାଣ ୬ ଲକ୍ଷରୁ ୧୮ ଲକ୍ଷ ଟଙ୍କାକୁ ବଢ଼ାଯାଇଛି।

ଚିଟ୍‌ଫଣ୍ଡ ବିଲ୍ ଉପରେ ଆଲୋଚନାରେ ଭାଗନେଇ ବିଭିନ୍ନ ଦଳର ସଦସ୍ୟମାନେ ଜମାକାରୀଙ୍କ ଟଙ୍କା ହଡପ କରିଥିବା ଚିଟ୍‌ଫଣ୍ଡ ପରିଚାଳକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅନ୍ୟପକ୍ଷରେ


ଲୋକ ସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର

ସରକାର ନେଇଥିବା ପଦକ୍ଷେପକୁ ଭାଜପା ସଦସ୍ୟମାନେ ପ୍ରଶଂସା କରିବା ସହ ଏହାଦ୍ୱାରା ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ଜମାଅର୍ଥ ସୁରକ୍ଷିତ ରହିପାରିବ ବୋଲି କହିଥିଲେ। ବିଲ୍ ଆଣିବାରେ ବିଳମ୍ବକୁ ନେଇ ଟିଏମ୍‌ସି ସଦସ୍ୟ ସୌଗତ ରାୟ ପ୍ରଶ୍ନ ଉଠାଇଥିଲେ। ଗତବର୍ଷ ଅଗଷ୍ଟରେ ଅର୍ଥ ସଂକ୍ରାନ୍ତ ଷ୍ଟାଣ୍ଡିଂ କମିଟି ସୁପାରିସ୍ କରିବା ସତ୍ତ୍ୱେ ସଂଶୋଧିତ ବିଲ୍ ଆଣିବାକୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଲାଗିଗଲା ବୋଲି ସେ କହିଥିଲେ। ଜନସାଧାରଣ ଏଭଳି ଆର୍ଥିକ ବ୍ୟବସ୍ଥାରେ ଠକାମିର ଶିକାର ହେଉଥିବାରୁ ଦେଶରେ ଅର୍ଥନୈତିକ ସାକ୍ଷରତାର ଆବଶ୍ୟକତା ରହିଥିବା ଭାଜପା ଏମ୍‌ପି ମୀନାକ୍ଷୀ ଲେଖି କହିଥିଲେ। ବ୍ୟାଙ୍କ ୮ରୁ ୯ ପ୍ରତିଶତ ସୁଧ ଦେଉଥିଲାବେଳେ ଜଣେ କିପରି ୩୦ରୁ ୪୦ ପ୍ରତିଶତ ସୁଧ ଦେଇପାରିବ, ସାଧାରଣ ଜମାକାରୀ ତାହା ଜାଣି ନ ପାରି ଠକାମିରେ ପଡିଥାନ୍ତି ବୋଲି ସେ କହିଥିଲେ।

ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଥିଲେ, ଚିଟ୍‌ଫଣ୍ଡ ଜମାକାରୀ ବୀମା ପାଇଁ ଆବେଦନ କରିପାରିବେ। ତେବେ ଏହା ଜମାକାରୀଙ୍କ ଉପରେ ଅଧିକ ବୋଝ ପକାଇବାକୁ ଥିବାରୁ ସରକାର ଏହାକୁ ଅନିବାର୍ଯ୍ୟ କରିନାହାନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ଚିଟ୍‌ଫଣ୍ଡ ଠକେଇ ମାମଲାଗୁଡ଼ିକର ତଦନ୍ତ କରୁଛନ୍ତି। ସେମାନଙ୍କ ତଦନ୍ତ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ହେବା ସହ ଗରିବ ଜମାକାରୀ ଯଥାଶୀଘ୍ର ସମ୍ଭବ ସେମାନଙ୍କ ଟଙ୍କା ଫେରିପାଇବା ଦିଗରେ ପଦକ୍ଷେପ ନିଆଯିବା ଜରୁରୀ ବୋଲି ମନ୍ତ୍ରୀ କହିଥିଲେ।



ଯିଏ ଭଗବାନଙ୍କ ଉପରେ ଭରସା ରଖେ ସେ କେବେ ବି ଭଗବାନଙ୍କ ପ୍ରେମାପ୍ଲୁତ ବାହୁର ଆଶ୍ରୟରୁ ବଞ୍ଚିତ ହୁଏ ନାହିଁ।
- ଶ୍ରୀମା

### ୩୦ରେ ପୂରିବ ସଂଶୋଧିତ ମୋଟରଯାନ ଆଇନ କୋହଳ ଅବଧି

# ଡ୍ରାଇଭିଂ ଲାଇସେନ୍ସଧାରୀଙ୍କ ସଂଖ୍ୟା ୭ ଗୁଣ ବୃଦ୍ଧି

**କଟକ ଅଫିସ, ୨୦।୧୧**

ସଂଶୋଧିତ ମୋଟରଯାନ ଆଇନର କୋହଳ ଅବଧି ନଭେମ୍ବର ୩୦ରେ ପୂରିଯିବ। ଡିସେମ୍ବର ପହିଲାରୁ ରାଜ୍ୟରେ ପୁଣି ଏହି ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। ଏହି କୋହଳ ଅବଧି ମଧ୍ୟରେ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଉଛି ବିନା ଡ୍ରାଇଭିଂ ଲାଇସେନ୍ସରେ ରାଜ୍ୟରେ ଦୈନିକ ବହୁ ସଂଖ୍ୟକ ଚାଳକ ଗାଡ଼ି ଚାଳନା କରୁଥିଲେ। ୨୦୧୮ ସେପ୍ଟେମ୍ବର ପହିଲାରୁ ନଭେମ୍ବର ୧୭ ଏବଂ ୨୦୧୯ ସେପ୍ଟେମ୍ବର ପହିଲାରୁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ତଥ୍ୟକୁ ତୁଳନା କଲେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି। ୨୦୧୮ ସେପ୍ଟେମ୍ବର ପହିଲାରୁ ନଭେମ୍ବର ୧୭ ମଧ୍ୟରେ ରାଜ୍ୟର ୩୮ଟି ଆର୍‌ଟିଓ ଅଫିସ ଓ ଭୁବନେଶ୍ୱରସ୍ଥିତ ସରକାରୀ ଡ୍ରାଇଭିଂ ସ୍କୁଲରୁ ୭୧ହଜାର ୮୬୬ ଜଣ ପ୍ରଶିକ୍ଷଣ ଲାଇସେନ୍ସ ପାଇଥିଲେ। ମାତ୍ର ୨୦୧୯ ସେପ୍ଟେମ୍ବର ପହିଲାରୁ ନଭେମ୍ବର ୧୭ ତାରିଖ ମଧ୍ୟରେ ପ୍ରଶିକ୍ଷଣ ଲାଇସେନ୍ସଧାରୀଙ୍କ ସଂଖ୍ୟା ୪ ଲକ୍ଷ ୭୭ ହଜାର ୨୦୩ ରହିଛି। ସେହିପରି ଚୂଡ଼ାନ୍ତ ଲାଇସେନ୍ସ ଓ ନବୀକରଣକାରୀଙ୍କ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୧୮ ସେପ୍ଟେମ୍ବର ପହିଲାରୁ ନଭେମ୍ବର ୧୭ ତାରିଖ ମଧ୍ୟରେ ରାଜ୍ୟରେ ୯୬ ହଜାର ୭୩୮ ଜଣଙ୍କୁ ଚୂଡ଼ାନ୍ତ ଲାଇସେନ୍ସ ଦିଆଯିବା ସହ ଲାଇସେନ୍ସ ନବୀକରଣ କରାଯାଇଥିଲା। ଏହି କ୍ରମରେ ୨୦୧୯ ସେପ୍ଟେମ୍ବର ପହିଲାରୁ ନଭେମ୍ବର ୧୭ ତାରିଖ ମଧ୍ୟରେ ଏମାନଙ୍କ ସଂଖ୍ୟା ୧ ଲକ୍ଷ ୬୭ହଜାର ୨୯୮ ଥିବା ତଥ୍ୟ କହୁଛି। ଏହି ତଥ୍ୟକୁ ତର୍ଜମା କଲେ ଜଣାଯାଏ ଯେ, ବିନା ଡ୍ରାଇଭିଂ ଲାଇସେନ୍ସରେ ଦୈନିକ ବହୁ ସଂଖ୍ୟକ ଗାଡ଼ି ଚଳାଚଳ କରୁଥିଲା। ଏବେ ନିୟମ କଡ଼ାକଡ଼ି ହେବା ପରେ ଲାଇସେନ୍ସ ପାଇଁ ଏମାନଙ୍କ ଭିଡ଼ ଆରଟିଓ ଅଫିସରେ ଲାଗି ରହିଛି। ସୂଚନା ଥାଉକି, ଅଗଷ୍ଟ ପହିଲାରୁ ରାଜ୍ୟରେ ସଂଶୋଧିତ ମୋଟରଯାନ ଆଇନ ଲାଗୁ କରାଯାଇଥିଲା। ଏହାକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଫଳରେ ରାଜ୍ୟ ସରକାର ଏହି ଆଇନକୁ ୩ ମାସ ପାଇଁ କୋହଳ କରିଥିଲେ। ଆଇନ ଲାଗୁ ଓ କୋହଳ ହେବା ପରେ ବି ଦଲାଲଙ୍କ ରାଜୁତି କମିନାହିଁ। ଯେହେତୁ ଚଳିତ ମାସ ୩୦ ତାରିଖରେ କୋହଳ ଅବଧି ପୂରିଯାଉଛି ତେଣୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ଲୋକେ ଜୀବନ ବିକଳରେ ଲାଗି ପଡ଼ିଛନ୍ତି। ୫୦ ଟଙ୍କା ଖର୍ଚ୍ଚ ଜାଗାରେ ଲୋକେ ୫୦୦ ଟଙ୍କା ଦେଇ ଲାଇସେନ୍ସ ହାତଉଥିବା ଦେଖିବାକୁ ମିଳିଛି। ପ୍ରଥମାବସ୍ଥାରେ ଆର୍‌ଟିଓ ଅଫିସଗୁଡ଼ିକ ଉପରେ ଭିଜିଲାନ୍ସ ଓ ପୋଲିସକୁ ନଜର ରଖିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ୮ରୁ ୧୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଏହା ପରଠାରୁ ଦଲାଲମାନେ ପୁଣି ସକ୍ରୀୟ ହୋଇପଡ଼ିଛନ୍ତି। ଗତ ମଙ୍ଗଳବାର ଏହିଭଳି ଏକ ଘଟଣା କଟକ ଆର୍‌ଟିଓ ଅଫିସ୍‌ରେ ଦେଖିବାକୁ ମିଳିଥିଲା। ଡ୍ରାଇଭିଂ ଲାଇସେନ୍ସ ପାଇଁ ଜଣେ ଯୁବକ ଜନୈକ ମଧ୍ୟସ୍ଥଙ୍କୁ ୧୭୦୦ ଟଙ୍କା ଦେଇଥିବା ଜଣାପଡ଼ିଥିଲା। ଉକ୍ତ ଘଟଣା ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ରଙ୍କ ପାଖକୁ ଯାଇଥିଲା। ତୁରନ୍ତ ମଧ୍ୟସ୍ଥଙ୍କ ବିରୋଧରେ ଥାନାରେ ଏତଲା ଦେବା ପାଇଁ ଆର୍‌ଟିଓ ପାତ୍ର ସମ୍ପୃକ୍ତ ଯୁବକଙ୍କୁ ପରାମର୍ଶ ଦେଇଥିଲେ। ତେବେ ୧୭୦୦ ଟଙ୍କା ବରଂ ଯାଉ ମୋତେ ଲାଇସେନ୍ସ କିଭଳି ସହଜରେ ମିଳିପାରିବ ତାହା ଉପରେ ମୁଁ ଗୁରୁତ୍ୱ ଦେବି ବୋଲି ଯୁବକ ଜଣକ କହିଥିଲେ। କେବଳ ଏହି ଗୋଟିଏ ନୁହେଁ ଆର୍‌ଟିଓ ଅଫିସରେ ଦୈନିକ ଏହିଭଳି ଘଟଣାମାନ ଦେଖିବାକୁ ମିଳୁଛି। ଏ ନେଇ ଆର୍‌ଟିଓ ପାତ୍ର କହିଛନ୍ତି, ଅଫିସ ପରିସରରେ ସେଭଳି କୌଣସି କାର୍ଯ୍ୟକୁ ପ୍ରଶ୍ରୟ ଦିଆଯାଉ ନାହିଁ। ଲୋକେ ଆର୍‌ଟିଓ ଅଫିସକୁ ଆସିବା ଦରକାର ନାହିଁ। ସମସ୍ତ ବ୍ୟବସ୍ଥା ଅନ୍‌ଲାଇନରେ ଉପଲବ୍ଧ ଅଛି। ଏହାସତ୍ତ୍ୱେ ଯଦି ଲୋକେ ମଧ୍ୟସ୍ଥଙ୍କୁ ଧରି ଠକାମିର ଶିକାର ହେବେ ଆମେ କ'ଣ କରିପାରିବୁ।

## ମୋବାଇଲ ବ୍ୟାଟେରି ଫାଟି ୨ ଭାଇ ଗୁରୁତର

**ଖଲ୍ଲିକୋଟ/ବେଗୁନିଆପଡ଼ା, ୨୦।୧୧ (ଡି.ଏନ.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ନାଇକାଣୀପଲ୍ଲୀ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ବ୍ୟାଟେରି ଫାଟି ଦୁଇ ଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନାଇକାଣୀପଲ୍ଲୀର ବସନ୍ତ ସ୍ୱାଇଁଙ୍କ ପୁଅ ରାଜେଶ (୧୩) ଓ ଆକାଶ (୧୦)। ଉଭୟଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ପୂର୍ବାହ୍ନରେ ରାଜେଶ ଓ ଆକାଶ ଘରେ ଏକ ମୋବାଇଲ ବ୍ୟାଟେରି ନେଇ ଖେଳୁଥିବା ବେଳେ କୌଣସି କାରଣରୁ ହଠାତ୍ ବ୍ୟାଟେରି ଫାଟି ଯାଇଥିଲା। ଫଳରେ ସେମାନଙ୍କ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ହୋଇଥିଲା। ପରିବାର ଲୋକେ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲ ନେଇଥିଲେ।

# ବନ୍ଦ ଘରେ ଥିବା ମା'ଝିଅ ୪୦ ଦିନ ପରେ ଉଦ୍ଧାର

**ରାଉରକେଲା ଅଫିସ, ୨୦।୧୧**

**ଅସଦାଚରଣ, ହତ୍ୟା ଧମକ ଅଭିଯୋଗ**

ରାଉରକେଲା ଉଦିତ ନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀରେ ଜଣେ ବ୍ୟକ୍ତି ସେବା କରିବା ବାହାନା ଦେଖାଇ ଜଣେ ବୃଦ୍ଧା ଓ ତାଙ୍କ ବିବାହିତ ଝିଅଙ୍କୁ ୪୦ଦିନ ଧରି ଗୋଟିଏ ଘରେ ବନ୍ଦ କରି ରଖିଥିଲେ। ଏହି ଘଟଣା ଜଣାପଡିବା ପରେ ବୁଧବାର ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ନିଜକୁ ଖବରଦାତା ବୋଲାଉଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମ ଅଶୋକ ମହାନ୍ତି। ବୁଧବାର ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ଯୁବତୀ ଟାଙ୍ଗରପାଲି ଥାନା ଅଞ୍ଚଳରେ ବିବାହ କରିଛନ୍ତି। ସଂପୃକ୍ତ ଯୁବତୀଙ୍କ ମା' ଭୁବନେଶ୍ୱରର ବାସିନ୍ଦା। ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ସେ ରାଉରକେଲା ଚାଲି ଆସିଥିଲେ। ପରେ ବାସନ୍ତୀ କଲୋନୀ ଏଲ-୪ରେ ରହୁଥିବା ଅଶୋକ ଉକ୍ତ ବୃଦ୍ଧାଙ୍କୁ ଦେଖାଶୁଣା କରିବାକୁ ରଖିଥିଲେ। ପରେ କୌଶଳ କ୍ରମେ ବୃଦ୍ଧାଙ୍କ ଝିଅଙ୍କୁ ତାଙ୍କ ଜାଲରେ ଫସାଇ ନିଜ ଘରେ ରଖିଥିଲେ। ବୃଦ୍ଧାଙ୍କ ସହ ତାଙ୍କ ଝିଅଙ୍କ କୌଣସି ଖୋଜଖବର ନ ମିଳିବାରୁ ସ୍ୱାମୀ ଟାଙ୍ଗରପାଲି ଥାନାରେ ଏକ ନିଖୋଜ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ଧରି ଅଶୋକ ମହିଳା ଓ ତାଙ୍କ ବୃଦ୍ଧା ମା'ଙ୍କୁ ନିଜ ଘରେ ବନ୍ଧକ କରି ରଖିବା ସହ ଉଭୟଙ୍କ ଅଶ୍ଳୀଳ ଫଟୋ ଉଠାଇଥିବା ନେଇ ଅଭିଯୋଗ ହୋଇଛି। ଏପରିକି ଅଶୋକ ଅସଦାଚରଣ କରିବା ସହ ଏ ନେଇ କାହାକୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲା ବୋଲି ମହିଳା ଜଣକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ୪୦ ଦିନ ଧରି ବନ୍ଧକ ରହିବା ପରେ କୌଶଳକ୍ରମେ ମହିଳା ଜଣକ ଏ ସମ୍ପର୍କରେ ନିଜ ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟଙ୍କ ସୂଚନା ଆଧାରରେ ଉଦିତ ନଗର ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ବାସନ୍ତୀ କଲୋନୀ ସ୍ଥିତ ଏଲ-୪ ଘରେ ଚଢ଼ାଉ କରି ମହିଳା ଓ ତାଙ୍କ ମା'ଙ୍କୁ ଉଦ୍ଧାର କରିଥିଲା। ଏ ସଂକ୍ରାନ୍ତରେ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଉଦିତନଗର ଥାନା ପୋଲିସ ଏକ ମାମଲା (ନଂ.୨୮୧/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।



ଗିରଫ ଅଭିଯୁକ୍ତ ଅଶୋକ ମହାନ୍ତି।




iitf 2019

ଓଡ଼ିଶା ରାଜ୍ୟ ଦିବସ ପାଳନ
ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୧୯
ପ୍ରଗତି ମଇଦାନ, ନୂଆଦିଲ୍ଲୀ
ତା.୨୧.୧୧.୨୦୧୯

ସ୍ଥାନ : ନୂଆ ହଂସଧ୍ୱନି ପ୍ରେକ୍ଷାଳୟ    ସମୟ : ଅପରାହ୍ନ ଘ.୨.୩୦- ଘ.୪.୦୦

ମୁଖ୍ୟ ଅତିଥି : ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,
ମାନ୍ୟବର ମନ୍ତ୍ରୀ, ସୂଚନା ଓ ଲୋକସମ୍ପର୍କ, ଜଳ ସମ୍ପଦ, ଓଡ଼ିଶା

ବିଶିଷ୍ଟ ଅତିଥି: ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର, ଆଇ.ଏ.ଏସ୍,
ଆବାସିକ କମିଶନର, ଓଡ଼ିଶା ସରକାର, ନୂଆଦିଲ୍ଲୀ
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ, ଆଇ.ଏ.ଏସ୍,
କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ଏବଂ
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାର

ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ।



ସାଂସ୍କୃତିକ କାର୍ଯ୍ୟକ୍ରମ

| | | |
|---|---|---|
| ରଣପା ଓ ବାଘ ନୃତ୍ୟ | : | ଶ୍ରୀ ଏସ୍. ଭେଙ୍କଟ ରାଓ ରେଡି ଏବଂ ସାଥୀ |
| ଓଡ଼ିଶୀ ନୃତ୍ୟ | : | ଶ୍ରୀମତୀ ଦେବଦିପ୍ତି ବିଶ୍ୱାଳ ଏବଂ ସାଥୀ, ଭୁବନେଶ୍ୱର |
| ସମ୍ବଲପୁରୀ ଲୋକ ନୃତ୍ୟ | : | ଶ୍ରୀ ରଞ୍ଜିତ୍ ସାହୁ ଏବଂ ସାଥୀ, କଳା ଓ କଳାକାର, ସମ୍ବଲପୁର |
| ଗୁଣ୍-କା-ନୃତ୍ୟ | : | କୃଷ୍ଣପ୍ରିୟ କଳା ପରିଷଦ ଏବଂ ସାଥୀ, ତୁଷରା, ବଲାଙ୍ଗୀର |
| ଓଡ଼ିଶୀ ଏବଂ ଛଉ (ମିଶ୍ର ନୃତ୍ୟ) | : | ଶ୍ରୀ ଅନିରୁଦ୍ଧ ଦାସ, ନିବେଦିତା ମହାପାତ୍ର ଏବଂ ସାଥୀ ଅନିନ୍ଦ୍ୟ, ନୂଆଦିଲ୍ଲୀ |
| ଆଦିବାସୀ ଲୋକ ନୃତ୍ୟ | : | ଶ୍ରୀ ଧାନାନନ୍ଦ ପଣ୍ଡା ଏବଂ ସାଥୀ, ପ୍ରତିଭା, ଭବାନୀପାଟଣା, କଳାହାଣ୍ଡି |
| ନୃତ୍ୟ ଓ ସଙ୍ଗୀତ ପରିବେଷଣ | : | ଶ୍ରୀମତୀ ସୁସ୍ମିତା ଦାସ ଏବଂ ସାଥୀ, ଭୁବନେଶ୍ୱର |

ଏହି ସମାରୋହରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ବିନମ୍ର ନିବେଦନ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

15001/13/0085/1920    DADLS-55



"ନିରିହ ଲୋକ କେବେବି କ୍ଷମା ଦେଇ ପାରନ୍ତିନି, କ୍ଷମା ଦେବା ଶକ୍ତିଶାଳୀ ଲୋକଙ୍କ ବିଶେଷତା ଅଟେ।

- ମହାତ୍ମା ଗାନ୍ଧୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁଡୁଲି
ପରିବାରବର୍ଗ



ସୃଷ୍ଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାବାଳିକାଙ୍କୁ ଗଣବଳାତ୍କାର ଭିଡିଓ ଭାଇରାଲ

## ଜଣେ ଗିରଫ, ୨ ନାବାଳକଙ୍କୁ ପଠାଗଲା ଜେଜେବି

ଜଗନ୍ନାଥପ୍ରସାଦ,୨୦।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଦଶମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ସହ ତାହାର ଭିଡିଓ ଭାଇରାଲ କରାଯାଇଛି। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨ ନାବାଳକଙ୍କୁ କାବୁ କରିଛି। ବୁଧବାର ନାବାଳକଦ୍ୱୟଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)କୁ ପଠାଯାଇଛି। ଗିରଫ ଅଭିଯୁକ୍ତ ସଞ୍ଜୀବ ମାଝି (୨୦)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ମାଜିଷ୍ଟ୍ରେଟଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଗତ ଅଗଷ୍ଟ ୧୨ ସକାଳ ପ୍ରାୟ ୮ଟାରେ ଛାତ୍ରୀ ଜଣକ ଗାଁ ପୋଖରୀକୁ ଗାଧୋଇ ଯାଇଥିଲେ। ଏହି ସମୟରେ ନାବାଳକଦ୍ୱୟ ତାଙ୍କୁ ଜୋରଜବରଦସ୍ତ ନିକଟସ୍ଥ କାଜୁ ବଗିଚାକୁ ଉଠାଇ ନେଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ମୋବାଇଲ ଫୋନରେ ସେମାନେ ବଳାତ୍କାର ସମୟର ଭିଡିଓ କରିଥିଲେ। କିଛିଦିନ ପରେ ଉକ୍ତ ଭିଡିଓକୁ ସେମାନେ ସାଙ୍ଗ ତଥା ଅଭିଯୁକ୍ତ ଶିବରାମଙ୍କୁ ଦେଖାଇଥିଲେ। ଶିବରାମ ଏହାକୁ ପୀଡ଼ିତା ଛାତ୍ରୀଙ୍କୁ ଦେଖାଇ ଭାଇରାଲ କରିଦେବା ଧମକ ଦେଇ ବଳାତ୍କାର କରିଥିଲେ। ପରେ ସେ ଉକ୍ତ ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏହା ଜାଣିବା ପରେ ଛାତ୍ରୀଙ୍କ ବାପା ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ। ଏ ନେଇ ନଂ.୧୯୫/୧୯ରେ ମାମଲା ରୁଜୁ କରିବା ସହ ମଙ୍ଗଳବାର ରାତିରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ନାବାଳକଙ୍କ ମୋବାଇଲ ଫୋନକୁ ଜବତ କରାଯାଇଛି।

## ପଡି ରହୁଛି ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଆବେଦନ

# ତଦନ୍ତ କରିବ ୩ ଜଣିଆ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର,୨୦।୧୧(ବ୍ୟୁରୋ): ରାଜ୍ୟରେ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ମିଳିବା ନେଇ ମାତ୍ରାଧିକ ବିଳମ୍ବ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ଅଗ୍ନିଶମ ନିର୍ଦ୍ଦେଶାଳୟରେ ସାମାନ୍ୟ ପ୍ରମାଣପତ୍ରଟିଏ ପାଇଁ ଗଦାଗଦା ଆବେଦନ ପତ୍ର ପଡି ରହୁଛି। ଏଥିସହିତ ବିଭାଗରେ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗ ହୋଇଥିବା ସରକାରଙ୍କୁ ସୂଚନା ମିଳିଥିଲା। ଏଭଳି ଅବ୍ୟବସ୍ଥାର ତଦନ୍ତ ପାଇଁ ସରକାର ଏକ ତିନିଜଣିଆ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ଏହି କମିଟିରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ରହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପାଇବା ଏବେ ସହଜ ହେବ। ବର୍ତ୍ତମାନଠାରୁ କ୍ଷେତ୍ରୀୟ କର୍ମଚାରୀ ବିଭିନ୍ନ ସଂସ୍ଥାନକୁ ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରିପାରିବେ। ଆସନ୍ତା ଜାନୁୟାରୀରୁ ରାଜ୍ୟ ସରକାରଙ୍କ 'ମୋ ସରକାର କାର୍ଯ୍ୟକ୍ରମ' ତଥା ୫-ଟି ଅଧୀନକୁ ମଧ ଏହା ଆସିବ। ୨୦୨୦ ଏପ୍ରିଲରୁ ସମସ୍ତ ବ୍ୟବସ୍ଥା ଅନ୍‌ଲାଇନ କରାଯିବ ବୋଲି ମଧ ନିଷ୍ପତ୍ତି ହୋଇସାରିଛି।

# ସହସମ୍ପାଦକଙ୍କ ପିତୃ ବିୟୋଗ

ସିନାପାଲି, ୨୦।୧୧(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଲ ଗ୍ରାମର ବରିଷ୍ଠ ନାଗରିକ ହରେକୃଷ୍ଣ ପଣ୍ଡାଙ୍କ ବୁଧବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ସ୍ଥାନାନ୍ତର କରାଯାଉଥିବା ବାଟରେ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ମଙ୍ଗଳ ବିଭାଗରେ ଚାକିରି କରି ସେ ଅବସର ଗ୍ରହଣ କରିଥିଲେ। ଏହି ଖବର ପାଇବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ସନ୍ଧ୍ୟାରେ ପୈତୃକ ଗ୍ରାମ ଗୋଡାଲରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସାନପୁଅ ତଥା ଧରିତ୍ରୀର ସହସମ୍ପାଦକ ଅଭୟାନନ୍ଦ ପଣ୍ଡା ମୁଖାଗ୍ନି ଦେଇଥିଲେ । ଅନ୍ତିମ ସଂସ୍କାର ସମୟରେ ପୁଅ, ଝିଅ, ଜ୍ୱାଇଁ ଓ ଜ୍ଞାତିପରିଜନ ଉପସ୍ଥିତ ଥିଲେ ।



ହରେକୃଷ୍ଣ ପଣ୍ଡାଙ୍କ ଫାଇଲ ଫଟୋ ।

## ପ୍ରଥମ ପୃଷ୍ଠାରୁ...

### ହାତରୁ ବନ୍ଧୁକ ...

ହେଲେ କ୍ୟାଡରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରେମକୁ ନେଇ ସଙ୍ଗଠନରେ ଆରମ୍ଭ ହୋଇଥିଲା ବିରୋଧାଭାସ। ଏଥିରେ ଅସନ୍ତୁଷ୍ଟ ଥିବା ଜଲି କ୍ୟାମ୍ପରେ ଯୋଗଦେବାର ମାସେ ଭିତରେ ସଙ୍ଗଠନ ଛାଡ଼ିବାକୁ ମନସ୍ଥ କଲେ। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଲକ୍ଷ୍ୟରେ ପ୍ରେମୀଯୁଗଳ ରେଢ଼ାଖୋଲ ଜଙ୍ଗଲରୁ ପଳାଇ ଆସି ତତ୍କାଳୀନ ଏସ୍‌ପି ଏବଂ ଡିଆଇଜିଙ୍କ ନିକଟରେ ଆତ୍ମସମର୍ପଣ କଲେ। ଉଭୟଙ୍କୁ ପ୍ରଥମେ ଛେଳିଆପଡା ରିଜର୍ଭ ପୋଲିସ କ୍ୟାମ୍ପରେ ରଖାଗଲା। ସରକାରୀ ନିୟମ ମୁତାବକ ସହାୟତା ମଧ ପ୍ରଦାନ କରାଗଲା। ଏହାପରେ ଜଲି ରିଜର୍ଭ ପୋଲିସ କ୍ୟାମ୍ପରୁ ଘରକୁ ଫେରି ଆସିଥିଲେ। ଛୁଟୁ ରିଜର୍ଭ କ୍ୟାମ୍ପରେ ରହୁଥିଲେ। ହେଲେ ମାଓବାଦୀ ସଙ୍ଗଠନ ହିଂସା ଘଟାଇବା ଆଶଙ୍କାରେ ଉଭୟେ ଭୟଭୀତ ଅବସ୍ଥାରେ ଦିନ କାଟୁଥିଲେ। ଏପରି ସ୍ଥିତିରେ ଦୁହିଁଙ୍କ ପ୍ରେମକୁ ସାକାର କରିବାକୁ ଅଣ୍ଟା ଭିଡ଼ିଥିଲା ପୋଲିସ। ବୁଧବାର ମଝିପଡା ଗ୍ରାମ ମହାନଦୀ ଗଣ୍ଡ ନିକଟ ଚମ୍ପେଶ୍ୱର ଶିବମନ୍ଦିରରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ତେବେ ସେମାନଙ୍କ ସୁରକ୍ଷା ପାଲଟିଥିଲା ଚ୍ୟାଲେଞ୍ଜ। କୌଣସି ପ୍ରକାର ବିଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ପୋଲିସ ପକ୍ଷରୁ ୩ଦିନ ଧରି ଟିକରପଡା ପଞ୍ଚାୟତର ଚତୁଃପାର୍ଶ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗ୍ରାମର ପ୍ରବେଶ ପଥକୁ ସିଲ୍ କରାଯାଇଥିଲା। ସର୍ବସମ୍ମତିକ୍ରମେ ମଝିପଡା ଗ୍ରାମ ସଭାପତି ସୁବଳ ପଧାନ ବରପିତା ଦାୟିତ୍ୱ ତୁଲାଇଥିଲେ। ଟିକରପଡା, କରଡ଼ାପଡା, କୁଶଖଳି, ହାତୀବାରି, ବେହେରା ସାହି, କଟରଙ୍ଗ, ପୁରୁଣାକୋଟ, ମଝିପଡ଼ା ଗ୍ରାମର ୨୦୦୦ରୁ ଊର୍ଦ୍ଧ୍ୱ କନ୍ୟାଯାତ୍ରୀ ଏହି ମାଙ୍ଗଳିକ ଉତ୍ସବରେ ସାମିଲ ହୋଇଥିଲେ। ବିବାହର ସମସ୍ତ ଖର୍ଚ୍ଚ ଜିଲା ପୋଲିସ ବହନ କରିଥିଲା। ମନ୍ଦିର କମିଟି ସଭାପତି ଫକୀର ଯାନି, ପ୍ରତାପ ଦେହୁରୀ, ବିରାଜ ଯାନୀ, ସାଇବାଣୀ ପଧାନ, ଚନ୍ଦନ ଦେହୁରୀ, ସରୋଜ ଯାନୀ, ପବିତ୍ର ପଲେଇ, ରାଜକିଶୋର ସାହୁଙ୍କ ସମେତ ଗୁରୁଜନଙ୍କଠାରୁ ନବଦମ୍ପତି ଆଶୀର୍ବାଦ ଗ୍ରହଣ କରି ନୂଆ ଜୀବନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଛୁଟୁ କୁହନ୍ତି, ଜଲିଙ୍କୁ ସ୍ତ୍ରୀ ଭାବେ ପାଇ ସେ ବହୁତ ଖୁସି। ମାତ୍ର ୧୫ବର୍ଷ ବୟସରେ ସେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ଦୀର୍ଘ ୧୦ବର୍ଷ ସେ ମାଓବାଦୀ କ୍ୟାମ୍ପରେ କାମ କରିଛନ୍ତି। ଅସନ୍ତୋଷ ବ୍ୟକ୍ତ କରି ସେ ସଙ୍ଗଠନ ଛାଡ଼ିଥିଲେ। ଏବେ ସମାଜରେ ମୁଖ୍ୟସ୍ରୋତରେ ସାମିଲ ହୋଇ ସାଧାରଣ ଜୀବନଯାପନ କରିବେ। ବିବାହ ପରେ ବି ଭୟ ଲାଗୁଛି। ତେଣୁ ଆମ ଦୁଇଜଣଙ୍କୁ ସୁରକ୍ଷା ଦିଆଯାଉ ବୋଲି ସେ ନିବେଦନ କରିଛନ୍ତି। ଏ ବିଷୟରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ କୁହନ୍ତି, ଏହା ଖୁସିର ବିଷୟ। ମାଓବାଦୀ ସଙ୍ଗଠନରେ ମିଶି ସେମାନେ ନିଜର କ୍ଷତି କରିବା ସହ ସମାଜର କ୍ଷତି କରୁଥିଲେ। ବିବାହ ବନ୍ଧନରେ ଆବଦ୍ଧ ହୋଇ ଉଭୟେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମାଓବାଦୀଙ୍କ ଅତ୍ୟାଚାରରେ କ୍ୟାଡରମାନେ ଅତିଷ୍ଠ ହୋଇପଡ଼ିଲେଣି। ଛୁଟୁ ଏବଂ ଜଲିଙ୍କଠାରୁ ପ୍ରେରଣା ପାଇ ଅନ୍ୟମାନେ ମଧ ମୁଖ୍ୟସ୍ରୋତକୁ ଫେରି ଆସିବା ପାଇଁ ଆଶା ରଖିଛୁ ବୋଲି ଡିଆଇଜି କହିଛନ୍ତି।

### ସାରା ଦେଶରେ ...

ଏଥିର ସାମିଲ କରାଯିବ। ଆସାମରେ ଯେଉଁମାନଙ୍କ ନାମ ଚିଠା ତାଲିକାରେ ପ୍ରକାଶ ପାଇନାହିଁ, ଟ୍ରିବ୍ୟୁନାଲକୁ ଯିବା ଅଧିକାର ସେମାନଙ୍କର ରହିଛି। ଆସାମରେ ଅନେକ ଟ୍ରିବ୍ୟୁନାଲ ଗଠନ କରାଯିବ। ଟ୍ରିବ୍ୟୁନାଲ ଦ୍ୱାରସ୍ଥ ହେବା ପାଇଁ ଯେଉଁମାନଙ୍କ ନିକଟରେ ଅର୍ଥ ନାହିଁ ସେମାନଙ୍କ ପାଇଁ ଆସାମ ସରକାର ଓକିଲ ଖର୍ଚ୍ଚ ବହନ କରିବେ। ଧର୍ମ ନିର୍ବିଶେଷରେ ଏନ୍‌ଆର୍‌ସିକୁ ନେଇ କେହି ଚିନ୍ତିତ ହେବା ଅନୁଚିତ। ଏହା ସମସ୍ତଙ୍କୁ ଗୋଟିଏ ପଞ୍ଜିକା ଅଧୀନକୁ ଆଣିବା ପାଇଁ କେବଳ ଏକ ପ୍ରକ୍ରିୟା, ଯାହାକି ସର୍ବଭାରତୀୟ ସ୍ତରରେ ଲାଗୁ ହେବ। ଏନ୍‌ଆର୍‌ସିରେ ଅନ୍ୟ ଧର୍ମର ଲୋକଙ୍କୁ ସାମିଲ କରାଯିବନି ବୋଲି କୌଣସି ନିୟମ ନାହିଁ। ସବୁ ଧର୍ମର ଭାରତୀୟ ନାଗରିକଙ୍କୁ ଏଥିରେ ସାମିଲ କରାଯିବ। ଧର୍ମ ଆଧାରରେ କୌଣସି ଭେଦଭାବ କରାଯିବ ନାହିଁ। ଏନ୍‌ଆର୍‌ସି ଏକ ଭିନ୍ନ ପ୍ରକ୍ରିୟା ଓ ନାଗରିକତ୍ୱ ସଂଶୋଧନ ବିଲ୍ ଭିନ୍ନ ବୋଲି ଶାହ କହିଛନ୍ତି। ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରେ ଧାର୍ମିକ ନିର୍ଯାତନାର ଶିକାର ହେବା ପରେ ଦେଶ ଛାଡ଼ି ଭାରତରେ ରହୁଥିବା ହିନ୍ଦୁ, ବୌଦ୍ଧ, ଜୈନ, ଖ୍ରୀଷ୍ଟିୟାନ, ଶିଖ୍ ଓ ପାର୍ସୀ ଶରଣାର୍ଥୀମାନେ ଭାରତୀୟ ନାଗରିକତ୍ୱ ପାଇବା ଉଚିତ ବୋଲି କେନ୍ଦ୍ର ସରକାର ବିବେଚନା କରୁଛନ୍ତି। ଏଥିପାଇଁ ନାଗରିକତ୍ୱ ସଂଶୋଧନ ବିଲ୍,୨୦୧୬ ରହିଛି। ଲୋକ ସଭାରେ ଏହି ବିଧେୟକ ପାସ୍ ହୋଇ ସିଲେକ୍ଟ କମିଟିର ଅନୁମୋଦନ ଲାଭ କରିଥିଲା। କିନ୍ତୁ ୨୦୧୯ ଜୁନ୍ ୩ରେ ଷୋଡ଼ଶ ପାର୍ଲାମେଣ୍ଟ ଅବଧି ଶେଷ ହେବା ପରେ ଏହି ବିଲ୍ ଅକାମୀ ହୋଇଯାଇଛି। ଏବେ ଏହା ପୁଣି ଆସିବ। ଏନ୍‌ଆର୍‌ସି ସହିତ ଏହାର କିଛି ସମ୍ପର୍କ ନାହିଁ ବୋଲି ଶାହ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ୧୯୭୧ ମାର୍ଚ୍ଚ ୨୫ ପରେ ଆସାମକୁ ଅନୁପ୍ରବେଶ କରି ସେଠାରେ ବସତି ସ୍ଥାପନ କରିଥିବା ବେଆଇନ ପ୍ରବାସୀଙ୍କୁ ଚିହ୍ନଟ କରିବା ଥିଲା ଆସାମ ଏନ୍‌ଆର୍‌ସିର ଲକ୍ଷ୍ୟ।

### ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ...

ବିଧାୟକ ଦଳ ନେତା ନରସିଂହ ମିଶ୍ର ବକ୍ତବ୍ୟ ରଖୁଥିଲେ। ଏହି ଗୃହରେ କୌଣସି ମନ୍ତ୍ରୀ ଉପସ୍ଥିତ ନ ଥିଲେ। କେବଳ ଅଳ୍ପ କେତେକ ଶାସକ ସଦସ୍ୟ ନିଜ ସିଟ୍‌ରେ ବସିଥିଲେ। ଗୃହ ଭିତରେ ମନ୍ତ୍ରୀ ମରୁଡ଼ି ଦେଖି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଚିତ୍କାର କଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇ ପାଟି କଲେ। ଗୃହର ମଧ୍ୟଭାଗକୁ ମାଡ଼ି ଆସିଲେ। ଭାଜପା ସଦସ୍ୟ ମଧ କଂଗ୍ରେସ ସହ ତାଳଦେଇ ପାଟିତୁଣ୍ଡ କଲେ । ହଟ୍ଟଗୋଳ ଦେଖି ବିଧାନସଭା ଲବିରେ ବସିଥିବା ବିଜେଡି ସଦସ୍ୟ ତରବର ହୋଇ ଗୃହ ଭିତରକୁ ପ୍ରବେଶ କଲେ। ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ତୁରନ୍ତ ଆସି ସିଟ୍‌ରେ ବସିଯାଇଥିଲେ । ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ କଡ଼ା ତାଗିଦ୍ କଲେ। ଗୃହ ଚାଲିଥିବାବେଳେ ଜଣେ ଦୁଇଜଣ ମନ୍ତ୍ରୀ ଯେପରି ଉପସ୍ଥିତ ରହିବେ ତାହା ନିଶ୍ଚିତ କରିବାକୁ ବାଚସ୍ପତି ସରକାରୀ ଦଳର ମୁଖ୍ୟ ସଚେତକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କାରଣରୁ ଆପଣଙ୍କ ଉନ୍ନତ ଚିନ୍ତାଧାରା କାର୍ଯ୍ୟକ୍ଷେତ୍ରରେ ସାହାଯ୍ୟ କରିବ। ଅଯଥା ଅର୍ଥବ୍ୟୟ ମାନସିକ ସ୍ଥିତିକୁ କଳୁଷିତ କରିଦେଇପାରେ। ବନ୍ଧୁମାନଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ। ଦ୍ୱିଜା ନକ୍ଷତ୍ରର ଅର୍ଥଲାଭ ସାଙ୍ଗକୁ ଯେକୌଣସି କାମରେ ହାତଦେଲେ ନିଶ୍ଚିତ ସଫଳତା ପାଇବେ।

**ବୃଷ**
ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ଉଦ୍ୟମୀ କରାଇବ କିନ୍ତୁ ଅର୍ଥାଭାବର ଦୁଃପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ର ଭଲ ରହିବ।

**ମିଥୁନ**
ରାଶିରେ ରାହୁଙ୍କ ସ୍ଥିତି କାରଣରୁ ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ଅର୍ଥ ସମ୍ପର୍କିତ କଥା, ଚୁକ୍ତିପତ୍ର, ଜମିଜମା କାରବାର ସକାଶେ ଦିନଟି ବହୁତ ଭଲ। ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ସମସ୍ୟାର ସରଳ ସମାଧାନ ସାଙ୍ଗକୁ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ।

**କର୍କଟ**
କର୍ମ ସ୍ଥାନକୁ ବୁଧ ଓ ମଙ୍ଗଳ ଦେଖୁଥିବାରୁ ସାମାଜିକ ସମ୍ମାନ ଓ ସଦିଚ୍ଛା ଯଥେଷ୍ଟ ପାଇବେ। ରବିଙ୍କ ଦୁର୍ବଳତା କାରଣରୁ ଧନହାନି ଓ କାମର ଚାପ ମାନସିକ ଶାନ୍ତିକୁ ନଷ୍ଟ କରିବାର ଆଶଙ୍କା ରହିଛି। ଅଯଥା ମିଥ୍ୟା ପ୍ରତିଶ୍ରୁତି ଦେଇ ପରୋକ୍ଷ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିବ। ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ**
ଏକାଦଶସ୍ଥ ରାହୁଜନିତ ବିବାଦୀୟ ଘଟଣାରେ ବିଜୟୀ ହେଲେ ମଧ ସଂଘର୍ଷପୂର୍ଣ୍ଣ ସ୍ଥିତି ବଳବତ୍ତର ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛିମାତ୍ରାରେ ସାହାଯ୍ୟ କରିପାରେ। ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହିବ ନାହିଁ। ଆକସ୍ମିକ ଭାବେ ଖର୍ଚ୍ଚ ପରିମାଣ ବୃଦ୍ଧି ହୋଇପାରେ।

**କନ୍ୟା**
ତୃତୀୟ ଅଷ୍ଟମାଧିପତି ମଙ୍ଗଳଙ୍କ କୁପ୍ରଭାବରୁ ଯାହାଠାରୁ ଯାହା ପାଇବାକୁ ଆଶା ବାନ୍ଧି ବସିଛନ୍ତି ତାହା ନିରର୍ଥକ ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରାଜନିତ ଚିନ୍ତା ବଢ଼ିପାରେ।

**ତୁଳା**
ଧନ ସ୍ଥାନରେ ଶୁକ୍ରଙ୍କ ସଂଯୋଗରୁ ଆର୍ଥିକ ସ୍ଥିତି ମଜଭୁତ ରହିବ। ଆତ୍ମୀୟମାନଙ୍କ ସହଯୋଗରୁ ସମାଧାନର ସରଳ ସୂତ୍ର ବାହାର କରିବାରେ ସମର୍ଥ ହେବେ। ବନ୍ଧୁମିଳନ, ପାରିବାରିକ ସଦ୍‌ଭାବ, ଭ୍ରମଣ ଜନିତ ଆନନ୍ଦ ଅନୁଭବ କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ଆଶଙ୍କା ରହିଛି।

**ବିଛା**
ଭାଗ୍ୟାଧିପ ଚନ୍ଦ୍ର କର୍ମସ୍ଥାନରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ**
ପାପଗ୍ରହ ପ୍ରଭାବରୁ ପ୍ରତ୍ୟେକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ। ଦୂରଯାତ୍ରା, ଆମଦାନୀ କାରବାର, ଜମିଜମା ସମ୍ବନ୍ଧୀୟ କଥାବାର୍ତ୍ତା ପ୍ରଭୃତିରେ ଉନ୍ନତମାନର ସୁଫଳ ପାଇବେ। ଅର୍ଥସଙ୍କଟ ଲାଗି ରହିବାରୁ ସାମାନ୍ୟ ବିଚଳିତ ଅନୁଭବ କରିପାରନ୍ତି।

**ମକର**
ମାନସିକ ଚାପ ସାଙ୍ଗକୁ ବିଭିନ୍ନ ଦିଗରୁ ପ୍ରତିବନ୍ଧକର ସାମ୍ନା କରି କାମ ହାସଲ କରିବାକୁ ପଡ଼ିବ। ପରିବାରରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ହୋଇପାରେ। ସମ୍ପର୍କ ଭଲ ଥିଲେ ମଧ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଦୀର୍ଘସମୟ ପ୍ରତୀକ୍ଷା କରି ମଧ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**କୁମ୍ଭ**
ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ତଥାପି ନିଜ ମନରେ ଦୁଃଖ ରହିଥିଲେ ମଧ ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳିନେବେ। ସରକାରୀ କ୍ଷେତ୍ରରୁ କୌଣସି କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇ ମନ ଖୁସୀ ହୋଇଯିବ।

**ମୀନ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ସହ କୌଣସି ନୂତନ କର୍ମାରମ୍ଭ କରିବାକୁ ମନ ବଳାଇବେ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ନବମୀଯୁକ୍ତ ଦଶମୀ, ମାଣବସା ଗୁରୁବାର, ନଭେମ୍ବର ୨୧ ତାରିଖ, ଉତ୍କଳ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ବୈଜ୍ଞାନିକ ସି.ଭି. ରମଣଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୩୦ମି. ମଧ୍ୟେ ଅମୃତ ବେଳା, ପୁନଶ୍ଚ ଦିବା ଘ୭।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୭ମି. ମଧ୍ୟେ ରାହୁକାଳ।

## ୪ କୃଷି, ୫ ଉଦ୍ୟାନ କୃଷି ଫାର୍ମ ଅଚଳ

ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ୭୩ଟି କୃଷି ଫାର୍ମ ଏବଂ ୮୫ଟି ଉଦ୍ୟାନ ଫାର୍ମ ରହିଛି। ସେଥିମଧ୍ୟରୁ ୪ଟି କୃଷି ଫାର୍ମ ଏବଂ ୫ଟି ଉଦ୍ୟାନ ଫାର୍ମ ପୁନରୁଦ୍ଧାର ଅବସ୍ଥାରେ ରହିନାହିଁ। ବୈଷୟିକ ଦୃଷ୍ଟିକୋଣରୁ ଅଚଳ ହୋଇପଡିଥିବା ଫାର୍ମଗୁଡିକ ପୁନରୁଦ୍ଧାର ଅବସ୍ଥାରେ ନ ଥିବାରୁ ଏଥିପାଇଁ ପଦକ୍ଷେପ ନିଆଯାଉ ନ ଥିବା କୃଷି ଓ କୃଷକ ଶସକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବିଧାନସଭାରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, କୃଷି ଫାର୍ମଗୁଡିକର ଆଧୁନିକୀକରଣ ଲାଗି ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ)ରେ ୨୦୧୦-୧୧ରେ ୯୯୦.୮୪ ଲକ୍ଷ ଟଙ୍କା ବିନିଯୋଗ ହୋଇଛି। ୨୦୧୬-୧୮ ବର୍ଷ ମଧ୍ୟରେ ୩୧ଟି ଫାର୍ମକୁ ୧୬୯୬.୮୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ସେଥିରୁ ଏ ପର୍ଯ୍ୟନ୍ତ ମାତ୍ର ୧୨୬୨.୪୯ଲକ୍ଷ ଟଙ୍କା ବିନିଯୋଗ ହୋଇପାରିଛି। ସେହିପରି ଉଦ୍ୟାନ କୃଷି ଫାର୍ମଗୁଡିକର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯଥା, ଉଦ୍ୟାନ କୃଷି ମିଶନ ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ୧୨୬୪.୭୪ ଲକ୍ଷ ଟଙ୍କା ଏବଂ ୭୪୬୦.୫୭ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ସେଗୁଡ଼ିକର ବିନିଯୋଗ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ପର୍ଯ୍ୟାୟକ୍ରମେ ଚାଲୁଥିବା ମନ୍ତ୍ରୀ ସାହୁ କହିଛନ୍ତି। ମନ୍ତ୍ରୀ ସାହୁ ଆହୁରି କହିଛନ୍ତି, ସରକାରୀ କୃଷି ଫାର୍ମରେ ସାଧାରଣତଃ ପିଣ୍ଡ ବିହନ ଉତ୍ପାଦନ ହୋଇଥାଏ। ଏହି ପିଣ୍ଡ ବିହନ ପ୍ରମାଣିତ ବିହନ ଉତ୍ପାଦନରେ ବ୍ୟବହୃତ ହୋଇଥାଏ। ମାତ୍ର ରାଜ୍ୟର ବିହନ ଚାହିଦା ମେଣ୍ଟାଇବା ସକାଶେ ରାଜ୍ୟ ବାହାରୁ ଆବଶ୍ୟକସ୍ଥଳେ ଧାନ ଓ ମୁଖ୍ୟତଃ ଅଣଧାନ ବିହନ ଚାଷୀଙ୍କ ଚାହିଦା ମୁତାବକ ଆଣିବାକୁ ବ୍ୟବସ୍ଥା କରାଯାଇଥାଏ। ଏନ୍‌ଏସସି ଜରିଆରେ ରାଜ୍ୟ ବାହାରୁ ବିହନ ଅଣାଯାଇଥାଏ। ଏହାସହ ରାଜ୍ୟର ଉଦ୍ୟାନ କୃଷି ଫାର୍ମଗୁଡିକରୁ ଉତ୍ପାଦିତ ଉନ୍ନତ କିସମର କଲମୀ ଫଳ ଚାରା କୃଷକଙ୍କୁ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟରେ ଉତ୍ପାଦିତ ହେଉ ନ ଥିବା ଅନ୍ୟ ଜାତୀୟ କଲମୀ ଫଳ ଚାରା ବାହାର ରାଜ୍ୟରୁ ଅଣାଯାଇ ଚାଷୀଙ୍କୁ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି।


# classifieds Everyday 0674-2580101, 2549302





**SALE**

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

Ready to move 3/2BHK flats and Duplex near (V2- Showroom) Patrapada, Bhubaneswar. 9861037729, 9040337729. D-63962

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**Ready to move 2BHK and 1BHK flats in 1st block out of 6 blocks (84flats) near Mount Litera Zee School Kateni (7k.m from SUM Hospital) is immediate for sale. 9937847725.** D-68512

**1500sqft. gharabari plots with developed 40ft. main entrance road and 30ft. internal road with park, fountain, electricity and gated boundary 9k.m from airport and 2k.m before Xavier University is immediate for sale. 9937162220.** D-68513

**30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040.** D-68424

4000sqft. plot at Sahid Nagar, 7.5 acre land near Sai International recidentials School sale. 7978388025. D-15319

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404





Rejuvenate and ayurvedic full body massage by smart therapist. 9114402304. D-68145

Newly open full body massage by ladies, gents therapist. 8018656899 D-60850

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Ayurvedic full body massage by ladies, gents therapist. 7008773793 D-60851

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182

Sai herbal Spa refresh your body with smart and expert therapist, contact: 7608062524. D-68184

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186





ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

I sri Sabyasachi Sahoo, aged about 34years, S/o Late Bichitrananda Sahoo, At- Flat No. 004, Ashirbad Apartment, 1st floor, Bomikhal. P.S. LaxmiSagar, Dist: Khurda do hereby declare that on Dt. 19.11.2019, Original Regd. Sale deed No. 1021 Dt. 24.02.98 relating to flat No. 004, Ashirbad Apartment, 1st floor situated on khata No.1057/ 385, plot No. 623 is missed somewhere while going to make xerox copy of the Document and after through search, I could not find the same. In case any person find said document, hereby requested to inform me at above address. D-15320


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ଜିଲା ଟିଠି

### କଳାହାଣ୍ଡି

## ମଣ୍ଡିକୁ ଅପେକ୍ଷା

ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ଭଲ ଫସଲ ହୋଇଛି। କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ଖରିଫ ଋତୁରେ କଳାହାଣ୍ଡିରେ ୮୧ ଲକ୍ଷ କ୍ୱିଣ୍ଟାଲ ଧାନ ଉତ୍ପାଦନ ହେବ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନଭେମ୍ବର ପହିଲାରୁ ମଣ୍ଡି ଖୋଲିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ହେଲେ ମିଲର୍ସଙ୍କ ଅସହଯୋଗ ଯୋଗୁ ଧାର୍ଯ୍ୟ ତାରିଖର ୧୫ ଦିନ ପରେ ବି ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ ମଣ୍ଡି ଖୋଲିବାରେ ବିଫଳ ହୋଇଛି। ଫଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ନିଜର ତତ୍କାଳୀନ ସମସ୍ୟା ମେଣ୍ଟାଇବାକୁ ଯାଇ ଶାଗମାଛ ଦରରେ ଦଲାଲଙ୍କ ହାତରେ ନିଜ ଧାନ ଟେକି ଦେଉଛନ୍ତି। ଜିଲା ଯୋଗାଣ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ସମୁଦାୟ ୭୨ ହଜାର ୮୪୩ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଛନ୍ତି। ଏଥର ଜିଲାରେ ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଓ ୧୭ଟି ମହିଳା ଏସ୍‌ଏଚ୍‌ଜି ଦ୍ୱାରା ୧୭୮ଟି ମଣ୍ଡି ଖୋଲିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଜିଲାର ଚାଷୀମାନେ ଧାନ ଅମଳ କରି ମଣ୍ଡିକୁ ଚାତକ ପରି ଅନାଇ ବସିଥିଲେ ମଧ୍ୟ ବିଭିନ୍ନ ବାହାନା ଦେଖାଇ ମିଲର୍ସମାନେ ଜିଲା ପ୍ରଶାସନକୁ ନାକେଦମ୍ କରୁଛନ୍ତି। ଫଳରେ ଆଜି ପର୍ଯ୍ୟନ୍ତ ଜିଲାରେ ମଣ୍ଡି ଖୋଲି ପାରିନାହିଁ। ଫଳସ୍ୱରୂପ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ଅସାଧୁ ମିଲର୍ସଙ୍କ ଦ୍ୱାରା ନିୟୋଜିତ ଦଲାଲମାନେ ଜିଲା ସାରା ସକ୍ରିୟ ହୋଇ ଉଠୁଛନ୍ତି। ଆର୍ଥିକ ସ୍ଥିତିରେ ଦୁର୍ବଳ ଥିବା ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣି ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ନାନା ସମସ୍ୟା ସାମ୍ନାକୁ ଆସିଛି। ଏହା ଚାଷୀ ମଧରେ ଅସନ୍ତୋଷର କାରଣ ହୋଇଛି। ଏହି ପୁଞ୍ଜୀଭୂତ ଅସନ୍ତୋଷ କେତେବେଳେ ଯେ ଉଗ୍ରରୂପ ଧାରଣ କରିବ ତାହା କେହି କହିପାରିବେ ନାହିଁ। ଅପରପକ୍ଷେ କୃଷକ ସଙ୍ଗଠନମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ପ୍ରଶାସନ ତୁରନ୍ତ ଧାନ କିଣା ପ୍ରକ୍ରିୟା ଆରମ୍ଭ କରି ଚାଷୀଙ୍କୁ ଦଲାଲଙ୍କ କବଳରୁ ରକ୍ଷା କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

- ସଞ୍ଜୀବ କୁମାର ଯୋଷୀ

## ଋଣ ପ୍ରଦାନ ନାଁରେ ୧.୯୬ କୋଟି ଠକେଇ

# ୨ ପୂର୍ବତନ ବ୍ୟାଙ୍କ ଅଧିକାରୀ ଗିରଫ

**ଭୁବନେଶ୍ୱର/ ସମ୍ବଲପୁର ୨୦।୧୧(ବ୍ୟୁରୋ)**

ବ୍ୟାଙ୍କ ଋଣ ପ୍ରଦାନ ଆଳରେ ୧.୯୬ କୋଟି ଟଙ୍କା ଠକେଇରେ ସଂପୃକ୍ତ ସିଣ୍ଡିକେଟ ବ୍ୟାଙ୍କର ୨ ପୂର୍ବତନ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବୁଧବାର ଗିରଫ କରିଛି। ସେମାନେ ହେଲେ ଅଇଁଠାପଲ୍ଲୀ ଥାନା ପ୍ରଧାନପଡାରେ ରହୁଥିବା ସୁବାସ ଚନ୍ଦ୍ର ଦାସ ଓ ଅନୁଗୁଳିଆପଡାର ମ୍ୟାରିଆନସ୍ ଲାକ୍ରା। ଅଭିଯୁକ୍ତ ସୁବାସ ସମ୍ବଲପୁର ବୁର୍ଲାସ୍ଥିତ ସିଣ୍ଡିକେଟ ବ୍ୟାଙ୍କର ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ଓ ମ୍ୟାରିଆନସ୍ ସହକାରୀ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ୨୦୧୪ରୁ ୨୦୧୬ ମଧରେ ସେମାନେ ସିଣ୍ଡିକେଟ କିଶାନ କାର୍ଡ ସ୍କିମ୍ ଜରିଆରେ ୧୯୬ ଜଣଙ୍କୁ ଋଣ ପ୍ରଦାନ କରିଥିଲେ। ଜାଲ୍ କାଗଜପତ୍ର ଓ ଫଟୋ ବ୍ୟବହାର କରାଯାଇ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ହିସାବରେ ମୋଟ ୧ କୋଟି ୯୬ ଲକ୍ଷ ଟଙ୍କା ଦିଆଯାଇଥିଲା। ଏପରି କି କେତେଜଣ ମୃତ ବ୍ୟକ୍ତିଙ୍କ ନାମରେ ଋଣ ଟଙ୍କା ହଡ଼ପ ହୋଇଥିଲା। ସହକାରୀ ମ୍ୟାନେଜର ମ୍ୟାରିଆନସ୍ କାଗଜପତ୍ର ଯାଞ୍ଚ କରିଥିବାବେଳେ ମ୍ୟାନେଜର ସୁବାସ ଋଣ ପ୍ରଦାନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ଋଣ ପରିଶୋଧ କରା ନ ଯିବାରୁ ଏହି ବଡ଼ ଧରଣର ଜାଲିଆତି ପଦାକୁ ଆସିଥିଲା। ଏ ନେଇ ଭୁବନେଶ୍ୱରସ୍ଥିତ ସିଣ୍ଡିକେଟ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ଚନ୍ଦ୍ରକାନ୍ତ ଦାସମହାପାତ୍ର ଗତ ୬ ତାରିଖରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।



ପୂର୍ବତନ ବ୍ରାଞ୍ଚ ମ୍ୟାନେଜର ସୁବାସ ଚନ୍ଦ୍ର ଦାସ ଓ ସହକାରୀ ମ୍ୟାନେଜର ମ୍ୟାରିଆନସ୍ ଲାକ୍ରା।

- ■ଜାଲ୍ କାଗଜପତ୍ରରେ ୧୯୬ଜଣଙ୍କ ନାଁରେ ହୋଇଥିଲା ଋଣ
- ■ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେଲା ଇଓଡବ୍ଲ୍ୟୁ

ଇଓଡବ୍ଲ୍ୟୁ ଏକ ମାମଲା (ନଂ.୧୯/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ସମ୍ବଲପୁର ଅଇଁଠାପାଲି ଅଞ୍ଚଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସମ୍ବଲପୁର ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ୨ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଠକେଇରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବାକୁ ଇଓଡବ୍ଲ୍ୟୁ ପକ୍ଷରୁ କୋର୍ଟରେ ୨ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। ଅନୁମତି ମିଳିବା ପରେ ୨ ଅଭିଯୁକ୍ତ ସୁବାସ ଓ ମ୍ୟାରିଆନସ୍‌ଙ୍କୁ ରିମାଣ୍ଡରେ ଆଣିଛି।

ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର
ODISHA SCHOOL EDUCATION PROGRAMME AUTHORITY (OSEPA)
DISTRICT PROJECT OFFICE, SAMAGRA SHIKSHA, NABARANGPUR-764059
PH. No.(06858) – 222568 (Off), E-mail : dpcnawrangssa.opepa@nic.in

No.2167/2019 **ADVERTISEMENT NOTICE** Dated: 18.11.2019

Applications are invited in the prescribed format from the eligible candidates for 08 (Eight) nos. of posts towards engagement of Block Resource Person (BRP)-CWSN on Inclusive Education under Samagra Shiksha in Nabarangpur District. Eligible candidates may apply in the prescribed format available in the district website i.e. www.nabarangpur.nic.in and OSEPA website i.e. www.osepa.odisha.gov.in. Detail guideline and education qualification is available in the district website and OSEPA website. The last date for receiving applications for the post of BRP (CWSN) is 18.12.2019. At present, only filled-up applications with self attested copies of testimonials by Regd. Post/ Speed Post to District Project Office, Samagra Shiksha, Nabarangpur are invited from eligible candidates for engagement to the post of Block Resource Person (BRP)-CWSN. The Collector-cum-Chairperson, Samagra Shiksha, Nabarangpur reserves the right to cancel the advertisement / selection process at any time without assigning any reason thereof.

Sd./- District Project Coordinator,
Samagra Sikhsa, Nabarangpur



KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414

## କେନ୍ଦୁଝର ଜେଲ୍‌ରେ କଏଦୀ ଆତ୍ମହତ୍ୟା ଘଟଣା

# ନିଲମ୍ବିତ ହେଲେ ୱାର୍ଡର

**କେନ୍ଦୁଝର,୨୦।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜେଲରେ ବିଚାରାଧୀନ କଏଦୀ ପ୍ରଦୀପ ବେହେରାଙ୍କ ଆତ୍ମହତ୍ୟା ଘଟଣାରେ ଜେଲ ଡିଆଇଜି (ସମ୍ବଲପୁର) ଅମୀୟ ପଟ୍ଟନାୟକ ଜଣେ ୱାର୍ଡରଙ୍କୁ ନିଲମ୍ବିତ କରିଥିବା ବେଳେ ଚିଫ୍ ୱାର୍ଡରଙ୍କ ସମେତ ଅନ୍ୟ ଜଣେ ୱାର୍ଡରଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। କାର୍ଯ୍ୟରେ ଅବହେଳା କରିଥିବା କାରଣରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଡିଆଇଜି ପଟ୍ଟନାୟକ କହିଛନ୍ତି। ନିଲମ୍ବିତ ହୋଇଥିବା ୱାର୍ଡର ହେଉଛନ୍ତି ରମେଶ କବି । ସୋମବାର ସନ୍ଧ୍ୟାରେ ଷ୍ଟାଫ୍‌ଙ୍କ ବିଶ୍ରାମ ଗୃହରେ କଏଦୀ ପ୍ରଦୀପ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଏହାର ୨୪ ଘଣ୍ଟା ପରେ ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ହସ୍ତାନ୍ତର କରିଥିଲା। ଏହି ଘଟଣାକୁ ନେଇ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଡିଆଇଜି ପଟ୍ଟନାୟକ ପରିସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ଜାଲ୍ ସାର୍ଟିଫିକେଟ ଦେଇ ଧରାପଡ଼ିଲେ ଶିକ୍ଷକ

**ଶେରଗଡ଼,୨୦।୧୧(ଡି.ଏନ୍.ଏ)**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଜାଲ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଜଣେ ଶିକ୍ଷକ ବୁଧବାର ଧରାପଡ଼ିଛନ୍ତି। ସେ ହେଲେ ଖରିଡ଼ାବାଲି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ ଖଟେଇ। ସଞ୍ଜୟ ବର୍ତ୍ତମାନ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ନିଯୁକ୍ତି ବେଳେ ସେ ପୋଲସରା ସିଟି ସ୍କୁଲରୁ ପାସ କରିଥିବା ସାର୍ଟିଫିକେଟ ଦେଇଥିଲେ। ଏହାର ଯାଞ୍ଚ ପାଇଁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୋଲସରା ସିଟି ସ୍କୁଲକୁ ପଠାଯାଇଥିଲା। ତେବେ ସଞ୍ଜୟଙ୍କ ସାର୍ଟିଫିକେଟ ଜାଲ ବୋଲି ଧରାପଡ଼ିଥିଲା। ଏହାପରେ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ସଞ୍ଜୟଙ୍କୁ ସସ୍‌ପେଣ୍ଡ କରିବା ସହ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିବାକୁ ଶେରଗଡ଼ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲୋଙ୍କାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପ୍ରକାରେ ଗୁରୁବାର ସଞ୍ଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।






ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ଦାନବୀୟ ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ – ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା।
– ଶ୍ରୀଅରବିନ୍ଦ



## ପରିବେଶ ପରିଚିନ୍ତା

# ଶୁଦ୍ଧ ଶାକାହାରବାଦ

ମାନେକା ଗାନ୍ଧୀ

କିଛି ମାସ ତଳେ ଦିଲ୍ଲୀରେ ଏକ ଭିଗନ୍ ଫେଷ୍ଟ (ଶୁଦ୍ଧ ଶାକାହାରୀ ଉତ୍ସବ) ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ହଜାର ହଜାର ଯୁବକ, ଧନାଢ୍ୟ, ଉଚ୍ଚଶିକ୍ଷିତ ଓ ଉତ୍ସାହୀ ଲୋକ ଯୋଗ ଦେଇଥିଲେ। ବିଶ୍ୱର ବିଭିନ୍ନ ଦେଶରୁ ବକ୍ତାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ। କିନ୍ତୁ ଏମାନେ ପ୍ରତ୍ୟେକେ ନକଲି ମାଂସ, କସ୍‌ମେଟିକ ବା ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀର ପ୍ରତିନିଧିତ୍ୱ କରୁଥିଲେ। ସେଥିରେ କେହି ଦାର୍ଶନିକ ନ ଥିଲେ କି ଶୁଦ୍ଧ ଶାକାହାର ଉତ୍ପାଦ କ'ଣ ହୋଇପାରେ ବା କ'ଣ ହେବା ଉଚିତ ତାହା ବୁଝାଇବାକୁ କେହି ଜଣେ ବି ନ ଥିଲେ। ଏହା ଥିଲା ଏକ ଉପଭୋକ୍ତା ଉତ୍ସବ। ଶୁଦ୍ଧ ଶାକାହାରୀ ଆନ୍ଦୋଳନ କିପରି ଶୀଘ୍ର ବ୍ୟାପୁଛି ତାହା ଜାଣି ମୋତେ ଖୁସି ଲାଗୁଛି। ଏହା 'ଆଉ କିଛି' କିଣିବା ସମ୍ପର୍କର ହିଁ କଥା। ବୁଝାପଡୁଥିଲା ଯେ, ଏହି ଆନ୍ଦୋଳନ ହୁଏତ ବିଶ୍ୱକୁ ଏକ ଶାନ୍ତ ଓ ସୁଖଦ ସ୍ଥାନରେ ପରିଣତ କରିପାରିବ ତଥା ପ୍ରାଣୀଙ୍କୁ ସୁରକ୍ଷା ଦେଇ ନିର୍ଯାତନା କମ୍ କରିପାରିବ। କିନ୍ତୁ ଏବେ ସୁଦ୍ଧା ଏହା ଏକ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ହୋଇ ରହିଛି। ଆସନ୍ତୁ ଦେଖିବା ଭିଗନିଜ୍‌ମ ବା ଶୁଦ୍ଧଶାକାହାରବାଦର ପ୍ରଭାବ ଫୁଡ୍ ଇଣ୍ଡଷ୍ଟ୍ରି ଉପରେ କ'ଣ ରହିଛି। ଯଦି ଆମେରିକା ଓ ବ୍ରିଟେନ୍‌ର ୫ ପ୍ରତିଶତ ଲୋକ ଶାକାହାରୀ ତେବେ ମାଂସ ଖାଇବା ସେହି ଅନୁପାତରେ କମ୍ ହେବା କଥା। କିନ୍ତୁ ଏହା ପରିବର୍ତ୍ତେ ମାଂସାହାରୀଙ୍କ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧିହୋଇଛି। ଅବଶ୍ୟ ମାଂସ ଉତ୍ପାଦନକାରୀ ଉଦ୍ୟୋଗ ଶୁଦ୍ଧ ଶାକାହାରବାଦକୁ ସହଜରେ ଶୀଘ୍ର ଟଙ୍କା ରୋଜଗାର କରିବାର ଏକ ବାଟ ଭାବି ଜାବୁଡି ଧରିଛି। ସବୁ ମିଟ୍ ଚେନ ସେମାନଙ୍କ ମେନ୍ୟୁରେ ଶାକାହାର ଆଇଟମ୍ ସବୁ ଯୋଗ କରିଛନ୍ତି। ଭିଗନିଜ୍‌ମ ଯୋଗୁ କୌଣସି ରେଷ୍ଟୁରାଣ୍ଟ ତା'ର କୌଣସି ଗ୍ରାହକଙ୍କୁ ହରାଇନାହିଁ, ବରଂ ସେମାନେ ନୂଆ ଗ୍ରାହକଙ୍କୁ ଯୋଗ କରିଛନ୍ତି। ଶୁଦ୍ଧ ଶାକାହାରୀମାନେ ମ୍ୟାକ୍‌ଡୋନାଲ୍ଡକୁ ଯାଇ ଭିଗନ୍ ବର୍ଗର ଅର୍ଡର ଦେଉଛନ୍ତି ଯାହା ମ୍ୟାକ୍‌ଡୋନାଲ୍ଡର ଅଧିକ ଲାଭ ହେବାରେ ସାହାଯ୍ୟ କରୁଛି। ଅର୍ଥନୀତି ଆଡକୁ ଲକ୍ଷ୍ୟ କରନ୍ତୁ। ଗ୍ରେଗ୍ସ ଏକ ମାଂସ କବାବ ରୋଲ ପ୍ରସ୍ତୁତକାରୀ କମ୍ପାନୀ। ଏହା ଭିଗନ୍ କବାବ୍ ରୋଲ ପ୍ରସ୍ତୁତ କରିବା ଆରମ୍ଭ କଲା ଓ ଏହାର ଲାଭ ୫୮ ପ୍ରତିଶତ ବଢ଼ିଗଲା। କିନ୍ତୁ ଯଦି ମାଂସକୁ ଛାଡି ଉଦ୍ଭିଦରୁ ପ୍ରସ୍ତୁତ କବାବ୍ ରୋଲ୍‌କୁ ଲୋକେ ପସନ୍ଦ କଲେ ତେବେ ଲାଭ ମଧ୍ୟ ସେହିଭଳି ହେବା କଥା। ସେମାନଙ୍କ ମାଂସ ଉତ୍ପାଦ କ'ଣ କମିଯାଇଛି କି? ମାଂସ ଓ ଡାଏରୀ ପିଜା ପ୍ରସ୍ତୁତ କରୁଥିବା କମ୍ପାନୀ 'ପାପା ଜନ୍ସ' ବି ସେହି ଏକା ଦିନରେ ଭିଗନ୍ ପନୀର ରେଞ୍ଜ ଆରମ୍ଭ କରି ଲାଭ କରିଥିଲା। ଆମ ଶୁଦ୍ଧ ଶାକାହାରୀ ଗ୍ରାହକ ବି ସେମାନଙ୍କ କ୍ୟାଟରିଂରେ କେତେ ସୁଖୀ ତାହାକୁ ସୋସିଆଲ ମିଡିଆରେ ସେୟାର କରିବାକୁ ପସନ୍ଦ କରୁଛନ୍ତି।

ପ୍ରତି ସୁପର ମାର୍କେଟ ଏକ ଭିଗନ୍ ବିଭାଗ ଖୋଲିଛନ୍ତି। କିନ୍ତୁ ଏହା ସେମାନଙ୍କର ମାଂସ, ଛେନା କିମ୍ବା ଡାଏରୀ ବିଭାଗ ତୁଳନାରେ କିଛି ବି ନୁହେଁ। ଆଇସ୍‌କ୍ରିମ୍ ଜ୍ୟାଣ୍ଟଙ୍କର ନନ୍‌ଡାଏରୀ ଆଇସ୍‌କ୍ରିମ ରହିଛି, କିନ୍ତୁ ସେମାନେ ଡାଏରୀ ଆଇସ୍‌କ୍ରିମ ବିକ୍ରି କରୁଛନ୍ତି। ବର୍ଗର କିଙ୍ଗ୍‌ର ଏବେ ଶାକାହାରୀ ବର୍ଗର ରହିଛି। ଏହା କ'ଣ ଲୋକଙ୍କର ମିଟ୍ ବର୍ଗର ଖାଇବା ଅଭ୍ୟାସକୁ ବଦଳାଇ ପାରିବ? ନା, ବର୍ଗର କିଙ୍ଗ୍‌ର ଗରାଖ ଯାହାହେଲେ ବି ମିଟ୍ ବର୍ଗର ଖାଇବା ଜାରି ରଖିବେ। ଏଣୁ ଏକାବେଳକେ ଏକାଦ୍ୱାରା ମାଂସାହାରୀ ଓ ଶୁଦ୍ଧ ଶାକାହାରୀମାନେ କମ୍ପାନୀ ପାଖକୁ ଆସିବେ। ଦେଖିବାକୁ ଗଲେ କମ୍ପାନୀଗୁଡ଼ିକ ତାଙ୍କ ଗ୍ରାହକ ଆଧାରକୁ ପ୍ରଶସ୍ତ କରିପାରିଛନ୍ତି। ଭିଗନ୍ ମୁଭ୍‌ମେଣ୍ଟ ପଶୁ ହତ୍ୟାକାରୀଙ୍କୁ ବାହାରେ ରଖିବା ପାଇଁ କାମ କରିବା ଉଚିତ। ବର୍ଗର କିଙ୍ଗ୍, ମ୍ୟାକ୍‌ଡୋନାଲ୍ଡସ୍ ଏବଂ କେଏଫ୍‌ସିର ପ୍ରାଣୀଙ୍କ ସୁରକ୍ଷା ଓ ପରିବେଶକୁ ସଫା କରିବା ଲାଗି ଭିଗନ୍ ଉତ୍ପାଦରୁ ଆୟ ହେଉଥିବା ଅର୍ଥ ପାଇଁ ସ୍ୱତନ୍ତ୍ର ଫଣ୍ଡ ରହିଛି କି? ନା, ଖାଦ୍ୟ ପାଇଁ ପଶୁହତ୍ୟାରୁ ହିଁ ଏହି କମ୍ପାନୀର କୋଟି କୋଟି ଟଙ୍କାର ବ୍ୟବସାୟ। ସବୁ ଶୁଦ୍ଧ ଶାକାହାରୀ ଲୋକ ପରିବେଶକୁ କ୍ଷତି ପହଞ୍ଚାଉଥିବା ଭୋଜନକୁ ଜାରି ରଖିବା ପାଇଁ ପରୋକ୍ଷରେ ସେମାନଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି। ଯଦି ଏକ ବର୍ଗର ଚେନ୍ ଗୋଟିଏ ଭିଗନ୍ ଅପ୍ସନ ଦେଉଛି ସେମାନଙ୍କୁ ଟଙ୍କା ଦେଇ ତୁମେ ତୁମର ଶୁଦ୍ଧ ଶାକାହାରୀ ମାଂସପେଶୀ ବଳ ଦେଖାଉନାହଁ। ବରଂ ତୁମେ ସେମାନଙ୍କ ପୁଞ୍ଜିପତି ଯନ୍ତାରେ ପଡୁଛ।

ଶୁଦ୍ଧ ଶାକାହାରୀମାନେ ଭାବୁଛନ୍ତି ଯେ, ଆମେ ପ୍ରାଣୀଙ୍କ ସୁରକ୍ଷା ଓ ସ୍ୱାଧୀନତା ଏବଂ ପୃଥିବୀର ସୁରକ୍ଷା ଲାଗି କାର୍ଯ୍ୟ କରିବାରେ ଲାଗିଛୁ। କିନ୍ତୁ ତାହା ନୁହେଁ। ତୁମେ ସମସ୍ତେ ସୁପରମାର୍କେଟ ଓ ରେଷ୍ଟୁରାଣ୍ଟ ଚେନ୍‌ରୁ ଓହରି ଆସି ତୁମ ଟ୍ରଲି ଓ ପାକସ୍ଥଳୀ ଭିଗନ୍ ଉତ୍ପାଦରେ ଭରିଦିଅ, ଦେଖିବ ହଠାତ୍ ଏ ବିଶ୍ୱ ସବୁ ପ୍ରାଣୀଙ୍କ ଲାଗି ଏକ ସୁନ୍ଦର ସ୍ଥାନ ପାଲଟିଯିବ। କିନ୍ତୁ ତୁମେ ଏହି ଶୋଷଣକାରୀଙ୍କୁ ତୁମ ଟଙ୍କା ଦେଇ ଶୋଷଣକୁ ଶେଷ କରୁନାହଁ। ତୁମେ ସମସ୍ତେ ଶୋଷଣର ପ୍ରାୟୋଜକ ସାଜୁଛ। ବୁଝିବାକୁ ପଡିବ ଯେ, ଖରିଦଦାରି ବଢାଇବା ପାଇଁ ଶୁଦ୍ଧ ଶାକାହାରୀମାନେ ଏଠାରେ ନାହାନ୍ତି, ବରଂ ଶୋଷଣ ଶେଷ କରିବା ପାଇଁ ଅଛନ୍ତି। ଏକା କମ୍ପାନୀର ଗୋଟିଏ ଉତ୍ପାଦର ଭିନ୍ନ ଭିନ୍ନ ଭର୍ସନ କିଣିବା ପାଇଁ ଗୁରୁତ୍ୱ ଦେଉଛି ବା ପ୍ରୋତ୍ସାହନ ଯୋଗାଉଛି। ସବୁ ଜିନିଷ ସବୁବେଳେ ଶାକାହାର ହୋଇ ରହିଥିଲା। ଏବେ ତାହା ଉପରେ ଶାକାହାର ମୋହର ଲାଗିଯାଇଛି, ଯେମିତି ଭିଗନ୍ ବିଅର, ଭିଗନ୍ ସୋଫା, ଭିଗନ୍ ମସାଜ। ଯାହାକୁ ସୋୟା ପ୍ରୋଟିନ୍ ଶେକ୍ କୁହାଯାଉଥିଲା ତାହା ଏବେ ଭିଗନ୍ ପ୍ରୋଟିନ୍ ଶେକ୍ ହୋଇଯାଇଛି। ଅଧିକ ରେଷ୍ଟୁରାଣ୍ଟ, ପୋଷାକ ଓ କସ୍‌ମେଟିକ୍ସ ବ୍ରାଣ୍ଡ ଯାହା ହେଉ ନା କାହିଁକି ମୂଳତଃ ଏହା ସବୁ 'ଗ୍ରୀନ୍ ୱାଶିଂ'। ଉଦାହରଣସ୍ୱରୂପ ଧନୀ ଶୁଦ୍ଧ ଶାକାହାରୀମାନେ କସ୍‌ମେଟିକ୍ସ 'ବଡିଶପ୍'ରୁ ହିଁ କିଣନ୍ତି। କିନ୍ତୁ 'ବଡିଶପ୍' ମାଲିକ ଲୋରେଲ। ଏହା ବିଶ୍ୱର ସବୁଠୁ ବଡ଼ ପ୍ରାଣୀ ପରୀକ୍ଷକ ଭାବେ ଜଣାଶୁଣା। ଶାକାହାରୀ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବଡିଶପ୍ ଏହାର ଏକ ଆଉଟ୍‌ଲେଟ। 'ବେନ୍ ଆଣ୍ଡ ଜେରି'ର ଦୁଗ୍ଧଜାତୀୟ ଉପାଦାନମୁକ୍ତ ଆଇସ୍‌କ୍ରିମ୍ (ଡାଏରୀ ଫ୍ରି ଆଇସ୍‌କ୍ରିମ) ନାଁ ଶୁଣିବାକୁ ଭଲ ଲାଗୁଥାଇପାରେ, କିନ୍ତୁ ଏହାର ମାଲିକ ଜୀବହତ୍ୟାର ଖଳନାୟକ ୟୁନିଲିଭର।

ଏଥିରୁ ସ୍ପଷ୍ଟ ଯେ, ଶୁଦ୍ଧ ଶାକାହାରୀ ଗ୍ରାହକଙ୍କୁ 'ଶାକାହାରୀ ଗ୍ରାହକ ଟ୍ରେନ'ରେ ଯାତ୍ରା କରିବା ପାଇଁ ନିଆଯାଇଛି। ଗତବର୍ଷ ଶାକାହାରୀ ପନୀର ପ୍ରସ୍ତୁତ କରୁଥିବା ଦୟା କମ୍ପାନୀକୁ ଗବେଷଣା ପାଇଁ ଜୀବଙ୍କ ଉପରେ ଅତ୍ୟାଚାର କରୁଥିବା ଏକ ଜାପାନୀ ଫାର୍ମାସ୍ୟୁଟିକାଲ କମ୍ପାନୀକୁ ବିକ୍ରି କରିଦେଲା। ଅନେକ କମ୍ପାନୀ ଶାକାହାର ଉପରେ ତାଙ୍କ ବ୍ୟବସାୟ ଆରମ୍ଭ କରିପରେ ତାହାକୁ ବଡ଼ ନନ୍‌ଭିଗନ୍ କମ୍ପାନୀକୁ ବିକ୍ରି କରିଦେଇଛନ୍ତି। କମ୍ପାନୀଗୁଡ଼ିକ ଜୀବମାନଙ୍କ ଅଧିକାର ସମ୍ପର୍କରେ ଆଦୌ ଅବଗତ ନୁହନ୍ତି, ସେମାନେ କେବଳ ସେମାନଙ୍କ ମାଲିକଙ୍କ ସ୍ୱାର୍ଥକୁ ହିଁ ଦେଖୁଛନ୍ତି। ଲାଭ ପାଇଁ ପୃଥିବୀ, ମଣିଷ ଓ ଅନ୍ୟ ଜୀବମାନଙ୍କୁ କମ୍ପାନୀ ପୁଞ୍ଜିରୂପରେ ଦେଖୁଛି ଓ ଶୋଷଣ ମଧ୍ୟ କରୁଛି।

ଶୁଦ୍ଧ ଶାକାହାରୀ ଉତ୍ସବ କେବଳ ଖାଦ୍ୟ ଓ ମନୋରଞ୍ଜନ ସମ୍ବନ୍ଧୀୟ ହେବା ଉଚିତ ନୁହେଁ। ଶୁଦ୍ଧ ଶାକାହାରବାଦ ଏକ ଟ୍ରେଣ୍ଡି ଲାଇଫ୍ ଷ୍ଟାଇଲ ବି ନୁହେଁ କିମ୍ବା ଏହା ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ କିଛି ଦେଖାଇ ହେବାର କଥା ନୁହେଁ। ସାମ୍ପ୍ରତିକ ସମୟରେ ଭିଗନ୍ ମ୍ୟାଗାଜିନ ସବୁ ଫୁଡ୍ ରେସିପ ଓ ବିଜ୍ଞାପନ, ଟ୍ରାଭେଲ, କସ୍‌ମେଟିକ୍ସ ଉପରେ ଆଧାରିତ। କୌଣସି ଗୋଟିଏ ବି ମ୍ୟାଗାଜିନ ଏପରିକି ବ୍ଲଗ୍ ଶାକହାରୀର ବାସ୍ତବ ଲକ୍ଷ୍ୟ ସହ ଯୋଡିବାରେ କାମ କରୁନାହାନ୍ତି। ଶିକ୍ଷା, ସରକାରୀ ନିୟମ, ଜୀବମାନଙ୍କ ଅଧିକାର, ଗଭୀର ଚିନ୍ତାଧାରା ଉପରେ ନଜର ବି ଦେଉନାହାନ୍ତି। ଯୁବକ, ବିଦ୍ରୋହୀ ମନୋଭାବସମ୍ପନ୍ନ ତଥା 'ଆତ୍ମ ଅଭିବ୍ୟକ୍ତି' ଅନ୍ୱେଷଣରେ ଥିବା କଶୋରମାନଙ୍କ ଦ୍ୱାରା ଏବେ ଆପଣାଯାଉଥିବା ଶୁଦ୍ଧ ଶାକାହାରବାଦ ଏକ ଅସ୍ଥାୟୀ ସିଦ୍ଧାନ୍ତ ଭାବେ ଉଭା ହୋଇଛି। ସବୁ ସିଦ୍ଧାନ୍ତ ଭଳି ଦୁର୍ଭାଗ୍ୟବଶତଃ ଏହା କିଶୋରଙ୍କ ଅଧୀନରେ ରହିଛି ଯାହା ବୟସ୍କ ହେଲେ ଅଧିକ ହେବ। ଶୁଦ୍ଧ ଶାକାହାରୀ ହେବା ଏକ ସାଧନ ଯାହାକୁ ପରିବେଶ, ଜଳବାୟୁ ଏବଂ ଜୈବବିବିଧତା ଉପରେ ଥିବା ବ୍ୟବସାୟିକ ପଶୁପାଳନର ପ୍ରଭାବକୁ କମ୍ କରିବା ଲାଗି ବ୍ୟବହାର କରାଯାଇପାରେ। ଆମେ ଖାଦ୍ୟ ଯେଭଳି ବଦଳାଉଛୁ ସେଥିପାଇଁ ଆମେ କ'ଣ ଖାଉଛୁ, ଏହା କିପରି ଉତ୍ପାଦିତ ହେଉଛି, କେତେ ଆମେ ଖାଉଛୁ, ଏହି ସବୁ ପ୍ରଶ୍ନର ଉତ୍ତର ଦରକାର। ଯେତେବେଳେ ଆମେ ଏବକାର କୁଲ୍ ଭିଗନ୍ ଅପ୍ସନ୍‌କୁ ବାଛୁଛେ ସେଥିପାଇଁ ଏହି ସବୁ ପ୍ରଶ୍ନର ଉତ୍ତର ମିଳିପାରିବନି। ଶୁଦ୍ଧଶାକାହାରୀମାନେ କୃତ୍ରିମ ତଥା କ୍ଷଣସ୍ଥାୟୀ ଖାଦ୍ୟ ପ୍ରଣାଳୀରେ ଉଦ୍ଭିଦରୁ ପ୍ରସ୍ତୁତ ଖାଦ୍ୟକୁ କିପରି ଗ୍ରହଣ କରିବେ ସେଥିପ୍ରତି ସତର୍କ ରହିବା ଦରକାର। ଏହି ଖାଦ୍ୟ ଗ୍ରହଣ କରିବା ପରିବେଶ ଯୋଦ୍ଧାମାନଙ୍କର ଜୀବନଶୈଳୀ ନୁହେଁ, ବରଂ ସାଧାରଣ ଭାବେ ଏହା ଉପଭୋକ୍ତା ପସନ୍ଦର ଆଉ ଏକ ମୁଖ୍ୟଧାରା ବୋଲି କୁହାଯାଇପାରେ।

Email: gandhim@nic.in

## ଏମାନେ କେମିତିକା ଛାତ୍ର

ଭେଙ୍କଟ ବାଲାଜୀ ବିଶ୍ୱନାଥ ଶତପଥୀ

କିଛିଦିନ ଧରି ଦିଲ୍ଲୀ ଜେଏନ୍‌ୟୁରେ କିଛି ଛାତ୍ରୀଛାତ୍ରଙ୍କ ଦ୍ୱାରା ଭୀଷଣ ମହାଭାରତ କାଣ୍ଡ ଦେଖିବାକୁ ମିଳୁଛି। ଅନେକ ଗଣମାଧ୍ୟମରେ ଏ ଖବର ପ୍ରସାରିତ କରାଯାଉଛି। କୁହାଯାଏ ଯେ, ଏମିତି ଲଙ୍କାକାଣ୍ଡ କରୁଥିବା ଛାତ୍ରୀଛାତ୍ର ବାମପନ୍ଥୀ ଚିନ୍ତାଧାରାର। ସେମାନଙ୍କ ବିଚାରଧାରା, ରାଜନୈତିକ ଭାବନା ସହ ସମାଜର କିମ୍ବା ଶିକ୍ଷା ବ୍ୟବସ୍ଥାର କୌଣସି ଯାଏ ଆସେ ନାହିଁ। ହେଲେ ସେମାନଙ୍କ କୀର୍ତ୍ତି ଆଉ ବ୍ୟବହାରରୁ ଜଣାପଡ଼େ ସେମାନେ କେତେ ବିଶୃଙ୍ଖଳିତ ଆଉ ଅସାମାଜିକ। ନିତିଦିନ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଗାଳି କରିବା, ଉପକୁଳାଧିପତିଙ୍କ ନାମରେ ଅସଭ୍ୟ ଭାଷା ପ୍ରୟୋଗ କରିବା, ତାଙ୍କ ପ୍ରକୋଷ୍ଠ ସମ୍ମୁଖରେ ଅପରିଷ୍କାର କରି ଲେଖିବା, ତା' ଛଡ଼ା ବିଶ୍ୱବିଦ୍ୟାଳୟର ସମ୍ପତ୍ତିକୁ ନଷ୍ଟ କରିବା ଆଦି। ସବୁଠୁ ଦୁଃଖଦ ଘଟଣା ହେଲା– ସେମାନେ ସେ ସ୍ଥାନରେ ଉନ୍ମୋଚନ ହେବାକୁ ଥିବା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ପ୍ରସ୍ତରରେ ଅଶାଳୀନ ଭାଷାରେ ଲେଖିବା। ଏଭଳି ରାଷ୍ଟ୍ରବିରୋଧୀ ଓ ନିନ୍ଦନୀୟ କାର୍ଯ୍ୟକୁ କେବେ ମଧ୍ୟ ଗ୍ରହଣ କରାଯାଇ ନ ପାରେ।

ହେଲେ ଏତେ ଆକ୍ରୋଶର କାରଣ କ'ଣ? କାରଣ ଏତିକି ଯେ, ଆଜି ଯାଏ ଜେଏନ୍‌ୟୁରେ ଛାତ୍ରୀଛାତ୍ରଙ୍କୁ ଛାତ୍ରାବାସରେ ମାସକୁ ୧୦ ଟଙ୍କା ଆଉ ୨୦ ଟଙ୍କାରେ ରହିବା ପାଇଁ ଘର ମିଳୁଥିଲା। ଏବେ ସେମାନଙ୍କୁ ମାସକୁ ୩୦୦ ଏବଂ ୬୦୦ ଟଙ୍କା ଦେବାକୁ ପଡ଼ିବ। ଓଡ଼ିଶାର ଅନେକ ସରକାରୀ ଛାତ୍ରାବାସରେ ସାଧାରଣ ଛାତ୍ରୀଛାତ୍ର ୪୦୦ରୁ ୬୦୦ ଟଙ୍କା ମାସକୁ ଦେୟ ପଇଠ କରୁଥିବା ବେଳେ ଦିଲ୍ଲୀ ଭଳି ସହରରେ ୩୦୦ ଟଙ୍କାରେ ଛାତ୍ରାବାସରେ ରହିବା କୌଣସି ଆଶ୍ଚର୍ଯ୍ୟଜନକ କଥା ନୁହେଁ। ଉକ୍ତ ଛାତ୍ରୀଛାତ୍ରମାନଙ୍କ ମାନସିକତା ବୁଝିବା ବଡ଼ କଷ୍ଟକର। ମାସରେ ହଜାର ହଜାର ଟଙ୍କା ଦାମୀ ପୋଷାକ କିଣିବାରେ ଏବଂ ଦିନକୁ ଶହ ଶହ ଟଙ୍କା ଚା, ସିଗାରେଟ୍‌ରେ ଖର୍ଚ୍ଚ କରିପାରୁଛନ୍ତି। ସେମାନଙ୍କର କ'ଣ ଏତିକି ସ୍ୱାଭିମାନ ନାହିଁ ଯେ, ନିଜ ଚା, ସିଗାରେଟ୍ ଭଳି ବଦଭ୍ୟାସ ଛାଡି ଛାତ୍ରାବାସର ଦେୟ ଦେବା ପାଇଁ? ଆରାମ, ଅୟସ ପାଇଁ ଯେଉଁ ଅଯଥା ଖର୍ଚ୍ଚ କରୁଛନ୍ତି ତାକୁ କାଟି ଛାତ୍ରାବାସ ଦେୟ ଦେବା କ'ଣ ଉଚିତ ନୁହେଁ? ସେମାନଙ୍କ ମଧ୍ୟରେ ସେତିକି ସଦ୍‌ଭାବନା ନାହିଁ, ଯେତିକି ସମୟ ଉକ୍ତ ଗଙ୍ଗା ଢାବାରେ ଆଡ୍ଡା ଜମେଇ ସମୟ ନଷ୍ଟ କରୁଛନ୍ତି, ସେହି ସମୟରେ ଅନ୍ୟତ୍ର ଘରୋଇ ଶିକ୍ଷା ଦେଇ କିଛି ଅର୍ଥ କମେଇ ସେଥିରେ ଦେୟ ଭରିବା ପାଇଁ? ଗଣମାଧ୍ୟମରେ କିଛି ବନ୍ଧୁ ବୟାନ ଦେଉଛନ୍ତି ଯେ, ସେମାନେ ଏତେ ଗରିବ ଯେ ୧୦ ଟଙ୍କାରୁ ଅଧିକ ଦେୟ ହେଲେ ଛାତ୍ରାବାସ ଛାଡ଼ିଦେବେ। ସେମାନଙ୍କ ରଙ୍ଗଢଙ୍ଗ, ପୋଷାକ ଶୈଳୀରୁ ଜଣାପଡୁଛି ସେମାନେ କେତେ ଦରିଦ୍ର। ନିଜ କେଶସଜାରୁ ଲାଗୁଛି ଯେମିତି ସେମାନଙ୍କର ମାସକୁ ଏଥିରେ ଯେତିକି ଖର୍ଚ୍ଚ ହେଉଛି, ସେଥିରେ ଦୁଇ ମାସର ଦେୟ ପଇଠ ହୋଇପାରିବ।

ମାଗଣା ବଞ୍ଚିବା ଜୀବନ ମଣିଷକୁ ଅଳସୁଆ ଆଉ କୁପଥଗାମୀ କରିବାର ବାଟ ଦେଖାଏ। ଯାହାର ପରିଣାମ ସ୍ୱରୂପ ଜେଏନ୍‌ୟୁରେ ନିଶା କାରବାର, ଅଶ୍ଳୀଳତା, ଯୌନ କେଳେଙ୍କାରି ଭଳି ଅନେକ ଅସାମାଜିକ କାର୍ଯ୍ୟ ଘଟିବାର ଖବର ମିଳେ। ତା' ସହ ଅଧିକାଂଶ ଛାତ୍ର ନିଜର ଅଧ୍ୟୟନ ଶୀଘ୍ର ସାରିବାରେ ଅକ୍ଷମ ହୁଅନ୍ତି। ରାଜନୀତି, ନାରାବାଜି, ଭାରତ ବିରୋଧୀ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସି ନିଜ ଅସ୍ତିତ୍ୱ ଜାହିର କରନ୍ତି। ନିଜର ମୂଳ ଲକ୍ଷ୍ୟ ଅଧ୍ୟୟନ ଓ ଅନୁସନ୍ଧାନ ଦିଗରୁ ଦୂରେଇ ଯାଆନ୍ତି। ସେଥିପାଇଁ ୩୪ରୁ ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ହୋଇ ମଧ୍ୟ ସେମାନେ ବ୍ୟକ୍ତି ନ ହୋଇ ଛାତ୍ରର ପରିଚୟ ନେଇ ବୁଲୁଛନ୍ତି! ସେମାନଙ୍କ ପାଇଁ ନୂତନ ଛାତ୍ରୀଛାତ୍ରମାନେ ମଧ୍ୟ ସ୍ଥାନ ପାଇପାରୁ ନାହାନ୍ତି।

ପ୍ରଶ୍ନ ଉଠେ, ନିଜକୁ ରାଷ୍ଟ୍ରବାଦୀ ବୋଲାଉଥିବା ଭାରତ ସରକାର ଦେଶବିରୋଧୀ ଚିନ୍ତାଧାରାର ଏହି ଅସାମାଜିକ ଛାତ୍ରୀଛାତ୍ରଙ୍କୁ କେତେଦିନ ଏମିତି ସହ୍ୟ କରି ଅନ୍ୟ ଆଦର୍ଶ ମେଧାବୀ ଛାତ୍ରୀଛାତ୍ରଙ୍କୁ ସୁବିଧାରୁ ବଞ୍ଚିତ କରୁଥିବେ?

ଗୋପାଳପୁର, ଯାଜପୁର,
ମୋ– ୬୩୭୧୨୫୪୦୦୫

## ଏଇ ଭାରତରେ

ସ୍ୱଚ୍ଛତା ଅଭିଯାନ ଦେଶରେ ଲାଗୁ ହେବା ପୂର୍ବରୁ ଜଣେ ବ୍ୟକ୍ତି ଦୀର୍ଘବର୍ଷ ହେବ ନିଜ ଗାଁକୁ ସଫା କରୁଛନ୍ତି। ବିହାରର ନଭାଦା ଜିଲା ବାରିସଲିଗଞ୍ଜ ପଞ୍ଚାୟତ ଅନ୍ତର୍ଗତ ସାମ୍ୱେ ନିବାସୀ କିଶୋରୀ ସିଂ ଏଭଳି କାର୍ଯ୍ୟରେ ନିଜକୁ ସମର୍ପିତ କରିଦେଇଛନ୍ତି। ସ୍ୱଚ୍ଛତାର ସିପାହି କିଶୋରୀଙ୍କୁ ବର୍ତ୍ତମାନ ବୟସ ୬୮ ବର୍ଷ। ସେ ୫୧ ବର୍ଷ ହେବ ଏହି କାର୍ଯ୍ୟରେ ଲାଗିଛନ୍ତି। ଏଥିପାଇଁ ତାଙ୍କୁ ସାଂସାରିକ ଜୀବନରେ ବହୁ ଘାତ ପ୍ରତିଘାତର ସାମ୍ନା କରିବାକୁ ପଡିଛି। ଏହି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ତାଙ୍କର ଦୁଇ ପତ୍ନୀ ବି ଛାଡି ଚାଲିଯାଇଛନ୍ତି। ଅନେକେ ବି ତାଙ୍କୁ ପାଗଳ ବୋଲି କୁହନ୍ତି। ତଥାପି ତାଙ୍କର ଏଭଳି କାର୍ଯ୍ୟରେ କିଛି ଫରକ ପଡିନି। ନିୟମିତ ସକାଳୁ ଉଠି ଝାଡୁ ଧରି ସଫା କରିବା ପାଇଁ ବାହାରିଯାଆନ୍ତି। ତାଙ୍କ ପ୍ରଥମ ବାହାଘର ସମୟରେ ଆୟୋଜିତ ଭୋଜି ପରେ ସବୁଆଡେ ଅପରିଷ୍କାର ହୋଇଯିବା ପରେ ସେ ନିଜେ ଝାଡୁ ଧରି ତାହାକୁ ନିଜେ ସଫା କରିଥିଲେ ଓ ପରେ ନିତିଦିନିଆ କାର୍ଯ୍ୟରେ ତାହା ପରିଣତ ହୋଇଗଲା। ଏହାପରେ ସେ ପୂରା ଗାଁ ସଫା କରିବାରେ ଲାଗିଗଲେ। କିଶୋରୀ ଭୋର୍ ୪ଟାରୁ ଉଠି ଝାଡୁ ଓ ଟୋକେଇ ଧରି ବାହାରିଯାନ୍ତି। ଅପରାହ୍ଣ ୪ଟା ଯାଏ ଚାଲେ ତାଙ୍କର ଏହି ସଫେଇ କାର୍ଯ୍ୟ। ଗାଁର ସବୁ ଗଳିକନ୍ଦି ସଫା କରନ୍ତି। କେହି କେହି ତାଙ୍କୁ ଚା' ଦିଅନ୍ତ ଓ ତାହକୁ ପିଇ ସେ ପୁଣି ସଫା କରନ୍ତି। ସଫେଇ କାର୍ଯ୍ୟ ଶେଷ କରି ଘରେ ପହଞ୍ଚି ସ୍ନାନକରି ରୋଷେଇ କରିବା ପରେ ଖାଆନ୍ତି କିଶୋରୀ। ସପ୍ତାହରେ ଗୋଟିଏ ଦିନ ମନ୍ଦିର ଓ ସ୍କୁଲ ମଧ୍ୟ ସଫା କରନ୍ତି। ସାମ୍ପ୍ରତିକ ସମୟରେ ଗୁରୁତ୍ୱ ବହନ କରୁଥିବା ତାଙ୍କର ଏହି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ନଭେମ୍ବର ୧୯୯୪

- ଆଙ୍ଗୋଲାରେ ୧୯ ବର୍ଷ ଧରି ଚାଲି ଆସିଥିବା ଗୃହଯୁଦ୍ଧକୁ ବନ୍ଦ କରି ଶାନ୍ତି ପୁନଃ ପ୍ରତିଷ୍ଠା କରିବା ସକାଶେ ଆଙ୍ଗୋଲା ସରକାର ଏବଂ ୟୁନିଟା ବିଦ୍ରୋହୀ ପ୍ରତିନିଧିଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କ ବିରୋଧରେ ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ପ୍ରାୟ ୧୫ ଜଣଙ୍କୁ ତେଲୁଗୁଦେଶମ ଦଳରୁ ବହିଷ୍କାର କରିଛି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | 4 | | | 0 | | 9 | | | | C | | 3 |
| | A | | B | | | 7 | | | | 6 | 2 | | | |
| | | C | | | 9 | | | E | 0 | 4 | | 2 | D | |
| 7 | 5 | | | | | | | | D | | | | | |
| 6 | | 1 | 0 | | | | | | | | 7 | | | E |
| | | | | | | D | 1 | | C | B | | | 5 | |
| | C | | | | 6 | | E | | | 3 | | | | 2 |
| | 7 | 3 | D | B | 1 | | | | 8 | | 9 | | | |
| | | 9 | 3 | | | | | | | A | | | B | |
| | B | | | | | | | C | 5 | | | | A | 7 |
| | | | 7 | 9 | | | | 6 | | | | | | |
| | | 4 | | A | 5 | | | | | | E | | | |
| | | | 2 | | | | | | | | | E | 1 | A |
| | | E | | | C | | 0 | D | | | 5 | 7 | | 6 |
| 3 | 2 | | 1 | | D | E | | | | 0 | A | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | E | 5 | A | 9 | 8 | 2 | 7 | 0 | 6 | B | 4 | 1 | C |
| 5 | 4 | 6 | 7 | 0 | 1 | C | 9 | E | 2 | A | 3 | 8 | D | B |
| 0 | A | 8 | 2 | 6 | D | B | 3 | 1 | 4 | 5 | C | E | 7 | 9 |
| 2 | B | 7 | C | 8 | 4 | 6 | D | 5 | 9 | E | 1 | 0 | 3 | A |
| 9 | C | 1 | B | 3 | E | A | 4 | 0 | 7 | 8 | D | 5 | 2 | 6 |
| D | 3 | 4 | 9 | 5 | A | 0 | 7 | 8 | 6 | 2 | E | B | C | 1 |
| C | 7 | 5 | 0 | E | 6 | 9 | 1 | 4 | B | 3 | 8 | D | A | 2 |
| B | 8 | 2 | 1 | C | 7 | E | 6 | D | A | 0 | 5 | 9 | 4 | 3 |
| 6 | E | A | 4 | 2 | 8 | 3 | B | C | D | 1 | 9 | 7 | 5 | 0 |
| 1 | 0 | 9 | D | B | 3 | 5 | A | 2 | C | 7 | 4 | 6 | 8 | E |
| 7 | 6 | 0 | E | 4 | B | 1 | C | A | 5 | D | 2 | 3 | 9 | 8 |
| A | 2 | B | 6 | 9 | 5 | D | 8 | 3 | 1 | 4 | 0 | C | E | 7 |
| E | 9 | C | 3 | 7 | 2 | 4 | 5 | 6 | 8 | B | A | 1 | 0 | D |
| 8 | 5 | D | A | 1 | 0 | 7 | E | 9 | 3 | C | 6 | 2 | B | 4 |
| 4 | 1 | 3 | 8 | D | C | 2 | 0 | B | E | 9 | 7 | A | 6 | 5 |

ଗତକାଲିର ଉତ୍ତର

# ଇଲେକ୍ଟୋରାଲ ବଣ୍ଡ: ଇସିଙ୍କୁ ଉପେକ୍ଷା



ନୀତୀନ ସେଠୀ

ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ଏ ଲେଖାର ପ୍ରଥମ ଭାଗ ଗତକାଲି ଏହି ସ୍ତମ୍ଭରେ ପ୍ରକାଶ ପାଇଥିଲା। ସେଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମତାମତକୁ ଅଣଦେଖା କରି ସରକାରକିପରିବିଲ୍‌ପାସ୍‌କରାଇନେଲେଏବଂବେନାମୀଧନ ରାଜନୀତିକୁ ଆଣିବାର ବାଟ ଫିଟାଇଦେଲେ ତାହା ଉଲ୍ଲେଖ ଥିଲା। ଏଥିରେ ଆମେ ସରକାର କିପରି ପାର୍ଲାମେଣ୍ଟରେ ମିଛ କହିଛନ୍ତି ଏବଂ ନିର୍ବାଚନ କମିଶନ (ଇସି)ଙ୍କ ମତାମତକୁ ଗୁରୁତ୍ୱ ଦେଇନାହାନ୍ତି, ତାହା ଉଲ୍ଲେଖ କରୁଛୁ।

ପୂର୍ବରୁ ହଫ୍‌ପୋଷ୍ଟ ଇଣ୍ଡିଆ ହାତରେ ପଡ଼ିଥିବା ଅପ୍ରକାଶିତ ଦଲିଲରୁ ଜଣାପଡ଼ିଥିଲା ଯେ, ତତ୍କାଳୀନ ରାଷ୍ଟ୍ରମନ୍ତ୍ରୀ ପି. ରାଧାକୃଷ୍ଣନ୍ ପାର୍ଲାମେଣ୍ଟରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ମିଛ କହି ଧରାପଡ଼ିବା ବେଳେ ତିନିଜଣ ବରିଷ୍ଠ ଅଧିକାରୀ ତାଙ୍କୁ ବଞ୍ଚାଇବା ପାଇଁ ଛଅଟି ଜଟିଳ ସ୍ପଷ୍ଟୀକରଣ ଦେଇଥିଲେ। ଉକ୍ତ ଦଲିଲଗୁଡ଼ିକ ମଧ୍ୟରେ ଗୋଟିଏ ଗୋପନୀୟ ନୋଟ୍ ରହିଥିଲା। ଏହା ଦର୍ଶାଉଛି ଯେ, ଇଲେକ୍ଟୋରାଲ ବଣ୍ଡ ପ୍ରତି ଇସିଙ୍କ ବିରୋଧକୁ ପାଣିଚିଆ କରିବା ପାଇଁ ଉକ୍ତ ଅଧିକାରୀମାନେ କମିଶନକୁ ଜାଣିଶୁଣି ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ। କେବଳ ଇସିଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରାଯାଇ ନ ଥିଲା, ଏ ସମ୍ପର୍କରେ ସରକାର ବିରୋଧୀ ଦଳଗୁଡ଼ିକର ମତାମତ ଲୋଡ଼ିଥିଲେ ମଧ୍ୟ ସେମାନଙ୍କ ମତାମତ ମିଳିବା ପର୍ଯ୍ୟନ୍ତ ଅପେକ୍ଷା ନ କରି ବା ସେମାନଙ୍କ ପ୍ରଶ୍ନର ଉତ୍ତର ନ ଦେଇ ଯୋଜନାକୁ ରୂପ ଦେବାରେ ଲାଗିପଡ଼ିଥିଲେ। ମୋଟ ଉପରେ ହଫ୍‌ପୋଷ୍ଟ ଇଣ୍ଡିଆ ହାତରେ ପଡ଼ିଥିବା ଦଲିଲଗୁଡ଼ିକରୁ ଜଣାପଡ଼ିଛି ଯେ, ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଦ୍ୱାରା ୨୦୧୭ରେ ଉନ୍ମୋଚିତ ଉକ୍ତ ବିବାଦୀୟ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ମୋଦି ସରକାର ଦ୍ୱିଅର୍ଥୀ କଥା କହିଛନ୍ତି, ଯେଉଁ ବଣ୍ଡ ସାହାଯ୍ୟରେ ଯେକୌଣସି ଦେଶୀ ବିଦେଶୀ କମ୍ପାନୀ, କର୍ପୋରେଟ୍, ଟ୍ରଷ୍ଟ, ଏନ୍‌ଜିଓ ବା ବ୍ୟକ୍ତି ରାଜନୈତିକ ଦଳଗୁଡ଼ିକୁ ଅସୀମିତ ଟଙ୍କା ବେନାମୀ ଭାବେ ଦାନ କରିପାରିବେ।

ଏପରି ବଣ୍ଡର ବୈଧତା ଉପରେ ଆଗତ ଏକ ମାମଲାର ଶୁଣାଣି ଏବେ ସୁପ୍ରିମ୍‌କୋର୍ଟରେ ଚାଲିଛି। ସ୍ୱଚ୍ଛତା କର୍ମୀ ତଥା ଅବସରପ୍ରାପ୍ତ କମୋଡୋର ଲୋକେଶ ବାତ୍ରା ସୂଚନା ଅଧିକାର ଆଇନ ବଳରେ ହାସଲ କରିଥିବା ତଥ୍ୟ ଅନୁଯାୟୀ ଏ ସମ୍ପର୍କରେ ସରକାରଙ୍କ ଉଚ୍ଚାରଣ ଓ ଆଶ୍ୱାସନା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। ୨୦୧୮ରେ ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନରେ ରାଜ୍ୟ ସଭା ସଦସ୍ୟ ମହମ୍ମଦ ନଦିମୁଲ ହକ୍ ସରକାରଙ୍କୁ ଏକ ସହଜିଆ ପ୍ରଶ୍ନ ପଚାରିଥିଲେ: ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ଭାରତର ନିର୍ବାଚନ କମିଶନ କିଛି ଉଦ୍‌ବେଗ ପ୍ରକାଶ କରିଥିଲେ ନା ନାହିଁ? ଏହାର ଉତ୍ତରରେ ତତ୍କାଳୀନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପି. ରାଧାକୃଷ୍ଣନ୍ କହିଥିଲେ ଯେ, ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ନିର୍ବାଚନ କମିଶନ କୌଣସି ଉଦ୍‌ବେଗ ପ୍ରକାଶ କରି ନ ଥିଲେ। ଏହି ଉତ୍ତର ଥିଲା ସମ୍ପୂର୍ଣ୍ଣ ମିଛ, ଯାହା ସରକାର ଓ ନିର୍ବାଚନ କମିଶନ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ଏବଂ ସ୍ୱଚ୍ଛତା କର୍ମୀ ବାତ୍ରା ଉପସ୍ଥାପନ କରିଥିବା



S.No-3(I) 47
By Special Messenger
ELECTION COMMISSION OF INDIA
Nirvachan Sadan, Ashoka Road, New Delhi – 110001
No.76/PPEMS/Transparency/2017 | 10
Dated: 26 May, 2017
To
The Secretary,
Legislative Department,
Ministry of Law and Justice,
Shastri Bhawan,
New Delhi.
Subject: Amendments in the Finance Act 2017
Sir,
I am directed to draw your attention to the Finance Act 2017, which has introduced certain amendments in the Income Tax Act, the Representation of the People Act 1951 and the Companies Act, 2013 and will have serious impact on Transparency aspect of political finance/funding of political parties.
2. Representation of the People Act:
2(i) The amendment in Section 29C of the Representation of the People Act, 1951, inserts a new proviso and explanation to sub-section (1), which read as follows-
"Provided that nothing contained in this sub-section shall apply to the contributions received by way of an electoral bond.
Explanation – For the purposes of this sub-section, "electoral bond" means a bond referred to in the Explanation to sub-section (3) of Section 31 of the Reserve Bank of India Act, 1934."
2(ii) It is evident from the Amendment which has been made, that any donation received by a political party through an electoral bond has been taken out of the ambit of reporting under the Contribution Report as prescribed under Section 29C of the Representation of the People Act, 1951 and therefore, this is a retrograde step

ଦଲିଲରୁ ସ୍ପଷ୍ଟ ହୋଇଯାଇଛି। ପାର୍ଲାମେଣ୍ଟରେ ମିଛ କହି ଗୃହକୁ ବିଭ୍ରାନ୍ତ କରିଥିବା ସମ୍ପୃକ୍ତ ମନ୍ତ୍ରୀଙ୍କ ବିରୋଧରେ ହକ୍ ସ୍ୱାଧିକାର ଭଙ୍ଗ ଅଭିଯୋଗ ଆଣିଛନ୍ତି ଏବଂ ଗଣମାଧ୍ୟମରେ ଏହା ଚର୍ଚ୍ଚାକୁ ଆସିଛି। ଉକ୍ତ ସ୍ୱାଧିକାର ଭଙ୍ଗ ଅଭିଯୋଗ ଉପରେ ସରକାରଙ୍କ ପ୍ରତିକ୍ରିୟା ମଧ୍ୟ ସମ୍ପୂର୍ଣ୍ଣ ସାଧୁତାପୂର୍ଣ୍ଣ ନୁହେଁ। ତେବେ ପ୍ରଶ୍ନ ଉଠୁଛି ସରକାର କାହିଁକି ଇସିଙ୍କ ବିରୋଧକୁ ଗୁରୁତ୍ୱ ଦେଲେ ନାହିଁ।

ମେ ୨୦୧୭ରେ ନିର୍ବାଚନ କମିଶନ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ଲେଖିଲେ ଯେ, ଇଲେକ୍ଟୋରାଲ ବଣ୍ଡ ରାଜନୈତିକ ଦଳଗୁଡ଼ିକୁ ବିଦେଶୀ ସୂତ୍ରରୁ ପାଉଥିବା ବେଆଇନ ଦାନକୁ ଲୁଚେଇବାରେ ସାହାଯ୍ୟ କରିବ। ସନ୍ଦେହଜନକ ଦାତାମାନେ ଶେଲ୍ କମ୍ପାନୀମାନ ଗଠନ କରି ରାଜନୈତିକ ଦଳଗୁଡ଼ିକୁ କଳାଟଙ୍କା ଦାନ କରିପାରିବେ ଅଥଚ ଧରାପଡ଼ିବେ ନାହିଁ। ତେଣୁ ଏସବୁ କାରବାରରେ ସ୍ୱଚ୍ଛତା ରହିବ ନାହିଁ। ନିର୍ବାଚନ କମିଶନଙ୍କ ଏହି ଉଦ୍‌ବେଗର ଉତ୍ତର ନ ଦେଇ ଅର୍ଥମନ୍ତ୍ରୀ ଜେଟ୍‌ଲୀ ଇଲେକ୍ଟୋରାଲ ବଣ୍ଡର ଅନ୍ତିମ ରୂପରେଖ ପ୍ରସ୍ତୁତ କରିବା ପାଇଁ ନିର୍ବାଚନ କମିଶନ ଓ ଆର୍‌ବିଆଇ ସହ ଏକ ମିଳିତ ବୈଠକ ଡକାଇଲେ। ଜୁଲାଇ ୧୯, ୨୦୧୭ରେ ଉକ୍ତ ବୈଠକ ଅନୁଷ୍ଠିତ ହେଲା, ଯେଉଁଥିରେ ନିର୍ବାଚନ କମିଶନ୍‌ର ଦୁଇଜଣ ଅଧିକାରୀ ଯୋଗ ଦେଇଥିଲେ। ପରେ ଅର୍ଥ ସଚିବ ଏସ୍.ସି. ଗର୍ଗ ତାଙ୍କ ଦଲିଲରେ ଲେଖିଲେ ଯେ, ରାଜନୈତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ରେକର୍ଡ ଅନୁସାରେ ଏଥିରେ ନିର୍ବାଚନ କମିଶନ ତଥାପି ସନ୍ତୁଷ୍ଟ ହୋଇ ନ ଥିଲେ। ଗର୍ଗ ତାଙ୍କ ନୋଟ୍‌ରେ ଲେଖିଛନ୍ତି ଯେ, ସେ କମିଶନଙ୍କୁ କହିଛନ୍ତି– କମ୍ପାନୀମାନେ ଇଲେକ୍ଟୋରାଲ ବଣ୍ଡ କିଣିବା ବେଳେ ଉକ୍ତ ଟଙ୍କାର ଉତ୍ସ ଓ ଦାନ ପରିମାଣ ସମ୍ପର୍କରେ ତାଙ୍କ ହିସାବ ଖାତାରେ ଲେଖିବେ, ଯାହା ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରିବାରେ ସାହାଯ୍ୟ କରିବ। ଏହା ମିଛ, କାରଣ କମ୍ପାନୀମାନେ କାହାକୁ ବଣ୍ଡ ଦେଲେ ତାହା ତାଙ୍କ ଆୟବ୍ୟୟ ହିସାବ ଖାତା ଓ ବାଲାନ୍ସ ଶୀଟ୍‌ରେ ଲେଖିବା ବାଧ୍ୟତାମୂଳକ ନୁହେଁ। ସେମାନେ କେବଳ ମୋଟ ଲାଭକ୍ଷତିର ହିସାବ ଓ ବାଲାନ୍ସ ଶୀଟ୍ ସରକାରଙ୍କୁ ଦେଇଥାନ୍ତି, ଯାହା ସର୍ବସାଧାରଣ ଦେଖିପାରିବେ। ଗର୍ଗ ଲେଖିଛନ୍ତି ଯେ, ଦାନକୁ ବେନାମୀ କରାଯିବା ଫଳରେ ଦାତାମାନଙ୍କୁ ଦାନ କରିବା ଲାଗି ଅଧିକ ସ୍ୱାଧୀନତା ମିଳିବ। ଗର୍ଗଙ୍କ ଗୋପନୀୟ ନୋଟ୍‌ରୁ ସ୍ପଷ୍ଟ ହେଉଛି ଯେ, ଏହାଦ୍ୱାରା ଶେଲ୍ କମ୍ପାନୀଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ କଳାଟଙ୍କା ଦାନ ଆକାରରେ ଦେବାରେ ସୁବିଧା ହେବ। ଏଥିରୁ କମିଶନ ଅଧିକ ସ୍ୱଚ୍ଛତା ରକ୍ଷା ପାଇଁ ପ୍ରସ୍ତାବରେ ଆଉ କିଛି ପରିବର୍ତ୍ତନ ଚାହୁଁଥିବା ସ୍ପଷ୍ଟ ହୋଇଯାଇଛି। ତା' ସତ୍ତ୍ୱେ ଇଲେକ୍ଟୋରାଲ ବଣ୍ଡ ରାଜନୈତିକ ଦାନ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବ ବୋଲି କମିଶନ ବୁଝିଯାଇଛନ୍ତି ବୋଲି ଗର୍ଗ କହିବା ସତ୍ୟର ଅପଳାପ ମାତ୍ର। ସରକାରଙ୍କ ଚିଠା ପ୍ରସ୍ତାବରେ କେତେକ ପରିବର୍ତ୍ତନ ଆଣିବା ପାଇଁ କମିଶନ ୨୦୧୮ ଅକ୍ଟୋବର ପର୍ଯ୍ୟନ୍ତ କହିଆସିଥିଲେ ମଧ୍ୟ ସରକାର ତାହାକୁ ଅଣଦେଖା କରିଛନ୍ତି। ସୁତରାଂ ରାଧାକୃଷ୍ଣନ୍ ଗୃହକୁ ମିଛ କରି ବିଭ୍ରାନ୍ତ କରିଛନ୍ତି ଏବଂ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ଅଭିଯୋଗ ଅଣାଯିବା ଯୁକ୍ତିଯୁକ୍ତ।

ମୋ–୯୮୧୧୬୨୯୯୨୨,
moruoak00@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆରେ ଅନାବଶ୍ୟକ ହିନ୍ଦୀ ଶବ୍ଦର ବ୍ୟବହାର

ମହାଶୟ,

ଏବେ ଗଣମାଧ୍ୟମରେ ଅନେକ ହିନ୍ଦୀ ଶବ୍ଦ ଓଡିଆ ଭାଷାରେ ବ୍ୟବହାର କରାଯାଉଛି, ଯାହା ଶ୍ରୁତିକଟୁ ହେଉଛି। ଏଇ ହିନ୍ଦୀ ଶବ୍ଦମାନଙ୍କର ଓଡ଼ିଆ ପ୍ରତିଶବ୍ଦ ଆମ ଶବ୍ଦଭଣ୍ଡାରରେ ଯଥେଷ୍ଟ ପରିମାଣରେ ଅଛି। ଉଦାହରଣସ୍ୱରୂପ ଅଧୁରା, ତରିକା, ମାହିର, ମୁଦ୍ଦା, ମାହୋଲ ଇତ୍ୟାଦି। ଉପରୋକ୍ତ ଶବ୍ଦ ପରିବର୍ତ୍ତେ ଅସମ୍ପୂର୍ଣ୍ଣ, ଉପାୟ, ଅଭିଜ୍ଞ/ପ୍ରବୀଣ, ବିଷୟ, ପରିବେଶ ଭଳି ସୁନ୍ଦର ଓଡ଼ିଆ ଶବ୍ଦମାନ ବ୍ୟବହାର କଲେ କ'ଣ ଅସୁବିଧା ହୁଅନ୍ତା। ଏହା କହିବାର ଅର୍ଥ ନୁହେଁ ଯେ ସାଇକେଲ ପରିବର୍ତ୍ତେ ଶୂନଗାଡି, ଟେବୁଲ ବଦଳରେ ମେଜ କିମ୍ବା ମୋବାଇଲ ପରିବର୍ତ୍ତେ ଭ୍ରାମ୍ୟମାଣ କାନକୁହା ଯନ୍ତ୍ର ଭଳି ଶବ୍ଦ ବ୍ୟବହାର କରିବା। ତେଣୁ ଖବରକାଗଜ, ପତ୍ରପତ୍ରିକା, ଟେଲିଭିଜନ ସଞ୍ଚାଳକ, ଲେଖକ, ବକ୍ତା, ସ୍ତମ୍ଭକାର ଏବଂ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁଥିବା ପ୍ରତ୍ୟେକ ଓଡ଼ିଆ ଶୁଦ୍ଧ ଓଡ଼ିଆ ଶବ୍ଦ ବ୍ୟବହାର କରନ୍ତୁ। ଓଡ଼ିଆ ଭାଷାର ବିନାଶକୁ ରୋକନ୍ତୁ।

ପ୍ରତାପ ନାୟକ, ଏମ୍‌ଆଇଜି–୭୫, କଳିଙ୍ଗ ବିହାର, ପାତ୍ରପଡା, ଭୁବନେଶ୍ୱର

### ପାକିସ୍ତାନ ପାଇଁ ମରଣଘଣ୍ଟି

ପାକିସ୍ତାନ ଅଧିକୃତ କଶ୍ମୀର, ବେଲୁଚିସ୍ତାନ ଓ ସିନ୍ଧୁ ପ୍ରଦେଶରେ ବେଳକୁ ବେଳ ପାକିସ୍ତାନବିରୋଧୀ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ବେଶି ହେଉଛି ପିଓକେରେ। ଏହା ପାକିସ୍ତାନ ପାଇଁ ମରଣଘଣ୍ଟି ନୁହେଁ ତ? ଲୋକମାନେ ଖୋଲାଖୋଲି ଭାବେ ରାସ୍ତା ଉପରକୁ ଚାଲିଆସି ପାକିସ୍ତାନ ବିରୋଧରେ ଆନ୍ଦୋଳନ କରୁଛନ୍ତି। ସୈନ୍ୟବାହିନୀ ଆନ୍ଦୋଳନକାରୀଙ୍କୁ କଠୋର ଭାବରେ ଦମନ କରି ଖୋଲାଖୋଲି ମାନବିକ ଅଧିକାରର ଉଲ୍ଲଂଘନ କରୁଛି, ଯାହାକି ଜନଅସନ୍ତୋଷର ପ୍ରଧାନ କାରଣ ହୋଇପଡିଛି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବନ କୋଳେ ଶୁଭେ ହିଂସ୍ର ପଶୁର ନାଦ
ଛୁଟଇ ସାହସ, ଥକିଯାଏ ତା'ର ପାଦ
ପାହାଡ଼ ସେ ପାଖୁଁ କେତେ ସୁକୋମଳ ଗୀର
କାନେ ଆସେ ଅବା ନ ପାରେ ହୋଇ ସେ ଥିର।
କୁଟିର ଦୁଆରେ ପରଦିନ ପରଭାତେ
ସେହି ପାହାଡକୁ ଚାହିଁ ପୁଣି ମନ ମାତେ।
ଲଙ୍ଘିଲା କେତେ ଜୀବନେ ଏସନ ଗିରି
ଶତ ସଙ୍କଟ ଅନ୍ତର ଗଲା ଚିରି!
ଗତ ସନ୍ଧ୍ୟାର ସ୍ପନ୍ଦନ ପୁଣି ଲୋଡେ!
ଲଭିଥିଲା ଯାହା ପାହାଡ଼ ଉଠାଣି ମୋଡ଼େ!
(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
-ସକ୍ରେଟିସ୍



## ସଂକ୍ଷେପରେ

### ଦୁର୍ବୃତ୍ତଙ୍କ ଆକ୍ରମଣରେ ଗହଣା ବ୍ୟବସାୟୀ ଗୁରୁତର

**ରାଉରକେଲା ଅଫିସ, ୨୦।୧୧:** ରାଉରକେଲା ସେକ୍ଟର-୧୯ରେ ଗହଣା ଦୋକାନ କରିଥିବା ବ୍ୟବସାୟୀ ପ୍ରସାଦ ଜୁଏଲାରୀର ମାଲିକ ବିନାୟକ ପ୍ରସାଦଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ବିନାୟକଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିନାୟକ ସବୁଦିନ ଭଳି ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ସେକ୍ଟର -୧୯ରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ପରେ ଘରୁ ବାହାରି ରାଉରକେଲାରୁ ଆସୁଛି ବୋଲି ପରିବାର ଲୋକଙ୍କୁ କହିବା ସହ କାର ଧରି ଘରୁ ବାହାରିଥିଲେ। ତେବେ ଗଞ୍ଜାମ ବସ୍ତି ଟ୍ରାଫିକ ଗେଟ ନିକଟରେ କେତେକ ଦୁର୍ବୃତ୍ତ ବିନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଣସି ପରିଚିତ ବ୍ୟକ୍ତି ବିନାୟକଙ୍କୁ କାର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏ ନେଇ ବିନାୟକଙ୍କ ସମ୍ପର୍କୀୟ ଦିବାକର ପ୍ରସାଦ ପ୍ଲାଣ୍ଟସାଇଟ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

ସୁରେନ୍ଦ୍ର ମେମୋରିଆଲ ଫୁଟବଲ

# ଲୋଇସିଂହାକୁ ଟାଇଟଲ

**ଦେଓଗାଁ, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପଞ୍ଚମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲଓଡିଶା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଇଲେଭେନଷ୍ଟାର ସମ୍ବଲପୁର ଓ ଏପିଜେ ଅବଦୁଲ କାଲାମ ଲୋଇସିଂହା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ସମ୍ବଲପୁର ଦଳ ପକ୍ଷରୁ ଗଣେଷ ମୁଣ୍ଡା ଗୋଲ ଦେଇଥିଲେ । ଖେଳର ଦ୍ୱିତୀୟାର୍ଦ୍ଧରେ ଲୋଇସିଂହା ତରଫରୁ ସୁଶାନ୍ତ ଓରାମ ଗୋଲଦେଇ ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଲୋଇସିଂହା ବିଜୟୀ ହୋଇଥିଲା। ସମ୍ବଲପୁର ଦଳର ସୀତାରାମ ଓରାମଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଲୋଇସିଂହାର କିଶୋର ନାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଲୋଇସିଂହା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଏ ଅବସରରେ ବରିଷ୍ଠ ଫୁଟବଲ ଖେଳାଳି ଅଶୋକ ଦଣ୍ଡସେନା ଓ କହ୍ନେଇ ପରଧିଆ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖେଳକୁ ଶ୍ରୀବତ୍ସ ମେହେର, କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, କୈଳାସ କର୍ତ୍ତି, ଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ । ପରିଚାଳନା କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ଓ ପ୍ରମୋଦ କୁମାର ବହିଦାରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ରୀନା ମେହେର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ୧୫ ହଜାର ଅର୍ଥ ରାଶି ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ଫାଇନାଲ ଖେଳ ପୂର୍ବରୁ ଭୁବନେଶ୍ୱର ଓ ବରଗଡ ମହିଳା ଫୁଟବଲ ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଅମୀମାଂସିତ ରହିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ଜରାସିଂହା ପ୍ୟାକ୍ସ ନିର୍ଦ୍ଦେଶିକା ଯଶୋଦା ମେହେର ପ୍ରମୁଖ ଯୋଗଦେଇଥିଲେ । ଟୁର୍ନାମେଣ୍ଟକୁ କୋଷାଧ୍ୟକ୍ଷ ଲିଲୁ ସିଂ ତଥା ବିଏନଏଏ ସଦସ୍ୟମାନେ ସହଯୋଗ କରିଥିଲେ।

# ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସାଂସ୍କୃତିକ କମିଟି ବୈଠକ

**ବଲାଙ୍ଗୀର ଅଫିସ,୨୦।୧୧**

ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ପ୍ଲାଟିନିୟମ ଜୁବିଲି ସାଂସ୍କୃତିକ କମିଟି ବୈଠକ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଛି । ବୈଠକରେ ଆଲୁମ୍ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ ଓ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ ଯୁଗ୍ମ ଭାବେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଡିସେମ୍ବର ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ହେବାକୁ ଥିବା ପ୍ଲାଟିନିୟମ ଜୁବୁଲି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ବ୍ୟାପକ ଆଲୋଚନା ହୋଇଥିଲା । ଆସନ୍ତା ୨୪ ତାରିଖରେ ଅପରାହ୍ଣ ସାଢ଼େ ୫ଟାରେ ସାଂସ୍କୃତିକ କମିଟି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସ୍ତାବଗୁଡ଼ିକର ଚୂଡ଼ାନ୍ତ ରୂପ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ନେଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ସାହୁ, ଅଶୋକ କୁମାର ମିଶ୍ର, ହିମାଂଶୁ ଶେଖର ଖମାରୀ, ସୁରେଶ ଚନ୍ଦ୍ର ସାହୁ, ଜ୍ୟୋତି ରଞ୍ଜନ ବେଦ୍‌ବାକ୍, ଲଳିତ ପୂଝାରୀ, ନବଘନ ଦାଶ, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ହରିନାରାୟଣ ପୂଝାରୀ, କପିଳେଶ୍ୱର ଖମାରୀ, ସନ୍ଦୀପ କୁମାର ବାଗ, ଅଚ୍ୟୁତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷରେ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ପ୍ଲାଟିନମ ଜୁବୁଲି ସାଂସ୍କୃତିକ କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇ ସୁଲକ୍ଷଣୀ ହୋଇଥା**
**ମଥାରେ ସିନ୍ଦୂର ନାଇଥା ।**

ସ୍ତ୍ରୀ ସଧବା ରହିବା ହିନ୍ଦୁ ସମାଜରେ ଅତି ପୁଣ୍ୟର ଲକ୍ଷଣ ବା ସୌଭାଗ୍ୟର କଥା ହୋଇଥାଏ। ସେ ବଞ୍ଚିଥିବା ପର୍ଯ୍ୟନ୍ତ ସ୍ୱାମୀ ଜୀବିତ ଥିଲେ ଅଇ ସୁଲକ୍ଷଣୀ ବୋଲି କୁହାଯାଏ। ଏହା ସ୍ତ୍ରୀମାନଙ୍କ ପ୍ରତି ଆଶୀର୍ବାଦ ବାଣୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ନଡ଼ବଡ଼ ବାଉଁଶ କଣି**
**କେମିତି କାଢ଼ିବୁ ବାମ୍ଫିରୁ ପାଣି ?**

ବାମ୍ଫିରୁ ପାଣି କାଢ଼ିବାରେ ବହୁ ଶାରୀରିକ ଶ୍ରମ ଲୋଡ଼ା ପଡ଼ିଥାଏ। ଯାହାର ଶରୀର ରୁଗ୍ଣ, କ୍ଷୀଣ ତା'ପକ୍ଷେ ଏତେ ଗହୀରରୁ ପାଣି କାଢ଼ିବା ଖୁବ୍ କାଠିକର ପାଠ ହୋଇଥିବା ସ୍ଥଳେ ଦୁର୍ବଳ ମହିଳାଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

# କେନ୍ଦ୍ରୀୟ ଆଧାରରେ ଦରମା ଦିଅ

**ବଲାଙ୍ଗୀର ଅଫିସ, ୨୦।୧୧**

ବଲାଙ୍ଗୀର ଜିଲା ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ରାଜ୍ୟପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ଅମରେନ୍ଦ୍ର କୁମାର ବାଗ ଓ ସାଧାରଣ ସମ୍ପାଦକ ଦେବାଶିଷ ସାହୁଙ୍କ ନେତୃତ୍ୱରେ ଶତାଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏକ ରାଲିରେ ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କ ଦରମା ବିସଙ୍ଗତିକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକମାନେ ଯଥାକ୍ରମେ ୭୪୦୦ ଓ ୯୨୦୦ ଟଙ୍କା ଦରମା ପାଉଥିବାବେଳେ ଏତେ କମ୍ ଟଙ୍କାରେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇଥିଲେ । ରାଜ୍ୟରେ ୪୦ ହଜାର କନିଷ୍ଠ ଶିକ୍ଷକ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ଦରମାକୁ ନେଇ ସେମାନେ ଘୋର ମାନସିକ ଚିନ୍ତାରେ ପଡିଛନ୍ତି ବୋଲି କହିଥିଲେ । ମାନସିକ ଚାପ କାରଣରୁ ସେମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରୁନାହାନ୍ତି । ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା କଥା କହୁଥିବାବେଳେ ଏଭଳି ପରିସ୍ଥିତିରେ ଏହା ପ୍ରହସନ ମନେ ହେଉଛି ବୋଲି କହିଥିଲେ। ପରୀକ୍ଷା ସମୟରେ ସରକାର ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ପାରୁ ନ ଥିବାବେଳେ ଶିକ୍ଷକଙ୍କୁ ଦରମା ଦେଇପାରୁ ନାହାନ୍ତି । ଏଭଳି ସ୍ଥିତିରେ ଗୁଣାତ୍ମକ ଶିକ୍ଷା କଥା କହିବା ହାସ୍ୟାସ୍ପଦ ବୋଲି ସେମାନେ କହିଥିଲେ। ଶିକ୍ଷକଙ୍କ ଆର୍ଥିକ ସମସ୍ୟାର ସମାଧାନ କରି ଗୁଣାତ୍ମକ ଶିକ୍ଷା କଥା କହିବା ବିଚିତ୍ର ବୋଲି ଶିକ୍ଷକମାନେ ତାଚ୍ଛଲ୍ୟ କରି ଆପଣମାନେ ଖୁସି ତ ନାରା ଦେଇଥିଲେ । ଏହି ଆନ୍ଦୋଳନକୁ ଅଲ୍ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ପକ୍ଷରୁ ସମର୍ଥନ କରାଯାଇଥିଲା। ଏଥିରେ ଏଆଇଡିଏସ୍‌ଓର ସୁନୀଲ ଭୋଇ, ଲକ୍ଷ୍ମୀଧର ସାମଲ, ରାଜେନ୍ଦ୍ର ରଣା ଓ ଅନ୍ୟମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଜିଲା କନିଷ୍ଠ ଶିକ୍ଷକ ସଂଘ ସଦସ୍ୟମାନେ ସେମାନଙ୍କ ବହୁ ଅସୁବିଧା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ରୀୟ ଆଧାରରେ ଦରମା ଦେବାକୁ ସେମାନେ ଦାବି କରିଥିଲେ । ଏହି ଆନ୍ଦୋଳନରେ ଜିଲାର ବହୁ କନିଷ୍ଠ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ ସାମିଲ ହୋଇଥିଲେ।




ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ଗଛରେ ପିଟିହେଲା ବସ୍: ୧୫ ଆହତ

**ସଜନାଗଡ଼,୨୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବରହମ୍ପୁର ଥାନା ଅଧୀନ ୧୯ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ତେଲିପାଳ ଆଶ୍ରମ ନିକଟରେ ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ଅତିକ୍ରମ କଲା ବେଳେ ବସ୍‌ରେ ଟ୍ରକ ଡାଲା ବାଜିବାରୁ ଏହା ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଯାଇଥିଲା। ଏଥିରେ ୧୫ ଯାତ୍ରୀ ଆହତ ହୋଇଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ବରହମ୍ପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ପୋଲିସ ସୂଚନା ଅନୁଯାୟୀ, ସାହୁ ଆଣ୍ଡ ସାହୁ ନାମକ ଯାତ୍ରୀବାହୀ ବସ୍ (ଓଡି୦୧ଏଲ୍-୪୪୪୫) ବାଲେଶ୍ୱରରୁ ଯାତ୍ରୀ ନେଇ ଉଦଳା ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଅନ୍ୟପାର୍ଶ୍ୱରୁ ଆସୁଥିବା ମାଲବାହୀ ଟ୍ରକ୍ ନମ୍ବର ଓଆର୍୦୧ଆର୍-୦୯୪୫। ବସ୍‌ରେ ପ୍ରାୟ ୬୦ରୁ ଅଧିକ ଯାତ୍ରୀ ଥିଲେ। ଆହତ ୧୫ ଯାତ୍ରୀଙ୍କୁ ବରହମପୁର ଓ ନୀଳଗିରି ମେଡ଼ିକାଲରେ ଚିକିତ୍ସା କରାଯାଇ ପରେ ଗୁରୁତର ଯାତ୍ରୀଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟ ବସ୍ ଓ ଟ୍ରକ୍ ଜବତ ହୋଇଛି। ବସ୍ ଓ ଟ୍ରକର କାଗଜପତ୍ର ଯାଞ୍ଚ ଚାଲିଛି। ଏହି ରାସ୍ତାରେ ଚଳାଚଳ ଲାଗି ପରମିଟ୍ ପାଇଥିବା ବସ୍‌ର ମରାମତି ଚାଲିଥିବାରୁ ଏହା ସ୍ଥାନରେ ରିଜର୍ଭ ଥିବା ଅନ୍ୟ ଏକ ବସ୍ କିଛିଦିନ ଧରି ଚାଲୁଥିଲା ବୋଲି ଜଣାପଡିବାରୁ ଏ ନେଇ ଅଧିକ ତଦନ୍ତ କରାଯାଉଛି। ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ବା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI
Career appointment
Every Wednesday and Saturday

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକ୍କୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକ୍କୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
Ujjivan ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS

ବୃଦ୍ଧାଶ୍ରମରେ ରହିବା ପାଇଁ ଯୋଗାଯୋଗ
ମାଗଣାରେ ଖାଇବା, ରହିବା, ବସ୍ତ୍ର ଓ ଔଷଧ ଦିଆଯିବା ସ୍ଥାନ – ଖୋର୍ଦ୍ଧା ଟାଉନ୍, ଯୋଗାଯୋଗ –
9090415586, 9090570986
ମହିଳାମାନଙ୍କ ପାଇଁ "ନିଶା ନିବାରଣ କେନ୍ଦ୍ର", ଭୁବନେଶ୍ୱର
ଯୋଗାଯୋଗ –
9090415586, 6372108102
Geriatric Welfare Charitable Trust

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929



"ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।
- ମେରି ଆଣ୍ଟିନ



## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ବାନ୍ଧ ଦିବସ

**ସମ୍ବଲପୁର, ୨୦।୧୧ (ବ୍ୟୁରୋ)-** ବାନ୍ଧ କଳାର ଶିଳ୍ପୀ ତଥା ସ୍ୱାଧୀନତା ସଂଗ୍ରାମୀ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀ ବୁଧବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାନ୍ଧ ଦିବସ ମଧ୍ୟ ପାଳନ କରାଯାଇଛି। ଶିବ ପ୍ରସାଦ ମେହେରଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା । ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସହରର ଏକ ମୁଖ୍ୟ ଛକକୁ ରାଧାଶ୍ୟାମଙ୍କ ନାମରେ ନାମିତ କରି ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମତବ୍ୟକ୍ତ କରିଥିଲେ । ସ୍ମୃତି ସମିତି ସମ୍ପାଦକ ବିକ୍ରମ କୁମାର ମେହେର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଡ. ସୁବାଷ ମେହେର ସମ୍ମାନୀତ ଅତିଥି ଓ ନମିତା ପ୍ରଧାନ ମୁଖ୍ୟବକ୍ତା ଥିଲେ । ରମାକାନ୍ତ ମେହେର, ସ୍ନେହଲତା ମେହେର, ଡ. ଜୟଦେବ ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଚାଷୀଙ୍କ ଇନ୍‌ପୁଟ ସବ୍‌ସିଡି ଅନ୍ୟ ଜଣଙ୍କ ଖାତାରେ

# ଇନପୁଟ ସବ୍‌ସିଡି ପ୍ରଦାନରେ ଅନିୟମିତତା

**ବାମରା,୨୦।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକରେ ଗତ କିଛି ବର୍ଷ ହେବ ଲଗାତାର ଭାବେ ବିଭିନ୍ନ କାରଣରୁ ଫସଲ ଉଜୁଡି ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିବା ବେଳେ ସ୍ଥାନୀୟ ପ୍ରଶାସନଙ୍କ ଖାମଖିଆଲ କାର୍ଯ୍ୟକଳାପ ଯୋଗୁ ଇନପୁଟ ସବସିଡି ରାଶି ପ୍ରଦାନରେ ଘୋର ଅନିୟମିତତା ଦେଖାଯାଇଛି । ଏଥିରେ ଚାଷୀଙ୍କୁ ସିଧାସଳଖ କ୍ଷତି ସହିବାକୁ ପଡୁଛି ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ଗତ ୨୦୧୮-୧୯ ଖରିଫ ଋତୁରେ ବାମରା ବ୍ଲକରେ ହୋଇଥିବା ଧାନ ଫସଲ ନଷ୍ଟ ବାବଦକୁ ପ୍ରାୟ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ବାବଦକୁ ପୈଠ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଇତି ମଧ୍ୟରେ ବାମରା ତହସିଲ ଅଫିସ ପକ୍ଷରୁ ଉକ୍ତ ରାଶି ପୈଠ ପାଇଁ ଉଦ୍ୟମ କରାଯାଇଛି । ମାତ୍ର ସେଥି ମଧ୍ୟରୁ ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କ ଆକାଉଣ୍ଟରେ ନ ପଡି ଅନ୍ୟାନ୍ୟ ଲୋକଙ୍କ ନାମରେ ଜମା ହୋଇଥିବା ଜଣାପଡିଛି । ବ୍ଲକର ଡୁରେଇ ପଞ୍ଚାୟତ ଡମାମୁଣ୍ଡା ଗ୍ରାମରେ ଏହିଭଳି ତ୍ରୁଟି ହୋଇଥିବା ପ୍ରଥମେ ନଜରକୁ ଆସିଥିଲା। ଏ ନେଇ ଚାଷୀ ନେତା ଦାଶରଥି ଧୁରୁଆ ପ୍ରଥମେ ବାମରା ତହସିଲଦାର ଅନୀଲ କୁଲୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡମାମୁଣ୍ଡା ଗ୍ରାମର ପ୍ରାୟ ୪୨ ଜଣ ଚାଷୀଙ୍କ ଏହିଭଳି ତ୍ରୁଟି ହୋଇଥିବା ବେଳେ ତହସିଲଦାର ଅନୀଲ କୁମାର କୁଲୁ ଏନେଇ ପ୍ରୟାସ ଆରମ୍ଭ କରିଛନ୍ତି । ଘଟଣାକୁ ନେଇ ରାଜସ୍ୱ ବିଭାଗ, କୃଷି ବିଭାଗ ଓ ବ୍ୟାଙ୍କିଙ୍ଗ ସଂସ୍ଥା ମଧ୍ୟରେ ଛକାପଞ୍ଝା ଜାରି ରହିଛି । ତ୍ରୁଟି ବିଚ୍ୟୁତକୁ ନେଇ କାହାରି ପାଖରେ କୌଣସି ଠିକ ଉତ୍ତର ମିଳି ନ ଥିବା ବେଳେ ଭୁଲବଶତଃ ଯାହା ଆକାଉଣ୍ଟରେ ଟଙ୍କା ପଡିଛି, ସେହି ଆକାଉଣ୍ଟକୁ ହୋଲ୍ଡ କରି ପ୍ରକୃତ ହିତାଧିକାରୀଙ୍କ ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପଟେ ବାମରା ସହକାରୀ କୃଷି ଅଧିକାରୀ ଦେବାନନ୍ଦ ସାହୁଙ୍କୁ ପଚାରିବାରୁ, ମୋ ପାଖରେ ଠିକ ସୂଚନା କିଛି ନାହିଁ, ଇନପୁଟ ସବସିଡି ପ୍ରଦାନ ବୃତ୍ତାନ୍ତ ରିପୋର୍ଟ ରାଜସ୍ୱ ବିଭାଗ ହିଁ କରିଥାଏ ବୋଲି କହି ନିଜ ଉପରେ ଦୋଷ ଛଡାଇ ଦେଇଛନ୍ତି । ବ୍ୟାଙ୍କିଙ୍ଗ ସଂସ୍ଥା ସହ ଯୋଗାଯୋଗ ହୋଇପାରି ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଇନପୁଟ ସବସିଡି ପ୍ରଦାନରେ ଅନିୟମିତତାକୁ ନେଇ ଗତ ୨ ଦିନ ତଳେ ଡମାମୁଣ୍ଡା ଗ୍ରାମର ପ୍ରାୟ ୪୦ଜଣ ଚାଷୀଙ୍କୁ ନେଇ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ସଭା କରାଯାଇଥିଲା । ଏଥିରେ ତହସିଲଦାର ପହଞ୍ଚି ଅତିଶୀଘ୍ର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।



ଇନ୍‌ପୁଟ ସବସିଡି ରାଶି ପ୍ରଦାନ ଅନିୟମିତତା ନେଇ ଅଭିଯୋଗ କରାଯାଉଛି ।

- ଅନିଶ୍ଚିତତା ମଧ୍ୟରେ ଚାଷୀ
- ଦୋଷ ମୁଣ୍ଡାଇବାକୁ କେହି ରାଜି ନାହାନ୍ତି



କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଭିଡ଼ ଜମିଛି ।

## ଡ୍ରାଇଭିଂ ଲାଇସନ୍ସ ପାଇଁ ପ୍ରବଳ ଭିଡ଼

**କୁଚିଣ୍ଡା,୨୦।୧୧(ଡି.ଏନ.ଏ.)**

ସରକାର ଆଗାମୀ ଡିସେମ୍ବର ପହିଲାରୁ ଗାଡି ଚାଳକଙ୍କ ପାଇଁ କଡାକଡି ନିୟମ ଲାଗୁ କରିବାକୁ ଯାଉଛନ୍ତି । ସରକାରଙ୍କ ପକ୍ଷରୁ କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ୧୯ ରୁ ୨୧ ତାରିଖ ୩ ଦିନ ଧରି ଜିଲା ପ୍ରଶାସନ ସହାୟତାରେ କ୍ୟାମ୍ପ କରି ଗାଡି ଚାଳକଙ୍କୁ ସୁବିଧାରେ ଲାର୍ନିଂ ଲାଇସେନ୍ସ ପ୍ରଦାନ କରିବା ପାଇଁ ସୁବିଧା କରାଯାଇଛି। ଏଥିପାଇଁ ବ୍ୟକ୍ତିମାନେ ଏହି କ୍ୟାମ୍ପକୁ ଆସି ନିଜ ଲାଇସେନ୍ସ ପାଇଁ ଆବେଦନ ସହ ପରୀକ୍ଷା କରାଯାଇ କୃତକାର୍ଯ୍ୟ ବ୍ୟକ୍ତିଙ୍କ ଲାର୍ନିଂ ଲାଇସେନ୍ସ ପ୍ରଦାନ ପାଇଁ ଚିହ୍ନଟ କରାଯାଉଛି । ଅଞ୍ଚଳର ବହୁ ବ୍ୟକ୍ତି ଏଥିପାଇଁ ଗତ ମାସରୁ ଅନଲାଇନ ଆବେଦନ କରିଥିଲେ ହେଁ ସେମାନଙ୍କ ଆବେଦନକୁ ସ୍ଲାଇଡର୍ ହୋଇ ନ ଥିବାରୁ ଉକ୍ତ ବ୍ୟକ୍ତିମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ଦେଖିବାକୁ ମିଳିଥିଲା । ଏ ନେଇ କୁଚିଣ୍ଡା ପ୍ରଶାସନର କିଛି ବ୍ୟକ୍ତି ଆଶ୍ରୟ ନେବାରୁ ପ୍ରଶାସନ ଆରଟିଓଙ୍କ ମଧ୍ୟରେ ବାର୍ତ୍ତାଳାପ ପରେ ଅନେକ ବ୍ୟକ୍ତି ସେମାନଙ୍କ ଲାଇସନ୍ସ ପାଇବା ପାଇଁ ପରୀକ୍ଷା ଦେଇଥିଲେ। ଏଥିପାଇଁ ବୁଧବାର ୪୯ ନମ୍ବର ଜାତୀୟ ରାଜପଥରୁ ବ୍ଲକ ପର୍ଯ୍ୟନ୍ତ ଯାନବାହାନ ସହ ଲୋକାରଣ୍ୟ ହୋଇ ଉଠିଥିଲା । ଅଞ୍ଚଳରେ ଆହୁରି ଅନେକ ବିନା ଲାଇସେନ୍ସଧାରୀ ମଧ୍ୟ ରହିଛନ୍ତି । ଏଣୁ ଅଞ୍ଚଳର ସମସ୍ତଙ୍କ ଲାଇସେନ୍ସ ହେବାକୁ ହେଲେ ଆହୁରି କିଛି ଦିନ ସମୟ ଦରକାର। ଏଣୁ ଏହି କ୍ୟାମ୍ପରୁ ଆଉ କିଛି ଦିନ ବଢ଼ାଇବାକୁ ଜନସାଧାରଣ ଦାବି କରନ୍ତି ।



ଟ୍ରଫି ସହ ଖେଳାଳିମାନେ।

### ସୁପର ସିକ୍ସ କ୍ରିକେଟ ଟୁର୍ନାମେଣ୍ଟ

## ନାକଟିଦେଉଳ ଚାମ୍ପିୟନ

**ନାକଟିଦେଉଳ,୨୦।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ଗ୍ରାମରେ ସ୍ଥାନୀୟ ସ୍କୁଲ ଖେଳ ପଡ଼ିଆଠାରେ ବୁଧୁବାର ଏକ ଦ୍ୱିବସୀୟ ନେହେରୁ କପ ସୁପର ସିକ୍ସ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ନାକଟିଦେଉଳ ଏବଂ ଡୁଙ୍ଗାମାଳ ମଧ୍ୟରେ ହୋଇଥିଲା । ଡୁଙ୍ଗାମାଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ଟି ଉଇକେଟ ହରାଇ ୩୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ନାକଟିଦେଉଳ ଦଳ ୩ ଓଭରରେ ୨ଟି ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ସତ୍ୟରଞ୍ଜନ ପ୍ରଧାନ ଏବଂ ପୁନୁ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ସାଗର କୁମାର ସାହୁ ଏବଂ ସୁନୀଲ କୁମାର ମାଝି ଅତିଥି ଭାବେ ଯୋଗଦେଇ ବିଜେତା ନାକଟିଦେଉଳ ଏବଂ ଉପବିଜେତା ଡୁଙ୍ଗାମାଳ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ତରଣୀ ଦେହୁରୀ, ଲେପନ ଦେହୁରୀ, ଦିକୁନ ପ୍ରଧାନ ଏବଂ ରିଙ୍କୁନ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିଲେ ।

### ବାମରା: ଟୋକନ୍ ବ୍ୟବସ୍ଥାକୁ ବିରୋଧ

## ଚାଷୀ ସଂଘର ବୈଠକ ବର୍ଜନ

**ବାମରା,୨୦।୧୧(ଡି.ଏନ.ଏ.)**

ରାଜ୍ୟ ସରକାର ଧାନ ସଂଗ୍ରହରେ ଚଳିତବର୍ଷ ଟୋକନ ବ୍ୟବସ୍ଥା ଲାଗୁ କରିଛନ୍ତି । ଏହାକୁ ସମଗ୍ର ସମ୍ବଲପୁର ଜିଲା କୃଷକ ସଙ୍ଗଠନ ତୀବ୍ର ଭାବେ ବିରୋଧ କରିଛନ୍ତି । ପରିଣାମ ସ୍ୱରୂପ ଜିଲାରେ ଥିବା ବିଧାୟକମାନଙ୍କ ଘର ସାମନାରେ ଧାନ ବସ୍ତା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେହିଭଳି ବାମରା ବ୍ଲକ ସଭା ଗୃହଠାରେ ମାର୍କେଟିଂ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଆବାହକତ୍ୱରେ ବୁଧବାର ଡକାଯାଇଥିବା ବୈଠକରେ କୁଚିଣ୍ଡା ଏସିଏସଓ ଦେବାଶିଷ ମହାନ୍ତି, ବିଡିଓ ସୁଶିଲ କୁଜୁର, ଆରଏମସି ସମ୍ପାଦକ ମନୋଜ ମହାନ୍ତ, ଏସଏ ଆରସିଏସ ହରିହର ସେଠ, ଗୋବିନ୍ଦପୁର, ଗଡପୋଷ ଓ କେଶାଇବାହାଲ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ, ବ୍ଲକର ସମସ୍ତ ଯୋଗାଣ ସହାୟକଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତରୁ ଚାଷୀ ନେତାମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ବୈଠକ ଆରମ୍ଭ ହୋଇଥିଲା। ଏଥିରେ ଧାନ କିଣା ପାଇଁ ଟୋକନ ବ୍ୟବସ୍ଥା ଉପରେ ଆଲୋଚନା ଆରମ୍ଭ ହେବା କ୍ଷଣି ଉପସ୍ଥିତ ଚାଷୀମାନେ ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। ବାମରା ବ୍ଲକ କୃଷକ ସଙ୍ଗଠନ ଅନ୍ତର୍ଗତ ଜରାବଗା ଗଡପାଟି କୃଷକ ସଙ୍ଗଠନର ଆବାହକ ସୁଦିପ୍ତ ପଟେଲଙ୍କ ନେତୃତ୍ୱରେ ସେଠାରେ ଉପସ୍ଥିତ ଚାଷୀ ନେତା କୁମାର ଚନ୍ଦ୍ର ପଟେଲ, ମହାବୀର ଖଣ୍ଡେଲୱାଲ, ତରଣୀ ସାହୁ, ଲକ୍ଷ୍ମୀନାରାୟଣ ଛତ୍ରିଆ, ଦିଲୀପ ଛତ୍ରିଆ, ଅମିୟ ପଟେଲ, ସଞ୍ଜୀବ ପଟେଲ, ଲଳିତ ମହାପାତ୍ର, ସଞ୍ଜୀବ ପାଲ ପ୍ରମୁଖ ବୈଠକ ବର୍ଜନ କରିଥିଲେ । ଫଳରେ ବାଧ ହୋଇ ବୈଠକକୁ ଆସିଥିବା ଅଧିକାରୀମାନେ ଫେରି ଯାଇଥିଲେ ।



ଟୋକନ ବ୍ୟବସ୍ଥାକୁ ବିରୋଧ କରି ଚାଷୀମାନେ ବୈଠକ ବର୍ଜନ କରିଛନ୍ତି ।

## ଏମ୍‌ସିଏଲ ପକ୍ଷରୁ ପୁସ୍ତକ ଉନ୍ମୋଚନ

**ସମ୍ବଲପୁର, ୨୦।୧୧ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ବିଭିନ୍ନ ଅଞ୍ଚଳରେ ସଫଳତାର ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରୁଛି । ଏହି କ୍ରମରେ ୪୦ଟି ସଫଳ ପ୍ରକଳ୍ପକୁ ନେଇ ପ୍ରସ୍ତୁତ ପୁସ୍ତକ ଏନ ରିଚିଙ୍ଗ୍ ଲାଇଫ୍ସ କମ୍ପାଟିଂ କମ୍ୟୁନିଟିଜ୍ ଲୋକାର୍ପିତ ହୋଇଯାଇଛି । ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ପୁସ୍ତକର ଉନ୍ମୋଚନ କରିଥିଲେ । ନିର୍ଦ୍ଦେଶକ ଓ.ପି. ସିଂ ଓ କେ.ଆର. ବାସୁଦେବନ, ମହାପ୍ରବନ୍ଧକ ବି. ସାଇରାମ ପ୍ରମୁଖ ଉପସ୍ଥିତ ଥିଲେ ।



ଏମ୍‌ସିଏଲ୍‌ର ସଫଳ ପ୍ରକଳ୍ପକୁ ନେଇ ପ୍ରସ୍ତୁତ ପୁସ୍ତକ ଅତିଥି ଉନ୍ମୋଚନ କରୁଛନ୍ତି ।

**NOTICE**

**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 266 of 2019**

**Syndicate Bank, Bhadrak Branch, Dist: Bhadrak** .......Applicant
-Versus-
**Mr Srikanta Kabi and others** .......Defendants

To,
**(2) Sri Chittaranjan Jena,** S/o: Jaladhar Jena, At- Gabasahi, PO/PS/Dist: Bhadrak-756100 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No 266 of 2019** in the court of Debts Recovery Tribunal at Cuttack for a recovery of **Rs.12,46,452.71** only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **27th day of December 2019 at 10.30** A.M as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 15th day of November, 2019 .

Sd/-
Registrar (I/C)
Debts Recovery Tribunal

## ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ

**ଜମନକିରା,୨୦।୧୧(ଡି.ଏନ.ଏ.)**

**୩ ବ୍ଲକ୍ ଚାଷୀଙ୍କ ନିଷ୍ପତ୍ତି**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ଆଞ୍ଚଳିକ କୃଷକ ଭବନରେ ବୀମା ରାଶି ପ୍ରଦାନ ଓ ପ୍ରଚଳିତ ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବି ନେଇ ଚାଲିଥିବା ଆନ୍ଦୋଳନକୁ ଅଧିକ ତୀବ୍ରତର କରିବା ପାଇଁ ଜମନକିରା ସମେତ କୁଚିଣ୍ଡା, ବାମରା ୩ଟି ବ୍ଲକ୍‌ର ଚାଷୀ ନେତାଙ୍କ ବୁଧବାର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କୁଚିଣ୍ଡା ଉପଖଣ୍ଡସ୍ତରୀୟ ଆବାହକ କୃଷଧ୍ୱଜ ଚୌଧରୀଙ୍କ ଅଧ୍ୟକ୍ଷତା କରିଥିବା ବେଳେ ବାମରା, କୁଚିଣ୍ଡା ଏବଂ ଜମନକିରା ବ୍ଲକ୍ ଚାଷୀ ନେତାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୧୭-୧୮ରେ କୁଚିଣ୍ଡା ଉପଖଣ୍ଡରେ ଚାଷୀମାନେ ଉତ୍କଟ ମରୁଡ଼ିର ଶିକାର ହୋଇଥିଲେ। ଏଭଳିକି କେତେକ ଚାଷୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ମଧ୍ୟ କରିଥିଲେ। ଚାଷୀମାନେ ଏ ନେଇ କୁଚିଣ୍ଡାରେ ମିଳିତ ଭାବେ ୩ଟି ବ୍ଲକ୍‌ର ଚାଷୀ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୩୩ ଦିନ ଧରି ଧାରଣାରେ ବସିଥିଲେ। ପ୍ରଶାସନ ପକ୍ଷରେ ବୀମା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ମଧ୍ୟ ପୂରଣ କଲେନାହିଁ। ଚାଷୀମାନେ ପରବର୍ତ୍ତୀ ସମୟରେ ବାମରାଠାରେ ରେଳରୋକୋ କରିଥିଲେ। ସେଠାରେ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ପୁଣି ଥରେ ଜିଲା ସଙ୍ଗଠନ ମିଳିତ ସହଯୋଗରେ ଗତ ଅକ୍ଟୋବର ୨୨ ତାରିଖରୁ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଣ୍ଟିଆ ଧାରଣା ଜାରି ରହିଛି। ଏହା ସତ୍ତ୍ୱେ ପ୍ରଶାସନ କିମ୍ବା ସରକାରଙ୍କ ବୀମା ରାଶି ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଯାହାକି ଧାରଣାକୁ ୨୬ ଦିନ ଅତିବାହିତ ହେଲାଣି। ପ୍ରତିକାର ସ୍ୱରୂପ ବୁଧବାର ୩ଟି ବ୍ଲକ୍ ଚାଷୀ ନେତାମାନେ ସ୍ଥାନୀୟ କୃଷକ ଭବନରେ ଏକତ୍ରିତ ହୋଇ ଆନ୍ଦୋଳନକୁ ଅଧିକ ତୀବ୍ରତ କରିବା ନିଷ୍ପତ୍ତି ନେଇଛନ୍ତି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ରାଜ୍ୟସ୍ତରୀୟ କରିବା ପାଇଁ ସ୍ଥିର କରିଛନ୍ତି। ବୈଠକରେ ଚାଷୀନେତା ସନ୍ତୋଷ ପଟେଲ, ଦୁର୍ଲ୍ଲଭ ପଟେଲ, ନବୀନ ପଟେଲ, ଚୁଡ଼ାମଣୀ ପଟେଲ, ପ୍ରତାପ ନାୟକ, ନରେନ୍ଦ୍ର ନାୟକ, ସୁରେଶ ପଟେଲ, ଶ୍ରୀକାନ୍ତ ପଟେଲ, ଶିବଶଙ୍କର ପଟେଲ, ସାଲେକରାମ ପଧାନ, ସନ୍ତୋଷ ପଟ୍ଟନାୟକ, ନନ୍ଦଲାଲ ସାହୁ, ନରୋତ୍ତମ ଭଇଁସା, ଅଜିତ ପଟେଲ, ଟିକେଶ୍ୱର ମହାକୁଳ, ମାର୍ଶଲ ଡୁଙ୍ଗଡୁଙ୍ଗ ପ୍ରମୁଖଙ୍କ ସମେତ ଅନ୍ୟ ସ୍ଥାନୀୟ ଚାଷୀ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଜମନକିରା ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଙ୍ଗଠନ ସଭାପତି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ୩ ବ୍ଲକ୍ ଚାଷୀ ନେତାମାନେ ।

**बैंक ऑफ़ बड़ौदा / Bank of Baroda** (विजया बैंक VIJAYA BANK | देना बैंक DENA BANK)

**କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର), ପ୍ରଥମ ମହଲା, ଜି.ଏମ୍. କଲେଜ ଛକ, ଖ୍ରୀଷ୍ଟିଆନ୍ ପଡ଼ା, ସମ୍ବଲପୁର-୭୬୮୦୦୧**

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।
**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କ୍ରଂ | ଶାଖାର ନାମ / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ଚନ୍ଦ୍ର ଭଟ୍ଟ,** ପିତା: ଶ୍ରୀ ସୋଭାନି ଭଟ୍ଟ / **ସହ- ଋଣଗ୍ରହୀତା: ଶ୍ରୀମତୀ ସୁମିତ୍ରା ଭଟ୍ଟ (ଗ୍ୟାରେଣ୍ଟିଦାତା),** ସ୍ୱାମୀ- ଶ୍ରୀ ସୋଭାନି ଭଟ୍ଟ, ଉଭୟଙ୍କ ଠିକଣା ପ୍ଲଟ୍ ନଂ: ୨୫୫୭/୩୮୭୭ ଏବଂ ୨୫୫୭/୬୧୭୪, ଖାତା ନଂ: ୩୪୪/୫୩୨, ସମ୍ବଲପୁର ଟାଉନ୍ ନଂ.୩, ଚାରଭାଟି, ଧନୁପାଲ୍ଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁମିତ୍ରା ଭଟ୍ଟ, ସ୍ୱାମୀ- ଶ୍ରୀ ସୋଭାନୀ ଭଟ୍ଟଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ: ୨୫୫୭/୩୮୭୭, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ପ୍ଲଟ୍ ନଂ: ୨୫୫୭/୬୧୭୪, କ୍ଷେତ୍ର: ଏକର ୦.୫୦ ଡିସିମିଲି, ଖାତା ନଂ: ୩୪୪/୫୩୨, ମୌଜା: ସମ୍ବଲପୁର ଟାଉନ୍ ନଂ.୩, ଥାନା: ଧନୁପାଲ୍ଲୀ, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ୨୫୫୭ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ ୨୫୫୬ (ଅଂଶ), ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ୨୫୪୭ | **୧୬.୦୮.୨୦୧୯ / ୧୪.୧୧.୨୦୧୯** | **୧୬.୦୮.୨୦୧୯ ସୁଦ୍ଧା ଟ.୧୩,୧୨,୨୪୫/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୨) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତା: ଶ୍ରୀ ପଞ୍ଚାନନ ନାଥ ମହନ୍ତ / ସହ-ଋଣଗ୍ରହୀତା: ଶ୍ରୀ ଉଦୟଭାନୁ ମହନ୍ତ, ଗ୍ୟାରେଣ୍ଟିଦାତା : ବୃଷଭାନୁ ମହନ୍ତ,** ଉଭୟଙ୍କ ଠିକଣା - ଖାତା ନଂ: ୯୨/୧୭, ପ୍ଲଟ୍ ନଂ: ୩୮୬/୪୪୫, ମୌଜା: ହସ୍ତିୟବାହାଲ, ପୋ: ସିନ୍ଦୁରପଙ୍କ, ଥାନା: ଶାସନ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୧୧୨ | **ଶ୍ରୀ ପଞ୍ଚାନନ ନାଥ ମହନ୍ତ, ପିତା: ଶ୍ରୀ ଅଇଁଣ୍ଠାନାଥ ମହନ୍ତଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୮୬/୪୪୫, କ୍ଷେତ୍ର: ଏକର୦.୧୫ ଡ଼ିସିମିଲ, ଖାତା ନଂ.: ୯୨/୧୭, ମୌଜା: ହସ୍ତିୟବାହାଲ, ଥାନା: ଶାସନ, ତହସିଲି ଏବଂ ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭିମା ମୁଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ନିଜ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | **୨୮.୦୮.୨୦୧୯ / ୧୪.୧୧.୨୦୧୯** | **୨୮.୦୮.୨୦୧୯ ସୁଦ୍ଧା ଟ.୫,୩୯,୪୦୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୩) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତାମାନେ: ୧) ସୁବ୍ରତ ନାୟକ,** ପିତା: ରାମ ପ୍ରସାଦ ନାୟକ, **୨) କାଳେନ୍ଦ୍ରୀ ନାୟକ,** ସ୍ୱାମୀ: ରାମ ପ୍ରସାଦ ନାୟକ / **ଗ୍ୟାରେଣ୍ଟିଦାତା : ରାମ ପ୍ରସାଦ ନାୟକ,** ସମସ୍ତଙ୍କ ଠିକଣା - ଖାତା ନଂ: ୧୩୦/୪୩୦, ପ୍ଲଟ୍ ନଂ: ୧୪୮୫/୨୪୨୭, ମୌଜା: ଲାରପଙ୍କ, ବିହାରୀପଡା, ଭଙ୍ଗାମୁଣ୍ଡା, ରେମିଡ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୬ | **କାଳେନ୍ଦ୍ରୀ ନାୟକ, ସ୍ୱାମୀ: ରାମ ପ୍ରସାଦ ନାୟକଙ୍କ** ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ପ୍ଲଟ୍ ନଂ: ୧୪୮୫/୨୪୨୭, କ୍ଷେତ୍ର : ଏକର ୦.୫୦ ଡିସିମିଲି, ଖାତା ନଂ: ୧୩୦/୪୩୦, ମୌଜା: ଲାରପଙ୍କ, ଥାନା: ହୀରାକୁଦ, ତହସିଲ/ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପ୍ଲଟ୍ ନଂ:୧୪୮୪, ଦକ୍ଷିଣ: ପ୍ଲଟ୍ ନଂ:୧୪୮୫, ପୂର୍ବ: ପ୍ଲଟ୍ ନଂ:୧୪୮୬, ପଶ୍ଚିମ: ପ୍ଲଟ୍ ନଂ: ୧୪୮୫ (ଅଂଶ) | **୦୫.୦୯.୨୦୧୯ / ୧୪.୧୧.୨୦୧୯** | **୦୬.୦୯.୨୦୧୯ ସୁଦ୍ଧା ଟ.୧୪,୨୮,୦୧୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୪) | **ରେଙ୍ଗାଲି ଶାଖା** **ଋଣଗ୍ରହୀତାମାନେ: ୧) ଶ୍ରୀ ଟୁଲୁ ମହାପାତ୍ର ଏବଂ ୨) ଶ୍ରୀମତୀ ସୁନିତା ମହାପାତ୍ର,** ସା: ଧନୁପାଲୀ (ସୋନୀ ହୋଟେଲ), ପୋ: ଧନୁପାଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁନିତା ମହାପାତ୍ରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଥେଲକୋଲଇ, ଥାନା: ରେଙ୍ଗାଲି, ତହସିଲି: ରେଙ୍ଗାଳି, ଜିଲ୍ଲା: ସମ୍ବଲପୁର, ଖାତା ନଂ: ୨୧୮/୧୯୭, ପ୍ଲଟ୍ ନଂ: ୧୫୫୩/୪୨୩୯ (ଅଂଶ), କ୍ଷେତ୍ର: ୦.୦୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ ୧୫୫୪, ପୂର୍ବ: ପ୍ଲଟ୍ ନଂ ୧୫୫୫, ପଶ୍ଚିମ: ପ୍ଲଟ୍ ନଂ୧୫୫୨ | **୨୬.୦୮.୨୦୧୯ / ୧୫.୧୧.୨୦୧୯** | **୨୬.୦୮.୨୦୧୯ ସୁଦ୍ଧା ଟ.୧୦,୪୦,୭୮୭/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ: ସମ୍ବଲପୁର**
**ତାରିଖ: ୨୦.୧୧.୨୦୧୯**

**କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା**

## ବିଧାନସଭାରେ ଉଦ୍‌ବେଗ

# ଗ୍ରାହକଙ୍କୁ ଲୁଟୁଛନ୍ତି ସୁନା ଦୋକାନୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)



- ଛୋଟ ସୁନା ଦୋକାନୀଙ୍କ ଉପରେ ଚଢ଼ାଉ, ବଡ଼ ବଡ଼ିଆଙ୍କୁ ମାଫ୍
- ବିଧାନସଭାରେ ଉଦ୍‌ବେଗ ପ୍ରକାଶ କଲେ ବାଚସ୍ପତି
- ଓଜନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜାରି ହେବ କାରଣ ଦର୍ଶାଅ ନୋଟିସ
- ତଦନ୍ତ କରିବାକୁ ଗୃହରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ରାଜ୍ୟରେ ସୁନା ଦୋକାନୀ ଓଜନ ଏବଂ ମାପରେ ଠକେଇ କରୁଥିବା ଅଭିଯୋଗ ହେଉଛି। ଗ୍ରାହକମାନେ ଶୋଷଣର ଶିକାର ହେଉଛନ୍ତି। ଭୁବନେଶ୍ୱର, ବ୍ରହ୍ମପୁର ଭଳି ବଡ଼ ବଡ଼ ସହରରେ ଥିବା ସୁନା ଦୋକାନ ଉପରେ ଚଢ଼ାଉ ହେଉନାହିଁ। ଭୁବନେଶ୍ୱର, ବ୍ରହ୍ମପୁରରେ ଥିବା ସୁନାଦୋକାନ ଉପରେ ଯୋଗାଣ ବିଭାଗ ଅଧିକାରୀ ଚଢ଼ାଉ କରିବାକୁ ସାହସ ଜୁଟାଉନାହାନ୍ତି। ରାଜ୍ୟର କେତେକ ହାତଗଣତି ଛୋଟ ସୁନାଦୋକାନ ଉପରେ ଚଢ଼ାଉ କରି ଦାୟିତ୍ୱ ଶେଷ କରୁଛନ୍ତି। ଏହି ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନଙ୍କ ସାଧୁତା ଏବଂ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠିଛି। ଭୁବନେଶ୍ୱର ଓ ବ୍ରହ୍ମପୁରରେ ଗୋଟିଏ ହେଲେ ସୁନାଦୋକାନ ଉପରେ ଚଢ଼ାଉ କରାଯାଇ ନ ଥିବା ନେଇ ବୁଧବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଦୁଇଟି ସହରରେ ବହୁ ସୁନାଦୋକାନ ଥିଲେ ମଧ୍ୟ କୌଣସି ଗୋଟିଏ ସୁନାଦୋକାନର ନାମ ଯୋଗାଣ ବିଭାଗ ପକ୍ଷରୁ ବିଧାନସଭା ପ୍ରଶ୍ନୋତ୍ତର ବେଳେ ଦିଆଯାଇଥିବା ତାଲିକାରେ ନାହିଁ। କେବଳ ଶାସକ କିମ୍ବା ବିରୋଧୀ ସଦସ୍ୟ ନୁହନ୍ତି, ଖୋଦ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ଓଜନ ଓ ମାପ ଯାଞ୍ଚ କରୁଥିବା ଅଧିକାରୀଙ୍କ ଉପରେ ସନ୍ଦେହ ପ୍ରକଟ କରିଛନ୍ତି।

ଏପରିକି ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦେବାକୁ ବାଚସ୍ପତି ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ମଧ୍ୟ କହିଛନ୍ତି ଯେ,ସାରୁ ଭିତରେ ନାରୁ ରହିଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ମୁଁ ଗୃହକୁ ପ୍ରତିଶ୍ରୁତି ଦେଉଛି ବୋଲି କହିଛନ୍ତି।

ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ ମୂଳ ପ୍ରଶ୍ନରେ ରାଜ୍ୟରେ ସବୁ ଜିନିଷର ପାଇକାରୀ ଦର ହୁ ହୁ ହୋଇ ବଢୁଥିବା ସରକାର ଜାଣନ୍ତି କି? ଆଳୁ, ପିଆଜ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସାଧାରଣ ଖାଉଟିଙ୍କୁ ବାଧୁଥିବା ବେଳେ ସରକାର ଏଥିପ୍ରତି କି ପ୍ରତିକାର କରିଛନ୍ତି। ମାପ ଓ ଓଜନ ଠକେଇ କରିଥିବା କେତେଜଣ ଦୁର୍ନୀତିଗ୍ରସ୍ତ ବ୍ୟବସାୟୀଙ୍କୁ ଧରିଛନ୍ତି। ଏହାର ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହା ଏକ ଜାତୀୟ ସମସ୍ୟା। ଆମ ରାଜ୍ୟ ଏଥିପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିଥାଏ। ଦରବୃଦ୍ଧି ନିୟନ୍ତ୍ରଣ କରିବାକୁ ସରକାର ବ୍ୟବସାୟୀଙ୍କ ସହ ବୈଠକ କରିବା ସହିତ ସୁଲଭ ମୂଲ୍ୟରେ ସରକାରୀ ସାଧାରଣ ବଣ୍ଟନ ଦୋକାନ ଓ ମୈତ୍ରୀ ଜରିଆରେ ପିଆଜ ଯୋଗାଇ ଦେଉଛନ୍ତି। ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ୧୦୦ କୋଟି ଟଙ୍କା ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡରେ ରହିଛି। ୨୦୧୮-୧୯ରେ ମାପ ଓ ଓଜନ ଠକୁଥିବା ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଇ ୫,୪୬୬ ମାମଲା ରୁଜୁ କରାଯାଇ ୧,୦୭,୩୨,୯୦୦ ଟଙ୍କା ଆଦାୟ କରାଯାଇଛି। ସେହିଭଳି ୨୦୧୭-୧୮ରେ ୫,୭୫୨ଟି ମାମଲା ରୁଜୁ କରାଯାଇ୧,୪୯,୫୮,୬୫୦ ଟଙ୍କା ଆଦାୟ କରାଯାଇଛି।

ବିଜେଡି ସଭ୍ୟ ନୃସିଂହ ଚରଣ ସାହୁ, କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ କେଉଁ ସୁନା ଦୋକାନ କେତେ ଠକିଛନ୍ତି, ବଡ଼ ବଡ଼ ଦୋକାନ ଉପରେ ଚଢ଼ାଉ କରା ନ ଯାଇ ଛୋଟ ଦୋକାନ ଉପରେ ଚଢ଼ାଉ କରାଯାଉଥିବା ସତ୍ୟ କି। ବଡ ମାଛକୁ ନ ଧରି ଛୋଟମାଛକୁ ଧରିଛନ୍ତି। ମନ୍ତ୍ରୀ ଡାଲି ଚାଉଳଠାରୁ ଆରମ୍ଭ କରି ମାଛ, ମାଂସ, ସୁନାଗହଣା, ପନିପରିବା ଆଦି ଠକୁଥିବା ବ୍ୟବସାୟୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦେଇଥିଲେ। କେଉଁ ସୁନା ବ୍ୟବସାୟୀ ଓଜନ ଓ ମାପରେ ଠକିଥିଲେ, ସେମାନଙ୍କର ଏକ ତାଲିକା ପଢ଼ି ଶୁଣାଇଥିଲେ। ଏହି ସମୟରେ ବାଚସ୍ପତି କହିଲେ, ଭୁବନେଶ୍ୱର ଓ ବ୍ରହ୍ମପୁର କୁଆଡେ ଗଲା। ଏହି ଦୁଇ ସହରର ତାଲିକା କାହିଁକି ନାହିଁ । ମନ୍ତ୍ରୀ କହିଥିଲେ, ଏକଥା ମଧ୍ୟ ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ଭୁବନେଶ୍ୱର ଓ ବ୍ରହ୍ମପୁରର କୌଣସି ଦୋକାନୀଙ୍କ ନାମ ତାଲିକାରେ ନାହିଁ। ସାରୁ ଭିତରେ ମାରୁ ରହିଛି। ଏହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶ୍ରାବଣୀ ହାଜ୍‌ରା



ସୌରଭ ରାଉତରାୟ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# କାଜୁ ନିଗମ ନଗଦ ଲାଭ ପରିମାଣ ୧୪୦୧.୮୯ କୋଟି

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

ଓଡ଼ିଶା କାଜୁ ଉନ୍ନୟନ ନିଗମ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରାଯାଇଛି। ୨୦୧୬-୧୭ ଆର୍ଥିକ ବର୍ଷ ତୁଳନାରେ ୨୦୧୭-୧୮ରେ ନଗଦ ଲାଭର ପରିମାଣ ବୃଦ୍ଧି ପାଇଥିବା ଜଣାପଡିଛି।

୨୦୧୬-୧୭ରେ ମୋଟ ୪୦୫.୭୪ କୋଟି ଟଙ୍କା ନଗଦ ଲାଭ ହୋଇଥିଲା। ତାହା ପରବର୍ତ୍ତୀ ଆର୍ଥିକ ବର୍ଷରେ ୧୪୦୧.୮୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୭-୧୮ରେ ୨୧୭୯.୩୮ କୋଟି ଟଙ୍କାର ଚାରା ରୋପଣ କରାଯାଇ ଆୟ ସଂଗୃହୀତ ହୋଇଥିଲା। ସେହିପରି ଭାବେ ନର୍ସରିରୁ ୭୮୪.୬୧ କୋଟି ଏବଂ ଅନ୍ୟାନ୍ୟ ସୂତ୍ରରୁ ୧୮୯.୪୨ କୋଟିଟଙ୍କା ଆୟ ହୋଇଥିଲା। ଏହିପରି ଭାବେ ନିଗମରୁ ୩୧୫୩.୪୧ କୋଟି ଟଙ୍କା

**୨୦୧୭-୧୮ ଆର୍ଥିକ ବର୍ଷ**

ଆୟ ହୋଇଥିଲା। ତନ୍ମଧ୍ୟରୁ ବିଭିନ୍ନ ଖର୍ଚ୍ଚ ବାବଦକୁ ୧୫୫୫.୬୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଖର୍ଚ୍ଚକୁ ବାଦ୍ ଦେଲା ପରେ ନିଗମର ମୋଟ ଲାଭାଂଶ ୧୫୯୭.୭୪ କୋଟି ଟଙ୍କା ହୋଇଥିଲା। ଏହା ପରେ ଅନ୍ୟାନ୍ୟ ଦେୟ(ଡେପ୍ରିସିଏସନ୍) ବାବଦରେ ୧୯୫.୮୫ କୋଟିଟଙ୍କା ଖର୍ଚ୍ଚହୋଇଥିଲା। ଗୋଟିଏ ଆର୍ଥିକ ବର୍ଷ ବ୍ୟବଧାନରେ ନିଗମକୁ ପ୍ରାୟ ୧୪୦୧.୮୯-୪୦୫.୭୪= ୯୯୬.୧୫ କୋଟି ଟଙ୍କାର ନଗଦ ଲାଭ ହୋଇଛି। ଏହି ସଫଳତାକୁ ନେଇ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ କହିଛନ୍ତି ଯେ, ନିଗମ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ, ପୂର୍ବ ଅଧ୍ୟକ୍ଷ ଏବଂ ତୃଣମୂଳସ୍ତରୀୟ କର୍ମଚାରୀଙ୍କ ଭାଗୀଦାରିତା ରହିଛି। କାଜୁ ସବୁ ସମୟରେ ଅର୍ଥକରୀ। ଏହି ସଫଳତାକୁ ଆହୁରି ଆଗକୁ ନେବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯିବ ବୋଲି ଅମରେନ୍ଦ୍ର କହିଛନ୍ତି।

# ସ୍ମିତାରାଣୀଙ୍କ ହତ୍ୟା ଲୁଚାଇବାକୁ ଷଡ଼ଯନ୍ତ୍ର: ନରସିଂହ

ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)

ଯାଜପୁର ଜିଲା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ବୁଧବାର ବିଧାନସଭାରେ ଶୂନ୍ୟକାଳ ଓ ମୁଲତବୀ ଆଲୋଚନା ବେଳେ ବିରୋଧୀ ଦଳ ସରକାରଙ୍କୁ କାଠଗଡାରେ ଛିଡ଼ା କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ଯେ, ମୃତ ଝିଅର ବାପା ଓ ଶ୍ୱଶୁରଙ୍କୁ ଗୋଟିଏ କାଗଜରେ ଦସ୍ତଖତ କରିବାକୁ ବାଧ କରାଗଲା। ସତେ ଯେମିତି ସେ ଦୁଇଜଣ ପ୍ରତ୍ୟକ୍ଷ ସାକ୍ଷୀ। ସେମାନଙ୍କୁ ଡରାଇ ଧମକାଇ ଗାଁରୁ ଅଣାଯାଇ ଏଫ୍‌ଆଇଆର ଲେଖାଯାଇଛି। ସ୍ମିତାରାଣୀଙ୍କ ମୃତ୍ୟୁବେଳେ ସେମାନେ ଗାଁରେ ଥିଲେ। ସେ ସମସ୍ତ ବିଷୟ ଉଲ୍ଲେଖ ହେବା କଥା। ମାତ୍ର ତାହା କରାଯାଇନାହିଁ। ଦଳୀୟ ନେତାଙ୍କୁ ବଞ୍ଚାଇବାକୁ ଷଡ଼ଯନ୍ତ୍ର ହୋଇଛି। ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ ହେବା ଦରକାର। ସିବିଆଇ କିମ୍ବା ଏସ୍‌ଆଇଟି ଭଳି ସଂସ୍ଥା ଦ୍ୱାରା ଏହାର ତଦନ୍ତ ହେଲେ ସବୁ କଥା ପଦାରେ ପଡ଼ିବ ବୋଲି ନରସିଂହ କହିଛନ୍ତି।

## ରାଉରକେଲା ନିର୍ବାଚନ ସଂକ୍ରାନ୍ତ ମାମଲା

# ହାଇକୋର୍ଟରେ ହାଜର ହେଲେ ବିଧାୟକ ସାରଦା ନାୟକ

କଟକ ଅଫିସ, ୨୦।୧୧

ରାଉରକେଲା ନିର୍ବାଚନ ସଂକ୍ରାନ୍ତ ମାମଲାରେ ବିଧାୟକ ସାରଦା ନାୟକ ତାଙ୍କ ଓକିଲଙ୍କ ଜରିଆରେ ବୁଧବାର ହାଇକୋର୍ଟରେ ହାଜର ହୋଇଛନ୍ତି। ପକ୍ଷ ରଖିବାକୁ ବିଧାୟକଙ୍କ ଓକିଲ ପବିତ୍ର କୁମାର ନାୟକ ଅଦାଲତଙ୍କୁ ସମୟ ମାଗିଥିଲେ। ତେବେ ବିଚାରପତି ଡ. ଜଷ୍ଟିସ୍ ଏ.କେ. ମିଶ୍ରଙ୍କ ଖଣ୍ଡପୀଠ ଆସନ୍ତା ଡିସେମ୍ବର ୪ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭାଜପାର ପରାଜିତ ପ୍ରାର୍ଥୀ ନିହାର ରାୟଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଏହି ମାମଲାର ବିଚାର କରି ପୂର୍ବରୁ ହାଇକୋର୍ଟ ବିଧାୟକ ନାୟକଙ୍କ ସମେତ ମୋଟ ୯ଜଣଙ୍କୁ ନୋଟିସ ଜାରି କରିଥିଲେ। ଗତ ନିର୍ବାଚନରେ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ସାରଦା ନାୟକ ୬୦,୮୭୭ଖଣ୍ଡ ଭୋଟ ପାଇ ଜିତିଥିବାବେଳେ ଭାଜପା ପ୍ରାର୍ଥୀ ନିହାର ରାୟ ୫୦,୪୧୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମାତ୍ର ନିର୍ବାଚିତ ବିଧାୟକ ନାୟକ ନିର୍ବାଚନ ସମୟରେ ଦାଖଲ କରିଥିବା ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇବା ସହ ସେ ଲାଭଜନକ ବ୍ୟବସାୟରେ ସମ୍ପୃକ୍ତ ଥିବା ନେଇ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ ନ କରିବା ଅଭିଯୋଗ ଆଣି ରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)


ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜଏରାମ ଠାକୁର ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟିଛନ୍ତି । ଉଭୟଙ୍କ ମଧ୍ୟରେ ହିମାଚଳ ପ୍ରଦେଶର ବିକାଶ ପାଇଁ ତୈଳ ଏବଂ ଗ୍ୟାସ ଭିତ୍ତିଭୂମିକୁ ମଜବୁତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ରାଜ୍ୟର ବିକାଶ ପାଇଁ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଉଭୟ ଆଲୋଚନା ହୋଇଥିବା ଟୁଇଟ୍ କରି ଧର୍ମେନ୍ଦ୍ର ଜଣାଇଛନ୍ତି । ଏହି ଆଲୋଚନା କାଳରେ ଉଭୟ ମନ୍ତ୍ରୀ ହିମାଚଳ ପ୍ରଦେଶର ସିଟି ଗ୍ୟାସ ବିତରଣ(ସିଜିଡି) ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଛି। ଏହି ପ୍ରକଳ୍ପଗୁଡିକ ଥରେ ସମ୍ପୂର୍ଣ୍ଣ ହୋଇଗଲେ ରାଜ୍ୟର ସମସ୍ତ ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡିକୁ ସ୍ୱଚ୍ଛ ପ୍ରାକୃତିକ ଇନ୍ଧନ ଯୋଗାଯାଇପାରିବ । ଏହି ପ୍ରକଳ୍ପ ସ୍ୱଚ୍ଛ ଇନ୍ଧନ ବିକାଶରେ ଅଗ୍ରସର ହେବ ତଥା ହିମାଚଳ ପ୍ରଦେଶକୁ କମ୍ ଅଙ୍ଗାରକାମ୍ଳଯୁକ୍ତ ଅର୍ଥ ବ୍ୟବସ୍ଥା ବନାଇବାକୁ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# କୁଇଣ୍ଟାଲ ଧାନରେ ଚାଷୀଙ୍କୁ ମିଳୁଛି ୧୧୨ଟଙ୍କା ଲାଭ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

**ସିଏସିପି ଆକଳନ**

୨୦୧୮-୧୯ ମସିହାରେ ରାଜ୍ୟ ସରକାର କରିଥିବା ଅଟକଳରୁ ଜଣାପଡିଛି ରାଜ୍ୟରେ ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀଙ୍କୁ ୨୪୦୩ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ଚାଷ ସମୟରେ କେଉଁ ବାବଦକୁ କେତେ ଖର୍ଚ୍ଚ ହୋଇଥିବା ନେଇ ସରକାର ଯେଉଁ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ତାର ଏକ ନକଲ ମଧ୍ୟ ପ୍ରଦାନ କରିଛନ୍ତି। ପୁନଶ୍ଚ ୨୦୧୮-୧୯ ମସିହାରେ ସରକାର ସିଏସିପି( କମିଶନ ଫର୍ ଏଗ୍ରିକଲ୍ଚରାଲ କଷ୍ଟମ୍ ଆଣ୍ଡ ପ୍ରାଇସ) ଦ୍ୱାରା ପ୍ରକାଶିତ 'ପ୍ରାଇସ ପଲିସି' ଦସ୍ତାବିଜ ଅନୁଯାୟୀ ଏକ ଆକଳନ କରାଯାଇଛି। ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀ କେତେ ଟଙ୍କା ଖର୍ଚ୍ଚ କରେ ସେନେଇ ସରକାର ପ୍ରଥମରୁ ସର୍ଭେ କରିଥିବା ସଂଖ୍ୟାଠାରୁ ଅଲଗା ରିପୋର୍ଟ ଆସିଛି। ସିଏସିପି ଆକଳନ ଅନୁଯାୟୀ ଚାଷୀ ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୧୭୦୩ଟଙ୍କା ଖର୍ଚ୍ଚ କରୁଛି। ମାତ୍ର କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସପି) କୁଇଣ୍ଟାଲ ପିଛା ଚଳିତ ବର୍ଷ ୧୮୧୫ ଟଙ୍କା ନିର୍ଦ୍ଧାରଣ କରିଛନ୍ତି। ଚାଷୀ ମାତ୍ର ୧୧୨ ଟଙ୍କା ଲାଭ ରଖି ତାହାର ଧାନକୁ ବିକ୍ରି କରିଥାଏ ବୋଲି ବିଧାନସଭା ସଦସ୍ୟ ପ୍ରଶାନ୍ତ ଜଗଦେବଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷିମନ୍ତ୍ରୀ ଅରୁଣ ସାହୁ ଉତ୍ତର ରଖିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀ କ୍ଷତିଗ୍ରସ୍ତ ହେଲେ ସେମାନଙ୍କୁ ଏସ୍‌ଡିଆର୍‌ଏଫ ଏବଂ ଏନ୍‌ଡିଆର୍‌ଏଫ ନିୟମ ଅନୁଯାୟୀ ସହାୟତା ଦିଆଯାଏ। ଏଥିପାଇଁ ଅଣଜଳସେଚିତ ଜମି ପାଇଁ ହେକ୍ଟର ପ୍ରତି ୬,୮୦୦ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩,୫୦୦ଟଙ୍କା ପ୍ରଦାନ କରାଯାଉଛି। ଏହା ବ୍ୟତୀତ ଫସଲ ବୀମା ଭୁକ୍ତ ଚାଷୀଙ୍କୁ ମଧ୍ୟ ସ୍କିମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ମନ୍ତ୍ରୀ ଦେଇଥିବା ଉତ୍ତର ଅନୁଯାୟୀ ଯଦି ସିଏସିପି ତଥ୍ୟକୁ ସରକାର ବିଶ୍ୱାସ କରନ୍ତି ତେବେ ଜଣେ ଚାଷୀ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ୧୭୦୩ ଟଙ୍କା ଖର୍ଚ୍ଚ କରି ମାତ୍ର ୧୮୧୫ ଟଙ୍କା ପାଉଛି। ଅର୍ଥାତ୍ ଚାଷୀ କୁଇଣ୍ଟାଲ ଧାନରେ ମାତ୍ର ୧୧୨ଟଙ୍କା ଲାଭ ପାଉଛି। ଅନ୍ୟପଟେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରି ୨୯୩୦ଟଙ୍କା କରିବା ଲାଗି ଉଭୟ ରାଜ୍ୟର ଶାସକ ଏବଂ ବିରୋଧୀ କଂଗ୍ରେସ ବାରମ୍ବାର ଦାବି ଉଠାଇ ଚାଲିଛନ୍ତି।

# ଜନ ପ୍ରତିନିଧିଙ୍କୁ ମାନୁନାହାନ୍ତି ସରକାରୀ ଅଧିକାରୀ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)

- କ୍ଷୋଭ ପ୍ରକାଶ କଲେ ନରସିଂହ
- ନ ମାନିଲେ ସଦାଚାର କମିଟିକୁ ଟଣା ହେବେ ଅଫିସର

ବିଧାୟକମାନଙ୍କ ଟେଲିଫୋନ ନ ଧରିଲେ କିମ୍ବା ସେମାନେ ପଚାରିଥିବା ପ୍ରଶ୍ନର ଉତ୍ତର ନ ଦେଲେ ସରକାରୀ ଅଧିକାରୀମାନଙ୍କୁ ସଦାଚାର କମିଟିରେ ହାଜର ହେବାକୁ ପଡିବ। କୌଣସି ବିଧାୟକ ଅଫିସରଙ୍କ ବିରୋଧରେ ଅଭିଯୋଗ କଲେ ତାହା ତଦନ୍ତ କରାଯାଇ ସମ୍ପୃକ୍ତ ଅଫିସରଙ୍କୁ କମିଟିକୁ ଡକାଯାଇ କୈଫିୟତ ତଲବ କରାଯିବ। ବୁଧବାର ବିଧାନସଭାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଗୃହର ସଦସ୍ୟମାନେ କୌଣସି ବିଷୟରେ ସୂଚନା ମାଗିଲେ ସରକାରୀ ଅଧିକାରୀମାନେ ଉତ୍ତର ଦେଉନାହାନ୍ତି। ଏପରିକି ଟେଲିଫୋନ କଲେ ମଧ୍ୟ ଉଠାଉ ନାହାନ୍ତି କିମ୍ବା କଲବ୍ୟାକ୍ କରୁନାହାନ୍ତି। କୌଣସି ଜନ ମଙ୍ଗଳ କାର୍ଯ୍ୟ ପାଇଁ ଟେଲିଫୋନ କଲେ ସବୁବେଳେ ଅଧିକାରୀମାନେ ମିଟିଂର ବାହାନା ଦେଖାଉଛନ୍ତି। କେତେଜଣ ଅଫିସର ଆଦୌ ଟେଲିଫୋନ ଉଠାଉ ନାହାନ୍ତି। ବୁକ ସର୍କୁଲାଟ-୪୭କୁ ଅଧିକାରୀମାନେ ବେଖାତିର କରୁଛନ୍ତି। ଏକଥା କେବଳ ଆମେ କହୁନୁ। ଏ ଗୃହର ସମସ୍ତ ସଦସ୍ୟ ବହୁବାର କହିଛନ୍ତି। ଜନପ୍ରତିନିଧିଙ୍କ ପ୍ରତି ସରକାରୀ ଅଧିକାରୀମାନଙ୍କ ଏଭଳି ବେଖାତିର ଓ ଖାମଖିଆଲ ମନୋଭାବକୁ ନେଇ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ବିଧାନସଭାରେ କ୍ଷୋଭ ପ୍ରକାଶ କରିଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ନରସିଂହ କହିଥିଲେ, ବୁକ୍ ସର୍କୁଲାର ଅନୁଯାୟୀ ଗୃହର ସଦସ୍ୟମାନେ ଯାହା ପ୍ରଶ୍ନ ପଚାରିବେ କିମ୍ବା କୌଣସି ଯୋଜନା ବିଷୟରେ ଜାଣିବାକୁ ଚାହିଁବେ ସରକାର ତା'ର ଉତ୍ତର ଦେବେ। ସରକାରୀ କର୍ମଚାରୀ ମଧ୍ୟ ଟେଲିଫୋନ୍ ଉଠାଇବାକୁ ବାଧ୍ୟ। ଜନ ପ୍ରତିନିଧି ଟେଲିଫୋନ କଲ୍ କଲେ କିମ୍ବା ଚିଠି ଲେଖିଲେ ତାହା ରେଜିଷ୍ଟରରେ ନିୟମିତ ଲିପିବଦ୍ଧ ହେବା ନିୟମରେ ରହିଛି। ଏହାକୁ କେହି ମାନୁନାହାନ୍ତି। ବାଚସ୍ପତି ନିର୍ଦ୍ଦେଶ ଦେଇ ବସି ଯାଉଛନ୍ତି। ଅଫିସରମାନେ ତାଙ୍କ ମନଇଚ୍ଛା ଶାସନ ଚଳାଉଛନ୍ତି। ଏମିତି ହେଲେ ଗଣତନ୍ତ୍ର ମୂଲ୍ୟହୀନ ହୋଇଯିବ। ବାଚସ୍ପତି ଏ ନେଇ ରୁଲିଂ ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଲେ, ଏ ବିଷୟ ସଦାଚାର କମିଟିକୁ ଆଣନ୍ତୁ। ଯେଉଁ ଅଫିସର ଏହାର ଉଲ୍ଲଂଘନ କରୁଥିବେ ତାଙ୍କୁ କମିଟିକୁ ଡକାଯିବ। ବୁକ୍ ସର୍କୁଲାର ମାନିବାକୁ ସମସ୍ତ ସରକାରୀ ଅଧିକାରୀ ବାଧ୍ୟ।

# ରାଜ୍ୟରେ ରହିଛି ୬୩ କୃଷି, ୮୫ ଉଦ୍ୟାନ କୃଷି ଫାର୍ମ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ)



- ଫାର୍ମ ଆଧୁନିକୀକରଣ ପାଇଁ ଖର୍ଚ୍ଚ ହୋଇଛି ୧୨୬୨ଲକ୍ଷ ଟଙ୍କା
- ବିରୋଧୀଙ୍କ ଅଭିଯୋଗ: ଫାର୍ମ ଜମିକୁ ମାଡି ବସୁଛନ୍ତି ମାଫିଆ

ରାଜ୍ୟରେ ୬୩ଟି କୃଷି ଫାର୍ମ ଏବଂ ୮୫ଟି ଉଦ୍ୟାନ କୃଷି ଫାର୍ମ ରହିଛି। ସେଥିରୁ ୪ଟି କୃଷି ଫାର୍ମ ଓ ୫ଟି ଉଦ୍ୟାନ କୃଷି ଫାର୍ମ ବନ୍ଦ ହୋଇଯାଇଛି। ସେଗୁଡ଼ିକ ପୁନରୁଦ୍ଧାର କରିବା ଅବସ୍ଥାରେ ନାହିଁ। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ବୁଧବାର ପ୍ରଶ୍ନୋତ୍ତର ବେଳେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ରାଜ୍ୟରେ କେତେସଂଖ୍ୟକ କୃଷିଫାର୍ମ ଅଛି ଏବଂ ସେଥିରୁ କେତେ ଅଚଳ ରହିଛି, କୃଷି ଫାର୍ମର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ଗତ ୨୦ ବର୍ଷ ମଧ୍ୟରେ କେତେ ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ମୂଳ ପ୍ରଶ୍ନରେ ପଚାରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, କୃଷି ଫାର୍ମ ଆଧୁନିକୀକରଣ ପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ)ରେ ୨୦୧୦-୧୧ରେ ୯୯୦.୮୪ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବେଳେ ୨୦୧୬ରୁ ୧୮ ମଧ୍ୟରେ ୩୧ଟି ଫାର୍ମକୁ ୧୬୯୬.୮୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ସେଥିରୁ ୧୨୬୨.୪୯ଲକ୍ଷ ଟଙ୍କା ବିନିଯୋଗ ହୋଇଛି। ଫାର୍ମଗୁଡ଼ିକର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାରଙ୍କ ଆର୍‌କେଭିୱାଇ ମାଧ୍ୟମରେ ଦୁଇଟି ପର୍ଯ୍ୟାୟରେ ୧୨୬୪.୭୪ଲକ୍ଷ ଏବଂ ୪୬୦.୫୭ ଲକ୍ଷ ଟଙ୍କା ଅନୁଦାନ ଆକାରରେ ମିଳିଛି। ସରକାରୀ କୃଷି ଫାର୍ମରେ ସାଧାରଣତଃ ପିଣ୍ଡ ବିହନ ଉତ୍ପାଦନ ହୋଇଥାଏ। ରାଜ୍ୟରେ ବିହନ ଚାହିଦା ମେଣ୍ଟାଇବା ପାଇଁ ଆବଶ୍ୟକସ୍ଥଳେ ଧାନ ଓ ଅଣଧାନ ଏବଂ ରାଜ୍ୟ ବାହାରୁ ଚାହିଦା ମୁତାବକ ଅଣାଯାଇଥାଏ ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡି ସଭ୍ୟ ପ୍ରୀତିରଞ୍ଜନ ଘଡେଇ, ଅରବିନ୍ଦ ଢାଲି, ପ୍ରଦୀପ ଅମାତ, ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ସୁକିନ୍ଦା ବିହନ ଫାର୍ମ ୧୯୪୮ ମସିହାରୁ ହୋଇଥିଲେ ମଧ୍ୟ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ୩ ହଜାର ଶ୍ରମିକରୁ ଏବେ ମାତ୍ର ୩ ଶହ ଶ୍ରମିକ କାମ କରୁଛନ୍ତି। ଏହାକୁ କିଭଳି ଆଧୁନିକୀକରଣ କରାଯାଇପାରିବ। କୋରାପୁଟ, ଡେରାସ, ଝୁମୁକା ଫାର୍ମରେ ଆମ୍ବ, ଆଳୁ, ପିଆଜ ଏବଂ ଅନ୍ୟାନ୍ୟ ଫଳ ଏବଂ ପନିପରିବା ପ୍ରଚୁର ମାତ୍ରାରେ ଉତ୍ପାଦନ ହେଉଥିଲା। ଡେରାସ ଓ ଝୁମୁକା ଫାର୍ମର ୩ ଶହ ଏକର ଜମିକୁ ଚିଙ୍ଗୁଡ଼ି ମାଫିଆଙ୍କୁ ଦିଆଯାଇଛି। ଫାର୍ମ ଉଜୁଡିବାକୁ ବସିଲାଣି। ସେହି ଫାର୍ମର ପୁନରୁଦ୍ଧାର କିପରି ହେବ ସେ ନେଇ ସରକାର ପଦକ୍ଷେପ ନେବେ କି । ବୌଦ୍ଧ ଜିଲାରେ ଥିବା ସରକାରୀ ଫାର୍ମକୁ ଜବରଦଖଲକାରୀ ନିଜ କବ୍‌ଜାକୁ ନେଇଗଲେଣି। ତାହାର ପୁନରୁଦ୍ଧାର କରିବା ପାଇଁ ସଦସ୍ୟମାନେ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ବିହନ ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ସ୍ୱାବଲମ୍ବୀ ରହିଛି। ଆବଶ୍ୟକ ସ୍ଥଳେ ଅଳ୍ପ କିଛି ବିହନ ରାଜ୍ୟ ବାହାରୁ ଅଣାଯାଇଥାଏ। ଯେଉଁ ଫାର୍ମଗୁଡ଼ିକ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି, ସେଗୁଡ଼ିକୁ ମୁକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଖାଦ୍ୟ ସୁରକ୍ଷା ଯୋଜନାର ହିସାବ ରଖିଲେ ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ତ୍ତମାନ ନୂଆକରି ୪ଲକ୍ଷ ୯ହଜାର ୬୮୫ ଗୋଟି ପରିବାରର ୧୨ଲକ୍ଷ ୭୦ହଜାର ୬୩୯ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ଏ ପର୍ଯ୍ୟନ୍ତ ୧୨ଲକ୍ଷ ୨୫ହଜାର ୪୧ଜଣ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନରୁ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ ହିତାଧିକାରୀ ତାଲିକାରେ ସାମିଲ କରାଯିବା ପରେ ଖାଲି ହୋଇଥିବା ସ୍ଥାନରେ ନୂତନ ହିତାଧିକାରୀ ଚୟନ କରିବା ବିଷୟରେ ସରକାର ଚିନ୍ତା କରୁଥିବା ବିଧାନସଭା ସଦସ୍ୟ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସେହିପରି ବିଧାନସଭାର ଆଉ ଜଣେ ସଦସ୍ୟ ଅନନ୍ତ ନାରାୟଣ ଜେନାଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ୨୦୧୫ ମସିହା ନଭେମ୍ବର,ଡିସେମ୍ବରରୁ ଦାରିଦ୍ର୍ୟ ସୀମାରେଖା(ବିପିଏଲ୍) ଓ ଦାରିଦ୍ର୍ୟ ସୀମାରେଖା ଊର୍ଦ୍ଧ୍ୱରେ ଥିବା ସମସ୍ତ ହିତାଧିକାରୀଙ୍କ ରାଶନ କାର୍ଡଗୁଡିକୁ ବାତିଲ କରାଯାଇଛି। ଏହି ସ୍ଥାନରେ ଯୋଗ୍ୟତା ମାନଦଣ୍ଡ ଆଧାରରେ ହିତାଧିକାରୀ ଚୟନ କରାଯାଇଛି। ଏହି ସ୍ଥାନରେ ୮୯ଲକ୍ଷ ୧୬ହଜାର ୩୧୪ଟି ପରିବାରର ୩କୋଟି ୨୧ଲକ୍ଷ ୭୩ହଜାର ୨୮୩ଜଣଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ ଅନୁସାରେ ନୂତନ ରାଶନ କାର୍ଡ ପ୍ରଦାନ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ୪ଲକ୍ଷ ୯ହଜାର ୬୮୫ପରିବାରର ୧୨ଲକ୍ଷ୭୦ହଜାର୬୩୯ଜଣଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଥିବା ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି। ମନ୍ତ୍ରୀ ସ୍ୱାଇଁ ଆହୁରି କହିଛନ୍ତି, ଗତ ସେପ୍ଟେମ୍ବର ୨୪ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସିଥିବା ବିଜ୍ଞପ୍ତି ଅନୁଯାୟୀ ରାଶନ କାର୍ଡ ସହ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଚାଲୁ ଅଛି। ଆସନ୍ତା ଡିସେମ୍ବର ୩୧ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ ଅନୁଯାୟୀ ୨୦୧୯ ଜାନୁୟାରୀରୁ ଡିସେମ୍ବର ମାସ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ବଣ୍ଟନ ଲାଗି ୧,୯୦,୭୭,୧୦୧.୦୧ କୁଇଣ୍ଟାଲ ଚାଉଳ ଏବଂ ୨୮,୮୩,୭୮୨.୮୯ କୁଇଣ୍ଟାଲ ଗହମ ପ୍ରଦାନ କରାଯାଇଛି। ଏହି ସମୟ ଭିତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ୧୨,୫୩,୨୭୫.୯୮ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ହିତାଧିକାରୀଙ୍କୁ ୨୦୧୯ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ବଣ୍ଟନ ଲାଗି ୨,୨୧,୯୦୭.୩୯ କିଲୋଲିଟର କିରୋସିନ ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଅନ୍ୟଜଣେ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇ କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ଦେଉଥିବା କିରୋସିନ ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସମାନଭାବେ ବାଣ୍ଟି ଦିଆଯାଉଛି। ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସ ପାଇଁ କେନ୍ଦ୍ର ସରକାର ମୋଟ ରାଜ୍ୟକୁ ୪୯,୧୫୨ କିଲୋଲିଟର କିରୋସିନ ଯୋଗାଇ ଦେଇଛନ୍ତି। ପ୍ରତି ମାସରେ ହିତାଧିକାରୀଙ୍କୁ ୨ ଲିଟର ଲେଖା କିରୋସିନ ପ୍ରଦାନ କରାଯାଉଛି।

- ୨୦୧୯ ବର୍ଷ ପାଇଁ କେନ୍ଦ୍ର ଦେଇଛି ୨,୨୧,୯୦୭.୩୯ କିଲୋଲିଟର କିରୋସିନ
- ଖାଦ୍ୟ ସୁରକ୍ଷା ଯୋଜନାରେ ଅଛନ୍ତି ୩କୋଟିରୁ ଅଧିକ ହିତାଧିକାରୀ
- ରାଶନ କାର୍ଡ ସହ ଆଧାର ସଂଯୋଗ କରିବାକୁ ଡିସେମ୍ବର ୩୧ ଶେଷ ତାରିଖ
- ବର୍ଷକୁ ଚାଉଳ ଯାଉଛି ୨,୦୩,୩୦୩୭୬୯.୯୯ କୁଇଣ୍ଟାଲ
- ବାର୍ଷିକ ଗହମ ଯାଉଛି ୨୮,୮୩,୭୮୨.୮୯ କୁଇଣ୍ଟାଲ

## ସଂକ୍ଷେପରେ

### ଫନୀ ପୁନରୁଦ୍ଧାର ୫ କୋଟିର ସହାୟତା ଦେଲା ଓଏସ୍‌ସିବି

**ଭୁବନେଶ୍ୱର,୨୦।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ରାଜ୍ୟ ସମବାୟ ବ୍ୟାଙ୍କ୍ (ଓଏସ୍‌ସିବି) ପକ୍ଷରୁ ୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଫନୀ ପ୍ରଭାବିତ ଉପକୂଳ ଓଡ଼ିଶାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବୁଧବାର ଲୋକସେବା ଭବନରେ ବ୍ୟାଙ୍କ୍ ପକ୍ଷରୁ ଏହି ଅର୍ଥ ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବ୍ୟାଙ୍କ୍ ଅଧକ୍ଷ ଅକ୍ଷୟ କୁମାର ମହାନ୍ତି ୫ କୋଟି ପରିମାଣର ଚେକ୍ ରାଶି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର, ସମବାୟ ସଚିବ ଭି.ଭି ଯାଦବ ଓ ଓଡ଼ିଶା ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ସ୍ୱାଇଁ ସମବାୟ ବ୍ୟାଙ୍କ୍‌ରେ ଜାରି ରହିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ଅଯୋଧ୍ୟା ଯାତ୍ରା କଲା ଶ୍ରୀଜଗନ୍ନାଥ ସେନା

**ପୁରୀ ଅଫିସ, ୨୦।୧୧:** ଅଯୋଧ୍ୟା ଯାତ୍ରା କରିଛି ଶ୍ରୀଜଗନ୍ନାଥ ସେନା। ବୁଧବାର ପୂର୍ବାହ୍ନରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାର କର୍ମକର୍ତ୍ତା ପୁରୀ ଷ୍ଟେଶନରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିଛନ୍ତି। ସାଥୀରେ ନେଇଛନ୍ତି ମହାପ୍ରଭୁଙ୍କ ମାଳ ମାହାର୍ଦ୍ଦି, ଦୁଇଖଣ୍ଡ ଖଣ୍ଡୋଲାଇଟ୍ ପଥର ଓ ପତିତପାବନ ବାନା। ସେଠାରେ ପହଞ୍ଚି ଶ୍ରୀରାମ ମନ୍ଦିର ଓ ବାବ୍ରି ମସ୍‌ଜିଦ ନିର୍ମାଣ ପାଇଁ ଉଭୟ ଅନୁଷ୍ଠାନକୁ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବା ସହିତ ମାଳ ମାହାର୍ଦ୍ଦି, ଖଣ୍ଡୋଲାଇଟ୍ ପଥର ଓ ପତିତପାବନ ବାନା ପ୍ରଦାନ କରାଯିବ। ସେନାର ଆବାହକ ପ୍ରିୟଦର୍ଶନ କହିଛନ୍ତି, ଶ୍ରୀକ୍ଷେତ୍ରରୁ ଅଯୋଧ୍ୟା ଭାଇଚାରାର ଯାତ୍ରା କରୁଛୁ। ମହାପ୍ରଭୁଙ୍କ ବଡ଼ଦାଣ୍ଡରେ ଭକ୍ତ ଦାସିଆ ବାଉରି ଯେମିତି ଭକ୍ତ ସାଲବେଗ ବି ସେମିତି। ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁ, ମୁସ୍‌ଲିମ, ଶିଖ୍, ଇସାଇ ସବୁ ଧର୍ମର ଦିଅଁ। ପବିତ୍ର ଶ୍ରୀକ୍ଷେତ୍ର ମାଟିରୁ ଏହି ଯାତ୍ରା ଅଯୋଧ୍ୟାକୁ କରୁଛୁ। ଶ୍ରୀ ରାମଜନ୍ମଭୂମି ନ୍ୟାସ ଟ୍ରଷ୍ଟ ଓ ଅଲ୍ ଇଣ୍ଡିଆ ସୁନ୍ନି ୱାକଫ୍ ବୋର୍ଡ କର୍ମକର୍ତ୍ତାଙ୍କୁ ଭେଟି ମନ୍ଦିର ଏବଂ ମସ୍‌ଜିଦ ପାଇଁ ଲକ୍ଷେ ଟଙ୍କା ଲେଖାଏଁ ଦାନ କରାଯିବ। ଉଭୟ ପକ୍ଷଙ୍କ ସହ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନା ହେବ ବୋଲି ପ୍ରିୟଦର୍ଶନ କହିଛନ୍ତି। ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ରାୟ ପ୍ରକାଶ ପରେ ଭାଇଚାରାର ବାର୍ତ୍ତା ଦେଇଥିଲା ପୁରୀ। ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠର ପବିତ୍ର ମାଟିରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଏପରି କି ବିଦେଶୀ ଇସ୍କନ ଭକ୍ତ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ପରସ୍ପରକୁ ମିଠା ଖୁଆଇ ଆମେ ସବୁ ଭାଇ ଭାଇର ବାର୍ତ୍ତା ଦେଇଥିଲେ। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସବୁ ଧର୍ମାଲମ୍ବୀମାନଙ୍କୁ ଫୁଲମାଳ ଓ ଟିକା ପିନ୍ଧାଯାଇ ସମ୍ମାନ ପ୍ରଦାନ କରାଯାଇଥିଲା।

### ବଦଳିଲା ଭାରତ ବଞ୍ଚାଓ ଆନ୍ଦୋଳନ ତାରିଖ

ଭୁବନେଶ୍ୱର,୨୦।୧୧(ବ୍ୟୁରୋ): କେନ୍ଦ୍ରର ଏନ୍‌ଡିଏ ସରକାର ଅମଳରେ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି। ଉତ୍କଟ ବେକାର ସମସ୍ୟା, ଚରମ ଆର୍ଥିକ ମାନ୍ଦାବସ୍ଥା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡିକର ଅହେତୁକ ମୂଲ୍ୟ ବୃଦ୍ଧି, ଚାଷୀଙ୍କ ଉତ୍ପାଦିତ ଫସଲର ଅଭାବୀ ବିକ୍ରି ଯୋଗୁ ଲୋକେ ମଧ ଅଣନିଃଶ୍ୱାସୀ ହୋଇଗଲେଣି। ଏହିସବୁ ପ୍ରସଙ୍ଗକୁ ନେଇ ନିଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଦିଲ୍ଲୀର ରାମଲୀଲା ମୈଦାନରେ ଆସନ୍ତା ୩୦ରେ 'ଭାରତ ବଞ୍ଚାଓ ସମାବେଶ' ହେବାର ଥିଲା। ଏହାକୁ ଡିସେମ୍ବର ୧୪ ଯାଏ ଘୁଞ୍ଚାଇ ଦିଆଯାଇଛି। ଏନେଇ ବୁଧବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୨୩ ତାରିଖ ୧୨ଟା ସମୟରେ ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଏକ ପ୍ରତିବାଦ ସଭା କରାଯିବ। ଉଭୟ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦେବା ପାଇଁ ନିରଞ୍ଜନ ଅନୁରୋଧ କରିଛନ୍ତି।

## ରାଜପଥ ମନ୍ତ୍ରଣାଳୟ 'ସଡ଼କ ଦୁର୍ଘଟଣା-୨୦୧୮' ରିପୋର୍ଟ ପ୍ରକାଶିତ

# ୨.୩୭ ପ୍ରତିଶତ ମୃତ୍ୟୁ ହାର ବଢ଼ିଛି

**ଭୁବନେଶ୍ୱର, ୨୦।୧୧(ବ୍ୟୁରୋ)**

ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର 'ଭାରତରେ ସଡ଼କ ଦୁର୍ଘଟଣା-୨୦୧୮' ରିପୋର୍ଟ ଜାରି କରାଯାଇଛି। ଏହା ହେଉଛି ମନ୍ତ୍ରଣାଳୟ ଅଧୀନ ପରିବହନ ଗବେଷଣା ଶାଖାର ବାର୍ଷିକ ପ୍ରକାଶନୀ, ଯେଉଁଥିରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ପୋଲିସଠାରୁ ମିଳିଥିବା ତଥ୍ୟ ଆଧାରରେ ଦୁର୍ଘଟଣାରେ ମୃତ ଏବଂ ଆହତଙ୍କ ସଂଖ୍ୟାର ବର୍ଷୱାରି ବିବରଣୀ ଉପଲବ୍ଧ କରାଯାଇଥାଏ। ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୧୮ରେ ଦେଶରେ ସଡ଼କ ଦୁର୍ଘଟଣାରେ ୦.୪୬ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୭ରେ ୪,୬୪,୯୧୦ଟି ଦୁର୍ଘଟଣା ତୁଳନାରେ ୨୦୧୮ରେ ୪,୬୭,୦୪୪ ସଡ଼କ ଦୁର୍ଘଟଣା ଘଟିଛି। ଏହି ସମୟରେ ମୃତ୍ୟୁ ହାର ମଧ୍ୟ ପାଖାପାଖି ୨.୩୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୭ରେ ୧,୪୭,୯୧୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୧୮ରେ ୧,୫୧,୪୭୧ ଜଣ ମୃତ୍ୟୁମୁଖରେ ପଡିଛନ୍ତି। ସଡ଼କ ଦୁର୍ଘଟଣାରେ ଆହତଙ୍କ ସଂଖ୍ୟା ୨୦୧୭ ତୁଳନାରେ ୨୦୧୮ରେ ୦.୩୩ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୧୦ ପର୍ଯ୍ୟନ୍ତ ଦୁର୍ଘଟଣା, ମୃତକ ଏବଂ ଆହତଙ୍କ ସଂଖ୍ୟାରେ ବୃଦ୍ଧି ଘଟି ଚାଲିଥିଲା। ଏହା ବ୍ୟତୀତ ୨୦୧୦-୨୦୧୮ ମଧ୍ୟରେ ଦୁର୍ଘଟଣାର ବାର୍ଷିକ ବୃଦ୍ଧି ହାର ମଧ୍ୟ ହ୍ରାସ ଘଟିଛି। ଗାଡ଼ିମୋଟରର ସଂଖ୍ୟା ବୃଦ୍ଧି ସତ୍ତ୍ୱେ ଗତ ଦଶନ୍ଧି ତୁଳନାରେ ଦୁର୍ଘଟଣା କମ ରହିଛି। ସମଗ୍ର ସଡ଼କ ନେଟୱର୍କର ୧.୯୪ ପ୍ରତିଶତ ଅଂଶ ହେଉଛି ଜାତୀୟ ରାଜପଥ। ୨୦୧୮ରେ ଏଥିରେ ସଡ଼କ ଦୁର୍ଘଟଣା ୩୦.୨ ପ୍ରତିଶତ ଏବଂ ମୃତ୍ୟୁର ୩୫.୭ ପ୍ରତିଶତ ଘଟଣା ଘଟିଛି। ସେହିପରି ସଡ଼କ ନେଟୱର୍କର ୨.୯୭ ପ୍ରତିଶତ ଅଂଶ ଅକ୍ତିଆର କରିଥିବା ରାଜ୍ୟ ରାଜପଥ ୨୫.୨ ପ୍ରତିଶତ ଦୁର୍ଘଟଣା ଏବଂ ୨୬.୮ ପ୍ରତିଶତ ମୃତ୍ୟୁର କାରଣ ସାଜିଛି। ଅନ୍ୟାନ୍ୟ ସଡ଼କ ମୋଟ ସଡ଼କ ନେଟୱର୍କର ୯୫.୧ ପ୍ରତିଶତ ସ୍ଥାନ ହାସଲ କରିଥିବା ବେଳେ ଏଥିରେ ଯଥାକ୍ରମେ ୪୫ ପ୍ରତିଶତ ଦୁର୍ଘଟଣା ଏବଂ ୩୮ ପ୍ରତିଶତ ଦୁର୍ଘଟଣା ଜନିତ ମୃତ୍ୟୁ ଘଟଣା ଘଟିଛି। ମୋଟ ସଡ଼କ ଦୁର୍ଘଟଣାରେ ହେଉଥିବା ମୃତ୍ୟୁ ମଧ୍ୟରୁ ୧୮ରୁ ୬୦ ବର୍ଷ ବୟସର କର୍ମଜୀବୀଙ୍କ ସଂଖ୍ୟା ୮୪.୭ ପ୍ରତିଶତ ଥିବା ଜଣାପଡ଼ିଛି। ୨୦୧୮ରେ ହିଟ ଆଣ୍ଡ ରନ ମାମଲାରେ ୧୮.୯ ପ୍ରତିଶତ ମୃତ୍ୟୁ ହୋଇଛି। ୨୦୧୭ରେ ଏହା ୧୭.୫ ପ୍ରତିଶତ ଥିଲା। ୨୦୧୮ରେ ପାଖାପାଖି ୫୬ ପ୍ରତିଶତ ଲୋକଙ୍କ ମୃତ୍ୟୁ ସାମ୍ନାସାମ୍ନି ଏବଂ ପଛରୁ ଗାଡ଼ି ଧକ୍କା ହେବା କାରଣରୁ ହୋଇଛି। ୨୦୧୮ରେ ଏହି ଶ୍ରେଣୀରେ ମୃତକଙ୍କ ସଂଖ୍ୟା ଅଧିକ ବୃଦ୍ଧି ପାଇଛି । ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ୮୬% ପୁରୁଷ ଥିବା ବେଳେ ୧୪% ମହିଳା ଅଛନ୍ତି। ମାନବୀୟ ତ୍ରୁଟି, ସଡ଼କ ପରିସ୍ଥିତି ଏବଂ ବାହନର ସ୍ଥିତି ଆଦି ଯୋଗୁ ଦୁର୍ଘଟଣା ଘଟୁଥିବା ଜଣାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ ବର୍ଗରେ, ଦ୍ରୁତ ଗାଡ଼ି ଚାଳନା ଯୋଗୁ ୬୪.୪% ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଛି। ସେହିପରି ଭୁଲ ରାସ୍ତାରେ ଚଳାଇବା ଯୋଗୁ ୫.୮%, ଏବଂ ମଦ ପିଇ ଗାଡ଼ି ଚଳାଇବା ଯୋଗୁ ୨.୮% ଦୁର୍ଘଟଣା ଘଟୁଛି। ଡ୍ରାଇଭିଂ ଲାଇସେନ୍ସ ନ ଥିବା ଯୋଗୁ ୧୩%, ହେଲ୍‌ମେଟ ବ୍ୟବହାର ନ କରିବା ଯୋଗୁ ୨୯% ଏବଂ ସିଟ ବେଲ୍ଟ ବ୍ୟବହାର ନ କରିବା ଯୋଗୁ ୧୬% ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ୧୦ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଯୋଗୁ ୪୧% ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। କ୍ଷମତାଠାରୁ ଅଧିକ ମାଲ ଏବଂ ଯାତ୍ରୀ ପରିବହନ କାରଣରୁ ୧୨% ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ୨୦୧୮ରେ ତାମିଲନାଡୁରେ ସର୍ବାଧିକ ଦୁର୍ଘଟଣା ଘଟିଥିବା ବେଳେ ଉତ୍ତର ପ୍ରଦେଶରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ରହିଛି। ଦୁର୍ଘଟଣା ରୋକିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ସଡ଼କ ଓ ବାହନ ପାଇଁ ଶିକ୍ଷା ଏବଂ ଇଞ୍ଜିନିୟରିଂ ଆଧାରିତ ବ୍ୟାପକ ସଡ଼କ ସୁରକ୍ଷା ରଣନୀତି କାର୍ଯ୍ୟକାରୀ କରାଯାଉଛି। ପ୍ରବର୍ତ୍ତନ ଏବଂ ଜରୁରିକାଳୀନ ପଦକ୍ଷେପ ଯଥା ଡ୍ରାଇଭର ତାଲିମ ସ୍କୁଲ ପ୍ରତିଷ୍ଠା, ସଚେତନତା ସୃଷ୍ଟି, ଅଟୋମୋବାଇଲ ସୁରକ୍ଷା ମାନକ ସୁଦୃଢ଼ କରିବା, ସଡ଼କ ଭିତ୍ତିଭୂମି ଉନ୍ନତି, ସଡ଼କ ସୁରକ୍ଷା ଅଡିଟ ଆଦି ଗ୍ରହଣ କରାଯାଉଛି। ବ୍ଲାକ ସ୍ପଟ ଚିହ୍ନଟ କରି ସଂଶୋଧନ କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏସବୁ ପଦକ୍ଷେପ ଯୋଗୁ ୨୦୧୦-୨୦୧୮ ଅବଧିରେ ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ମନ୍ତ୍ରଣାଳୟ ପକ୍ଷରୁ ସଡ଼କ ସୁରକ୍ଷା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଚଳିତ ବର୍ଷ ମୋଟର ଯାନ ସଂଶୋଧନ ବିଧେୟକ ୨୦୧୯ ଲାଗୁ କରାଯାଇଛି। ଏଥିରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଅଧିକ ଜରିମାନା ଲାଗୁ, ବୈଦ୍ୟୁତିକ ନିରୀକ୍ଷଣ, ନାବାଳକଙ୍କ ଗାଡ଼ି ଚାଳନା ପାଇଁ ଅଧିକ ଦଣ୍ଡ ବ୍ୟବସ୍ଥା, ଗାଡ଼ି ଫିଟନେସ ଓ ଡ୍ରାଇଭିଂ ଟେଷ୍ଟର କମ୍ପ୍ୟୁଟରୀକରଣ ଆଦି ବ୍ୟବସ୍ଥା କରାଯାଇଛି। ଏହା ଗାଡ଼ି ଚାଳକ ଏବଂ ସଡ଼କ ଉପଯୋଗକାରୀଙ୍କୁ ଅଧିକ ସଚେତନ କରିବା ସହିତ ସଡ଼କ ଦୁର୍ଘଟଣା ଏବଂ ଏ ସଂକ୍ରାନ୍ତ ମୃତ୍ୟୁ ମାମଲା ହ୍ରାସ କରିବ ବୋଲି ଆଶା କରାଯାଉଛି।

**ଡ୍ରାଇଭିଂ ଲାଇସେନ୍ସ ନ ଥିବା ଯୋଗୁ ୧୩%, ହେଲ୍‌ମେଟ ବ୍ୟବହାର ନ କରିବା ଯୋଗୁ ୨୯% ଦୁର୍ଘଟଣା**

## ଆଜି କ'ଣ କେଉଁଠି

**ଦେବଗଡ଼**
- ଗୋସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର, ଗୋଶାଳା, କଳାମାଟି, ପୂର୍ବାହ୍ନ ୧୦ଟା।
- ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ କର୍ମଶାଳା, ରୌନକ ପ୍ଲାଜା, ପୂର୍ବାହ୍ନ ୧୦ଟା।

**ବରଗଡ଼**
- ବରଗଡ଼ ପୁସ୍ତକମେଳା, ଜର୍ଜ ହାଇସ୍କୁଲ ପଡ଼ିଆ, ଅପରାହ୍ନ ସାଢେ ୨ଟା।
- ଗାନ୍ଧୀ କଥା ଆଲୋଚନାଚକ୍ର, ଜର୍ଜ ହାଇସ୍କୁଲ ପଡ଼ିଆ ପୁସ୍ତକମେଳା, ସନ୍ଧ୍ୟା ୬ଟା।

**ନୂଆପଡା**
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ଏକଲବ୍ୟ ମଡେଲ ସ୍କୁଲ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳଙ୍କ ଅଫିସ ନିକଟ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଟୋକନ ବ୍ୟବସ୍ଥାକୁ ବିରୋଧ କରି ଚାଷୀ ସଂଗଠନର ଜାତୀୟ ରାଜପଥ ଅବରୋଧ, ବରେଇପାଲି ଆରଏମସି ମାର୍କେଟ ୟାର୍ଡ ସମ୍ମୁଖ, ପୂର୍ବାହ୍ନ ସାଢ଼େ ୧୦ଟା ।
- ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୨ଟା ।
- ରଙ୍ଗଫରୁଆର ସାଂସ୍କୃତିକ କାଯର୍ୟକ୍ରମ, ଅଇଁଠାପାଲି ପିଏଚଡି ପଡିଆ ମଞ୍ଚ, ସନ୍ଧ୍ୟା ୭ଟା ।

**ବୌଦ୍ଧ**
- ପ୍ରଥମ ମା' ଭୈରବୀ ମହୋତ୍ସବର ୨ୟ ସନ୍ଧ୍ୟା, ପୁରୁଣାକଟକ ମିନି ଷ୍ଟାଡିୟମ, ସନ୍ଧ୍ୟା ୫ଟା।

### ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପୂଜାବିଧି ଶେଷ

**ପୁରୀ ଅଫିସ, ୨୦।୧୧:** ଶ୍ରୀମନ୍ଦିରରେ ବୁଧବାର ପାଳିତ ହୋଇଛି ପବିତ୍ର ପ୍ରଥମାଷ୍ଟମୀ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗ ମଣ୍ଡପ ବଢିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲାଗି କରାଯାଇଥିଲା। ଚନ୍ଦନ ଲାଗି କରିବା ପରେ ବେଶ ହୋଇଥିଲା। ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯାଇଥିଲା। ଦ୍ୱିପ୍ରହର ଧୂପ ପରେ ମଙ୍ଗଳାର୍ପଣ ବଢି କରାଯାଇ ଫୁଲ ପରିଆ ଖଦି ଛେଦା ପ୍ରସାଦ ଲାଗି କରାଯାଇ ଠାକୁରମାନଙ୍କୁ ବନ୍ଦାପନା କରାଯାଇଥିଲା। ଏହିଭଳି ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପର୍ବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼, ଗଞ୍ଜାମ**

**ମହାଶୟ**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆମ୍ଭ କାର୍ଯ୍ୟାଳୟ ପତ୍ର ସଂଖ୍ୟା.୩୬୮୭ ତା.୦୪।୧୧।୨୦୧୯ ଏକ ବିଜ୍ଞାପନ ଆପଣଙ୍କ ଧରିତ୍ରୀ କାଗଜରେ ଛପାଯିବା ପାଇଁ ଦିଆଯାଇଥିବା ବିଜ୍ଞାପନଟି ଅବୈଧ ଅଟେ। ବାହାରିଥିବା ୧୩।୧୧।୨୦୧୯ ବିଜ୍ଞାପନକୁ ଏହି ଚିଠି ମାଧ୍ୟମରେ ରଦ୍ଦ କରାଗଲା

**ସ୍ୱା./- ଦୟାସିନ୍ଧୁ ପରିଡା, ତହସିଲଦାର, ଶେରଗଡ଼**

**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

**CORRIGENDUM OF TIME EXTENTION FOR EMPANELLMENT OF AGENCIES FOR PROVIDING TECHNICAL AND PROFESSIONAL MANPOWER AT VARIOUS LOCATION OF ODISHA MINERAL EXPLORATION CORPORATION LTD (OMECL).**

No.CAD-605 :- For NIT No. 01/OMECL/E-PROC/2019 dated 06/11/2019 and Empanelment of Agencies for providing Technical & Professional Manpower Notice displayed in OMC Website on 06/11/2019, following are the amendments for time extension.

The date of up-loading of final RFP document extended to : **22.11.2019**

**30005/11/0093/1920** **GENERAL MANAGER (EXPLORATION)**

**DISTRICT RURAL DEVELOPMENT AGENCY, MAYURBHANJ**

**TENDER**

**Quotation Call Notice No. : 7878** **CAD-602**

Name of the tender "Quotation Call Notice For Hiring of Two Private Vehicle in DRDA Mayurbhanj".

The details are uploaded in the District website www.mayurbhanj.nic.in.

**Sd./- Project Director**
**DRDA, Mayurbhanj**

**19082/11/0005/1920**

**OFFICE OF THE ADDITIONAL DISTRICT URBAN PUBLIC HEALTH OFFICER**
**CITY PROGRAMME MANAGEMENT UNIT, NUHM, ROURKELA**
**(Department of Health & Family Welfare, Govt. of Odisha)**

**Letter No:- 3847/ CPMU-NUHM-RKL/2019-20** **Date: 19.11.19**

**Corrigendum**

**No.E-510:-** In pursuance to this office advertisement no-3738 Dtd-14.11.19, the last date for the receiving application for the posts of contractual part-time specialist (O&G/Paed./ENT/Skin & VD/Dentist/ Physiotherapist/ Nutritionist/Opthalmic Assistant is 04.12.19, 5 PM through speed post/ registered post, courier only. The application should be addressed to the ADUPHO, Rourkela, At-Sub-Divisional Hospital, Panposh, Po-Panposh, Rourkela. The other terms & conditions remains un-changed.

**Sd./- Additional District Urban Public Health Officer, Rourkela**

**10144/11/0003/1920**

**OFFICE OF THE SORO MUNICIPALITY, SORO, BALASORE**

**Tel & Fax No: 06788 221262**

**No. 4025** **Date: 20.11.19**

**e-Procurement Notice**

**TENDER REFERENCE No. SOROM_03_2019_20**

The Executive Officer, Soro Municipality invites Percentage rate tenders through e-Procurement for Civil works (available in website). The BID should submitted on-line in the Government website **www.tendersodisha.gov.in** by eligible class of contractors for construction of civil works. The bidder should have necessary portal enrollment (with his own Digital Signature Certificate).

1. No. of Woks: 31 Nos.
2. The BID documents will be available in the website **www.tendersodisha.gov.in** from 22.11.2019 at 02.00 PM to 02.12.2019 upto 5 PM for online bidding.
3. BIDS shall be received only "online" on or before 5.00 PM of 02.12.2019. Details can be seen form the e-Procurement **www.tendersodisha.gov.in**.
4. Original Bid Submission at Soro Municipality office on 03.12.2019 upto 2.00 PM.
5. Tender opening on 03.12.2019 at 02.30 PM at Soro Municipality Office.

**Sd./- Executive Officer, Soro Municipality**

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No. RDM-LAB-KPT-0006-2017-2371 / R&DM, Dated 15.01.2018**

**No. X-01:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଚରାମୁଳା-ପୋଡ଼ାପଦର ଶାଖା କେନାଲ ଓ ଚରାମୁଳା ଉପଶାଖା କେନାଲ ଖନନ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଚରାମୁଳା, ଥାନା- ବି.ସିଙ୍ଗିପୁର, ନଂ.-୪୯, ତହସିଲ- ବୋରିଗୁମ୍ମା, ଜିଲ୍ଲା- କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ୧.୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଚରାମୁଳା-ପୋଡ଼ାପଦର ଶାଖା କେନାଲ ଓ ଚରାମୁଳା ଉପଶାଖା କେନାଲ ଖନନ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ, ନଂ.-୨, ଆମ୍ବାଗୁଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: କୌଣସି ବିସ୍ଥାପନ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପଜିଲ୍ଲାପାଳ, ଜୟପୁର, କୋରାପୁଟ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ଚରାମୁଳା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୩.୧୪ | ଏ.୧.୧୦ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ଚରାମୁଳା | ଗ୍ରାମାଞ୍ଚଳ | ୫୧ | ୩୮୭ | ଧାନ ତିନି | ୩.୨୪ | ୦.୪୦ | ଡମ୍ବରୁଧର ହୋତା, ପି: ଲିଙ୍ଗରାଜ ହୋତା |
| କୋରାପୁଟ | ବୋରିଗୁମ୍ମା | ଚରାମୁଳା | ଗ୍ରାମାଞ୍ଚଳ | ୧୨୪ | ୩୧୦ | ଧାନ ଦୁଇ | ୪.୯୦ | ୦.୪୨ | ଦେବ ମହୁରିଆ, ପି: ବୁଦୁ ମହୁରିଆ |
| କୋରାପୁଟ | ବୋରିଗୁମ୍ମା | ଚରାମୁଳା | ଗ୍ରାମାଞ୍ଚଳ | ୧୨୪/ ୩୦୨ | ୩୭୪/ ୬୬୬ (ଅଧିସୂଚିତ ପ୍ଲଟ୍ ୩୭୪/୬୬୦ ପରିବର୍ତ୍ତେ ୩୭୪ ୬୬୬ ହେବ) | ଧାନ ଦୁଇ | ୫.୦୦ | ୦.୨୮ | ଉର୍ଦ୍ଧବ ଗୌଡ଼, ପି: ତିଳ ଗୌଡ଼ |
| ମୋଟ | | | | | | | ୧୩.୧୪ | ୧.୧୦ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସଂଗ୍ରାମ କେଶରୀ ମହାପାତ୍ର), ଯୁଗ୍ମଶାସନ ସଚିବ

24001/14/0288/1920

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No. RDM-LAB-KPT-0007-2017-2378 / R&DM, Dated 15.01.2018**

**No. X-04:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ-ରତାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ଖନନ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରାମପାତ୍ରପୁଟ, ଥାନା- ବି.ସିଙ୍ଗିପୁର, ନଂ.-୪୭, ତହସିଲ- ବୋରିଗୁମ୍ମା, ଜିଲ୍ଲା- କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ୧.୨୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ-ରତାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ଖନନ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ, ନଂ.-୨, ଆମ୍ବାଗୁଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: କୌଣସି ବିସ୍ଥାପନ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପଜିଲ୍ଲାପାଳ, ଜୟପୁର, କୋରାପୁଟ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨.୭୦ | ଏ.୧.୨୫ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ତଫସିଲ-କ**

ଜିଲ୍ଲା: କୋରାପୁଟ **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** ତହସିଲ: ବୋରିଗୁମ୍ମା

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଞ୍ଚଳ | ୭୯ | ୪୧ | ଧାନ ତିନି | ୦.୬୭ | ୦.୪୭ | ମାଧବ ପୂଜାରୀ, ପି: ବୁଦୁରା ପୂଜାରୀ |
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଞ୍ଚଳ | ୧୧୨/୨୯ | ୮୬ | ଧାନ ତିନି | ୦.୬୭ | ୦.୪୮ | ଡମ୍ବରୁ ନାୟକ, ପି: ବାମଦେବ ନାୟକ |
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଞ୍ଚଳ | ୧୧୨/ ୧୪୪ | ୧୨୬ | ଡଙ୍ଗର ଦୁଇ | ୧.୩୬ | ୦.୩୦ | ଭଗବାନ ପୂଜାରୀ, ପି: କମଳ ଲୋଚନ ପୂଜାରୀ |
| ମୋଟ | | | | | | | ୨.୭୦ | ୧.୨୫ | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସଂଗ୍ରାମ କେଶରୀ ମହାପାତ୍ର), ଯୁଗ୍ମ ଶାସନ ସଚିବ

24001/14/0291/1920

## ସଂକ୍ଷେପରେ



### ଗ୍ରିଲ୍ ଭାଙ୍ଗି ନେଇଗଲେ ଟଙ୍କା, ଗହଣା

ସମ୍ବଲପୁର,୨୦।୧୧(ବ୍ୟୁରୋ) ସମ୍ବଲପୁର ଟାଉନ ଥାନା ଅଧୀନ ସୁଜାତା ହୋଟେଲ ଗଳିରେ ରହୁଥିବା ପ୍ରଦୀପ ଅଗ୍ରୱାଲଙ୍କ ଘରୁ ବୁଧବାର ଭୋର ୪ଟାରେ ଚୋରି ହୋଇଛି । ଘରର ଲୁହା ଗ୍ରିଲ୍ ଭାଙ୍ଗି ଘର ଭିତରକୁ ପଶିବା ପରେ ଦୁର୍ବୃତ୍ତ ଆଲମାରି ଭାଙ୍ଗିଛନ୍ତି। ସେଥିରୁ ସୁନାରୁପା ଅଳଙ୍କାର, ନଗଦ ୨୫ ହଜାର ଟଙ୍କା ସହ ମୋଟ ୨ ଲକ୍ଷ ଟଙ୍କା ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷେ ସିସି ଟିଭିରେ ଏହାର ପ୍ରମାଣ ଲାଗିଛି। ଦୁର୍ବୃତ୍ତ ନେଇଯାଇଥିବା ଏଟିଏମ୍ କାର୍ଡରୁ ସକାଳ ୬ଟାରେ ଟଙ୍କା ଉଠାଇଛନ୍ତି।

### ଡିଲିଟ ପାଇବେ ଅଟଳ, ଅଜିତ

ସମ୍ବଲପୁର,୨୦।୧୧(ବ୍ୟୁରୋ) ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ନଭେମ୍ବର ୨୯ ତାରିଖ ହେବ। ଏଥିରେ ନାଟ୍ୟକାର ତଥା ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡା ଓ ବୈଜ୍ଞାନିକ ଅଜିତ କୁମାର ମହାନ୍ତିଙ୍କୁ ଡିଲିଟ ଉପାଧିରେ ସମ୍ମାନିତ କରାଯିବ।

## ଫଟୋରେ ଖବର





ସମ୍ବଲପୁର ଜିଲା ସାକ୍ଷୀପଡାସ୍ଥିତ ଏକ ଶିକ୍ଷାନୁଷ୍ଠାନ ଜଙ୍ଗଲ ଜମି ହଡପ କରିଥିବା ପ୍ରତିବାଦରେ ବୁଧବାର ସମ୍ବଲପୁର ଡିଏଫ୍‌ଓଙ୍କୁ ଅଭିଯୋଗ କରିବା ପାଇଁ ଭଗୱା ଶେର ସଭ୍ୟମାନେ ଆସିଛନ୍ତି (ବାମ)। ରେଙ୍ଗାଲି ପଣ୍ଡୋଲୋଇଠାରେ କାରଖାନାର ପ୍ରଦୂଷଣରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଏହାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି ।

# ଚାଷୀଙ୍କୁ ମନାଇଲେ ମନ୍ତ୍ରୀ

**ସମ୍ବଲପୁର,୨୦।୧୧(ବ୍ୟୁରୋ)**

- ଚାଷୀ ସଂଗଠନ ସହ ଆଲୋଚନା
- କୋହଳ ହୋଇପାରେ ଧାନ କିଣା ନୀତି
- ଟୋକନ ବ୍ୟବସ୍ଥାରେ ସୁଧାର ଆସିବ
- ଘୋଷଣା ନ ହେଲେ ରାସ୍ତାରୋକୋ ଧମକ
- ମନ୍ତ୍ରୀ ମାନିଲେ ବାସ୍ତବରେ ଚାଷୀଙ୍କ ସମସ୍ୟା ରହିଛି

ସମ୍ବଲପୁର ସର୍କିଟ ହାଉସରେ ଚାଷୀ ସଂଗଠନର ପ୍ରତିନିଧି ଦଳ ସହ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ବୁଧବାର ଆଲୋଚନା କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସେ ପ୍ରତିନିଧିତ୍ୱ କରି ଚାଷୀମାନଙ୍କ ସହ ସମସ୍ୟା ଉପରେ ଆଲୋଚନା କରିଛନ୍ତି। କୃଷି ମନ୍ତ୍ରୀ ଓ ସଚିବଙ୍କୁ ଏ ନେଇ ସେ ଅବଗତ ମଧ୍ୟ କରାଇଛନ୍ତି। ଗୁରୁବାର ଚାଷୀ ସଂଗଠନ ଅନିର୍ଦ୍ଦିଷ୍ଟ କାଳ ପାଇଁ ବରେଇପାଲିରେ ରାସ୍ତାରୋକୋ କରିବାକୁ ଘେଷଣା କରିଥିଲା। ଏହାର ସମାଧାନ ପାଇଁ ସରକାରୀସ୍ତରରରେ ପ୍ରୟାସ କରାଯାଇଛି। ତେବେ ଚାଷୀଙ୍କ ସହ ଆଲୋଚନା ସମୟରେ ଜିଲାପାଳ ଶୁଭମ୍ ସକ୍ସେନା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ଏସ୍‌ପି କନୱର ବିଶାଲ ସିଂ, ଯୋଗାଣ ଅଧିକାରୀ ରଞ୍ଜନ ସେଠ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ମନ୍ତ୍ରୀ ସିଂ କହିଛନ୍ତି ଯେ, ଚାଷୀମାନଙ୍କ ସହ ଆଲୋଚନା ସଫଳ ହୋଇଛି। ବିଭାଗୀୟ ସଚିବଙ୍କୁ ସମସ୍ୟା ଉପରେ ସେ ଜଣାଇ ଦେଇଛନ୍ତି। ଉଚ୍ଚସ୍ତରୀୟ ବୈଠକ ପରେ ନିଶ୍ଚିତ ଭାବେ କିଛି ବାଟ ଫିଟିବ । ରାଜ୍ୟ ସରକାର ସବୁବେଳେ ଚାଷୀମାନଙ୍କ ସହ ଅଛନ୍ତି । ଚାଷୀଙ୍କ ଯେଭଳି କୌଣସି ସମସ୍ୟା ନ ହେବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଚାଷୀ ଯେଭଳି ସୁବିଧାରେ ଧାନ ବିକ୍ରି କରି ପାରିବେ ସେ ନେଇ ବାଟ କରାଯାଉଛି। ଟୋକନ ବ୍ୟବସ୍ଥାରେ କିଛି ସୁଧାର ଆସିବ । ବାସ୍ତବରେ ଚାଷୀଙ୍କ ସମସ୍ୟା ରହିଛି। ସବୁ ଅଞ୍ଚଳରେ ଧାନର ଉତ୍ପାଦନ ଓ ବିକ୍ରି କରିମାଣ ଓ ସମୟ ସମାନ ହୋଇ ନ ଥାଏ । ଅଗାମୀ ଦିନରେ ଚାଷୀମାନଙ୍କୁ ନେଇ ଜୋନ୍‌ସ୍ତରୀୟ ଏକ ଉଚ୍ଚସ୍ତରୀୟ କମିଟି କରାଯିବ। ଏହାପରେ ଯାଇ ନିୟମ ସ୍ଥିର କରାଯିବ। ରାଜ୍ୟ ସରକାରଙ୍କ ସହ ଏଫସିଆଇର ଚୁକ୍ତି ରହିଥାଏ । ତେଣୁ ଏଫସିଆଇକୁ ସରକାର ଚିଠି ଲେଖି ଏହାର ସମାଧାନ କରିବେ । ସମ୍ବଲପୁର ଜିଲାରେ ଧାନ ଅମଳ ପରିମାଣ ଅଧିକ ହୋଇଥାଏ । ତେଣୁ ଏ ଦିଗରେ ପଦକ୍ଷେପ ନିଆଯିବ। ଚାଷୀମାନେ ସମସ୍ତ ଧାନ ବିକ୍ରି କରି ପରିବେ। ଭୟ କରିବା କିଛି କାରଣ ନାହିଁ । ଅଣ ଜଳ ସେଚିତ ଅଞ୍ଚଳରେ ଧାନ ବିକ୍ରି କରିବା ପାଇଁ ବିଳମ୍ବ ହେଲେ ମଧ୍ୟ ଚଳିବ । ହେଲେ ଜଳସେଚନ ଅଞ୍ଚଳରେ ଚାଷୀ ଧାନ ଶିଘ୍ର ବିକ୍ରି ନ କଲେ ଆଗାମୀ ଚାଷ ପାଇଁ ପ୍ରସ୍ତୁତି କରିପାରିବ ନାହିଁ। ଅନ୍ୟପକ୍ଷେ ଚାଷୀ ବୀମା ଟଙ୍କା ପାଇ ନ ଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ତେବେ ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ଆଲୋଚନା ତ ହୋଇଛି। ହେଲେ କିଛି ଘୋଷଣା ହୋଇ ନାହିଁ । ରାସ୍ତାରୋକୋ ପାଇଁ ସ୍ଥିର କରାଯାଉଛି। ତାହା କରିବା ଥୟ। ସରକାରଙ୍କ ଉପରେ ସବୁ ରହିଛି। ଏହି ଆଲୋଚନାରେ ଜିଲା କୃଷକ ସଂଗଠନର ସଭାପତି ମୁରାରୀ ପୁରୋହିତ ଓ ସରୋଜ ମହାନ୍ତି ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ପଲ୍ଲିଶ୍ରୀ ମେଳା



ପଲ୍ଲିଶ୍ରୀ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ସମ୍ବଲପୁର,୨୦।୧୧(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆରେ ବୁଧବାର ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି । ପିଡି ସୁକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ସମ୍ବଲପୁର ଡିଏଫଓ ଡ.ସଞ୍ଜୀତ କୁମାର, କେନ୍ଦୁ ଲିଫ ଡିଏଫଓ ଟି. ଅର୍ଦ୍ଧନାରୀ, ଓର୍‌ମାସ୍ ସଂଯୋଜକ ଶ୍ରୀମନ୍ତ ହୋତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ ଯୋଗ ଦେଇଥିଲେ। ଏଥିରେ ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ମଣିପୁର, ମହାରାଷ୍ଟ୍ର, ଗୁଜୁରାଟ, ପଶ୍ଚିମବଙ୍ଗ, ବିହାର, ତେଲେଙ୍ଗାନା, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶରୁ ଲୋକେ ସାମିଲ ହୋଇଛନ୍ତି।

### ନିର୍ମାଣ କାମ ଠପ୍ ହେବ

# ଟେଣ୍ଡରରେ ଭାଗ ନେବେ ନାହିଁ ଠିକାଦାର



ବୁଧବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଠିକାଦାର ବୈଠକରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

**ସମ୍ବଲପୁର, ୨୦।୧୧ (ବ୍ୟୁରୋ)**

ଜିଲା ଠିକାଦାର ସଂଘର ବୈଠକ ବୁଧବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଠିକାଦାର ମହାସଂଘ ସଭାପତି ପ୍ରଭାତ ଦାଶ, ଉପସଭାପତି ସୁନୀଲ ମହାପାତ୍ର, ସାଧାରଣ ସମ୍ପାଦକ ଭାଗ୍ୟଧର ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଠିକାଦାରମାନଙ୍କୁ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାର ଠିକାଦାର ମାରଣନୀତି ଚଳାଇଛନ୍ତି। ଏହାଦ୍ୱାରା ଠିକାଦାରମାନେ ନିର୍ଯାତିତ ହେବା ସହ ଅବହେଳାର ଶିକାର ହେଉଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଛି। ଅପରପକ୍ଷେ ଏଣିକି କୌଣସି ଟେଣ୍ଡର ପ୍ରକ୍ରିୟାରେ ଠିକାଦାରମାନେ ଭାଗ ନେବେ ନାହିଁ ବୋଲି ଏହି ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ଠିକାଦାରମାନେ ଯୋଗଦେଇ ନିଜସ୍ୱମତ ଉପସ୍ଥାପନ କରିଥିଲେ । ଏଥିସହ ସମ୍ବଲପୁର ଜିଲା ସଂଗଠନର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରାଯାଇଥିଲା । ସୋନି କାବଲିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜିଲାପାଳଙ୍କ ଅଫିସ ଘେରିଲେ କଂଗ୍ରେସ ନେତା, କର୍ମୀ

**ସମ୍ବଲପୁର, ୨୦।୧୧ (ବ୍ୟୁରୋ)**

ବିଭିନ୍ନ ଦାବି ନେଇ ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ଜିଲାପାଳ ଅଫିସଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟରେ ଚାଷୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି । କିନ୍ତୁ ରାଜ୍ୟ ସରକାର ଭୁବନେଶ୍ୱରରୁ ଟୋକନ ବ୍ୟବସ୍ଥା କରି ଚାଷୀଙ୍କୁ ହଇରାଣ କରୁଛନ୍ତି। ଏହାଦ୍ୱାରା ଚାଷୀ ଧାନ ଅମଳ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରୁଛନ୍ତି । ଜିଲାପାଳଙ୍କ ଅଫିସ, ରେଙ୍ଗାଲି, ରେଢ଼ାଖୋଲ ଓ ସମ୍ବଲପୁର ବିଧାୟକଙ୍କ ଅଫିସ ସମ୍ମୁଖରେ ଧାନ ଗାଡି ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହା ଦୁଃଖଦାୟକ। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଦୁର୍ବାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଅପରପକ୍ଷେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ଦିନକୁ ଦିନ ବଢ଼ିବାରେ ଲାଗିଛି । ଯୁବକମାନେ ବେକାର ହୋଇଛନ୍ତି। ପିଆଜ, ପାଟଲଘଣ୍ଟା ଓ ଆଳୁ ଦର ଆକାଶ ଛୁଆଁ ହୋଇଛି । ସାଧାରଣ ଲୋକଙ୍କ ଜୀବନ ଶୈଳୀ ଦୁର୍ବିସହ ହୋଇପଡିଛି। ଏଥିପ୍ରତି କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗୁନାହିଁ ବୋଲି ନେତା ଓ କର୍ମୀମାନେ ସ୍ଲୋଗାନ ଦେଇଥିଲେ । ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଶତାଧିକ ନେତା ଓ କର୍ମୀ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଜିଲା କଂଗ୍ରେସ ପର୍ଯ୍ୟବେକ୍ଷିକା ବିଜୟଲକ୍ଷ୍ମୀ ସାହୁ, ସୁରେଖା ସାହୁ, ସୁତାପ୍ତା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ସଲମା ୱାସିମ, ନିୟତି ସେନ୍, ଲକ୍ଷ୍ମୀ ଯାଦବ, ଶୋଭାରାମ ପ୍ରଧାନ, ଦୁର୍ଯ୍ୟୋଧନ ଗର୍ଡିଆ, ପ୍ଲାବନ ବହିଦାର, ସୁମିତ ଷଡଙ୍ଗୀ, ଦିନବନ୍ଧୁ ପରିଡା, ପ୍ରଶାନ୍ତ ସାହୁ ପ୍ରମୁଖ ସାମିଲ ଥିଲେ ।




ବୁଧବାର ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଦେବଗଡ଼ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ




ଦେବଗଡ଼ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକରେ ଉପସ୍ଥିତ ଜିଲାର ବିଭିନ୍ନ ପଦାଧିକାରୀ।

**ଦେବଗଡ଼, ୨୦।୧୧(ଡି.ଏନ୍.ଏ.)**

ଜିଲାରେ ୨୦୧୯-୨୦ ରବି ଋତୁର କୃଷି ନିର୍ଦ୍ଧାରଣ କମିଟି ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ କୃଷି ବିଭାଗର ଜିଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ, ଜଳସେଚନ, ସମବାୟ ବ୍ୟାଙ୍କ, କୃଷି ବିଜ୍ଞାନକେନ୍ଦ୍ର, ମତ୍ସ୍ୟ ବିଭାଗ, ଆଗ୍ରୋଇଣ୍ଡଷ୍ଟ୍ରିଜର ଜିଲାସ୍ତରୀୟ ଅଧିକାରୀ, ଚାଷୀ ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତ ରବି ଋତୁରେ ବିଭିନ୍ନ ପ୍ରକାର ରବି ଫସଲ ମଧ୍ୟରେ ଡାଲି ଜାତୀୟ, ତୈଳବୀଜ, ବିଭିନ୍ନ ପନିପରିବା, ଗହମ ଏବଂ ମକା ଇତ୍ୟାଦି ୨୫,୬୫୦ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସେଥିମଧ୍ୟରୁ ୧୩,୮୦୦ହେକ୍ଟର ଜଳସେଚିତ ଜମିରେ ଏବଂ ୧୧,୮୫୦ହେକ୍ଟର ଅଣସେଚିତ ଜମିରେ ଚାଷ କରାଯିବା ପାଇଁ ସ୍ଥିର କରାଯାଇଛି। ଜିଲାପାଳ ସାମଲ ଖରିଫ୍ ଧାନଚାଷ ଜମିରେ ତୈଳବୀଜ ଜାତୀୟ ଯଥା ଚିନା ବାଦାମ ଏବଂ ସୂର୍ଯ୍ୟମୁଖୀ ଚାଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ରବିଚାଷ ପାଇଁ ଆବଶ୍ୟକୀୟ ବିଭିନ୍ନ ବିହନ, ସାର ଯୋଗାଣ ତଥା ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଏବଂ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । କୃଷି ନିର୍ଦ୍ଧାରଣ କମିଟି ବୈଠକ ପରେ ଆତ୍ମାର ଗଭର୍ଣ୍ଣିଂବଡି, ଖାଦ୍ୟ ନିରାପତ୍ତା ମିଶନର କାର୍ଯ୍ୟକାରୀ କମିଟି, ଜିଲାସ୍ତରୀୟ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

### ଜିଲାପାଳଙ୍କ ନିକଟରେ ଅଭିଯୋଗ

# ଜଙ୍ଗଲ ଜମିର କିସମ ପରିବର୍ତ୍ତନ ନ କରିବାକୁ ଦାବି

**ରେଙ୍ଗାଲି,୨୦।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ଗ୍ରାମବାସୀ ପଣ୍ଡଲୋଇସ୍ଥିତ ମେଟାଲିକ୍ସ କାରଖାନା ବିରୋଧରେ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଶ୍ୟାମ ମେଟାଲିକ୍ସ କମ୍ପାନୀ ନିଶାନଭଙ୍ଗା ଗ୍ରାମର ଅଧିକାଂଶ ଗୋଚର ଜମି, ଗ୍ରାମ ଜଙ୍ଗଲ, ରୟତି ଜମି ଅଧିଗ୍ରହଣ କରି ନେବା ପରେ ବିଭିନ୍ନ ନିରିହ ଲୋକଙ୍କଠାରୁ କିଛି ଜମି କିଣି ନେଇ ସାରିଛି । ବର୍ତ୍ତମାନ ଗ୍ରାମରେ ଥିବା ଜଙ୍ଗଲ ଜମିକୁ କମ୍ପାନୀ ଷଡଯନ୍ତ୍ର କରି ଜମିର କିସମ ପରିବର୍ତ୍ତନ କରି ଗାଈ, ଗୋରୁଙ୍କ ପାଇଁ ଉଦ୍ଦିଷ୍ଟ ଜମିକୁ ହାତେଇବାକୁ ଚେଷ୍ଟା କରୁଛି । ଗ୍ରାମବାସୀ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, କମ୍ପାନୀ ଗଢ଼ି ଉଠିଲା ଦିନଠାରୁ ନିଶାନଭଙ୍ଗା ଗ୍ରାମବାସୀ ଶ୍ୱାସ ରୋଗ, ଚର୍ମରୋଗ ଓ ଯକ୍ଷ୍ମା ଆଦି ରୋଗରେ ପୀଡିତ ହୋଇ ଅନେକ ଲୋକ ମୃତ୍ୟୁବରଣ କଲେଣି । ଗତ ୧ ତାରିଖରେ ରେଙ୍ଗାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନଭଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ପଲ୍ଲୀ ସଭା କରି ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ଚିଠି କରିଛନ୍ତି। ଗ୍ରାମବାସୀ ଏହି କିସମ ପରିବର୍ତ୍ତନକୁ ଦୃଢ଼ ଭାବରେ ବିରୋଧ କରିବା ସହ କିସମ ପରିବର୍ତ୍ତନ ନ କରିବାକୁ ଦାବି କରିଛନ୍ତି ।

# ରେମଣ୍ଡା ଫୁଟବଲ ମହୋତ୍ସବ, ଜାଙ୍ଗେଡ଼ ଦଳ ବିଜୟୀ

**ଭେଡ଼େନ,୨୦।୧୧(ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳପଡ଼ିଆରେ ଚାଲିଥିବା ରେମଣ୍ଡା ଫୁଟବଲ ମହୋତ୍ସବର ପଞ୍ଚମ ଦିବସ ବୁଧବାର ମ୍ୟାଚରେ ଜାଙ୍ଗେଡ଼ ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜୟୀଦଳ ଚିଚିଣ୍ଡା ଏକାଦଶକୁ ୬-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ହିମାଂଶୁ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଉର୍କୁଲୁ ତାଣ୍ଡି, ରଶ୍ମି ରଞ୍ଜନ ପାଢ଼ୀ, ହରେକୃଷ୍ଣ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଶିବାନନ୍ଦ ଦାଶ, ବିଶିକେଶନ ପ୍ରଧାନ ଏବଂ ଗୁଣବନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଖଇରମାଲ ଓ ଗଣ୍ଡିଆପାଲି ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭାଙ୍ଗି ପଡ଼ିଛି ଷ୍ଟାଣ୍ଡପୋଷ୍ଟ

ଲାଠୋର, ୨୦।୧୧ (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ତଳିପଡା ପ୍ରହରୀ ମଣ୍ଡପ ନିକଟରେ ଥିବା ଏକ ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ପଡିଛି। କିଛିଦିନ ତଳେ ଏହି ଷ୍ଟାଣ୍ଡପୋଷ୍ଟକୁ ଏକ ଗାଡି ଧକ୍କା ଦେବା ପରେ ତାହା ଭାଙ୍ଗି ପଡିଥିଲା। ପଞ୍ଚାୟତ ପ୍ରଶାସନକୁ ମରାମତି ପାଇଁ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ମରାମତି ନ ହେବାରୁ ଏବେ ଜଳଯୋଗାଣ ଉପରେ ତାହାର ପ୍ରଭାବ ପଡିଛି। ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଭାଙ୍ଗି ପଡିଥିବା ଷ୍ଟାଣ୍ଡପୋଷ୍ଟକୁ ମରାମତି କରିବା ସହ ଜଳଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି।




### ଚାଷୀମାନଙ୍କ ପାଇଁ ଧାନକିଣା ତାଲିମ କର୍ମଶାଳା

ବୌଦ୍ଧ,୨୦।୧୧ (ସ୍ୱ.ପ୍ର)- ବୌଦ୍ଧ ଜିଲାରେ ନଭେମ୍ବର ୨୨ରୁ ଧାନମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ତା' ପୂର୍ବରୁ ଚାଷୀମାନଙ୍କୁ ଧାନକିଣା ପ୍ରକ୍ରିୟା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ମଙ୍ଗଳବାର ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ମାର୍କେଟ ୟାର୍ଡ ଠାରେ ନିୟନ୍ତ୍ରିତ ବଜାର କମିଟି ଓ ଜିଲା ଯୋଗାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଧାନକିଣା ତାଲିମ ଶିବିରରେ ଚାଷୀମାନେ କିପରି ଏଫଏକ୍ୟୁ ମାନର ଧାନ ଦେଇ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ପାଇବା ପାଇଁ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ ପରାମର୍ଶ ଦେଇଥିଲେ। ଏହାସହ ଚାଷୀମାନେ ଟୋକନ ପାଇଲା ପରେ ମଣ୍ଡିରେ ଠିକ୍ ସମୟରେ ଧାନ ପହଞ୍ଚାଇଲେ ମିଲରମାନେ ସେହିଦିନ ହିଁ ଧାନ ଉଠାଇବାରେ ଆଉ କୌଣସି ଅସୁବିଧା ରହିବ ନାହିଁ ବୋଲି ପ୍ରକାଶ କରିଥିଲେ। ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ହାଡିବନ୍ଧୁ ମହାକୁଡ ତାଲିମ କର୍ମଶାଳାରେ ପ୍ରଥମେ ଚାଷୀଙ୍କ ଧାନର ମାନ ମେଶିନ ସାହାଯ୍ୟରେ ପରୀକ୍ଷା କରାଯିବା ପରେ ମଣ୍ଡି ଦ୍ୱାରା କିଣାଯାଇ ଚାଷୀଙ୍କୁ ପ୍ରକୃତ ମୂଲ୍ୟ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ। ଏହା ସହ ଚାଷୀମାନେ ଆଦ୍ରତା ଓ ଜଳୀୟ ଅଂଶ ଥିବା ଧାନ ଓ କାଠି, କୁଟା ଓ ଧୁଷ ନ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନେ ଠିକ ଧାନ ଦିଅନ୍ତୁ ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମୂଲ୍ୟ ନେବାକୁ କହିଥିଲେ। ପରେ ଚାଷୀମାନଙ୍କୁ କିପରି ଧାନର ମାନ ପରୀକ୍ଷା କରାଯିବ ଏନେଇ ମେଶିନ ସାହଯ୍ୟରେ ଦେଖାଇଥିଲେ। ଏହି ବୈଠକରେ ବହୁ ଚାଷୀ ନେତା, ପେକ୍ସ ସମ୍ପାଦକ ଓ ଚାଷୀମାନେ ଯୋଗ ଦେଇଥିଲେ।

## ■ ବିଦ୍ୟୁତ୍ ତାରା ବିଛାଇ ଦନ୍ତାହାତୀ ଶିକାର ଘଟଣା

# ପୋତାଯାଇଥିବା ମୃତଦେହ ବାହାର କରାଗଲା

ଅମରପାଲି, ୨୦।୧୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ କୋଟସମଲାଇ ପଞ୍ଚାୟତର ସାରସଦାଦର ଜଙ୍ଗଲରୁ ବିଦ୍ୟୁତ୍ ତାର ବିଛାଇ ଦନ୍ତାହାତୀ ଶିକାର ଘଟଣା ନୂଆମୋଡ ନେଉଛି। ବନବିଭାଗ ଓ ପୋଲିସ ମିଳିତ ଭାବରେ ମଙ୍ଗଳବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସନ୍ଦେହରେ ୩ ଯୁବକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛନ୍ତି। ଅନ୍ୟପକ୍ଷେ ବୁଧବାର ପୂର୍ବାହ୍ନ ୧୧ଟାରେ ବନବିଭାଗ ମୃତ ହାତୀକୁ ପୋତାଯାଇଥିବା ସ୍ଥଳକୁ ଆସି ଜେସିବି ଲଗାଇ ପୁଣିଥରେ ଖୋଳିଛନ୍ତି । ପୂର୍ବରୁ ହାତୀର ଦାନ୍ତକୁ ଦୁର୍ବୃତ୍ତମାନେ କାଟି ନେଇଯାଇଥିବା ବେଳେ ଅବଶିଷ୍ଟ ଅଂଶକୁ ଜବତ କରିଥିବା ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାଏକଙ୍କୁ ପଚାରିବାରୁ ପୋତା ହୋଇଥିବା ହାତୀକୁ

### ବନପାଳ, ବନରକ୍ଷୀ ନିଲମ୍ବିତ

ସୋନପୁର,୨୦।୧୧(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସାରସଦାଦର ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ଶିକାର ଘଟଣାରେ ଯାଲୋଏ ବନପାଳ ଓ କୋଟସମଲାଇ ବନରକ୍ଷୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ସ୍ଥାନୀୟ ବନପାଳ ଜନାର୍ଦ୍ଦନ ସ୍ୱାଇଁ ଓ ବନରକ୍ଷୀ ପ୍ରଜ୍ଞାପରମିତା ମିଶ୍ରଙ୍କୁ ବୁଧବାର ନିଲମ୍ବିତ କରିଛନ୍ତି । କୋଟସମଲାଇ ଫରେଷ୍ଟ ବିଟ୍ ଠାରୁ ମାତ୍ର ୫ କିଲୋମିଟର ଦୂର ତଥା ଠେଙ୍ଗୋ ଡ୍ୟାମକୁ ଯାଇଥିବା ମୁଖ୍ୟ ରାସ୍ତାରୁ ସାରସଦାଦର ଗ୍ରାମକୁ ଯାଇଥିବା ରାସ୍ତାରୁ ମାତ୍ର ୧୦୦ମିଟର ଦୂରରେ ହାତୀର ମୃତ୍ୟୁ ହୋଇଥିଲା । ଶିକାରୀ ହାତୀର ଦାନ୍ତ କାଟି ନେଇଗଲେ । ଦୁର୍ଗନ୍ଧରେ ନାକ ଫାଟି ପଡିଲା । କିନ୍ତୁ ହାତୀ ମୃତ୍ୟୁର ଏକ ସପ୍ତାହ ପର୍ଯ୍ୟନ୍ତ ବନ ବିଭାଗର କ୍ଷେତ୍ର କର୍ମଚାରୀ ଏହା ଜାଣି ପାରିଲେନି । ଅନ୍ୟପକ୍ଷେ ଏହି ହାତୀପଲକୁ ଟ୍ରାକିଂ କରିବା ପାଇଁ ବିଭାଗ ପକ୍ଷରୁ ୮ଟି ଟିମ୍ ନିୟୋଜିତ ଥିଲେ । ଏହି ଘଟଣା ବନ ବିଭାଗର କର୍ମଚାରୀଙ୍କ ଦାୟିତ୍ୱ ହୀନତାକୁ ପଦାରେ ପକାଇଛି ।



- ■ ହାତୀଦନ୍ତର ଅବଶିଷ୍ଟାଂଶ ସଂଗ୍ରହ କଲା ବନ ବିଭାଗ
- ■ ରେଞ୍ଜର ଓ ଡିଏଫଓଙ୍କ ଭିନ୍ନ ମତ
- ■ ସନ୍ଦେହରେ ବନବିଭାଗ, ୩ ଯୁବକ ଅଟକ

ଖୋଲିଥିବା ସ୍ୱୀକାର କରିଛନ୍ତି। ମାତ୍ର ହାତୀର ବଳକା ଦାନ୍ତକୁ ଅଣାଯାଇ ନାହିଁ ବୋଲି କହିଛନ୍ତି। ମଙ୍ଗଳବାର ହାତୀର ମୃତଦେହକୁ ଡିଏଫଓ ସୁଶିଲ ସାମନ୍ତରାଏଙ୍କ ଉପସ୍ଥିତିରେ ଉଲୁଣ୍ଡା ଭିଏସ ଡା. ସତ୍ୟନାରାୟଣ ସାହୁ ବ୍ୟବଚ୍ଛେଦ କରିଥିଲେ। ମାତ୍ର କେଉଁ ଉଦ୍ଦେଶ୍ୟରେ ମୃତଦେହକୁ ଆଉ ଥରେ ଖୋଳାଗଲା ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଡିଏଫଓ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଜି ଡଗସ୍କାଡ ନେଇ ସେଠାକୁ ବିଭାଗ ଯାଇଥିଲା। ମାତ୍ର ପୋତା ହୋଇଥିବା ହାତୀକୁ ଖୋଳାଯାଇଥିବା ମୋ ନଜରକୁ ଆସିନାହିଁ କହି ଫୋନ କାଟି ଦେଇଥିଲେ। ବନ ବିଭାଗର ରେଞ୍ଜର ଏବଂ ଡିଏଫଓଙ୍କ ମତାମତ ଅଲଗା ରହୁଥିବାରୁ ସନ୍ଦେହ ସୃଷ୍ଟି କରୁଛି। ସୂଚନାଯୋଗ୍ୟ ଯେ, ଉଲୁଣ୍ଡା ରେଞ୍ଜର ସାରସଦାଦର ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ ତାର ଲଗାଇ ଏକ ଦନ୍ତା ହାତୀକୁ ଶିକାର କରାଯାଇଥିଲା। ପରେ ହାତୀର ଉଭୟ ଦାନ୍ତକୁ ଦୁର୍ବୃତ୍ତ କାଟି ନେଇଥିଲେ। ଦାନ୍ତର ଅବଶିଷ୍ଟ ଅଂଶ ରହିଥିଲା। ମାତ୍ର ବନ ବିଭାଗ ଅବଶିଷ୍ଟ ଦାନ୍ତକୁ ନକାଟି ମଙ୍ଗଳବାର ବ୍ୟବଚ୍ଛେଦ ପରେ ପୋତି ଦେଇଥିଲେ।

### ଜୋତା, ପୋଷାକରୁ ବଞ୍ଚିତ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର

ଦେଓଗାଁ,୨୦।୧୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ବନ୍ଧପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜୋତା ଓ ପୋଷାକ ପାଇବାରୁ ବଞ୍ଚିତ ରହିଛନ୍ତି। ପିଲାଙ୍କ ଜୋତା ଓ ପୋଷାକ ପାଇଁ ୩ମାସ ତଳେ ବ୍ଲକର ପ୍ରାୟ ସମସ୍ତ ବିଦ୍ୟାଳୟ ଆକାଉଣ୍ଟକୁ ଟଙ୍କା ଆସିଥିଲା। ହେଲେ ଏ ପର୍ଯ୍ୟନ୍ତ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଏହି ଅର୍ଥ ଆସିନାହିଁ। ଶିକ୍ଷାବର୍ଷର ଅର୍ଦ୍ଧାଧିକ ସମୟ ବିତିଯାଇଥିଲେ ସୁଦ୍ଧା ବିଦ୍ୟାଳୟର ୪୭ଜଣ ଛାତ୍ରୀଛାତ୍ର ଏସବୁ ସାମଗ୍ରୀ ପାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ଉପେନ୍ଦ୍ର ମେହେରଙ୍କୁ ପଚାରିବାରୁ କୌଣସି କାରଣରୁ ଟଙ୍କା ଆସି ନ ଥିବାରୁ ପୋଷାକ ଜୋତା କିମ୍ବା ଖେଳ କାର୍ଯ୍ୟକ୍ରମ ସ୍କୁଲରେ ସ୍ଥଗିତ ରହିଛି ବୋଲି କହିଥିଲେ । ବିଇଓ ଭାଗ୍ୟବତୀ ଦାଶଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ପାଇନାହିଁ। ଟଙ୍କା କେଉଁଆଡେ ଗଲା ତଦନ୍ତ କଲେ ଜଣାପଡିବ ବୋଲି କହିଥିଲେ। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଉଠା ଦୋକାନୀଙ୍କ ଯୋଗୁଁ ମଝିପଡା ରାସ୍ତା ଜାମ

ସୋନପୁର,୨୦।୧୧(ନି.ପ୍ର.)

**ମ୍ୟୁନିସିପାଲିଟି ଇଓଙ୍କ ଦ୍ୱାରସ୍ଥ ହେଲେ ବ୍ୟବସାୟୀ, ଅଧିବାସୀ**

ସକାଳଠାରୁ ଅପରାହ୍ନ ଦେଢଟା ପର୍ଯ୍ୟନ୍ତ ସୋନପୁର ସହରର ମଝିପଡା ମାର୍କେଟ୍ ରାସ୍ତା ଗହଳି ରହୁଛି। ସଙ୍କୀର୍ଣ୍ଣ ରାସ୍ତା ଉପରେ ଉଠା ପରିବା ଦୋକାନୀଙ୍କ ପସରା ମେଲୁଛି। ପାର୍ଶ୍ୱରେ ବାଇକ୍ ଓ ସାଇକେଲ ଛିଡା ହେବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ଜାମ ଯୋଗୁଁ ଛାତ୍ରୀଛାତ୍ର ସ୍କୁଲ ଯିବା ପାଇଁ ଅସୁବିଧା ଭୋଗୁଛନ୍ତି। ଜରୁରିକାଳୀନ କାର୍ଯ୍ୟରେ ସ୍ଥାନୀୟ ଅଧିବାସୀ ଯାତାୟାତ କରିବା ପାଇଁ ସମସ୍ୟାରେ ପଡୁଛନ୍ତି। ଏଠାରେ ସ୍ଥାୟୀ ଭାବରେ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ଚିନ୍ତାରେ ଅଛନ୍ତି। କାରଣ ରାସ୍ତାରେ ଗହଳି ଯୋଗୁଁ ଗ୍ରାହକମାନେ ଦୋକାନକୁ ସାମଗ୍ରୀ କିଣିବାକୁ ଆସୁ ନାହାନ୍ତି। ବ୍ୟବସାୟୀମାନେ ବୁଧବାର ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ଉଠା ଦୋକାନୀଙ୍କୁ ଅନ୍ୟତ୍ର ବସାଇବାକୁ ସେମାନେ ଅନୁରୋଧ କରିଛନ୍ତି। ଗୁରୁବାର ଇଓ ସ୍ଥିତି ଅନୁଧ୍ୟାନ କରିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବସାୟୀ ପ୍ରକାଶ ମେହେର, ସୁଶୀଲ ମେହେର, ନିରଞ୍ଜନ ତ୍ରିପାଠୀ, ବିଶ୍ୱନାଥ ନାୟକ, ରଘୁନାଥ ପଧାନ, ସରୋଜ କୁମାର ପଟେଲ, ବସନ୍ତ ସାହୁ, ଅଶୋକ କୁମାର ଅଗ୍ରୱାଲା, ଭକ୍ତିରଞ୍ଜନ ଦଲେଇ, ଜଗଦୀଶ ନାୟକ, ନାସିର ଖାଁ ପ୍ରମୁଖ ଇଓଙ୍କୁ ଭେଟିଥିଲେ ।




ବ୍ୟବସାୟୀମାନେ ମ୍ୟୁନିସିପାଲିଟି ଇଓଙ୍କୁ ଭେଟିବା ପାଇଁ କାର୍ଯ୍ୟାଳୟକୁ ଆସିଛନ୍ତି ।

### ସ୍ୱାଧୀନତା ସଂଗ୍ରାମୀ ବନମାଳୀ ସେଠୀଙ୍କ ପରଲୋକ

ବୌଦ୍ଧ/ବାଉଁଶୁଣୀ, ୨୦।୧୧ (ସ୍ୱ.ପ୍ର/ଡି.ଏନ.ଏ.)

ବୌଦ୍ଧ ଜିଲାର ସ୍ୱାଧୀନତା ସଂଗ୍ରାମୀ ବନମାଳୀ ସେଠୀଙ୍କ ବାଉଁଶୁଣୀସ୍ଥିତ ତାଙ୍କ ବାସଭବନଠାରେ ମଙ୍ଗଳବାର ଅପରାହ୍ନରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୬ବର୍ଷ ହୋଇଥିଲା। ସ୍ୱର୍ଗତ ସେଠୀ ବୌଦ୍ଧରେ ପ୍ରଜାମଣ୍ଡଳ ଆନ୍ଦୋଳନ ସହିତ ବ୍ରିଟିଶ ସରକାର ବିରୋଧରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ସ୍ୱାଧୀନତା ସଂଗ୍ରାମୀ ବନମାଳୀଙ୍କ ମୃତ୍ୟୁ ଜିଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିବା ସହିତ ଗଭୀର ଶୋକ ପ୍ରକାଶ କରିଛନ୍ତି। ବନମାଳୀଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ମହାନଦୀ ଶ୍ମଶାନ ଘାଟ ପର୍ଯ୍ୟନ୍ତ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀବତ୍ସ ସେଠୀ ମୁଖାଗ୍ନି ଦେଇଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ

ବୌଦ୍ଧ,୨୦।୧୧ (ସ୍ୱ.ପ୍ର.)– ବୌଦ୍ଧ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ସପ୍ତାହ ପାଳନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ସରକାରଙ୍କ ସମସ୍ତ ନିତି ନିୟମ ପାଳନ କରି ଓ ଆଇନ ଅନୁଯାୟୀ ଶିଶୁକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲାରେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ରେଡେଲ ବେବୀ ରିସ୍ପେସନ ସେଣ୍ଟର୍ ପ୍ରତିଷ୍ଠା କରିବା ପାଇଁ ମଧ୍ୟ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ଆରକ୍ଷୀ ଅଧିକ୍ଷକ ଭି. ରଘୁନାଥ ରାଓ ଯୋଗ ଦେଇ ଶିଶୁମାନଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ଥିବା ତଥା ପୋଲିସ ଷ୍ଟେସନ୍‌ରେ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟର ବ୍ୟବସ୍ଥା ଏବଂ ଶିଶୁଟି ଅସୁରକ୍ଷିତ ଅବସ୍ଥାରେ ଦେଖିଲେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସୂଚନା ଦେବା ପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ଶିଶୁମଙ୍ଗଳ ସମିତି ଅଧକ୍ଷ୍ୟ ସାକ୍ଷୀଗୋପାଳ ପ୍ରଧାନ ଓ ସହକାରୀ ଜିଲା ଚିକିତ୍ସା ଅଧିକାରୀ ଭାରତି ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଶିକ୍ଷକ ଭାବେ ଖୋର୍ଦ୍ଧାର ପୂର୍ବତନ ସଦସ୍ୟ ତଥା ବରିଷ୍ଟ ପ୍ରକଳ୍ପ ସଂଯୋଜକ ୱାଇସିଡିଏର ଅରୁଣ ପ୍ରଧାନ ଯୋଗଦେଇଥିଲେ । ଜିଲା ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ବୌଦ୍ଧ ସିଡିପିଓ ମିନତି ଦେଓ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ରାଇକା, ଡିପିସି ଗେନ୍ଦ୍ରା କୁଜୁର, ଆଇସିଡିଏସ୍ ପରିଦର୍ଶିକା, ଏଏନଏମ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପୋଲିସ ଅଧିକାରୀ, ବାମଣ୍ଡା, ସରସରା, ଲକ୍ଷ୍ମୀପ୍ରସାଦ, ରାଧାନଗରର ସରପଞ୍ଚ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିଶୁଗୃହର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସୁରକ୍ଷା ଅଧିକାରୀ ବସନ୍ତ କୁମାର ଦିଶିରି ଧନ୍ୟବାଦ ଦେଇଥିଲେ। ଶିଶୁସୁରକ୍ଷା ୟୁନିଟର ଲିଗାଲ ପ୍ରବେସନ ଅଫିସର ସମରସେନ ସଂ, ଚିତ୍ରସେନ ସାହୁ, ଧନୟ ଖମାରୀ, ସୁଶାନ୍ତ ଭୋଇ, ସତ୍ୟ ନାରାୟଣ ନାଏକ ସହଯୋଗ କରିଥିଲେ।




ସଚେତନତା ସପ୍ତାହ ସଭାରେ ମଞ୍ଚାସୀନ ଅତିଥି

## ଟୋକନ ଟେନସନ, ଧାନ ବିକ୍ରି ହେଉନି

ସୋନପୁର,୨୦।୧୧(ନି.ପ୍ର.)

**ମାତ୍ର ୯ ଚାଷୀ ବିକିଛନ୍ତି ୫୦୩ କୁଇଣ୍ଟାଲ**

ସୁବର୍ଣ୍ଣପୁର ଜିଲାରେ ୧୫ ତାରିଖରୁ ଆରମ୍ଭ ହୋଇଛି ଖରିଫ ଧାନ କିଣା । କିନ୍ତୁ ଟୋକନ ଟେନସନ ଯୋଗୁଁ ଚାଷୀଙ୍କ ଧାନ ବିକ୍ରି ହୋଇପାରୁନି। ମଣ୍ଡି ଖୋଲା ଯାଇଥିଲେ ହେଁ ଚାଷୀଙ୍କୁ ଟୋକନ ଇସୁ୍ୟ ହୋଇ ନଥିବାରୁ ସେ ଧାନ ଆଣି ପାରୁନି। ଚଳିତ ଥର କେନ୍ଦ୍ରୀକୃତ ବ୍ୟବସ୍ଥାରେ ଧାନ ସଂଗ୍ରହ ନିମନ୍ତେ ଓଡିଶା ରାଜ୍ୟ ଯୋଗାଣ ନିଗମ ନିଗମ ନିଷ୍ପତ୍ତି ନେଇଛି। କିନ୍ତୁ ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ଧାନ ଅମଳ ସାରିଥିବା ଚାଷୀଙ୍କୁ ଅନଲାଇନ ଟୋକନ ମିଳିନି। ଅଥଚ ଧାନ ଅମଳ କରି ନଥିବା ଡୁଙ୍ଗୁରିପାଲିର କେତେକ ଚାଷୀଙ୍କୁ ଟୋକନ ମିଳିଥିବା ଅଭିଯୋଗ ହେଉଛି। ୧୫ ତାରିଖ ଦିନ ଜିଲାର ଜଣେ ବି ଚାଷୀଙ୍କୁ ଟୋକନ ମିଳି ନଥିବାରୁ ଧାନ କିଣା ଶୁଭାରମ୍ଭ ହୋଇ ପାରି ନ ଥିଲା । ୧୬ ତାରିଖରେ ଡୁଙ୍ଗୁରିପାଲି ପ୍ୟାକ୍ସରେ ଧାନ ବିକ୍ରି କରିବା ପାଇଁ ମାତ୍ର ୩ଜଣ ଚାଷୀଙ୍କୁ ଟୋକନ ଇସୁ୍ୟ ହୋଇଥିଲା। ସୂଚନା ଅନୁଯାୟୀ ୧୯ ତାରିଖ ସୁଦ୍ଧା ଜିଲାର ମୋଟ ୩୪୩ ଜଣ ଚାଷୀଙ୍କୁ ୪୨୩ଟି ଟୋକନ ଇସୁ୍ୟ ହୋଇଛି। ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ କେବଳ ୯ ଜଣ ଚାଷୀ ହିଁ ମୋଟ ୫୦୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଅନ୍ୟ କୌଣସି ମଣ୍ଡିରେ ଧାନ କିଣା ଶୁଭାରମ୍ଭ ହୋଇପାରିନି। ଧାନ ବିକ୍ରି କରିବାକୁ ଚାହୁଁଥିବା ଚାଷୀଙ୍କୁ ଟୋକନ ମିଳିନି। ଏହି ଜିଲାର ୪୭ ହଜାର ୯୯୦ ଜଣ ଚାଷୀ ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଧାନ ଅମଳ ଆରମ୍ଭ ହୋଇ ଥିବାରୁ ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଅଧିକ ସଂଖ୍ୟକ ଚାଷୀଙ୍କୁ ଅନଲାଇନ ଟୋକନ ଇସୁ୍ୟ କରିବା ପାଇଁ ଦାବି ହେଉଛି। ମାତ୍ର ଏହା ସମ୍ଭବ ହେଉ ନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଆଗକୁ ଏହା ବିସ୍ଫୋରକ ରୂପ ନେଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି ।

## କାର-ବାଇକ୍ ଧକ୍କା, ଜଣେ ମୃତ

ଜହ୍ନାପଙ୍କ, ୨୦।୧୧ (ଡି.ଏନ.ଏ)

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ବୌଦ୍ଧ- ବଲାଙ୍ଗିର ୫୭ନଂ. ଜାତୀୟ ରାଜପଥର ଖୁଣ୍ଟବନ୍ଧ ନିକଟରେ ବୁଧବାର ଅପରାହ୍ନ ୩ଟାରେ ଦୁର୍ଘଟଣା ଘଟିଛି। ଏକ କାର ନଂ. ଓଡି ୩୩ ଜେ- ୦୮୦୮ ଓ ବାଇକ୍ ଓଡି ୨୭- ୩୫୩୮ ମଧ୍ୟରେ ଧକ୍କା ହୋଇଛି। ଘଟଣାସ୍ଥଳରେ ବାଇକ ଆରୋହୀ ଲିଙ୍ଗ ମୁଖୀ (୩୫)ଙ୍କ ମୃତ୍ୟୁ ଘଟିଛି। ତେବେ କାର ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାର୍ଶ୍ୱ ବିଲ ମଧ୍ୟକୁ ପଶିଯାଇଛି। କାରରେ ବସିଥିବା ସମସ୍ତ ଯାତ୍ରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥକୁ କିଛି ଘଣ୍ଟା ପାଇଁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକିଥିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ବୌଦ୍ଧ ଓ ଜହ୍ନାପଙ୍କ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରକାରୀ ସାହାଯ୍ୟ ଯୋଗାଇଦେବାର ନିର୍ଭର ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା । ସୂଚନାମତେ, ବଲାଙ୍ଗିର ପଟୁ ଉକ୍ତ କାର ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଖୁଣ୍ଟବନ୍ଧ ଛକରୁ ଏକ ଟ୍ୟୁବ କିଣି ମଧୁପୁର ଛକରେ ଏକ ସାଇକେଲ ଦୋକାନକୁ ଯାଉଥିବା ବେଳେ ଘଟଣା ସ୍ଥଳରେ ବାଇକକୁ ହଠାତ ପଛକୁ ବୁଲାଇ ଦେବାରୁ କାର ବାଇକକୁ ଧକ୍କା ଦେଇଥିଲା । ସେଠାରୁ ପ୍ରାୟ ୧୦ ମିଟର ଦୂରରେ ବାଇକ୍ ଆରୋହୀ ଛିଟିକି ପଡିବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା । ବାଇକ୍ ଆରୋହୀ ଲିଙ୍ଗ ମୁଖୀ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ତାଙ୍କର ୫ ଓ ୩ ବର୍ଷର ୨ଟି ପୁଅ ଅଛନ୍ତି। ସେ ସାଇକେଲ ମରାମତି କରି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।




ଦୁର୍ଘଟଣାଗ୍ରସ୍ତ କାର।

## ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ଦନ୍ଦରା ଚାମ୍ପିୟନ

ମୁରିବାହାଲ, ୨୦।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଲଦୀ ଗ୍ରାମ ପଞ୍ଚାୟତ ଜମୁନା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୧ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜମୁନା ଖେଳ ପଡିଆରେ ଫାଇନାଲ ମ୍ୟାଚ ଇଲେଭେନଷ୍ଟାର କନ୍ଧବାହାଲ ଓ ଦନ୍ଦରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭନ ଷ୍ଟାର କନ୍ଧବାହାଲ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ଦନ୍ଦରା ଆବଶ୍ୟକ ରନକୁ ୮ ଉଇକେଟ ବିନିମୟରେ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଉଦଯାପନୀ ସମାରୋହରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିପକ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ହଳଦୀ ସରପଞ୍ଚ ଗୋଷ୍ଠିନାଥ ପାଣିଗ୍ରାହୀ, କ୍ରୀଡାବିତ ଦୁର୍ଗାନନ୍ଦ ମହାକୁର, ନେତ୍ରାନନ୍ଦ ମହାକୁର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦନ୍ଦରା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଓ ଉପବିଜେତା ଇଲେଭେନଷ୍ଟାର କନ୍ଧବାହାଲ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଚମ୍ପେ ଝାଙ୍କର, ଶ୍ରେଷ୍ଠ ବ୍ୟାଷ୍ଟମ୍ୟାନ ତେଜୁ ଭୋଇ, ମ୍ୟାନ ଅଫ୍ ଦି ମ୍ୟାଚ କାହ୍ନା ଝାଙ୍କରଙ୍କୁ ସ୍ୱତନ୍ତ୍ରଭାବେ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବୈଶାଖୁ ସିକା ଓ ସୁଶାନ୍ତ ପଧାନ ଅମ୍ପେୟାର, ଭିକାରୀ ସିକା ସ୍କୋରର ଓ ଧାରା ବିବରଣୀ ମାଗୁଣୀ ଛୁରା, ଅର୍ଜୁନ ଛୁରା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ସଫଳ ରୂପାୟନରେ ଆୟୋଜକ କମିଟି ସଭାପତି ଧର୍ମେନ୍ଦ୍ର ପଧାନ, ସମ୍ପାଦକ ବ୍ୟାସଦେବ ପଧାନ, କୋଷାଧ୍ୟକ୍ଷ ଅଶୋକ କୁମାର ପଧାନ, ଯୁଧିଷ୍ଠିର ପଧାନ, ପ୍ରହଲ୍ଲାଦ ସିକା, ସରୋଜ ମହାକୁର, ଜିତୁ ସିକା, ସଚିତା ନନ୍ଦ ମହାକୁର, ମକୁଳ ମାଝୀ ଓ ଦେବାଶିଷ ମହାକୁର ପ୍ରମୁଖ ସହଯୋଗ କରିଥିଲେ। ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦନ୍ଦରା କ୍ରିକେଟ ଦଳର ଖେଳାଳିମାନେ।



‘ପାନିପତ୍’ ପରେ ଆଗାମୀ ପ୍ରୋଜେକ୍ଟକୁ ନେଇ ବହୁତ ଆଶାବାଦୀ। ଗୌତମ ବୁଦ୍ଧଙ୍କ ଜୀବନୀକୁ ନେଇ ଫିଲ୍ମ କରିବାକୁ ମୁଁ ସ୍ଥିରକରିଛି।
-ଆଶୁତୋଷ ଗୋୱାରିକର,
ବଲିଉଡ୍ ନିର୍ଦ୍ଦେଶକ



# ବିଶ୍ୱ ଟେଲିଭିଜନ ଦିବସ

## ଶାନ୍ତି, ସୁରକ୍ଷା ଓ ସାମାଜିକ ବିକାଶରେ ଟେଲିଭିଜନ




**ଜାତିସଂଘ:** ୧୯୯୬ର ପ୍ରଥମାର୍ଦ୍ଧରେ ପ୍ରଥମେ ବିଶ୍ୱ ଟେଲିଭିଜନ ମଞ୍ଚ ଗଠନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ସେହି ବର୍ଷ ୨୧ ନଭେମ୍ବରରେ ବିଶ୍ୱ ଟେଲିଭିଜନ ଦିବସ ପାଳନ କରାଯିବା ଲାଗି ଘୋଷଣା କରିଥିଲା। ଜାତିସଂଘ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରି ବିଶ୍ୱରେ ସବୁ ଦେଶ ମଧ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଏହା ମାଧ୍ୟମରେ କିପରି ବିଶ୍ୱରେ ଅର୍ଥନୀତି, ସୁରକ୍ଷା, ଶାନ୍ତି ,ସାମାଜିକ ବିକାଶ ଓ ସାଂସ୍କୃତିକ ପରିବର୍ତ୍ତନକୁ ଆଗକୁ ନେଇ ହେବ ତା’ ଉପରେ ଗୁରୁତ୍ୱ ଦେଇ ଏହି ଦିବସ ପାଳନ କରିଥିଲା। ସେବେଠାରୁ ଟେଲିଭିଜନ ଦିବସରେ ଏହିସବୁ ଲକ୍ଷ୍ୟପୂରଣ କରିବାରେ ଟେଲିଭିଜନ କେତେ ସକ୍ଷମ ହୋଇପାରିଛି ତା’ର ସମୀକ୍ଷା କରାଯାଉଛି। ଟେଲିଭିଜନ ଶିକ୍ଷାରେ ଉନ୍ନତି ଆଣିବା ସହ ସମାଜର ବିଭିନ୍ନ ସମସ୍ୟା ଓ ସମାଜର ବାସ୍ତବ ଚିତ୍ରକୁ ଲୋକଲୋଚନକୁ ଆଣିପାରୁଛି। ଟେଲିଭିଜନ ଏକ ପ୍ରଭାବଶାଳୀ ମାଧ୍ୟମ ଯାହା ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ କରିବାରେ ମୁଖ୍ୟ ଭୂମିକା ନିଭାଉଛି। ସାଂସ୍କୃତିକ ବିଭେଦତାକୁ ହ୍ରାସ କରି ପାରୁଛି। ବିଶ୍ୱରେ ଯେଉଁ ସମସ୍ୟା ଲୋକମାନଙ୍କୁ ବେଶି ପ୍ରଭାବିତ କରୁଛି ତାହାକୁ ଟେଲିଭିଜନ ଦ୍ୱାରା କିପରି ଦୂର କରାଯାଇପାରିବ ତାହା ଏହି ଦିବସର ଏକ ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ସମାଜ ଉପରେ ପ୍ରଭାବ ପକାଉଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ନିରପେକ୍ଷ ମତ ବା ଖବର ପରିବେଷଣ କରି ସେଥିରେ ସୁଧାର ଆଣିବାରେ ଟେଲିଭିଜନ ମିଡିଆକୁ ସରକାର,ଅନୁଷ୍ଠାନ ତଥା ବ୍ୟକ୍ତିମାନେ ସମର୍ଥନ ଜଣାଇ ଏହି ଦିବସ ପାଳନ କରାଯାଉଛି। ଏହି ଦିବସ ଅବସରରେ ପ୍ରିଣ୍ଟ, ଅନ୍‌ଲାଇନ, ବ୍ରଡ୍‌କାଷ୍ଟ ମିଡିଆରେ ଏହି ଦିବସ ସମ୍ପର୍କରେ ପ୍ରକାଶ ପାଏ। ରେଡିଓରେ ଏହି ଦିବସ ସମ୍ବନ୍ଧରେ ତଥ୍ୟ ପରିବେଷଣ କରାଯାଏ। ବ୍ଲଗର୍ସମାନେ ବି ଏହା ବିଷୟରେ ମତାମତ ଦେଇଥାନ୍ତି। ଶିକ୍ଷାନୁଷ୍ଠାନଗୁଡିକରେ ବି ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ବକ୍ତାମାନଙ୍କୁ ଆମନ୍ତ୍ରଣ କରାଯାଏ ଓ ଟେଲିଭିଜନ କିପରି ସାମାଜିକ ବିଭେଦତା ଏବଂ ବୁଝାମଣାରେ ବିକାଶ ଆଣି ପାରିଛି ତାହା ଉପରେ ଆଲୋଚନା କରାଯାଏ।

## ଥାନାରେ ରୋବୋ ପୋଲିସ

### ଏତଲା ରଖିବ, ସମାଧାନ ବି କରିବ



**ବିଶାଖାପାଟଣା:** ଥାନାରେ ପୋଲିସ୍ କର୍ମଚାରୀଙ୍କୁ କାମରେ ସହଯୋଗ କରିବ ରୋବୋ। ଏତଲା ରଖିବାଠାରୁ ଆରମ୍ଭ କରି ମାମଲା ସମାଧାନ ହେବାରେ ଏହା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବ। ସାଇବର ଅପରାଧୀଙ୍କୁ ଧରିବା ପାଇଁ ଆନ୍ଧ୍ରପ୍ରଦେଶ ପୋଲିସ ପକ୍ଷରୁ ପ୍ରଥମ ଥର ପାଇଁ ବିଶାଖାପାଟଣାର ମହାଶନିପେଟା ଥାନାରେ ଏକ ରୋବୋ ‘ସାଇବିରା’ ନିଯୁକ୍ତ କରାଯାଇଛି। ‘ସାଇବିରା’ ଏତଲା ରେଜିଷ୍ଟର କରିବା ସହ ଏହାର ତ୍ୱରିତ ସମାଧାନ ପାଇଁ ପୋଲିସକୁ ସହଯୋଗ କରିବ। ସାଇବିରାକୁ ଷ୍ଟାର୍ଟଅପ୍ କମ୍ପାନୀ ରୋବୋ କପ୍‌ଲର୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଡେଭଲପ୍ କରାଯାଇଛି। କମ୍ପାନୀର କର୍ମଚାରୀ ଦିନେଶ କୁମାର ଇରାବତଙ୍କ କହିବା ଅନୁସାରେ, ଆନ୍ଧ୍ରପ୍ରଦେଶରେ ପ୍ରଥମ କରି ଲଞ୍ଚ ହୋଇଥିବା ଏହି ରୋବୋଟ୍‌କୁ ଇ-କୋପ୍ ଆଧାରରେ ତିଆରି କରାଯାଇଛି। ଏହା ପୋଲିସ୍‌କୁ କାମରେ ସାହାଯ୍ୟ କରିବା ସହ ସମୟ ମଧ୍ୟ ବଞ୍ଚାଇବ। ଯଦି ତଦନ୍ତକାରୀ ଅଫିସର ୨୪ ଘଣ୍ଟା ଭିତରେ କେସ୍ ସମାଧାନ କରି ନ ପାରନ୍ତି, ତା’ହେଲେ ସାଇବିରା ଏହାର ରିପୋର୍ଟ ସିନିୟର ଅଫିସର୍ ଓ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌କୁ ପଠାଇଦେବ। ବିଭିନ୍ନ ସମସ୍ୟାର ସମାଧାନ ଲାଗି ସାଇବିରା ଦେହରେ ୧୩୮ ପ୍ରକାର ଆପ୍ଲିକେଶନ ଇନ୍‌ଷ୍ଟଲ କରାଯାଇଛି। ଏହା। ଦେହରେ ଲାଗିଥିବା ୧୩ ଟି କ୍ୟାମେରା ୩୬୦ ଡିଗ୍ରୀରେ ୨୪ ଘଣ୍ଟା ବୁଲୁଥାଏ। ଏଥିସହ ରୋବୋ କ୍ୟାମେରା ଆଗରେ କେହି ଅପରାଧୀ ଚାଲିଗଲେ ଏଥିରୁ ସଙ୍ଗେ ସଙ୍ଗେ କଣ୍ଟ୍ରୋଲ ରୁମ୍‌କୁ ମେସେଜ୍ ଚାଲିଯାଇଥାଏ। କମ୍ପାନୀର ସିଇଓ ପ୍ରବୀଣ ମଲ୍ଲା କୁହନ୍ତି, ପ୍ରତ୍ୟେକ ଅଭିଯୋଗର ସମାଧାନ ପାଇଁ ରୋବୋ ସର୍ବାଧିକ ୩ ଦିନ ସମୟ ନେଇଥାଏ। ଏଥିରେ ଭଏସ୍ କମାଣ୍ଡ ଓ ଟାଇପିଂ କରି ଅଭିଯୋଗ ରେଜିଷ୍ଟ୍ରର କରାଯାଇପାରିବ।

## ‘ଚେହ୍‌ରେ’ର ନୂଆ ଚେହେରା ଅଙ୍କିତା




**ମୁମ୍ବାଇ:** ବଲିଉଡ୍ ଫିଲ୍ମ ‘ଚେହ୍‌ରେ’କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରଥମେ ଫିଲ୍ମର ଷ୍ଟାର୍-କାଷ୍ଟଙ୍କୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ପରେ ଯୋଡ଼ି ହୋଇଗଲା ହିରୋଇନ୍‌ଙ୍କ ସହ ବିବାଦ। ଅର୍ଥାତ୍ ଫିଲ୍ମରେ ମହାନାୟକ ଅମିତାଭ୍ ବଚ୍ଚନ ଏବଂ ଇମ୍ରାନ୍ ହାସ୍‌ମୀଙ୍କ ସହ କ୍ରିତି ଖରବନ୍ଦା ନଜର ଆସିବେ ବୋଲି ଘୋଷଣା କରାଯିବା ପରଠାରୁ ହିଁ ଫିଲ୍ମ ଚର୍ଚ୍ଚାରେ ଥିଲା। ପରେ କିନ୍ତୁ କ୍ରିତିଙ୍କ ନଖରାମି ପାଇଁ ତାଙ୍କୁ ଫିଲ୍ମରୁ ଆଉଟ୍ କରାଗଲା। ଏବେ ‘ଚେହ୍‌ରେ’ ପାଇଁ ନୂଆ ଚେହେରା ଖୋଜା ଚାଲିଛି। ତାଜା ଅପ୍‌ଡେଟ୍‌ସ ଅନୁଯାୟୀ, ଫିଲ୍ମର ପ୍ରଯୋଜକ ଆନନ୍ଦ ପଣ୍ଡିତ୍ ଏନେଇ ଅଙ୍କିତା ଲୋଖଣ୍ଡେଙ୍କ ସହ ସାକ୍ଷାତ୍ କରିଛନ୍ତି। ପ୍ରଯୋଜକଙ୍କଠାରୁ ଫିଲ୍ମ ‘ଚେହ୍‌ରେ’ର କାହାଣୀ ଶୁଣିବା ପରେ ଅଙ୍କିତା ମଧ୍ୟ ରାଜି ହୋଇଯାଇଛନ୍ତି। ତେବେ ପେପର୍ ୱାର୍କ ଏଯାଏ ହୋଇନାହିଁ। ଯଦି ଅଙ୍କିତା ଏହି ଫିଲ୍ମ ସାଇନ୍ କରିଦିଅନ୍ତି, ତେବେ ଏହା ତାଙ୍କର ୩ୟ ଫିଲ୍ମ ହେବ। ଟିଭି ପରଦାରେ ସଫଳତାର ଶୀର୍ଷକୁ ପହଞ୍ଚିବା ପରେ ଫିଲ୍ମ ‘ମଣିକର୍ଣ୍ଣିକା’ରୁ ଅଙ୍କିତା ବଲିଉଡ୍ ଡେବ୍ୟୁ କରିଥିଲେ। ଏହାସହ ରିତେଶ୍ ଦେଶମୁଖ୍‌ଙ୍କ ଅପୋଜିଟ୍‌ରେ ସେ ଫିଲ୍ମ ‘ବାଗୀ-୩’ ମଧ୍ୟ ନଜରକୁ ଆସିବେ। ତେବେ ସବୁଠାରୁ ମଜାଦାର କଥା ହେଲା ପ୍ରଯୋଜକ ଆନନ୍ଦ ପଣ୍ଡିତ୍‌ଙ୍କ ଘର ସାମ୍ନାରେ ଅଙ୍କିତାଙ୍କ ପରେ ପରେ ନାୟିକା ମୌନୀ ରୟଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏବେ ପ୍ରଯୋଜକ ତାଙ୍କ ସହ ମଧ୍ୟ ଫିଲ୍ମ ‘ଚେହ୍‌ରେ’ ପାଇଁ ଆଲୋଚନା କରିଛନ୍ତି କି ନାହିଁ, ସେ ବିଷୟରେ କୌଣସି ତଥ୍ୟ ଜଣାପଡ଼ିନାହିଁ। ତେବେ ‘ଚେହ୍‌ରେ’ର ନୂଆ ଚେହେରା କିଏ, ସେନେଇ ଆମେ ଜଲ୍‌ଦି ଆପଣଙ୍କୁ ଅପ୍‌ଡେଟ୍ ଦେବୁ। ଅନ୍ୟପକ୍ଷରେ କ୍ରିତିଙ୍କୁ ନେଇ ଫିଲ୍ମର ପ୍ରଥମ ସିଡ୍ୟୁଲ୍ ଶୁଟିଂ ସରିଥିବାବେଳେ ଏବେ ନୂଆ ନାୟିକାଙ୍କ ସହ ପୁଣି ଶୁଟ୍ ହେବ। ସେହିଭଳି ୨ୟ ସିଡ୍ୟୁଲ୍‌ର ଶୁଟିଂ ପୋଲାଣ୍ଡରେ ମାଇନସ୍ ୧୦ ଡିଗ୍ରୀ ତାପମାତ୍ରାରେ କରାଯିବ। ଫିଲ୍ମରେ ବିଗ୍ ବି ଏବଂ ଇମ୍ରାନ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ଏକ ମିଷ୍ଟ୍ରି ଥ୍ରୀଲର୍ ହୋଇଥିବାବେଳେ ୨୦୨୦ ଏପ୍ରିଲ ୨୪ରେ ମୁକ୍ତିଲାଭ କରିବ।

## ସିଗାରେଟ ବଦଳାଇଦେଲା ଫୁସ୍‌ଫୁସ୍ ରଙ୍ଗ



**ବେଜିଂ:** ଧୂମପାନ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଏପରି ଚେତାବନୀ ପ୍ରତି ସିଗାରେଟ ପ୍ୟାକେଟ୍‌ରେ ଅତି ସହଜରେ ଦେଖିବାକୁ ମିଳେ। ଏହା ସତ୍ତ୍ୱେ ଏହି ମାରାତ୍ମକ ନିଶାକୁ ଛାଡ଼ି ପାରୁନାହାନ୍ତି ଅନେକେ। ହେଲେ ଏହାର କୁପ୍ରଭାବ ଫୁସ୍‌ଫୁସ୍‌କୁ କିପରି ପ୍ରଭାବିତ କରୁଛି ତାହାର ଏକ ଭୟଙ୍କର ଚିତ୍ର ଏବେ ସୋସିଆଲ ମିଡିଆରେ ସୃଷ୍ଟି କରିଛି ଆଲୋଡ଼ନ। ଦୀର୍ଘବର୍ଷ ଧରି ସିଗାରେଟ ଟାଣିବା ଫଳରେ ଗୋଲାପୀ ରଙ୍ଗର ଫୁସ୍‌ଫୁସ୍ ପାଲଟିଯାଇଛି ସମ୍ପୂର୍ଣ୍ଣ କଳା। ଚାଇନାର ଜିଆଙ୍ଗ୍-ସୁ ସହରସ୍ଥିତ ୟୁକ୍‌ସି ହସ୍ପିଟାଲ ପକ୍ଷରୁ ଧୂମପାନର କୁପରିଣାମ ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ସମ୍ପୃକ୍ତ ଚେନ୍ ସ୍ମୋକରଙ୍କ ଫୁସ୍‌ଫୁସ୍‌ର ଭିଡିଓକୁ ସୋସିଆଲ ମିଡିଆରେ ଅପ୍‌ଲୋଡ଼ କରାଯାଇଛି। ଅଦ୍ୟାବଧି ପାଖାପାଖି ୨୫ ମିଲିୟନରୁ ଊର୍ଦ୍ଧ୍ୱ ଦର୍ଶକ ଏହାକୁ ଦେଖିସାରିଲେଣି। ସୂଚନା ଅନୁଯାୟୀ, ଉକ୍ତ ଫୁସ୍‌ଫୁସ୍‌ଟି ଜଣେ ୫୨ ବର୍ଷୀୟ ବ୍ୟକ୍ତିଙ୍କର। ସେ ଦୀର୍ଘ ୩୦ବର୍ଷ ଧରି ଲଗାତର ଧୂମପାନ କରିଚାଲିଥିଲେ। ଫୁସ୍‌ଫୁସ୍‌ରେ ଭୟଙ୍କର ସଂକ୍ରମଣ କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଡାକ୍ତରୀଦଳ ଫୁସ୍‌ଫୁସ୍‌ର ଏପରି ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ଏହାପରେ ହସ୍ପିଟାଲ ପକ୍ଷରୁ ଉକ୍ତ ଫୁସ୍‌ଫୁସ୍‌ର ଭିଡିଓକୁ ଧୂମପାନକାରୀଙ୍କ ଲାଗି ଚେତାବନୀ ସ୍ୱରୂପ ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଇଛି। ଏଥିରେ ଏକ କ୍ୟାପ୍‌ସନ ମଧ୍ୟ ଲେଖାଯାଇଛି ‘କ’ଣ ଆପଣମାନେ ଏବେ ବି ଧୂମପାନ କରିବାର ସାହସ ରଖନ୍ତି’ ? ଏହାକୁ ସୋସିଆଲ ମିଡିଆ ୟୁଜରମାନେ ‘ବେଷ୍ଟ ଆଣ୍ଟି ସ୍ମୋକିଂ ଆଡ୍ ଏଭର’ ବୋଲି କମେଣ୍ଟ ଦେଉଛନ୍ତି।

## ଜମି ପାଖ ମାଡ଼ିବେନି ଜଙ୍ଗଲୀ ଜନ୍ତୁ



ବାଙ୍ଗାଲୋର: କଥାରେ ଅଛି ଚାଷ ଅଛି ଯାହାର, କି ଆନନ୍ଦ ତାହାର। ହେଲେ ଚାଷ ଆଉ ଏବେ ଖୁସିର କଥା ହୋଇ ରହିନାହିଁ। ବିହନ ବୁଣିବାଠାରୁ ଆରମ୍ଭ କରି ଫସଲ ଉତ୍ପାଦନ ଯାଏ କଡ଼ା ସଂଘର୍ଷ କରୁଛି ଚାଷୀପୁଅ। ହେଲେ ଫସଲ ଉତ୍ପାଦନ ହେବା ବେଳକୁ ଦାଉ ସାଧୁଛନ୍ତି ଜଙ୍ଗଲୀ ଜନ୍ତୁ। ବିଶେଷ କରି ମାଙ୍କଡ଼, ବାର୍‌ହାଙ୍କ ଉପଦ୍ରବରେ ଉଜୁଡ଼ି ଯାଉଛି ସୁନାର ଫସଲ। ଚାଷର ସୁରକ୍ଷା ପାଇଁ ଚାଷୀମାନେ ଉଦ୍ୟମ କରୁନାହାନ୍ତି ସେକଥା ନୁହେଁ, ହେଲେ ସେମାନଙ୍କ ସବୁ ଉଦ୍ୟମ ବିଫଳ ଯାଉଛି। ଖାସ୍ ଏଥିଲାଗି ପ୍ରତିବର୍ଷ ଲକ୍ଷାଧିକ ଟଙ୍କା କ୍ଷତି ସହୁଛନ୍ତି ଚାଷୀ। ପିଢ଼ି ପିଢ଼ି ଧରି ଚାଷୀ ପରିବାର ଭୋଗୁଥିବା ଏହି ସମସ୍ୟାର ସରଳ ସମାଧାନ ବାହାର କରିଛନ୍ତି କର୍ଣ୍ଣାଟକର ଚାଷୀ ଚିଦାନନ୍ଦ ଗୌଡ଼ା। ଏହାକୁ ପ୍ରୟୋଗ କଲେ ଜଙ୍ଗଲୀଜନ୍ତୁ ଜମି ପାଖ ମାଡ଼ିବେନି ବୋଲି ସେ ଦାବି କରିଛନ୍ତି। ନିଜେ ଜମିରେ ସଫଳତାର ସହ ପ୍ରୟୋଗ କରିଥିବା ନିଜସ୍ୱ ଛୋଟିଆ ପ୍ରକଳ୍ପ ସମ୍ପର୍କରେ ଚିଦାନନ୍ଦ କୁହନ୍ତି, ଶିବମୌଗା ଅଞ୍ଚଳରେ ତାଙ୍କର ପୈତୃକ ଜମି ରହିଛି। ସେଠାରେ ଚାଷ କରି ସେ ଗୁଜରାଣ ମେଣ୍ଟାଇଥାନ୍ତି। ହେଲେ ମାଙ୍କଡ଼ ଏବଂ ବାର୍‌ହା ଭଳି ଜନ୍ତୁଙ୍କ ଉପଦ୍ରବରେ ସେ ଅତିଷ୍ଠ ହୋଇପଡ଼ିଥିଲେ। ହାରାହାରି ୩୦% ଫସଲ ଜଙ୍ଗଲୀ ଜନ୍ତୁଙ୍କ ମୁହଁରେ ଯାଉଥିଲା। ସେମାନଙ୍କ ଦାଉରୁ ଫସଲର ସୁରକ୍ଷା କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏଥିଲାଗି ସେ ବଜାରରୁ ଏକ ମାଇକ୍ରୋଚିପ୍ ଆଣିଲେ। ସେଥିରେ କୁକୁର ଭୁକିବା ଭଳି ସ୍ୱର ରେକର୍ଡିଂ କରାଇଲେ। ଜମିରେ ଲାଉଡ ସ୍ପିକର ଲଗାଇ ଉକ୍ତ ରେକର୍ଡିଂ ବଜାଇଥିଲେ। ସେହି ସ୍ୱର ଶୁଣିବା ପରେ ଜମିରେ କୁକୁର ଜଗିଥିବା ଭାବି ଜଙ୍ଗଲୀ ଜନ୍ତୁ ଆଉ ଖେତରେ ପଶୁ ନ ଥିବା ସେ କହିଛନ୍ତି। ଏହି ପ୍ରକଳ୍ପରେ ଖୁବ୍ କମ୍ ଟଙ୍କା ଖର୍ଚ୍ଚ ହେଉଛି। ଏହାକୁ ଆଖପାଖ ଅଞ୍ଚଳର ଚାଷୀମାନେ ଆପଣାଇଲେଣି ବୋଲି ସେ କହିଛନ୍ତି।

## ବ୍ରେକ୍‌ଫାଷ୍ଟ କରୁ ନ ଥିବା ପିଲା କମ୍ ମାର୍କ ରଖନ୍ତି



**ଲଣ୍ଡନ:** ପିତାମାତାମାନେ ଏବେଠାରୁ ସାବଧାନ ହୋଇଯାନ୍ତୁ। ବ୍ରେକଫାଷ୍ଟ କରୁ ନ ଥିବା ପିଲା କମ୍ ମାର୍କ ରଖନ୍ତି ବୋଲି ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ପିଲାମାନେ ଖାଲିପେଟରେ ରହି ପାଠପଢ଼ିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା ହୋଇ ନ ଥାଏ। ଖାଲି ଘରେ ନୁହେଁ, ସ୍କୁଲରେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବା ଜରୁରୀ। କମ୍ ଖାଦ୍ୟ ଖାଉଥିବା ପିଲାଙ୍କଠାରୁ ଅପେକ୍ଷାକୃତ ଅଧିକ ଖାଦ୍ୟ ଖାଉଥିବା ପିଲାଙ୍କ ମାନସିକ ସ୍ଥିତି ସୁଦୃଢ଼ ହୋଇଥାଏ। ଫଳରେ ପିଲା ପାଠପଢ଼ିଲେ, ତାହା ସହଜରେ ମନେରହିଥାଏ। କମ୍ ବ୍ରେକ୍‌ଫାଷ୍ଟ କରୁଥିବା ପିଲାଙ୍କ ତୁଳନାରେ ଅଧିକ ବ୍ରେକ୍‌ଫାଷ୍ଟ କରୁଥିବା ପିଲାଙ୍କ ଅଧ୍ୟୟନ ଭଲ ଓ ସେମାନେ ଅପେକ୍ଷାକୃତ ଅଧିକ ମାର୍କ ରଖାଥାନ୍ତି ବୋଲି କୁହାଯାଇଛି। ବହୁ ଗବେଷଣା ପରେ ଏହି ତଥ୍ୟ ପଦାକୁ ଆସିଥିଲେ ହେଁ ପିଲାଙ୍କ ଖାଦ୍ୟପେୟ ଉପରେ ପିତାମାତାମାନେ ଗୁରୁତ୍ୱ ଦେଉ ନ ଥିବା କିମ୍ବା ଅବହେଳା ପ୍ରଦର୍ଶନ କରୁଥିବା ଜଣାପଡ଼ିଛି। ଏନେଇ ଜର୍ନାଲ ଫ୍ରଣ୍ଟିୟର୍ସ ଇନ୍ ପବ୍ଲିକ ହେଲ୍ଥ, ରିସର୍ଚ୍ଚର୍ସ ଫ୍ରମ୍ ୟୁନିଭର୍ସିଟି ଅଫ୍ ଲିଡ୍ସ ପକ୍ଷରୁ ଦର୍ଶାଯାଇଛି। ସକାଳୁ ପିଲାମାନେ ପ୍ରଚୁର ପରିମାଣର ଖାଦ୍ୟ ଖାଇବା ଦ୍ୱାରା ମନ ସତେଜ୍ ରହିଥାଏ। ପାଠ ପଢ଼ିବା ଓ ମନେରଖିବା ଲାଗି ଏହା ଆଗ୍ରହ ସୃଷ୍ଟି କରିଥାଏ। କମ୍ ଖାଇବା ଦ୍ୱାରା କୁପୋଷଣର ଶିକାର ହୋଇ ମାନସିକ ସନ୍ତୁଳନ ବିଗିଡ଼ି ଯିବାର ଆଶଙ୍କା ରହିଛି। ୨୯୪ ସ୍କୁଲ, କଲେଜ୍ ପିଲାଙ୍କ କ୍ଷେତ୍ରରେ ଏହା ପରୀକ୍ଷା କରାଯାଇଥିବାବେଳେ ବ୍ରେକ୍‌ଫାଷ୍ଟ କମ କରୁଥିବା ପିଲା କମ୍ ମାର୍କ ରଖୁଥିବା ଜଣାପଡ଼ିଛି। ୨୦୧୯ର ବ୍ରିଟେନ ଡାଟା କହୁଛି ୧୬% ପିଲା ବ୍ରେକ୍‌ଫାଷ୍ଟ ମିସ୍ କରନ୍ତି। ତେଣୁ ସେମାନଙ୍କ ମାନସିକ ସ୍ଥିତି ଓ ପାଠ ପଢ଼ିବାର ଆଗ୍ରହ କମିଥିବା ଜଣାପଡ଼ିଛି। ପାଠପଢ଼ିବା ଲାଗି ପିଲାମାନେ ପେଟପୂରା ଖାଇବା ଓ ମାନସିକ ଭାବେ ସୁସ୍ଥ ରହିବା ଏକାନ୍ତ ଜରୁରୀ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ଚୁଟ୍‌କିଙ୍କ ଲେଉଟାଣି


ରାଲି

ଥରେ ମନେପକାନ୍ତୁ ନା ସେହି ଚୁଟ୍‌କି ଚରିତ୍ରକୁ। ସୁପରହିଟ୍ ଓଡ଼ିଆ ସିନେମା 'ଆକାଶେ କି ରଙ୍ଗ ଲାଗିଲା'ରେ ଏହି ଭୂମିକା ତାଙ୍କୁ କେତେ ମାଇଲେଜ୍ ଦେଇଥିଲା, ତାହା କହିବା ବାହୁଲ୍ୟ। ଏକ ଚୁଲ୍‌ବୁଲି ତଥା ଭାବପ୍ରବଣ ଭଉଣୀ ଭୂମିକାକୁ ସେ ଏତେ ନିଖୁଣ ଭାବେ ତୁଲାଇଥିଲେ ଯେ ତାହା ତାଙ୍କ କ୍ୟାରିୟରକୁ ନୂଆ ମୋଡ଼ ଦେଇଥିଲା। ହଁ, ସେ ହେଲେ ରାଲି ନନ୍ଦ। ବର୍ତ୍ତମାନ 'ଆପିପିବି'ର ସିନିୟର ମ୍ୟାନେଜର ଭାବେ କାର୍ଯ୍ୟରତ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ସେ ଓଡ଼ିଆ ସିନେମାଠାରୁ ଦୂରେଇ ଯାଇଛନ୍ତି। ଖୁସିର କଥା ଯେ, ଖୁବ୍‌ଶୀଘ୍ର ସେ ମା' ଡାକ ଶୁଣିବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ, ପୁଣିଥରେ ବଡ଼ ପରଦାରେ ମୁହଁ ଦେଖାଇବାକୁ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରିସାରିଲେଣି। ବର୍ତ୍ତମାନ ଭୁବନେଶ୍ୱରରେ ରହୁଥିବା ରାଲିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା 'କଳିଙ୍ଗପୁତ୍ର'ରୁ। ଏହି ଫିଲ୍ମରୁ ମଧ୍ୟ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ଆକାଶ। ଆକାଶ-ରାଲିଙ୍କ ଅଭିନୟକୁ ଏଥିରେ ବେଶ୍ ପ୍ରଶଂସା କରାଯାଇଥିଲା। 'କଳିଙ୍ଗପୁତ୍ର' ଏବଂ 'ଆକାଶେ କି ରଙ୍ଗ ଲାଗିଲା' ବ୍ୟତୀତ 'ନଈ ସେପାରି କନକଗୋରୀ', 'ଓଁ ନମଃ ଶିବାୟ', 'ତୁ ଥିଲେ ମୋ ଡର କାହାକୁ', 'ମା' ଖୋଜେ ମମତା', 'ଟଙ୍କା ତତେ ସଲାମ୍', 'ସୁପରଷ୍ଟାର' ଏବଂ ' ପୁଣି ଦେଖା ହେବ ଆର ଜନମରେ' ଆଦି ସିନେମାରେ ରାଲି ଅଭିନୟ କରିସାରିଛନ୍ତି। କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ଅଭିନୟ ଦୁନିଆକୁ ଆସିବା ପୂର୍ବରୁ ଜଣେ ଓଡ଼ିଶୀ ନୃତ୍ୟାଙ୍ଗନା ଭାବରେ ସେ ବେଶ୍ ପ୍ରଶଂସା ସାଉଁଟିଥିଲେ। ତେବେ ଓଲିଉଡ୍‌ରେ ରାଲିଙ୍କ ଦ୍ୱିତୀୟ ଇନିଂସ କେବେ ଆରମ୍ଭ ହେଉଛି ତାହା ଜାଣିବାକୁ ଆମକୁ ଅପେକ୍ଷା କରିବାକୁ ପଡ଼ିବ।

## ମର୍ଡର ଅନ୍ତରାଳେ..

ଖଳନାୟକ ଅଂଶୁମାନ ସାମନ୍ତରାୟ। ମାରିୟା ନାମ୍ନୀ ଝିଅକୁ ଯେମିତି ହେଲେ ମର୍ଡର କରିବେ। ହେଲେ କାରଣ କ'ଣ ? ଅସଲ କଥା ହେଲା ଏହି ଘଟଣାର ସଂଯୋଗ ରହିଛି ତାଙ୍କର ଆକ୍ଟିଂ ଜୀବନ ସହ। ଅର୍ଥାତ୍ ହିନ୍ଦୀ ସିନେମା 'ମାରିୟା'ରେ ତାଙ୍କୁ ମିଳିଛି ଏପରି ଏକ ନେଗେଟିଭ ଭୂମିକା। ନିଜର ଏଭଳି ଭୂମିକା ସମ୍ପର୍କରେ ଅଂଶୁମାନ କହନ୍ତି, ''ବେଳେବେଳେ କେତେକ କଥା ମନରେ ଜେରକ୍ସ ହୋଇ ରହିଯାଏ। କେହି କେହି ଆଗପଛ ବିଚାର ନ କରି ନିଜ ଲକ୍ଷ୍ୟ ହାସଲ କରିବାକୁ ବାହାରି ପଡ଼ନ୍ତି। ମୋ ରୋଲ୍‌ଟି ଠିକ୍ ସେହିପରି। ଭୂମିକାଟିକୁ ସଫଳ କରିବାକୁ ଯଥାସାଧ୍ୟ ଚେଷ୍ଟା କରିଛି। ବାକି ଦର୍ଶକଙ୍କ ଉପରେ ନିର୍ଭରକରେ।'' ଏଥିରେ ଅଂଶୁମାନ ମୁଖ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ନାୟକ ସାଜିଛନ୍ତି ହରିଶ ଶର୍ମା। ଏଥିରେ ଟାଇଟଲ ମାରିୟା ଭୂମିକାରେ ଅଭିନୟ କରିଛନ୍ତି ଅଜିତା। ଏହା ବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏବଂ ସନ୍ତୋଷ ବର୍ମାଙ୍କ ନିର୍ଦ୍ଦେଶିତ 'ପ୍ୟାର୍ କା ଏହସାସ' ଚଳିତବର୍ଷ ଡିସେମ୍ବରରେ ରିଲିଜହେବାର ଯୋଜନା ରହିଛି।

## ଆଖିଁଉ ସେ ଗୋଲି ମାରେ


ଅନନ୍ୟା

'ଲଡ଼କି କମାଲ ହୈ ତୋ ଆଖିଁଉ ସେ ଗୋଲି ମାରେ' ଗୀତ ସେ ସମୟରେ ବେଶ୍ ଲୋକପ୍ରିୟ ହୋଇଥିଲା। ଗୋବିନ୍ଦା ଏବଂ ରବିନା ଟଣ୍ଡନଙ୍କ ଡ୍ୟାନ୍ସ ମଧ୍ୟ କୌଣସି ଗୁଣରେ କମ୍ ନ ଥିଲା। ଦର୍ଶକ ଖୁବ୍‌ଶୀଘ୍ର ଏହି ଗୀତଟିକୁ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ପାଇବେ। ଫିଲ୍ମଟି ହେଲା 'ପତି ପତ୍ନୀ ଔର ଓ'। ଉକ୍ତ ଗୀତ ପାଇଁ କଣ୍ଠଦାନ କରିଛନ୍ତି ମିକା ସିଂ ଏବଂ ତୁଳସୀ କୁମାର। ଖାସ୍ କଥା ହେଲା, ଏହି ଗୀତରେ ନାୟିକା ଅନନ୍ୟା ପାଣ୍ଡେଙ୍କ ଡ୍ୟାନ୍ସ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଏ ବିଷୟରେ ଅନନ୍ୟା କହନ୍ତି, 'ଏହା ପୂର୍ବରୁ ଅନେକ ଷ୍ଟେଜ୍ ଶୋ'ରେ ମୁଁ ଏହି ଗୀତରେ ନାଚି ସାରିଛି। ହେଲେ 'ପତି ପତ୍ନୀ ଔର ଓ'ରେ ମୋ ଡ୍ୟାନ୍ସ କିପରି ହୋଇଛି ତାହାର ଉତ୍ତର ଦର୍ଶକ ହିଁ ଦେବେ।' ମୁଦ୍ଦାସର ଅଜିଜ୍‌ଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମଟି ଚଳିତବର୍ଷ ଡିସେମ୍ବର ୬ରେ ରିଲିଜ୍ ହେବାକୁ ଯାଉଛି।

## ମନେ ମନେ ମନ ଖୋଜୁଥିଲା

ନୂଆ ସିନେମା


ନମ୍ରତା-ଓମ୍‌କାର

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା।' କାହାଣୀ ଅନୁସାରେ ଅଭିମନ୍ୟୁ ଏବଂ ଦୁର୍ଯ୍ୟୋଧନଙ୍କ ଭିତରେ ଅହି ନକୁଳ ସମ୍ପର୍କ। ହେଲେ ଅଭିମନ୍ୟୁର ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନର ଝିଅ ଗୌରୀ ପରସ୍ପରକୁ ଭଲପାଇ ବସନ୍ତି। ହେଲେ ସେମାନଙ୍କର ଏହି ପ୍ରେମ ସାମ୍ନାରେ ଦୁଇ ପରିବାର ଭିତରେ ଥିବା ଦୀର୍ଘଦିନର ଶତ୍ରୁତା ପାଚେରି ପରି ଠିଆ ହୁଏ। ତେବେ ଏଭଳି ପରିସ୍ଥିତିକୁ ସାମ୍ନା କରିବା ପରେ ସେମାନେ କିପରି ଏହାର ମୁକାବିଲା କରନ୍ତି? ସେମାନଙ୍କର ପ୍ରେମ ସଫଳ ହୁଏ କି? ଏ ସବୁର ଉତ୍ତର ରହିଛି ନିର୍ମିତ ହେବାକୁ ଯାଉଥିବା ଏହି ସିନେମାରେ। ଖାସ୍ କଥା ହେଲା, ଏହି ଫିଲ୍ମରୁ ନବାଗତ ଓମ୍‌କାର ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନମ୍ରତା ସିଂଦେଓ। ନମ୍ରତା ଏହାପୂର୍ବରୁ 'ଆଖି ଖୋଲିଲେ ତୁ ହି ତୁ'ରେ ଅଭିନୟ କରିସାରିଥିବା ବେଳେ ତାଙ୍କ ଅଭିନୀତ 'ଆସିବି ଫେରି ମୁଁ ବସୁଧା ଚିରି' ରିଲିଜ୍ ଅପେକ୍ଷାରେ ରହିଛି। ଅନନ୍ୟା ଏଣ୍ଟରଟେନ୍‌ମେଣ୍ଟସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଭାତୀ ଆଚାର୍ଯ୍ୟ। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ଖାସ୍ କଥା ହେଲା, ବେଶ୍ କିଛିବର୍ଷର ଗ୍ୟାପ୍ ପରେ ପୁଣିଥରେ ନିର୍ଦ୍ଦେଶନା ମଇଦାନକୁ ଫେରୁଛନ୍ତି ଏନ୍. ପାଢ଼ୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି. ଅଶୋକ କୁମାର। ଓମ୍‌କାର-ନମ୍ରତାଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

## ଚ୍ୟାଲେଞ୍ଜ୍ ଦେବେ ବିଶ୍ୱରୂପ


ବିଶ୍ୱରୂପ

ଚଳଚ୍ଚିତ୍ରର ନାୟକ ସାଜିଥିବା କଳାକାରଙ୍କ ନାମ ଯାହା ଫିଲ୍ମର ଟାଇଟଲ ମଧ୍ୟ ସେଇଆ। ସେ ହେଲେ ବିଶ୍ୱରୂପ। ରିଲିଜ ଅପେକ୍ଷାରେ ଥିବା ଆକ୍ସନଭିତ୍ତିକ ଓଡିଆ ସିନେମା 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍'ର ନାୟକ ସାଜିଛନ୍ତି ସେ। ଜଣେ ଫାଇଟର କିପରି ବିଭିନ୍ନ ପ୍ରକାର ଝଡ଼ଝଞ୍ଜାକୁ ସାମ୍ନା କରି ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଛି, ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ନିଜର ଡେବ୍ୟୁ ସିନେମାରେ ହିଁ ତାଙ୍କୁ ଏକ ଚ୍ୟାଲେଞ୍ଜିଂ ଚରିତ୍ର ମିଳିଛି। ଏ.ବି. କ୍ରିଏଶନ୍ସ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିଶ୍ୱଜିତ ମିଶ୍ର। ଅନ୍ୟପକ୍ଷରେ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି 'ପ୍ରେମ ନିଶା ନିଆରା ନିଆରା', 'ତୋ ପ୍ରେମରେ ପଡିଲା ପରେ' ଏବଂ 'ଚାଲ୍ ଟିକେ ପ୍ରେମ କରିବା'ର ନିର୍ଦ୍ଦେଶକ ସରୋଜକାନ୍ତ। ମନୋରଞ୍ଜନ ଦାସ ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଏହି ଫିଲ୍ମରେ ବିଶ୍ୱରୂପଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ତନୁଶ୍ରୀ। ତେବେ ଫିଲ୍ମର ସଫଳତାକୁ ନେଇ ବିଶ୍ୱରୂପ ଯେଉଁ ଆଶା ରଖିଛନ୍ତି ତାହା କେତେ ସଫଳ ହେଉଛି, ଚଳଚ୍ଚିତ୍ରଟି ରିଲିଜ ହେଲେ ହିଁ ଜଣାପଡ଼ିବ।

## ଖାକି ପୋଷାକ ନିଶା


ରାଣୀ

ରାଣୀ ମୁଖାର୍ଜୀଙ୍କୁ ନେଇ ଏବେ ଚର୍ଚ୍ଚା। ଆସନ୍ତା ମାସରେ ତାଙ୍କ ଅଭିନୀତ 'ମର୍ଦ୍ଦାନୀ-୨' ପରଦା ଉପରକୁ ଆସୁଛି। ଏଥିରେ ସେ ପୋଲିସ ଅଫିସର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନ୍ୟାୟ, ଦୁର୍ନୀତି ବିରୋଧରେ ଜଣେ ପୋଲିସ ଅଫିସର କିପରି ଲଢୁଛନ୍ତି, ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ଆକ୍ଟିଂ କରିବା ପରେ ରାଣୀଙ୍କୁ ଏବେ ଖାକି ପୋଷାକ ନିଶା ଘାରିଛି। ଏଣିକି କୁଆଡ଼େ ସେ କେବଳ ଏପରି ଭୂମିକାରେ ହିଁ ଅଭିନୟ କରିବେ ବୋଲି କହି ବୁଲୁଛନ୍ତି। ତେବେ ତାଙ୍କର ଏହି ଆଶା କେତେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## ବାପି ଯାହା ଚାହୁଁଥିଲେ..

ଅପେରା ହାଲଚାଲ


ବାପି

ବେଳେବେଳେ ମଣିଷ ଯାହା ଚାହେଁ ତାହା ତାଙ୍କୁ ହାତ ପାଆନ୍ତାରେ ମିଳିଯାଏ। ଠିକ୍ ସେମିତି ଜଲିଉଡ୍‌ରେ ଏଣ୍ଟ୍ରି କରିବା ସମୟରେ ଯାତ୍ରା ଜଗତର ଅନ୍ୟତମ ଆଗଧାଡିର ଅଭିନେତା ତଥା ଆକ୍ସନ ମାଷ୍ଟର ବାପି ପଣ୍ଡାଙ୍କ ଆଖିରେ ଆଖିଏ ସ୍ୱପ୍ନ। ହେଲେ ନିଜର ଅଭିନ ଦକ୍ଷତା ତାଙ୍କୁ ଦେଇଥିଲା ନିଆରା ପରିଚୟ। ବର୍ଷ କେଇଟାରେ ସେ ଅପେରା ପ୍ରେମୀଙ୍କ ହୃଦୟରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। ନିଜର ସଫଳତାକୁ ନେଇ ସେ କହନ୍ତି, ଏସବୁ ମୂଳରେ ଦର୍ଶକଙ୍କୁ ସବୁ ଶ୍ରେୟ ଦେବି। ସେମାନେ ନ ଥିଲେ ଆଜି ମୁଁ ଅପେରା ଜଗତରେ ନ ଥାନ୍ତି। ଯେ କୌଣସି ନାଟକ ହେଉ ଅବା ଭୂମିକା ତାକୁ କିପରି ସଠିକ୍ ଭାବରେ ତୁଲାଇବି ସେ ନେଇ ବେଶ୍ ପୂର୍ବରୁ ନିଜକୁ ପ୍ରସ୍ତୁତ କରିନିଏ। ଦର୍ଶଙ୍କ ପାଇଁ ବାପି ପଣ୍ଡା। ସେମାନେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି ତାହା ମୁଁ କଦାପି ସୁଝି ପାରିବି ନାହିଁ।' ବାପିଙ୍କ ଅଭିନୟ ଜୀବନରେ ଅନେକ ସୁଖଦ ହେଉ କି ଦୁଃଖଦ ଘଟଣା ଘଟିଯାଇଛି। ସେଗୁଡିକ ମଧ୍ୟରୁ ତାଙ୍କର ଗୋଟିଏ ରୋମାଞ୍ଚକର କଥା ଏବେ ବି ମନେ ପଡିଥାଏ। ସେ ବିଷୟରେ ବାପି କହନ୍ତି, ଗୌରୀ ଗଣନାଟ୍ୟ ପରିବେଷିତ ସୁପରହିଟ୍ ନାଟକ 'ଅର୍ଦ୍ଧାଙ୍ଗିନୀ'ର ଇନ୍ସପେକ୍ଟର ସିଦ୍ଧାର୍ଥ ଚରିତ୍ରରେ ମୁଁ ଅଭିନୟ କରିଥିଲି। ଏହି ନାଟକର ଟାଇଟଲ ପଛରେ ଲୁଚି ରହିଛି ଏକ ମଜାଦାର କଥା। ଗୋଟିଏ କଥା-ଏହା ହେଉଛି ମୋ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ନାଟକ। ନାଟକର କାହାଣୀ ରଚନା ସମୟର କଥା। ସେଥିରେ ବ୍ୟସ୍ତ ଥାଆନ୍ତି ଆଶୁତୋଷ ସାର୍ (ଇଂ ଆଶୁତୋଷ ମହାପାତ୍ର)। ତା' ସହ ଏହାର ଟାଇଟଲ କ'ଣ ଦିଆଗଲେ ତାହା ଦର୍ଶକଙ୍କୁ ଇମ୍ପ୍ରେଶ କରିବ ସେ ତାକୁ ନେଇ ବିଚାରବିମର୍ଶ ଚାଲିଥାଏ। ସେତିକିବେଳେ ମୋ ମୋବାଇଲକୁ ଘରୁ ଫୋନ୍ ଆସିଲା। ଧର୍ମପତ୍ନୀଙ୍କ ନାମକୁ ମୁଁ 'ମୋ ଅର୍ଦ୍ଧାଙ୍ଗିନୀ' ବୋଲି ସେଭ୍ କରିଥାଏ। ବାସ୍, ସତେଯେମିତି ଆମକୁ ଖୋଜିଲା ଚିଜ ମିଳିଗଲା। ନାଟକଟିର ଟାଇଟଲ 'ଅର୍ଦ୍ଧାଙ୍ଗିନୀ' ରହିଲେ କେମିତି ହେବ ବୋଲି ମୁଁ କହିବା ପରେ ତାହାକୁ ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ସାର୍ ଗ୍ରହଣ କରିଥିଲେ। ଏବେ ବି ନାଟକଟିର ପ୍ରତିଟି ସିକୁଏନ୍ସ ଏବେ ବି ମୋ ଆଖି ସାମ୍ନାରେ ଭାସିଯାଉଛି। ଏହି ନାଟକରେ ମୋ ବ୍ୟତୀତ ସୁବାସ ବେହେରା, ଚୁନି ପ୍ରମୁଖ କଳାକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା।


କରୀନା

## ସିଦ୍ଧିମାରୁ ବେବୋ

କରୀନା କପୁରଙ୍କ ନିକ୍ ନେମ୍ 'ବେବୋ' ବୋଲି ପ୍ରାୟ ଅନେକେ ଜାଣନ୍ତି। ହେଲେ ଏହାପୂର୍ବରୁ ତାଙ୍କ ଜେଜେ ତଥା ବଲିଉଡ୍‌ର ଶୋ'ମ୍ୟାନ୍ ଭାବେ ପରିଚିତ ପ୍ରଖ୍ୟାତ ଅଭିନେତା-ପ୍ରଯୋଜକ-ନିର୍ଦ୍ଦେଶକ ରାଜ କପୁର କରୀନାଙ୍କ ନିକ୍ ନେମ୍ 'ସିଦ୍ଧିମା' ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ପରିବାର ସଦସ୍ୟ ଏବଂ କେତେକ ସମ୍ପର୍କୀୟ କରୀନାଙ୍କୁ 'ବେବୋ' ନାଁରେ ଡାକିବା ଆରମ୍ଭ କଲେ। ବାସ୍, ତା'ପରେ ଏପର୍ଯ୍ୟନ୍ତ ତାଙ୍କୁ 'ବେବୋ' ନାମରେ ହିଁ ଡକାଯାଇଆସୁଅଛି। ତାଙ୍କର ଶୁଭ ନାମ 'କରୀନା' ପଛରେ ମଧ୍ୟ ଏକ କାହାଣୀ ରହିଛି। ଯେତେବେଳେ ତାଙ୍କ ମା' ଗର୍ଭବତୀ ଥିଲେ ସେତେବେଳେ ସେ 'ଆନ୍ନା କରୀନା' ନାମକ ଏକ ବହି ପଢୁଥିଲେ। ସେଥିରୁ ଏହି ଶୁଭ ନାମ 'କରୀନା'କୁ ରଣଧୀର କପୁର (କରୀନାଙ୍କ ପିତା) ପସନ୍ଦ କରିଥିଲେ।



# ‘ପବ୍ କଲ୍‌ଚର୍’



## ପ୍ରମୁଖ କ୍ଲବ୍/ପବ୍

ଅଧିକାଂଶ ଆଇଟି କମ୍ପାନୀ ଏବଂ ପ୍ରମୁଖ ଶିକ୍ଷାନୁଷ୍ଠାନର ଉପସ୍ଥିତି ଯୋଗୁ ଚନ୍ଦ୍ରଶେଖରପୁର ଏବଂ ପଟିଆ ଅଞ୍ଚଳରେ ଭୁବନେଶ୍ୱରର ସର୍ବାଧିକ ପବ୍ ଏବଂ କ୍ଲବ୍ ରହିଛି। ଏହାବ୍ୟତୀତ ଜୟଦେବ ବିହାର, ୟୁନିଟ୍-୪ ଏବଂ ଖାରବେଳ ନଗରରେ ମଧ୍ୟ କିଛି ଜଣାଶୁଣା ପବ୍ ରହିଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ପ୍ରମୁଖ ପାର୍ଟି ଡେଷ୍ଟିନେଶନ ମଧ୍ୟରେ 10ଡିସି ଲାଉଞ୍ଜ୍ ଆଣ୍ଡ୍ ବାର୍, ଏମ୍ବାସୀ କ୍ଲବ୍ ଆଣ୍ଡ୍ ସ୍କାଏ ଲାଉଞ୍ଜ୍, ୱାନ୍ ପେଗ୍ ଡାଉନ୍, ରକ୍ ଅନ୍ ପବ୍, ପଟିଆରେ ଆଙ୍ଗନ୍ ହରାଇଜନ୍, ଏକ୍ସଟାସୀ ଲାଉଞ୍ଜ୍, ନନ୍ଦନକାନନ ରୋଡ୍‌ରେ ମେଲୋନୀ, ଜୟଦେବ ବିହାର ରହୋଟେଲ ସ୍ୱସ୍ତି ପ୍ରିମିୟମ୍‌ର ‘ପ୍ଲାଜା କ୍ଲବ୍’, ‘ରବ୍ ରୟ’, ହୋଟେଲ ମେ’ଫେୟାରର ‘ବାରୋନ୍ ଆଣ୍ଡ୍ ବାରୋନେସ୍’, ‘ଦି ସେଲାର୍’, ହୋଟେଲ ସ୍ୟାଣ୍ଡିସ୍ ଟାୱାରର ‘ହାଇ ଫାଇଭ୍-ଦି ଲାଉଞ୍ଜ୍ ବାର୍’, ହୋଟେଲ ସୂର୍ଯ୍ୟାଂଶର ‘ଜଲ୍‌ସା ଦି ବାର୍’, ‘ଗାଲାକ୍ସୀ-ଦି ରେଷ୍ଟୋ ବାର୍’, ଟ୍ରାଇଡେଣ୍ଟର ‘ଦି ବାର୍’, ହୋଟେଲ୍ ପାଲ୍ ହାଇଟ୍‌ସର ‘କସ୍‌ବା’ ଏବଂ ‘ଡିଜାୟାର୍’ ରହିଛି। ସେହିଭଳି ହୋଟେଲ ସ୍ୱସ୍ତି ଗ୍ରାଣ୍ଡର ‘ଓସିଆନା’, ଖାରବେଳ ନଗରରେ ମ୍ୟାଡ୍ ମ୍ୟୁଲ୍, ହୋଟେଲ ଏଚ୍‌ଏଚ୍‌ଆଇର ଲାଉଞ୍ଜ୍ ବାର୍, ଅଣ୍ଡରଗ୍ରାଉଣ୍ଡ, ହୋଟେଲ ମ୍ୟାରିୟନ୍‌ର ଆଇଭି ବାର୍, ୟୁନିଟ୍-୪ରେ ପିଗାସସ୍ ରେଷ୍ଟୋ ବାର୍ ଆଦି ରହିଛି। ଅଧିକାଂଶ ପବ୍ ରାତି ୧୧ଟା ଏବଂ ୧୨ଟା ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ତାରକା ହୋଟେଲର କେତେକ ପବ୍ ରାତିସାରା ଖୋଲା ରହିଥାଏ।

ରେଷ୍ଟୁରାଣ୍ଟ, କାଫେ, କ୍ଲବ୍, ଲାଉଞ୍ଜ୍ ଏବେ ଯୁବଗୋଷ୍ଠୀଙ୍କ ପାଇଁ ପ୍ରମୁଖ ହ୍ୟାଙ୍ଗ୍‌ଆଉଟ୍ ସ୍ଥାନଭାବେ ପରିଗଣିତ ହେଉଛି। ଆମୋଦପ୍ରମୋଦ ପାଇଁ ସବୁବେଳେ କିଛି ନା କିଛି ନୂଆ ଖୋଜୁଥିବା ମଣିଷ ସପ୍ତାହକର କାମରୁ ଟିକେ ଫୁରସତ୍ ନେଇ କିଛି ଭିନ୍ନ କରିବାକୁ ଚାହୁଁଛି। କିଏ ବ୍ୟସ୍ତବହୁଳ ଜୀବନରୁ ମୁକ୍ତି ପାଇବାକୁ ତ କିଏ ସାଙ୍ଗସାଥୀଙ୍କ ସହ ଟିକେ ହାଲ୍‌କା ମୁହୂର୍ତ୍ତ କଟାଇବାକୁ କ୍ଲବ୍, ପବ୍, ବାର୍, ଡିସ୍କୋ ଭଳି ସ୍ଥାନକୁ ଯିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ତ ଗତ କିଛିବର୍ଷ ମଧ୍ୟରେ ଭୁବନେଶ୍ୱରରେ ‘ପବ୍ କଲ୍‌ଚର୍’ ବହୁଳ ଲୋକପ୍ରିୟତା ହାସଲ କରିଛି। ଦିନେ ନାଇଟ୍‌ଲାଇଫ୍‌ରେ ବହୁ ପଛରେ ଥିବା ସହର ଆଜି ବେଶି ନହେଲେ ବି ଅନେକାଂଶରେ ଆଗକୁ ବଢ଼ିଛି। ସେହିଭଳି କେବଳ ଖାଇବା ପିଇବାରେ ଇଟିଂ ଆଉଟ କଲଚର ସୀମିତ ନଥିବାରୁ ବଜାର ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ସ୍ପୋର୍ଟସ୍ ପବ୍, ଥିମ୍‌ଡ କ୍ଲବ୍ ଭଳି ନୂଆ ନୂଆ ଥିମ୍‌ର ପବ୍, କ୍ଲବ୍, ରେଷ୍ଟୁରାଣ୍ଟ ସହରରେ ଖୋଲୁଛି।

-ସସ୍ମିତା ପାଇକରାୟ

## ବଦଳୁଛି ନାଇଟ୍‌ଲାଇଫ୍

ଧୀରେ ଧୀରେ ବଦଳୁଥିବା ସହର ସହ ତାଳଦେଇ ଲୋକଙ୍କ ଜୀବନଶୈଳୀ ମଧ୍ୟ ବଦଳୁଛି। କେତେଟା ଦୋକାନ ବଜାରରେ ସୀମିତ ଥିବା ଭୁବନେଶ୍ୱରରେ ଆଜି ଛିଡାହୋଇଛି ମାଳ ମାଳ ଶପିଂମଲ୍, ତାରକା ହୋଟେଲ ଓ ଜାତୀୟ, ଅନ୍ତର୍ଜାତୀୟସ୍ତରୀୟ ଏକାଧିକ ଚେନ୍ ରେଷ୍ଟୁରାଣ୍ଟ। ପାଶ୍ଚାତ୍ୟ ଓ ଆଧୁନିକ ଜୀବନଶୈଳୀକୁ ଧୀରେ ଧୀରେ ଆପଣାଉଥିବା ଭୁବନେଶ୍ୱର ଏବେ ଟୁ ଟାୟର ସହରରୁ ବାହାରି ଆଗକୁ ବଢ଼ିବା ସହ ମେଟ୍ରୋ ଲାଇଫ୍‌କୁ ଆପଣାଉଛି। ଆପାର୍ଟମେଣ୍ଟ କଲ୍‌ଚର ହେଉ କି ନାଇଟ୍‌ଲାଇଫ୍ ସବୁଥିରେ ଆଧୁନିକତା ମୁହାଁ ହେଉଛି। ବିଶେଷକରି ସହରର ଯୁବପିଢ଼ିମାନଙ୍କ ମଧ୍ୟରେ ଏବେ ନାଇଟ୍‌ଲାଇଫ୍‌କୁ ନେଇ ଅଧିକା କ୍ରେଜ୍ ଦେଖିବାକୁ ମିଳୁଛି। ଶିକ୍ଷା ଓ ଆଇଟି ହବ୍ ପାଲଟିଥିବା ଭୁବନେଶ୍ୱର ରାଜ୍ୟ ଏବଂ ରାଜ୍ୟ ବାହାରର ଲୋକଙ୍କ ପାଇଁ ପ୍ରମୁଖ କାର୍ଯ୍ୟସ୍ଥଳୀରେ ପରିଣତ ହୋଇଥିବା ବେଳେ ନାଇଟ୍ କ୍ଲବ୍, ଡିସ୍କୋ ଓ ମ୍ୟୁଜିକ୍ ବାର୍ ଆଦିର ଚାହିଦା ବଢ଼ିଛି। ଫଳରେ ସହରରେ ଧୀରେ ଧୀରେ କ୍ଲବ୍ ଓ ପବ୍ ସଂଖ୍ୟା ବଢ଼ୁଛି। ମେଟ୍ରୋ ସହର ଭଳି ନ ହେଲେ ବି ଆଗାମୀ ୨ରୁ ୩ବର୍ଷ ମଧ୍ୟରେ ଏଠାରେ ମେଟ୍ରୋ ଭଳି ନାଇଟ୍ ଲାଇଫ୍ ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି।



## ଟାର୍ଗେଟରେ ଭୁବନେଶ୍ୱର

ମନୋରଞ୍ଜନଧର୍ମୀ ସ୍ଥାନର ଡିମାଣ୍ଡ ବଢୁଥିବାରୁ ବହୁ ଉଦ୍ୟୋଗୀ ଏବଂ ପୁଞ୍ଜିପତି ଏବେ ଭୁବନେଶ୍ୱରକୁ ନିଜର ଟାର୍ଗେଟ କରିଛନ୍ତି। ସେହିଭଳି ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡର କମ୍ପାନୀମାନେ ମଧ୍ୟ ମେଟ୍ରୋ ସିଟି ପରିବର୍ତ୍ତେ ଏବେ ଭୁବନେଶ୍ୱରକୁ ନିଜର ଲକ୍ଷ୍ୟସ୍ଥଳ କରିଛନ୍ତି। ଭୁବନେଶ୍ୱରରେ ଥିବା ପ୍ରତ୍ୟେକ ତାରକା ହୋଟେଲ ମଧ୍ୟରେ ଡ୍ୟାନ୍ସ କ୍ଲବ୍, ପବ୍ ଓ ବାର୍ ରହିଥିବା ବେଳେ ଏବେ କିନ୍ତୁ ସହରରେ ସ୍ୱତନ୍ତ୍ରଭାବେ ଏକାଧିକ କ୍ଲବ୍ ଓ ବାର୍ ଖୋଲାଯାଉଛି। ଯେଉଁଥିରେ ଲାଇଭ୍ ଡିଜେ ସହ ଆକର୍ଷଣୀୟ ଖାଦ୍ୟ ଓ ପାନୀୟର ଅଫର୍ ଗ୍ରାହକଙ୍କୁ ଦିଆଯାଉଛି। ତେଣୁ ଏଗୁଡ଼ିକ ଯୁବପିଢ଼ିଙ୍କ ପାଇଁ ଏବେ ପ୍ରମୁଖ ପାର୍ଟି ଡେଷ୍ଟିନେଶନରେ ପରିଣତ ହୋଇଛି। ତେବେ ବଡ ବଡ ତାରକା ହୋଟେଲରେ ଲଗାତର ପାର୍ଟିର ଆୟୋଜନ ବହୁଳ ଲୋକପ୍ରିୟତା ହାସଲ କରିଥିବା ବେଳେ ଯୁବତୀମାନଙ୍କ ପାଇଁ ଏହିସ୍ଥାନ ସୁରକ୍ଷିତ ରହୁଥିବାରୁ ଅଧିକ ସଂଖ୍ୟାରେ ଯୁବତୀ ପାର୍ଟିରେ ମଜାନେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଭଲ ବାର୍ ଓ ନାଇଟ୍ କ୍ଲବ୍ ନ ଥିବାରୁ ବହୁ ପର୍ଯ୍ୟଟକ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ଏବେ ସେହି ଧାରା ବଦଳିଛି। ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଭୁବନେଶ୍ୱରର ନାଇଟ୍ ଲାଇଫ୍ ପ୍ରତି ଆକର୍ଷିତ ହେଉଥିବା ଦେଖିବାକୁ ମିଳୁଛି।

## କେତେ ଏକ୍ସପେନ୍‌ସିଭ୍

ଭୁବନେଶ୍ୱରରେ ପାର୍ଟି କରିବା ଏବଂ ଭଲ ନାଇଟ୍‌ଲାଇଫ ପାଇଁ ମେଟ୍ରୋ ସହର ଭଳି ପକେଟରୁ ସେତେ ଅର୍ଥ ଖର୍ଚ୍ଚ କରିବାକୁ ପଡେନା। ଏକ ଭଲ କ୍ଲବ୍ କିମ୍ବା ପବ୍‌ରେ ସାଧାରଣତଃ ଜଣକ ପିଛା ୧୦୦୦ କିମ୍ବା ୧୫୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୁଏ। ଏଥିରେ ନନ୍‌ଷ୍ଟପ୍ ମ୍ୟୁଜିକ୍, ଡ୍ୟାନ୍ସ ଫ୍ଲୋର୍, ସୁସ୍ୱାଦୁ ଖାଦ୍ୟ ଏବଂ ପାନୀୟ ଉପଲବ୍ଧ ହୁଏ। ଅଧିକାଂଶ ପବ୍‌ରେ କପୁଲ୍ ଏଣ୍ଟ୍ରି ଏବଂ ଝିଅଙ୍କ ପାଇଁ କୌଣସି ପ୍ରବେଶ ଶୁଳ୍କ ନଥିବା ବେଳେ ଷ୍ଟାଗ୍ ଏଣ୍ଟ୍ରି ପାଇଁ ୫୦୦ରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼େ। ସେହିଭଳି ସପ୍ତାହର ଗୋଟିଏ ଦିନ ଲେଡିଜ୍ ନାଇଟ୍ ରହିଥାଏ।



---

## ଖାଦ୍ୟ ରୁଚି

# ଚିକେନ ରାଜପୁତାନା



ପୁରୀ ସହରର ଭିଆଇପି ରୋଡରେ ରହିଛି ହୋଟେଲ ଭିଆଇପି ସ୍କୋୟାର। ଏହି ହୋଟେଲର ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ଚିକେନ ରାଜପୁତାନା। ଏହାର ଗୋଟିଏ ପ୍ଲେଟ ଦାମ୍ ୨୩୦ ଟଙ୍କା। ହୋଟେଲର ମୁଖ୍ୟ ଶେଫ୍ ଆକାଶ ଏହାର ପ୍ରସ୍ତୁତି ସମ୍ପର୍କରେ ଯାହା କୁହନ୍ତି...



ଶେଫ୍ ଆକାଶ

ପ୍ରସ୍ତୁତି: ହେମନ୍ତ ନାୟକ

### ଆବଶ୍ୟକ ସାମଗ୍ରୀ

ଚିକେନ : ୧ କିଗ୍ରା
ଅଦା/ରସୁଣ ପେଷ୍ଟ: ୩ ଚାମଚ
ପିଆଜ: ୩ଟି
ହଳଦୀ ଗୁଣ୍ଡ: ୨ ଚାମଚ
ଜିରା ଗୁଣ୍ଡ: ୧ ଚାମଚ
ଚାର୍ଟ ମସଲା: ଅଧା ଚାମଚ
ଧନିଆ ଗୁଣ୍ଡ: ୧ ଚାମଚ
ପାନମଧୁରୀ ଗୁଣ୍ଡ: ୧ ଚାମଚ
ଲଙ୍କା ଗୁଣ୍ଡ: ୧ ଚାମଚ
ଛୋଟ ଛୋଟ କଟା ଶୁଖିଲା ଲଙ୍କା: ୧ ଚାମଚ
ଦହି: ୧୦୦ ଗ୍ରାମ୍
ଅମୂଲ କ୍ରିମ୍: ୧ ଚାମଚ
ଧଳା ରାଶି(ଭଜା ଯାଇଥିବା): ଅଧା ଚାମଚ
ତେଲ: ୮ ଚାମଚ
ଧନିଆ ପତ୍ର: ଅଧା ଚାମଚ
ସ୍ୱାଦ ଅନୁଯାୟୀ ଲୁଣ
(ବି.ଦ୍ର: ଗୋଟିଏ କେଜି ଚିକେନର ପ୍ରସ୍ତୁତି)

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଛୋଟ ଛୋଟ କରି କଟାଯାଇଥିବା ଚିକେନକୁ ଭଲ ଭାବେ ଧୋଇ ଦେବେ। ନିଆଁରେ ପ୍ୟାନ ବସାଇ ତେଲ ଗରମ କରିବେ। ତେଲ ଗରମ ହୋଇଗଲା ପରେ ଏଥିରେ ଚିକେନ ପକାଇ ଛାଣିବେ। ବାଉନ ରଙ୍ଗ ହୋଇଗଲେ ଚିକେନକୁ କାଢିଦେବେ। ଛଣା ଯାଇଥିବା ତେଲରେ ଅଦାରସୁଣ ପେଷ୍ଟ ଓ ହଳଦୀ ଗୁଣ୍ଡ ପକାଇ ମସଲା କରିବେ। ଏହା ମିଶିଯିବା ପରେ ପୂର୍ବରୁ ଛଣାଯାଇଥିବା ଚିକେନକୁ ଏହି ମସଲାରେ ପକାଇବେ। ସେଥିରେ ପୂର୍ବରୁ ଛଣାଯାଇଥିବା ପିଆଜ, ଶୁଖିଲା ଲଙ୍କା, ପକାଇବେ। ଏହାପରେ ଚାର୍ଟ ମସଲା, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ପାନମଧୁରୀ ଗୁଣ୍ଡ, ଦହି ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇବେ। କିଛି ସମୟ ଏହାକୁ କସିବା ପରେ ଅଳ୍ପ ପାଣି ଦେଇ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ଏହାକୁ ଘୋଡାଇବେ। ମଝିରେ ମଝିରେ ଡାଙ୍କୁଣୀ କାଢ଼ି ଏହାକୁ ଗୋଳାଇ ଦେଉଥିବେ। ପରେ ଏଥିରେ ମେଥିପତ୍ର ପକାଇ ଏହାକୁ ଗୋଳାଇ ଓହ୍ଲାଇ ଦେବେ। ପ୍ଲେଟରେ କାଢ଼ି ଛୋଟ ଛୋଟ କଟାଯାଇଥିବା ଧନିଆ ପତ୍ର, ଅମୂଲ କ୍ରିମ୍ ଏବଂ ଭଜା ଧଳା ରାଶିକୁ ପକାଇ ଗରମ ଗରମ ପରଷିଦେବେ।

---

## ନିଜ କଥା

ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ

# ମୁଁ | ବର୍ତ୍ତମାନ ଉପରେ ଭରସା କରେ



ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂ ଜଣେ ଦକ୍ଷ ପୋଲିସ ଅଫିସର। ସ୍ୱତନ୍ତ୍ର ଅପରେଶନ ଓ ଗୁରୁତ୍ୱପୂର୍ଣ୍ଣ ଆପରାଧର ତଦନ୍ତରେ ସିଦ୍ଧହସ୍ତ ଏହି ଅଫିସରଙ୍କୁ ରାଜ୍ୟ ସରକାର ୨ଥର ପୁରସ୍କୃତ କରିସାରିଛନ୍ତି । ଏଥର ନିଜ କଥା ସ୍ତମ୍ଭରେ ତାଙ୍କ କଥା...।

**ପିଲାଦିନରୁ ଆପଣଙ୍କ ଲକ୍ଷ୍ୟ କ’ଣ ଥିଲା ?**

❏ଜନସାଧାରଣଙ୍କ ସେବା କରିବା ଲକ୍ଷ୍ୟ ଥିଲା। ସେଥିପାଇଁ ଡାକ୍ତରୀ ସେବାକୁ ଆପଣେଇ ଥିଲି। ପ୍ରଥମେ ବମ୍ବେର ଏକ ଡାକ୍ତରଖାନାରେ କାମ କରୁଥିଲି । ହେଲେ ମନ ମାନିଲା ନାହିଁ। ସିଭିଲ ସର୍ଭିସ ପରୀକ୍ଷା ଦେଇ ୨୦୧୦ରେ ଆଇପିଏସ୍‌ରେ ଯୋଗ ଦେଇଥିଲି । ପ୍ରଥମେ ମାଲକାନଗିରି ଏସ୍‌ଡିପିଓ ଭାବେ କାମ କରିବାର ସୁଯୋଗ ମିଳିଥିଲା।

**ପ୍ରଥମ ଦରମା କ’ଣ କରିଥିଲେ ?**

❏ଡାକ୍ତର ଚାକିରିରେ ପ୍ରଥମ ଦରମା ୮ ହଜାର ୪ଶହ ଟଙ୍କା ମିଳିଥିଲା । ଧୀରେ ଧୀରେ ତାହା ଖର୍ଚ୍ଚ ହୋଇଗଲା । କୌଣସି ନିର୍ଦ୍ଦିଷ୍ଟ ଖର୍ଚ୍ଚ କରିଥିବା ମନେ ନାହିଁ ।

**ଅବସର ସମୟ କେମିତି କାଟନ୍ତି ?**

❏ଅବସର ସମୟ ଖୁବ୍ ମିଳିଥାଏ । ଯେତିକି ସମୟ ମିଳେ ପରିବାର ସଦସ୍ୟଙ୍କ ସହ କଟିଯାଏ।

**ସିନେମା ଦେଖିବାକୁ ଭଲ ପାଆନ୍ତି?**

❏ହଁ, ସିନେମା ଦେଖିବାକୁ ଭଲ ପାଏ । ହେଲେ କାମର ଚାପରେ ତାହା ସମ୍ଭବ ହୁଏନି।

**ସ୍ୱାସ୍ଥ୍ୟପ୍ରତି ଆପଣ କେତେ ଯତ୍ନବାନ ?**

❏ପ୍ରତିଦିନି ସକାଳେ କିଛି ସମୟ ଦୌଡି ଥାଏ, ବ୍ୟାୟମ କରେ। ଟେନିସ ଖେଳିବାକୁ ଭଲ ଲାଗେ । ଖାଦ୍ୟ ପ୍ରତିବି ମୁଁ ଅଧିକ ଧ୍ୟାନ ଦେଇଥାଏ।

**୧୦ ବର୍ଷ ପରେ ଆପଣ ନିଜକୁ କେଉଁଠି ଦେଖିବାକୁ ଚାହୁଁଛନ୍ତି ?**

❏ମୁଁ ସବୁବେଳେ ବର୍ତ୍ତମାନ ଉପରେ ଭରସା କରେ । ପ୍ରତିଦିନ ସକାଳେ ନୂଆ ଚ୍ୟାଲେଞ୍ଜ ନେଇ କର୍ମକ୍ଷେତ୍ରକୁ ବାହାରି ଥାଏ ।

**ଆମ ସମାଜରୁ ଅପରାଧ କିପରି କମିବ ବୋଲି ଆପଣ ଭାବୁଛନ୍ତି ?**

❏ପ୍ରତ୍ୟେକ ବ୍ୟକ୍ତିଙ୍କ ସମାଜ ପାଇଁ କିଛି ଦାୟିତ୍ୱ ରହିଛି। ସମସ୍ତେ ନିଜ ନିଜର ଦାୟିତ୍ୱ ତୁଲାଇଲେ ଅପରାଧ କମିଯିବ। ଆପରାଧିକ କାର୍ଯ୍ୟ ଚିରସ୍ଥାୟୀ ନୁହେଁ । ଯୁବପିଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେ ଶାନ୍ତି ପ୍ରତିଷ୍ଠା ହେବ।

-ଶୁଭାଶିଷ ପାଢୀ

---

## ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅଭିଜିତ୍



ଶତିଷ



ବିଶ୍ୱଜିତ୍



ଦୀଶାଦ୍



ଉତ୍ତର



ତୁହିନକାନ୍ତ



ଟିକୁନ୍



ବଲିଆ



ରିତେଶ



❝ ଆସନ୍ତା ୫ ବର୍ଷରେ ୫୫ ନୂଆ କୋଇଲା ଖଣିର ବିକାଶ ଏବଂ ୧୯୩ ଟିର ସମ୍ପ୍ରସାରଣ ଯୋଜନା ହାତକୁ ନିଆଯାଇଛି।

– ପ୍ରହ୍ଲାଦ ଯୋଶୀ, କେନ୍ଦ୍ର କୋଇଲା ମନ୍ତ୍ରୀ



❝ କେନ୍ଦ୍ରୀୟ ଏବଂ ପୂର୍ବ ୟୁରୋପୀୟ କମ୍ପାନୀଗୁଡ଼ିକ ଲାଗି ଭାରତରେ ବୃହତ୍ ବାଣିଜ୍ୟ ସୁଯୋଗ ସୃଷ୍ଟି ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି।

– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

## ସଂକ୍ଷେପରେ

### ଜିଏସ୍‌ଟି କ୍ଷତିପୂରଣ ବିଳମ୍ବକୁ ନେଇ ରାଜ୍ୟଗୁଡ଼ିକର ଉଦ୍‌ବେଗ




**ନୂଆଦିଲ୍ଲୀ,୨୦-୧୧:** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ପ୍ରଦାନକୁ ନେଇ ବିଭିନ୍ନ ରାଜ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟଗୁଡ଼ିକ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା କହିଛନ୍ତି। ଦିଲ୍ଲୀ, ପଶ୍ଚିମବଙ୍ଗ, ପଞ୍ଜାବ,କେରଳ ଏବଂ ରାଜସ୍ଥାନ ଭଳି ରାଜ୍ୟଗୁଡ଼ିକର ଅର୍ଥମନ୍ତ୍ରୀମାନେ ମିଳିତ ଭାବେ ଏକ ପ୍ରେସ ଇସ୍ତାହାରରେ ଏ ନେଇ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଗତ ୨ ମାସ ହେବ ରାଜ୍ୟଗୁଡ଼ିକୁ ଜିଏସ୍‌ଟି ବାବଦ କ୍ଷତିପୂରଣ ଦେଇ ନ ଥିବା ସୂଚନା ରହିଛି। ଏ ପ୍ରସଙ୍ଗରେ ବିବୃତି ରଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଅମିତ ମିତ୍ର କହିଛନ୍ତି ଯେ, ଏ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏହି ପ୍ରସଙ୍ଗକୁ ଗୁରୁତ୍ୱ ସହ ବିଚାର କରିବାକୁ ତାଙ୍କୁ କୁହାଯିବ। ସମ୍ବିଧାନର ନିୟମକୁ ଅଣଦେଖା ନ କରି ରାଜ୍ୟଗୁଡ଼ିକୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ। ପ୍ରଥମଥର ଲାଗି ଏଭଳି ହୋଇଥିବା ସେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

### ଫର୍ଚ୍ୟୁନ ବିଜନେସ୍ ପର୍ସନ ଅଫ୍ ଦି ଇୟର ତାଲିକାରେ ୩ ଭାରତୀୟ



**ନୂଆଦିଲ୍ଲୀ,୨୦-୧୧:** ଫର୍ଚ୍ୟୁନ ପକ୍ଷରୁ ପ୍ରକାଶିତ ୨୦୧୯ ବିଜନେସ ପର୍ସନ ଅଫ୍ ଦି ଇୟର ତାଲିକାରେ ୩ ଭାରତୀୟ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା, ମାଷ୍ଟର କାର୍ଡ ସିଇଓ ଅଜୟ ବାଙ୍ଗା ଏବଂ ଆରିଷ୍ଟାର ପ୍ରମୁଖ ନିର୍ବାହୀ ଜୟଶ୍ରୀ ଉଲ୍ଲାଲ ସାମିଲ ଅଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ସତ୍ୟ ନାଡେଲା ଥିବା ବେଳେ ଅଷ୍ଟମ ସ୍ଥାନରେ ଅଜୟ ବାଙ୍ଗା ଏବଂ ୧୮ତମ ସ୍ଥାନରେ ଜୟଶ୍ରୀ ଉଲ୍ଲାଲ ରହିଛନ୍ତି। ଫର୍ଚ୍ୟୁନର ଏହି ସୂଚୀରେ ବ୍ୟବସାୟ ଜଗତର ୨୦ ପ୍ରମୁଖ ଲିଡରଙ୍କୁ ସାମିଲ କରାଯାଇଛି। ସାହସର ସହ ଲକ୍ଷ୍ୟ ହାସଲ ଦିଗରେ ଏମାନେ ନିଜର ଯୋଗଦାନ ରଖିଛନ୍ତି। ଚ୍ୟାଲେଞ୍ଜିଂ ସ୍ଥିତି ସାମ୍ନା କରିବା ସହ ଅଭିନବ ସମାଧାନ ବାହାର କରିବା ଦିଗରେ ଏହି ବ୍ୟକ୍ତିବିଶେଷଙ୍କ ବିଶେଷ ଯୋଗଦାନ ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତାଲିକାର ପ୍ରଥମ ସ୍ଥାନରେ ଥିବା ସତ୍ୟ ନାଡେଲା ୨୦୧୪ ପରଠାରୁ ମାଇକ୍ରୋସଫ୍ଟର ମଙ୍ଗ ସମ୍ଭାଳିଥିବା ଜଣାପଡ଼ିଛି।

# ଟ୍ରେଡ ୱାରରୁ ଫାଇଦା ନେବାକୁ ମାଷ୍ଟର ପ୍ଲାନ

■ ଟେସ୍‌ଲା ଭଳି ବଡ କମ୍ପାନୀକୁ ଆମନ୍ତ୍ରଣ ଯୋଜନା
■ ଜମି ଏବଂ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ
■ ପ୍ରସ୍ତାବ ଉପରେ ପିଏମ୍‌ଓର ବିଚାର
■ ନଜରରେ ଅଛନ୍ତି ମୋଟ୍ ୩୨୩ କମ୍ପାନୀ

**ନୂଆଦିଲ୍ଲୀ,୨୦-୧୧**

ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ଟ୍ରେଡ ୱାର (ବାଣିଜ୍ୟ ଯୁଦ୍ଧ)ର ଫାଇଦା ନେବାକୁ ଭାରତ ଏବେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଥିବା କୁହାଯାଉଛି। ଟେସ୍‌ଲା ଇଙ୍କ୍ ସମେତ ଗ୍ଲାକ୍ସୋସ୍ମିଥ୍‌ଲାଇନ ପିଏଲ୍‌ସି ଭଳି ପ୍ରାୟ ୩୨୪ କମ୍ପାନୀଙ୍କୁ ଘରୋଇ ବଜାରରେ ମାନୁଫାକ୍‌ଚରିଂ ୟୁନିଟ୍ ସ୍ଥାପନା ପାଇଁ ଜମି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ଲାଗି ଏବେ ଯୋଜନା ହେଉଥିବା ବ୍ଲୁମବର୍ଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସରକାର ତାଙ୍କ ପ୍ରସ୍ତାବରେ କହିଛନ୍ତି ଯେ, ଶକ୍ତି, ଜଳଯୋଗାଣ, ରାସ୍ତା ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଶିଳ୍ପ ପ୍ରୋତ୍ସାହନ, ଆନ୍ତଃ ବାଣିଜ୍ୟ ଏବଂ ଭାରତରେ ନିବେଶ ବିଭାଗ ପକ୍ଷରୁ ଏଥିସଂକ୍ରାନ୍ତ ଏକ ଡ୍ରାଫ୍ଟପେପର ପ୍ରସ୍ତୁତ ହୋଇଛି। ତାଲିକାରେ ଥିବା ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ଏଲି ଲିଲି ଆଣ୍ଡ କୋ, ଦକ୍ଷିଣ କୋରିଆର ହନ୍‌ୱା କେମିକାଲ କର୍ପୋରେଶନ ଏବଂ ତାଇୱାନର ହୋନ ହେଁ ପ୍ରିସାଇଜନ ଇଣ୍ଡଷ୍ଟ୍ରି କୋଅପରେଶନ ଭଳି କମ୍ପାନୀ ରହିଛନ୍ତି।

ଭିଏତ୍‌ନାମ,ମାଲେସିଆ ଭଳି ଦେଶ ବାଣିଜ୍ୟ ଯୁଦ୍ଧରୁ ଲାଭବାନ ହୋଇଛନ୍ତି। ଅପରପକ୍ଷରେ ଭାରତରେ ଜମି ଅଧିଗ୍ରହଣ ଏବଂ ଶ୍ରମ ଆଇନ କ୍ଷେତ୍ରରେ ବିଭିନ୍ନ ଜଟିଳତା ଥିବା ଯୋଗୁ ନିବେଶକମାନେ ଭାରତ ଆସିବାକୁ ଇଚ୍ଛା ପ୍ରକଟ କରୁନାହାନ୍ତି। ଭାରତ ପରିବର୍ତ୍ତେ ଚାଇନାରେ ଶିଳ୍ପ ସ୍ଥାପନକୁ ସେମାନେ ବିକଳ୍ପ ଭାବେ ଗ୍ରହଣ କରୁଛନ୍ତି। ସରକାର ରଖିଥିବା ପ୍ରସ୍ତାବରେ ବ୍ୟବସ୍ଥାରେ ଅସୁବିଧା ଦୂରହେବ ବୋଲି ଆଶା କରାଯାଉଛି। ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବା ଲାଗି ଏବେ ସରକାର ଅଗ୍ରସର ହେଉଛନ୍ତି। ଏଭଳି ସ୍ଥିତି ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଏଣୁ ଅଭିବୃଦ୍ଧିକୁ ଏକ ଠିକ୍ ଦିଗ ପ୍ରଦାନ ଦିଗରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇପାରନ୍ତି ବୋଲି ବଜାର ବିଶେଷଜ୍ଞମାନେ ଆଶାପ୍ରକଟ କରିଛନ୍ତି। ଏହି ଯୋଜନା ମୁତାବକ ରେଡି ଟୁ ମୁଭ ଶିଳ୍ପ କ୍ଲଷ୍ଟର ସ୍ଥାପନ ନେଇ ଲ୍ୟାଣ୍ଡ ବ୍ୟାଙ୍କ ସ୍ଥାପନ, ନିବେଶ ଏବଂ ସ୍ଥାନ ଭିତ୍ତିକ ପ୍ରୋତ୍ସାହନ ସୁବିଧା ସୁଯୋଗ ଯୋଗାଣ, ଆଣ୍ଟି ଡମ୍ପିଙ୍ଗ୍ ଟିକସ ହ୍ରାସ ଭଳି ସୁବିଧା ଯୋଗାଣ ନେଇ ପ୍ରସ୍ତାବ ରଖାଯାଇଛି।

ଏହାବାଦ୍ ପ୍ଲଗ ଇନ୍ ଏବଂ ହାଇବ୍ରିଡ ଯାନ, ଇନ୍ଧନ ଦକ୍ଷତା ଏବଂ କାର୍ବନ ଟାକ୍ସେଶନ କ୍ଷେତ୍ରରେ ପ୍ରୋତ୍ସାହନ ପଦକ୍ଷେପକୁ ମଧ୍ୟ ସାମିଲ କରାଯାଇଛି। ଇଲେକ୍‌ଟ୍ରୋନିକ୍ସ ଏବଂ ଟେଲିକମ୍ କ୍ଷେତ୍ର ଲାଗି ସହଜରେ ନିଯୁକ୍ତି, ମାନୁଫାକ୍‌ଚରିଂ ଭିତ୍ତିକ ପ୍ରୋତ୍ସାହନ ସୁବିଧା, ନିବେଶ ଏବଂ ଭାଲ୍ୟୁ ସଂଯୋଗ ଭିତ୍ତିକ ଯୋଜନାକୁ ମଧ୍ୟ ରୂପରେଖ ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଯୋଜନା ଧାର୍ଯ୍ୟ ହୋଇଛି। ୨୦୧୭ରେ ଆସିଥିବା ବିଶ୍ୱ ବ୍ୟାଙ୍କର ଇଜ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗରେ ଭାରତ ୩୭ ସ୍ଥାନ ଉପରକୁ ଉଠିଛି। ମାତ୍ର ଶିଳ୍ପ ଲାଗି ଜମି ପାଇବା ବିଭିନ୍ନ ସମସ୍ୟା ଏବେ ମଧ୍ୟ ଭାରତରେ ରହିଛି। ଅନେକ ବଡ ବଡ କମ୍ପାନୀ ଅନେକ ବର୍ଷ ଜମି ପାଇଁ ଅପେକ୍ଷା କରିବା ସହ ଶେଷରେ ଭାରତ ଛାଡୁଛନ୍ତି। ଏଭଳି ବିଭିନ୍ନ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ବର୍ତ୍ତମାନ ବିଚାର କରୁଛି। ଶୀଘ୍ର ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଆସିଯିବା ନେଇ ଆଶା କରାଯାଉଛି।

ଏହା ଉପରେ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଉତ୍ତର ଇମେଲ ଯୋଗେ ଲୋଡାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ। ଏସିଆର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ପରିଚିତ ଭାରତ ଜୁନ ତ୍ରୈମାସରେ ୫% ଜିଡିପି ଅଭିବୃଦ୍ଧି ହାସଲ କରିଛି। ଏହାବାଦ ଦେଶର ଅର୍ଥନୈତିକ କାର୍ଯ୍ୟକଳାପ ଏବେ ମନ୍ଥର ସ୍ଥିତିରେ ରହିଥିବା ଡାଟାରୁ ସାମ୍ନାକୁ ଆସିଛି। ବିଦେଶୀ ନିବେଶ ଆଗମନ ଏବଂ ରପ୍ତାନି ବୃଦ୍ଧି ହେଲେ ଏହା ଆର୍ଥିକ କାର୍ଯ୍ୟକଳାପକୁ ବଢାଇବା ଦିଗରେ ସହାୟକ ହେଉଥିବାରୁ ଏହାକୁ ସରକାର ପ୍ରାଥମିକତା ଦେଉଛନ୍ତି।

# ଟୟୋଟାର ନୂଆ ଡ୍ରାଇଭିଂ ସ୍କୁଲ




**ଭୁବନେଶ୍ୱର,୨୦-୧୧(ବ୍ୟୁରୋ)**

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଓଡ଼ିଶାରେ ଏହାର ପ୍ରଥମ ଡ୍ରାଇଭିଂ ସ୍କୁଲ ସ୍ଥାନୀୟ ପଟିଆସ୍ଥିତ ଏସ୍ପିରିଟ ଟୟୋଟା ଶୋ'ରୁମଠାରେ ବୁଧବାର ଉନ୍ମୋଚିତ ହୋଇଛି। ଏହା କମ୍ପାନୀର ୧୩ତମ ଡ୍ରାଇଭିଂ ସ୍କୁଲ ହୋଇଥିବା ବେଳେ ସଡକ ସୁରକ୍ଷାକୁ ଧ୍ୟାନରେ ରଖି ଏହାକୁ ଆରମ୍ଭ କରାଯାଇଛି। ଏହାକୁ ଟୟୋଟା କିର୍ଲୋସ୍କାର ମୋଟର୍ସର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଏନ୍.ରାଜା, ପରିବହନ କମିଶନର ସଞ୍ଜୀବ ପଣ୍ଡା ଏବଂ ଏସ୍ପିରିଟ୍ ଟୟୋଟା ଶୋ'ରୁମ ସ୍ୱତ୍ୱାଧିକାରୀ ସୁନୀଲ ତର୍ନେଜା ଶୁଭାରମ୍ଭ କରିଥିଲେ। କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ସୁରକ୍ଷା ମିଶନ ସେଫ୍ଟି କାର ଉଇଥ ସେଫ୍ଟି ଡ୍ରାଇଭ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ଯୋଜନା ହାତକୁ ନିଆଯାଇଛି। ସଡକ ଦୁର୍ଘଟଣା ଯୋଗୁ ପ୍ରତିବର୍ଷ ୧.୫ ଲକ୍ଷ ଲୋକଙ୍କର ଜୀବନହାନି ହେଉଥିବା ବେଳେ ୪୦୦ରୁ ଅଧିକ ଆହତ ହେଉଛନ୍ତି। ଓଡ଼ିଶାରେ ଚଳିତ ବର୍ଷ ସଡକ ଦୁର୍ଘଟଣା ୧୩% ବୃଦ୍ଧି ପାଇଛି। ପ୍ରାୟ ୭୫% ଦୁର୍ଘଟଣାରେ ଚାଳକଙ୍କ ତ୍ରୁଟି ରହୁଛି। ଏଭଳି ସ୍ଥିତିରେ ଡ୍ରାଇଭିଂ ସ୍କୁଲ ଦ୍ୱାରା ସାଧାରଣ ତ୍ରୁଟିର ସମାଧାନ ହୋଇ ପାରିବ ବୋଲି ମ୍ୟାନେଜିଂ ଡାଇରେକ୍ଟର ଏନ୍.ରାଜା ଏହି ଅବସରରେ ମତ ରଖିଛନ୍ତି। ନୂଆ ସ୍କୁଲ ଦ୍ୱାରା ଲୋକମାନେ ସୁରକ୍ଷିତ ଗାଡିଚାଳନା ନେଇ ତଥ୍ୟ ହାସଲ କରିବାକୁ ସକ୍ଷମ ହେବା ସହ ଉପକୃତ ହୋଇପାରିବେ ବୋଲି ଏସ୍ପିରିଟ୍ ଟୟୋଟା ଏମ୍‌ଡି ସୁନୀଲ ତର୍ନେଜା କହିଛନ୍ତି।

# ଗୃହ ଋଣ କରିବା ପୂର୍ବରୁ ବିଭିନ୍ନ ଦିଗକୁ ବିଚାର କରନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM] ,CHARTERED WEALTH MANAGER**
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ଏକ ଘରୋଇ କମ୍ପାନୀରେ କାମ କରୁଛି। ଭୁବନେଶ୍ୱରରେ ଏକ ଫ୍ଲାଟ କିଣିବାକୁ ଚାହୁଁଛି। ବଜେଟ୍ ୪୦-୪୫ ଲକ୍ଷ ଟଙ୍କା ହେବା ଗୃହରଣ ନେବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ପଡିବ? ଯଦି କିଣି ସାରିବା ପରେ ମୁଁ ଫ୍ଲାଟ ଭଡା ଦେବା ପାଇଁ ଚାହେଁ ତେବେ ଆୟକର ପ୍ରଭାବ କ'ଣ ରହିବ?**

–ସନାତନ ଜେନା, ଛତ୍ରପୁର

▶ ଏକ ଗୃହରଣ ନେବା ପାଇଁ ସହଜ ଏହା ପ୍ରାୟତଃ ଅଧିକାଂଶ ଲୋକ କହିଥାନ୍ତି। କିନ୍ତୁ ପ୍ରକୃତରେ ଗୃହରଣ ଅନୁମୋଦନ କରିବା ପାଇଁ ଅନେକ କିଛି କାଗଜପତ୍ରର ଆବଶ୍ୟକତା ରହିଛି। ଆପଣ କେତେ ବର୍ଷ ପାଇଁ ଋଣ କରିବେ ଓ କେତେ ସୁଧହାର ରହିବ ଏ ସବୁ ଦିଗକୁ ଦୃଷ୍ଟି ଦେବାକୁ ପଡିବ।

ଗୃହରଣ କରିବା ପୂର୍ବରୁ କିଛି ଦିଗକୁ ଦୃଷ୍ଟି ଦିଅନ୍ତୁ:-

➥ଆପଣଙ୍କ ଗୃହରଣ ନେବାର ଉପଯୁକ୍ତତା ଉପରେ କ'ଣ ସବୁ ପରିସ୍ଥିତି ପ୍ରଭାବ ରହିବ।
➥କେଉଁ ପ୍ରକାର ସୁଧହାର ରହିବ- ସ୍ଥାୟୀ ସୁଧହାର କିମ୍ବା ବଦଳୁଥିବା ବା ଫ୍ଲୋଟିଙ୍ଗ୍ ରେଟ୍ ସୁଧହାର?
➥ଗୃହରଣ ନେବା ସମୟରେ ଆଇନ ଅନୁଯାୟୀ ଗୃହରଣ ବଣ୍ଡ ଉପରେ ଦସ୍ତଖତ କରିବାକୁ ପଡିଥାଏ। ଏହାକୁ ଭଲ ଭାବରେ ପଢ଼ିବା ଦରକାର ଓ ତା'ପରେ ବୁଝି ଦସ୍ତଖତ କରିବା ଉଚିତ।
➥ସୁଧହାର ଉପରେ ମୂଳଚାଲ କରିବା ଉଚିତ ହେବ।
➥ଗୃହରଣର ଅବଧି ବା ଋଣ ସମୟସୀମା ଯେତେ ଅଧିକ ରହିବ ଅର୍ଥାତ୍ ଗୃହରଣ ସେତେ ବହୁ ମୂଲ୍ୟ ହେବ।
➥ଆପଣ ଇଚ୍ଛା କଲେ ଗୃହରଣକୁ ଏକ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିପାରିବେ।

ଯଦି ଆୟକର ଛାଡ ପାଇବା ବା ସୁବିଧା ଦୃଷ୍ଟି ରଖିବା ତେବେ ଆପଣ ଏକ ଆର୍ଥିକ ବର୍ଷର ମୂଳଧନ ପଇଠ ରାଶି ସର୍ବାଧିକ ୧.୫ ଲକ୍ଷ ଟଙ୍କା ଆୟକର ନିୟମ ୟୁଏସ୍-୮୦ସି ଅନୁଯାୟୀ ଓ ଏକ ଆର୍ଥିକ ବର୍ଷରେ ସମୁଦାୟ ସୁଧରାଶି ୨ ଲକ୍ଷ ଟଙ୍କା ଆୟକର ନିୟମ ୟୁଏସ୍-୨୪ ଅନୁଯାୟୀ ସୁବିଧା ପାଇପାରିବେ।

ଯଦି ଘର ଭଡା ଦେଇ ଘରଭଡା ଆୟ କରନ୍ତି ତେବେ ଏହା ଆପଣ ଆୟ ସହିତ ମିଶିଯିବ। ଏହା ଗୃହ ସମ୍ପତ୍ତି ଅନୁଯାୟୀ ଆୟକର ପଇଠ କରିବାକୁ ପଡିବ।

ଆମର ପରାମର୍ଶ ଗୃହରଣ କରିବା ପୂର୍ବରୁ ଅନେକ କିଛି ଦିଗକୁ ସମୀକ୍ଷା କରନ୍ତୁ। ସବୁ ବିଷୟରେ ବୁଝିବା ଓ ତାପରେ ପଦକ୍ଷେପ ନିଅନ୍ତୁ।

**ମୋର କିଛି ଟଙ୍କା ଏନ୍‌ଆର୍‌ଆଇ ଆକାଉଣ୍ଟ ବ୍ୟାଙ୍କ ସ୍ଥାୟୀ ଜମା ଅଛି। ଏହି ସ୍ଥାୟୀ ଜମାର ସୁଧରାଶି ଉପରେ ଆୟକର ଦେବାକୁ ପଡିବ କି? ଏହି ବର୍ଷ ବ୍ୟାଙ୍କ ଟିଡିଏସ୍‌ରେ ଟଙ୍କା କାଟି ଦେଇଛି ଓ ଏହା ଆୟକରରେ ଦେଖାଯାଉଛି। ଯଦି ସୁଧରାଶି ଉପରେ ଆୟକର ନାହିଁ ତେବେ କ'ଣ ସବୁ ଟିଡିଏସ୍ ରାଶି ଫେରି ପାଇବି କି?**

– ମୋହନ ସାହୁ, ଯାଜପୁର

▶ ବ୍ୟାଙ୍କ ସ୍ଥାୟୀ ଜମାର ସୁଧରାଶି ଉପରେ ଆୟକର ପ୍ରଭାବ କ'ଣ ରହିବ ଏହା ଆପଣଙ୍କ ବ୍ୟାଙ୍କ ଜମା ଖାତା ଉପରେ ନିର୍ଭର କରିଥାଏ। ଯଦି ଆପଣ ଏନ୍‌ଆରଇ ଆକାଉଣ୍ଟରେ ବ୍ୟାଙ୍କ ସ୍ଥାୟୀଜମା କରିଛନ୍ତି ତେବେ ଏହି ସ୍ଥାୟୀଜମା ରାଶି ଉପରେ ମିଳୁଥିବା ସୁଧରାଶି ଉପରେ ଆପଣଙ୍କୁ ଆୟକର ଦେବାକୁ ପଡିବ ନାହିଁ। ଏହି ସୁଧରାଶି ସଂପୂର୍ଣ୍ଣ ଆୟକର-ମୁକ୍ତ। ଯଦି ଏହି ସୁଧରାଶି ଉପରେ ବ୍ୟାଙ୍କ ଟିଡିଏସ୍ କାଟିଛନ୍ତି ତେବେ ଆପଣ ଆୟକର ରିଟର୍ନ ଫାଇଲ କରିବା ବେଳେ ଟିଡିଏସ୍ ରାଶି ଫେରିପାଇବା ପାଇଁ ଆବେଦନ କରିପାରିବେ। ଯଦି ଆପଣ ଏନ୍‌ଆରଓ ଆକାଉଣ୍ଟରେ ବ୍ୟାଙ୍କ ସ୍ଥାୟୀ ଜମା କରିଛନ୍ତି ତେବେ ଏହି ସ୍ଥାୟୀ ଜମା ରାଶି ଉପରେ ମିଳୁଥିବା ସୁଧରାଶି ଉପରେ ଆପଣଙ୍କୁ ଆୟକର ଦେବାକୁ ପଡିବ।

**ମୁଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଷ୍ଟେଜ୍ ପେନସନ୍ ପଲିସିରେ ୧୧ ବର୍ଷ ପାଇଁ ନିବେଶ କରୁଛି। ଏହି ସ୍କିମରେ ନିବେଶ କରିବା ଚାଲୁ ରଖିବା ଉଚିତ ହେବ କିମ୍ବା ଏହି ସ୍କିମରୁ ବାହାରି ଆସି ଅନ୍ୟ କିଛି ପେନ୍‌ସନ ସ୍କିମରେ ନିବେଶ କରିବି ?**

–ମୋନାଲିସା ମିଶ୍ର, ଆଠଗଡ

▶ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଷ୍ଟେଜ୍ ପେନସନ ପଲିସିର ଅନେକ କିଛି ନିବେଶ ଫଣ୍ଡ ଅଛି। ଏହି ପଲିସିରେ ବର୍ଷକୁ ୪ଟି ମୁକ୍ତ ଫଣ୍ଡ ବଦଳାଇବା ପାଇଁ ସୁବିଧା ପ୍ରଦାନ କରୁଛି। ଏହାର ସୁବିଧାକୁ ବ୍ୟବହାର କରନ୍ତୁ।

ଆପଣ କେଉଁ ଫଣ୍ଡରେ ନିବେଶ କରୁଛନ୍ତି ଓ ଅନ୍ୟାନ୍ୟା ତଥ୍ୟ ଜଣାଇ ନାହାନ୍ତି। ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାସିଆଲ ପ୍ଲାନରଙ୍କ ସହ ପରାମର୍ଶ କରି ଗାଣିତକ ହିସାବରେ ଏହାର ସମୀକ୍ଷା କରି ପରବର୍ତ୍ତୀ ପଦକ୍ଷେପ ନିଅନ୍ତୁ। ଏପର୍ଯ୍ୟନ୍ତ ଏହାର ଲାଭ ପ୍ରଦାନ ବାର୍ଷିକ କେତେ ସମୀକ୍ଷା କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**


**OFFICE OF THE DIVISIONAL FOREST OFFICER, SATKOSIA WILDLIFE DIVISION, ANGUL**

Memo No. 5676 /Dt. 19.11.2019 MM-93

Sealed tenders are invited in two Bid systems for established / reputed / registered / experienced and accredited manufactures for supply of following items for use in Satkosia Wildlife Division, Angul.

| Item | Quantity | Cost of Tender Paper (Rs.) | EMD to be deposited | Specifications |
|---|---|---|---|---|
| Supply, Installation and commissioning of 10 (Ten) Seater FRP Boat | 4 (Four) | 2,000.00 | 2% of the quoted price | Length : 5.60 Mtrs. Breadth : 1.80 Mtrs. Engine 1 no. 25HP Four Stroke Yamaha make Out-Board Engine (Imported) with remote control. Steering :Front Steering System |
| Supply, Installation and commissioning of 20(Twenty) Seater FRP Boat | 2 (Two) | 2,000.00 | 2% of the quoted price | Length : 8.40 Mtrs. Breadth: 2.60 Mtrs. Depth : 1.20 Mtrs. Engine: 1 no.50HP Four Stroke Yamaha Make Out-Board Engine (Imported) with electric starting facility to be provided along with Steering, Gear & Speed Control at the front. Engine should have tilting control arrangement. |
| Supply , Installation and commissioning FRP floating jetty of size 4Mt. X 4 Mt. With 6 Mt.X1.2Mt. walkway | 1 (One) | 1,000.00 | 2% of the quoted price | A final dimension of 4 Mtrs x 4 Mtrs approx. with a minimum depth of 600mm, tyre fenders all around & walkway with railings around the float 0.9 mtr. Height of G.I tubes of 32mm. |

Non transferable tender documents for supply of the items stated above will be available from the office of the Divisional Forest Officer, Satkosia Wildlife Division, Angul, Odisha on payment of tender document cost specified above. The tender document cost which is non- refundable, is payable in shape of crossed Demand Draft drawn in favour of the Divisional Forest Officer, Satkosia Wildlife Division, Angul. The last date of submission of tender document through Registered post /speed post is up to 3.00 pm of 10/12/19.

Sd/-
Divisional Forest Officer,
Satkosia Wildlife Division, Angul

08022/11/0001/1920



**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel. : (0674) 2380660/2380608
Website : www.osmcl.nic.in Email : logistics.osmcl.od@nic.in
*Assuring Quality, Saving Lives*

**NOTICE INVITING E-TENDER FOR SUPPLY OF DRUGS AND MEDICAL CONSUMABLES (GROUP-IV) FOR THE YEAR 2019-20**

Bid Ref. No. : **OSMCL/2019-20/DRUGS-DHS-GEN(GR-IV)/07** Date: 20/11/2019

CAD-604

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **Supply of Drugs and Medical Consumables (Group-IV)** as per the particulars mentioned below::

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 21 / 11 / 2019, 3.00 PM | |
| 2. | Date & time of Pre-bid meeting | 25 / 11 / 2019, 4.00 PM Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 28/11/2019, 3 PM | End Date & Time: 12 /12/2019, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time: 13 / 12 / 2019, 10 AM | End Date & Time: 20 / 12 /2019, 11.00 AM |
| 5. | Date & time of online Technical bid opening | 20 / 12 / 2019, 11:00 AM | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

Sd/-
Managing Director
OSMCL

10112/11/0019/1920



**ODISHA SPACE APPLICATIONS CENTRE (ORSAC)**
**Department of Science & Technology, Government of Odisha**
**Plot No.45/48, Jayadev Vihar, Near Gopabandhu Academy of Administration Unit-16, Bhubaneswar**

No.CAD-603 :- **ORSAC RFP No.15/2019**

**RFP (TENDER) FOR SELECTION OF FIRMS TO UNDERTAKE DGPS/ETS SURVEY OF MINING LEASE AREA.**

Odisha Space Applications Centre (ORSAC) invites sealed bids from eligible firms to undertake DGPS/ETS survey of mining lease area.

Experienced and establised firms are invited to submit their RFP (Tender) in the prescribed formats. The complete RFP document can be downloaded from the following website : www.orsac.gov.in and www.odisha.gov.in.

28007/11/0014/1920 **CHIEF EXECUTIVE**



**IN THE COURT OF THE ASST. REGISTRAR OF CO-OPERATIVE SOCIETIES (TR.)**
**OFFICE OF THE REGISTRAR OF CO-OPERATIVE SOCIETIES, ODISHA ,BHUBANESWAR**
**DISPUTE CASE NO.-71 / 2019**
LL-32

**IN THE MATTER OF:**
**MANAGING DIRECTOR,**
**ODISHA STATE COOPERATIVE BANK LTD...... ........PLAINTIFF**
**-:Versus:-**
**Satya Ranjan Das & ANOTHER....... ........DEFENDANTS**

**No. 24446 Legal - I (C) NOTICE Dated: 08.11.2019**

To
1) Satya Ranjan Das ( S.R. No- 346604) , S/o Rama Chandra Das At- Balipur, Po- Sarasankha, Via-Sore, Dist - Balasore - 756045 C/o- Chief Manager of LIC of India, Angul Branch, Angul, At/Po/Ps- Dist- Angul .....Def. No. 1
2) Prafulla Kumar Mishra , S/o - Laxmidhar Mishra At- Matia Sahi, Po- Hakimpada, Dist- Angul At- Kalejpada, Po- Angul NAC, Ps/ Dist- Angul .....Def. No.2

Whereas, the Odisha State Co-operative Bank Ltd, (Plaintiff) has preferred the dispute case u/s-68 of O.C.S Act, 1962 for passing an award of Rs. 1,51,692/- (Rupees One Lakh Fifty One Thousand Six Hundred Ninety Two) only as on 31.03.2010 against you with further interest and cost.
Whereas notice issued to you by R.P. with A.D. returned un-served.
Now therefore, take notice through this publication to appear before the Court as above at 8th Floor, Heads of Department Building Bhubaneswar-1 on 29.11.2019 at 11 AM to defend the case failing which the matter shall be decided on merit as per law.

**By order of the Court**

**S. Mohapatra**
**Sub - Asst. Registrar**
**Co-operative Sodeties, (Legal)**

39012/11/0025/1920



ଆମେ ଦୃଢ଼ ଆତ୍ମବିଶ୍ୱାସର ସହ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ଯାଉଛୁ। ଏହି ଦଳକୁ ହରାଇବା ପାଇଁ ଆମ ନିକଟରେ ପ୍ରତିଭାସମ୍ପନ୍ନ ଓ ଦକ୍ଷ ଖେଳାଳି ଅଛନ୍ତି ।

–ଆଝାର ଅଲୀ, ପାକିସ୍ତାନ କ୍ରିକେଟ କୋଚ୍



ଆମେ ପାକିସ୍ତାନ କ୍ରିକେଟ ଦଳକୁ ସମ୍ମାନ ଜଣାଉଛୁ। ଏହି ଦଳରେ କେତେକ ଦକ୍ଷ ବ୍ୟାଟ୍ସମ୍ୟାନ ଅଛନ୍ତି ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କୋଚ୍

## ସଂକ୍ଷେପରେ

### ମାଲିଙ୍ଗାଙ୍କ ୟୁ-ଟର୍ନ



କଲମ୍ବୋ, ୨୦।୧୧ (ପି.ଟି.)- ୨୦୨୦ରେ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍ ପରେ କ୍ରିକେଟ୍‌ରୁ ଅବସର ନେବାକୁ ଶ୍ରୀଲଙ୍କା ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ଗତ ମାର୍ଚ୍ଚରେ ଘୋଷଣା କରିସାରିଥିଲେ। କିନ୍ତୁ ବୁଧବାର ମାଲିଙ୍ଗା ୟୁ-ଟର୍ନ ନେଇଛନ୍ତି। ଆହୁରି ୨ ବର୍ଷ କ୍ରିକେଟ୍ ଖେଳିପାରିବି ବୋଲି ଶ୍ରୀଲଙ୍କା ଟି୨୦ ଦଳର ଅଧିନାୟକ ରହିଥିବା ଏହି ୩୬ ବର୍ଷୀୟ ବୋଲର ଏକ ସାକ୍ଷାତକାର ଅବସରରେ କହିଛନ୍ତି। 'ଟି୨୦ ମାତ୍ର ୪ ଓଭର ବୋଲିଂ କରିବାକୁ ପଡ଼ିଥାଏ। ମୋ ଦକ୍ଷତା ଅନୁଯାୟୀ ଅନୁଭବ କରୁଛି କି ମୁଁ ଏହା ଖେଳିପାରିବି। ବିଶ୍ୱର କୋଣ ଅନୁକୋଣରେ ଟି୨୦ କ୍ରିକେଟ୍ ଖେଳୁଛି ଏବଂ ଆହୁରି ୨ ବର୍ଷ ପର୍ଯ୍ୟନ୍ତ ଖେଳିପାରିବି। କିନ୍ତୁ ଆସନ୍ତା ବର୍ଷ ବିଶ୍ୱକପ୍ ଲାଗି ଶ୍ରୀଲଙ୍କା କ୍ରିକେଟ୍ ମୋତ ନେତୃତ୍ୱ ଦାୟିତ୍ୱ ଦେଉଛି କି ତାହା ଅପେକ୍ଷା କରିଛି' ବୋଲି ମାଲିଙ୍ଗା କହିଛନ୍ତି। ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ କୁହାଯାଇଥିଲା କି ମୁଁ ବିଶ୍ୱକପ୍‌ରେ ଅଧିନାୟକ ରହିବି। କିନ୍ତୁ ଶ୍ରୀଲଙ୍କାରେ କିଛି ବି ହୋଇପାରେ। ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଥିବା ଶ୍ରୀଲଙ୍କା କ୍ରିକେଟ୍ ପାଇଁ ଜଣେ ସ୍ଥିର ଅଧିନାୟକ ଆବଶ୍ୟକ ରହିଛି। ଦଳରେ ଭଲ ଦକ୍ଷ ବୋଲର ନାହାନ୍ତି। ସେଥିପାଇଁ ଶ୍ରୀଲଙ୍କା ଲଗାତର ଭଲ ଖେଳିପାରୁ ନାହିଁ। ସୁଧାରିବାକୁ ଆମକୁ ଆହୁରି ବର୍ଷେ ଦେଢ଼ବର୍ଷ ସମୟ ଲାଗିବ ଏବଂ ଆମକୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ରଖିବାକୁ ପଡ଼ିବ। ମୋତେ ଲାଗୁଛି ଯୁବ କ୍ରିକେଟରଙ୍କୁ କିଛି ଦେଇପାରିବି। ସେଥିଲାଗି ମୋତେ ଖେଳିବାକୁ ପଡ଼ିବ ବୋଲି ଏହି ସିଂହଳୀ ଦ୍ରୁତ ବୋଲର ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି।

### ଡେଭିସ୍ କପ୍ ଟେନିସ
### ପାକିସ୍ତାନ ଦଳରେ ଜୁନିୟର ଖେଳାଳି

ନୂଆଦିଲ୍ଲୀ, ୨୦।୧୧(ପି.ଟି.)- ଭାରତ-ପାକିସ୍ତାନ ଡେଭିସ୍ କପ୍ ଟେନିସ କାଜାଖସ୍ତାନ ନୁର-ସୁଲତାନଠାରେ ଚଳିତମାସ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ଟେନିସ ଫେଡେରେଶନ(ଆଇଟିଏଫ) ଭାରତ-ପାକ୍ ମୁକାବିଲାକୁ ଇସଲାମାବାଦରୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରିଥିବାରୁ ଏହାକୁ ବିରୋଧକରି ଦୁଇ ସିନିୟର ଖେଳାଳି ଐସମ-ଉଲ୍ ହକ୍ କୁରେଶି ଓ ଆକ୍ୱିଲ ଖାଁ ଓହରି ଯାଇଛନ୍ତି। ଫଳରେ ସେମାନଙ୍କ ସ୍ଥାନରେ ପାକିସ୍ତାନ ଦଳରେ ୨ ଜଣ ୧୭ ବର୍ଷରୁ କମ୍ ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି। ପାକିସ୍ତାନ ଟେନିସ ଫେଡେରେଶନ(ପିଟିଏଫ) ପକ୍ଷରୁ ବୁଧବାର ଘୋଷିତ ଦଳରେ ଟିନ୍‌ଏଜର ହୁଜାଇଫା ଅବଦୁଲ ରହମନ ଓ ସୋଏବ ଖାଁ ସ୍ଥାନ ପାଇଛନ୍ତି। ଆଇଟିଏଫ ର୍‍ୟାଙ୍କିଂ ତାଲିକାରେ ଏ ଦୁହେଁ ଯଥାକ୍ରମେ ୪୪୬ ଓ ୧୦୦୪ତମ ସ୍ଥାନରେ ରହିଛନ୍ତି। ଦଳରେ ସ୍ଥାନ ପାଇଥିବା ଅମଜାଦଙ୍କୁ ଛାଡ଼ିଦେଲେ ୟୁସୁଫ ଖାଁ ଓ ଅହମଦ କାମିଲ ମଧ ଟିନ୍‌ଏଜର। ''ସିନିୟର ଖେଳାଳିମାନେ ଉପଲବ୍ଧ ନ ହେବାରୁ ଆମେ ଜୁନିୟର ଡେଭିସ୍ କପ୍ ଦଳ ପଠାଇବାକୁ ନିଷ୍ପତ୍ତି ନେଇଛୁ। ଖେଳାଳିମାନେ ୧୬-୧୭ ବର୍ଷର ହୋଇଥିବାରୁ ଭାରତ ବିପକ୍ଷରେ ଖେଳି ଅଭିଜ୍ଞତା ହାସଲ କରିବେ'' ବୋଲି ପିଟିଏଫ ସଭାପତି ସଲିମ ସୈଫୁଲ୍ଲା ଖାଁ ପ୍ରକାଶ କରିଛନ୍ତି। ''ଭାରତ ମୁକାବିଲା ଜିତିବାକୁ ଚାହୁଁଛି, ଏଥର ସହଜରେ ବିଜୟ ହାସଲ କରିପାରିବ। ପ୍ରତିଦିନ ଶହଶହ ଭାରତୀୟ ପାକିସ୍ତାନ ଆସୁଛନ୍ତି। ଇସଲାମାବାଦରେ ଥିବା ହୋଟେଲ ଗୁଡ଼ିକରେ ଅନେକ ଭାରତୀୟ ରହୁଛନ୍ତି। ମାତ୍ର ୬ ଜଣ ଭାରତୀୟ ଖେଳାଳି ଆସିପାରୁ ନାହାନ୍ତି। ଏହା ଦୁଃଖଦାୟକ'' ବୋଲି ସଲିମ ପ୍ରକାଶ କରିଛନ୍ତି।

### ଗୋଆଠାରୁ ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି): ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଫୁଟବଲ (ଫାଇନାଲ ରାଉଣ୍ଡ) ମ୍ୟାଚରେ ଓଡ଼ିଶା ଏକମାତ୍ର ଗୋଲରେ ଗୋଆଠାରୁ ହାରି ଯାଇଛି। ବିଜୟୀ ଦଳ ପକ୍ଷରୁ ଜୁଡା ଭାଲେଙ୍କୋ ୩୪ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଡିସେମ୍ବର ୨୨ରେ ପଞ୍ଜାବ ବିପକ୍ଷରେ ଖେଳିବ।

# କିମ୍ବଦନ୍ତୀ କ୍ରିକେଟରଙ୍କ ଭିଡ଼ ଜମିବ

**କୋଲକାତା, ୨୦।୧୧(ପି.ଟି.)**

ଐତିହାସିକ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି ପ୍ରଥମ ଦିବାରାତ୍ର ଟେଷ୍ଟ ମ୍ୟାଚ୍। ପିଙ୍କ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭାରତ ଓ ବାଂଲାଦେଶ ପରସ୍ପରକୁ ଭେଟିବେ। ପ୍ରଥମଥର ପାଇଁ ଉଭୟ ଦେଶ ନିମନ୍ତେ ଏହା ପ୍ରଥମ ଦିବାରାତ୍ର ଟେଷ୍ଟ ସାବ୍ୟସ୍ତ ହେବ। ଏହି ମ୍ୟାଚ୍ ଅବସରରେ ଭାରତ ସଫଳତମ କ୍ରିକେଟରମାନେ ଉପସ୍ଥିତ ରହିବେ। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର, ବିଶ୍ୱକପ୍ ବିଜୟୀ ଅଧିନାୟକ କପିଲ ଦେବ, ଅନିଲ କୁମ୍ବଲେ, ରାହୁଲ ଦ୍ରାବିଡ୍ ଏହି ମ୍ୟାଚ୍‌ରେ ଏକାଠି ହେବେ। ଏହି ଟେଷ୍ଟ ସମସ୍ତଙ୍କ ମନରେ ସ୍ମୃତି ହୋଇ ରହିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ଟି ଟାଇମ୍‌ରେ ଗାଡିରେ ଏହି ପୂର୍ବତନ ଅଧିନାୟକମାନେ ଷ୍ଟାଡିୟମ ପରିକ୍ରମା କରିବେ ବୋଲି ଗାଙ୍ଗୁଲି କହିଛନ୍ତି। ଖେଳ ଶେଷରେ ଉଭୟ ଦଳର ଖେଳାଳି, ପୂର୍ବତନ ଅଧିନାୟକମାନେ, ବାଂଲାଦେଶ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେବେ।

ବାଂଲାଦେଶ ଗାୟିକା ରୁନା ଲୈଲା, ଜିତ୍ ଗାଙ୍ଗୁଲି ସଙ୍ଗୀତ ପରିବେଷଣ କରିବେ। କ୍ରିକେଟ ପ୍ରଶଂସକମାନେ ଏନେଇ ବେଶ୍ ଉତ୍ସାହ ପ୍ରକଟ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ୪ ଦିନର ଟିକେଟ ବିକ୍ରି ହୋଇସାରିଛି ବୋଲି ଗାଙ୍ଗୁଲି ସୂଚନା ଦେଇଛନ୍ତି। ଏହା ପରେ ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ପୁଣି ଦିବାରାତ୍ର ଟେଷ୍ଟ ଖେଳିବ କି ବୋଲି ପ୍ରଶ୍ନ ହେବାରୁ ଗାଙ୍ଗୁଲି ପରେ ଏ ନେଇ ବିଚାର କରିବା ବୋଲି ସେ କହିଥିଲେ।



ଅଭ୍ୟାସ ସେସନରେ ୩ ଭାରତୀୟ ଦ୍ରୁତ ବୋଲର ଇଶାନ୍ତ ଶର୍ମା, ମହମ୍ମଦ ସାମି ଓ ଉମେଶ ଯାଦବ

ଏହି ମ୍ୟାଚ୍‌କୁ ସଫଳ କରିବା ପାଇଁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଓ ବିସିସିଆଇ ସବୁମତେ ପ୍ରୟାସ ଜାରି ରଖିଛନ୍ତି। ମ୍ୟାଚ୍‌ର ପ୍ରଥମ ଦିବସରେ ଶେଖ୍ ହସିନା ଓ ମମତା ଇଡେନ ଘଣ୍ଟି ବଜାଇବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ, ଟେନିସ ସେନସେସନ ସାନିଆ ମିର୍ଜା, ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ପ୍ରମୁଖ ଉପସ୍ଥିତ ରହିବେ। ଯୋଜନା ଅନୁସାରେ ପାରାଟ୍ରୁପର୍ସ ଉଡି ଉଡି ଆସି ଗ୍ରାଉଣ୍ଡରେ ଦୁଇ ଅଧିନାୟକ ବିରାଟ କୋହଲି ଓ ମୋମିନୁଲ ହକଙ୍କୁ ପିଙ୍କ୍ ବଲ୍ ପ୍ରଦାନ କରିବେ। ସିଏବି ମଧ ଏକ ଟକ୍ ଶୋ'ର ଆୟୋଜନ କରିବ। ଏଥିରେ ଗାଙ୍ଗୁଲି, ତେନ୍ଦୁଲକର, ଦ୍ରାବିଡ, କୁମ୍ବଲେ ଓ ଭିଭିଏସ୍ ଲକ୍ଷ୍ମଣ ଯୋଗ ଦେବେ। ଏହି ଟକ୍ ଶୋ' ୪୦ ମିନିଟର ଡିନର ବ୍ରେକ୍ ଅବସରରେ ଆୟୋଜନ ହେବ। ଏହି ଶୋ'ରେ ୨୦୦୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିଥିବା ଐତିହାସିକ ଟେଷ୍ଟ ବିଜୟ ବିଷୟରେ ଆଲୋଚନା ହେବ। ଏହି ଐତିହାସିକ ମୁହୂର୍ତ୍ତରେ ଅଲିମ୍ପିକ୍ ଚାମ୍ପିୟନ ଅଭିନବ ବିନ୍ଦ୍ରା, ସାନିଆ ମିର୍ଜା, ସିନ୍ଧୁ, ୬ଥର ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ହାସଲ କରିଥିବା ମେରୀକମ୍ ଓ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।

**ପିଙ୍କ୍ ବଲ୍ ଟେଷ୍ଟ**

# ଦ୍ୱିତୀୟ ଟେଷ୍ଟରୁ ହାସନ ବାଦ୍

କୋଲକାତା, ୨୦।୧୧(ପି.ଟି.)– ଶୁକ୍ରବାରଠାରୁ ସ୍ଥାନୀୟ ଇଡେନ ଗାର୍ଡେନ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଥିବା ଦିବାରାତ୍ର ବା ପିଙ୍କ ବଲ୍ ଟେଷ୍ଟ ମ୍ୟାଚ୍‌ରୁ ବାଂଲାଦେଶ ରିଜର୍ଭ ଓପନର ସୈଫ୍ ହାସନ ବାଦ୍ ପଡିଛନ୍ତି। ଭାରତ ବିପକ୍ଷ ଏହି ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳିବା ପୂର୍ବରୁ ବାଂଲାଦେଶକୁ ଆଉ ଏକ ଝଟ୍‌କା ଲାଗିଛି। ଇନ୍ଦୋରରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ସେ ବଦଳ ଖେଳାଳିଭାବେ ଫିଲ୍ଡିଂ କରିବାକୁ ଆସି ଅଙ୍ଗୁଳିରେ ଆଘାତ ପାଇଥିଲେ। ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୧୩୦ ରନରେ ବିଜୟୀ ହୋଇ ଭାରତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ହାସନଙ୍କୁ ବିଶ୍ରାମ ନେବାକୁ ମେଡିକାଲ ଟିମ୍ ପରାମର୍ଶ ଦେଇଛି। ଫଳରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ କୁହାଯାଇଛି। ପିଙ୍କ୍ ବଲ୍ ଟେଷ୍ଟରେ ହାସନ ପଦାର୍ପଣ କରିବାର କାର୍ଯ୍ୟକ୍ରମ ଥିଲା। ପ୍ରଥମ ଟେଷ୍ଟରେ ନିୟମିତ ଓପନର ଶଦମାନ ଇସ୍‌ଲାମ ଓ ଇମରୁଲ କାଏସ୍ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଫଳରେ ହାସନ ଦ୍ୱିତୀୟ ଟେଷ୍ଟ ଖେଳିବାର ଯଥେଷ୍ଟ ସମ୍ଭାବନା ଥିଲା। ମଙ୍ଗଳବାର ବାଂଲାଦେଶ ଏଠାରେ ଆସି ପହଞ୍ଚିଛି। ଭାରତୀୟ ଦଳର ସଦସ୍ୟମାନେ ମଧ ପର୍ଯ୍ୟାୟକ୍ରମେ ଏଠାରେ ଆସି ପହଞ୍ଚିଛନ୍ତି। ଉଲ୍ଲେଖଥାଉ କି, ପ୍ରଥମଥର ପାଇଁ ଭାରତ ଓ ବାଂଲାଦେଶ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଛନ୍ତି।





# 'ଡେରିରେ ଶୁଅ, ଡେରିରେ ଉଠ'

**କୋଲକାତା, ୨୦।୧୧ (ପି.ଟି.)**

ପିଙ୍କ୍ ବଲ ବା ଦିବାରାତ୍ର ଟେଷ୍ଟ ପାଇଁ ଭାରତର ଏକମାତ୍ର ଏଲିଟ୍ ପ୍ୟାନେଲ ଅମ୍ପାୟର ଏସ୍. ରବିଙ୍କର ଭିନ୍ନ ମତ ରହିଛି। ଏଭଳି ମ୍ୟାଚ୍ ପାଇଁ ତାଙ୍କର ମନ୍ତବ୍ୟ ହେଉଛି 'ଡେରିରେ ଶୁଅ ଓ ଡେରିରେ ଉଠ'। ୨୦୧୫ରେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଇତିହାସର ପ୍ରଥମ ଟେଷ୍ଟରେ ରବି ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ପାଇଥିଲେ। ସେତେବେଳେ ସେ ବାଧ୍ୟ ହୋଇ ତାଙ୍କ ଶୋଇବା ସମୟରେ ପରିବର୍ତ୍ତନ ଆଣିଥିଲେ। ଏହି ମ୍ୟାଚ୍ ପରିଚାଳନା କରିବା ଆଦୌ ସହଜ ନ ଥିଲା। ତେଣୁ ମ୍ୟାଚରେ ନିଜ ଶରୀରକୁ ପ୍ରସ୍ତୁତ କରିବା ପାଇଁ ସେ ଡେରିରେ ଶୋଇବା ସହ ଡେରିରେ ଉଠିବାକୁ ନିଷ୍ପତ୍ତି ନେଇଥିଲେ। ଦିବାରାତ୍ର ଟେଷ୍ଟ ପରିଚାଳନା କରିବା ଅର୍ଥ କ୍ରମାଗତ ୫ଟି ଡେ ଆଣ୍ଡ ନାଇଟ୍ ଟେଷ୍ଟରେ ଅମ୍ପାୟରିଂ କରିବା ବୋଲି ରବି କହିଛନ୍ତି। ପିଙ୍କ୍ ବଲ ଟେଷ୍ଟ ପରିଚାଳନା କରିବା ପାଇଁ ଦୁଇମାସ ଆଗରୁ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଆୟୋଜିତ ଏକ ୱାର୍କଶପ୍ ବା କର୍ମଶାଳରେ ଯୋଗ ଦେଇଥିଲେ।

ସନ୍ଧ୍ୟା ସମୟରେ ବଲ୍‌କୁ ଦେଖିବାରେ ସମସ୍ୟା ଥିବା କଥା ସେ ସ୍ୱୀକାର କରିଛନ୍ତି। ବ୍ୟାଟ୍ସମ୍ୟାନଙ୍କ ସହିତ ଅମ୍ପାୟରମାନେ ମଧ ବଲ୍‌କୁ ଦେଖିବାରେ ସନ୍ଧ୍ୟା ଓ ରାତିରେ ସଂଘର୍ଷ କରିଥାନ୍ତି। ଏହି ପିଙ୍କ୍ ବଲ୍ ଟେଷ୍ଟକୁ ମାରାଇସ୍ ଏରାସମସ ଓ ରଡ ଟକର ପରିଚାଳନା କରିବେ। ଏହି ଦୁଇ ଅମ୍ପାୟର ବେଶ୍ ଅଭିଜ୍ଞ ହୋଇଥିବାରୁ ନିର୍ଭୁଲ ଭାବେ ନିଷ୍ପତ୍ତି ନେବେ ବୋଲି ରବି କହିଛନ୍ତି। ଏହି ମ୍ୟାଚ୍‌ରେ ଅବସରରେ ଷ୍ଟାଡିୟମ ଫୁଲ ରହିବା ସବୁଠାରୁ ବଡ଼ କଥା ବୋଲି ରବି କହିଛନ୍ତି।

# ପୁରୁଷମାନେ କାନ୍ଦିବା ନେଇ ଲଜ୍ଜିତ ହେବା ଉଚିତ ନୁହଁ: ସଚିନ

ନୂଆଦିଲ୍ଲୀ, ୨୦।୧୧(ପି.ଟି.)– ଏବେ ଅନ୍ତର୍ଜାତୀୟ ପୁରୁଷ ସପ୍ତାହ ପାଳନ କରାଯାଇଥିବା ବେଳେ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କାନ୍ଦିବା ନେଇ ନିଜର ମତ ରଖିଛନ୍ତି। ପୁରୁଷମାନେ କାନ୍ଦିବା ନେଇ ଆଦୌ ଲଜ୍ଜା ଅନୁଭବ କରିବା ଉଚିତ୍ ନୁହଁ। ଏକଦା କାନ୍ଦିଲେ ଜଣେ ପୁରୁଷ ଦୁର୍ବଳ ହୋଇଯାଏ ବୋଲି ଭାବିଥିଲି। କିନ୍ତୁ ଏହା ଆଦୌ ସତ୍ୟ ନୁହଁ ବୋଲି ସଚିନ କହିଛନ୍ତି। କାନ୍ଦିଲେ କିମ୍ବା ଲୁହ ଝରାଇଲେ ଜଣେ ପୁରୁଷ ଆହୁରି ଶକ୍ତିଶାଳୀ ହୋଇଥାଏ। ତେଣୁ ଲୁହକୁ ଲୁଚାଇବାର ଆବଶ୍ୟକତା ନାହିଁ ବୋଲି ଭାବପ୍ରବଣ ହୋଇ ସଚିନ କହିଛନ୍ତି। ଦୁଃଖ, ଯନ୍ତ୍ରଣା ଓ ସଂଘର୍ଷ ମୋତେ ଜଣେ ସଫଳ କ୍ରିକେଟର ସହ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିଛି। ତେଣୁ କାନ୍ଦିଲେ ଜଣେ ପୁରୁଷ ଦୁର୍ବଳ ବୋଲି ଆଦୌ ଭାବିବା ଉଚିତ ନୁହଁ ବୋଲି ୪୬ ବର୍ଷୀୟ ସଚିନ କହିଛନ୍ତି। ନିଜର ଅନ୍ତିମ ଟେଷ୍ଟ ବା ଫେୟାର ୱେଲ ଟେଷ୍ଟ ଖେଳିବା ପରେ ଭାଷଣ ଦେବା ଅବସରରେ ଭାବପ୍ରବଣ ହୋଇ କାନ୍ଦିଥିବା କଥା ସଚିନ ସ୍ୱୀକାର କରିଛନ୍ତି। ସେତେବେଳେ ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା। ସେତେବେଳେ ଲୁହକୁ ରୋକି ପାରି ନ ଥିଲି। ସାରା ଦୁନିଆ ଏହା ଦେଖିଥିଲା। କିନ୍ତୁ ଲୁହ ଝରାଇବା ପରେ ଶାନ୍ତି ଅନୁଭବ କରିଥିଲି ବୋଲି ସେ କହିଛନ୍ତି।



# ସେମିରେ ପାକିସ୍ତାନଠାରୁ ହାରିଲା ଭାରତ

**ଏସିସି ଇମର୍ଜିଂ ଟିମ୍ସ କପ୍**

**ଢାକା, ୨୦।୧୧ (ପି.ଟି.)**

ଏଠାରେ ଚାଲିଥିବା ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି) ଇମର୍ଜିଂ ଟିମ୍ସ କପ୍ ୨୩ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ସେମିଫାଇନାଲରୁ ଭାରତ ବିଦାୟ ନେଇଛି। ବୁଧବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଭାରତ ମାତ୍ର ୩ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ନିକଟରୁ ହାରି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି।

ସ୍ଥାନୀୟ ଶେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ୫୦ ଓଭରରେ ୭ ଉଇକେଟ୍ ହରାଇ ୨୬୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର୍ ଓମାୟର ୟୁସୁଫ ୬୬, ହାଇଦର ଅଲି ୪୩, ସଇଫ ବାବର ୪୭*, ଅଧିନାୟକ ରୋହିଲ୍ ନାଜିର୍ ୩୫ ଓ ଇମ୍ରାନ ରଫିକ୍ ୨୮ ରନ କରିଥିଲେ। ଭାରତ ପକ୍ଷରୁ ଶିଭମ ମାଭି, ସୌରଭ ଦୁବେ ଓ ହ୍ରିତିକ ସୋକିନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଭାରତ ଅଧିନାୟକ ଶରଥ ବି.ଆର୍. (୪୭ ରନ), ସନବୀର ସିଂ (୭୬), ଅର୍ମାନ ଜାଫର (୪୩) ଓ ଚିନ୍ମୟ ସୁତାର (୨୮*)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ବିନିମୟରେ ୨୬୪ ରନ କରି ଅଳ୍ପକେ ପରାଜୟବରଣ କରିଥିଲା। ଅନ୍ତିମ ଓଭରରେ ଜିତିବା ପାଇଁ ଭାରତକୁ ୭ ରନ ଆବଶ୍ୟକ ହେଉଥିବାବେଳେ ସୁତାର କ୍ରିଜରେ ଥିଲେ ମଧ ଏହାକୁ ସଂଗ୍ରହ କରିପାରି ନ ଥିଲେ।

**ଅଲ୍ ଓଡ଼ିଶା ବିଲିୟାର୍ଡ୍ସ, ସ୍ନୁକର**

# ସୁବ୍ରତ-କୁନାଲ ଫାଇନାଲ

**ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି)**

ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍ଏଓ) ଓ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ କଟକ କ୍ଲବଠାରେ ଚାଲିଥିବା ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଂ ଚାମ୍ପିୟନଶିପର ତୃତୀୟ ଦିବସ ଖେଳ ଶେଷ ହୋଇଛି। ଏଥିସହ ସିନିୟର ବିଲିୟାର୍ଡ୍ସ ଫାଇନାଲରେ ସୁବ୍ରତ ଦାସ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ଫାଇନାଲ ସ୍ପଷ୍ଟ ହୋଇଛି। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୁବ୍ରତ ୩-୦ ଫ୍ରେମ୍‌ରେ ଅବିନାଶ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିରେ କୁନାଲ ୩-୨ ଫ୍ରେମ୍‌ରେ ଆଶୁତୋଷ ପାଢ଼ୀଙ୍କୁ ହରାଇ ଟାଇଟଲ ମୁକାବିଲାରେ ପହଞ୍ଚିଛନ୍ତି। ଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ସୁବ୍ରତ ଗତ ୨ ବର୍ଷ ଧରି କ୍ରମାଗତ ଚାମ୍ପିୟନ ହୋଇ ଆସୁଛନ୍ତି। ଏଥର ଯଦି ତାହାର ପୁନରାବୃତ୍ତି ହୁଏ ତେବେ ସେ ହ୍ୟାଟ୍ରିକ କରିବେ ଏବଂ ମୋଟ ୯ ଥରପାଇଁ ବିଲିୟାର୍ଡ୍ସ ଟାଇଟଲ ହାସଲ କରିବେ। ସିନିୟର ସ୍ନୁକର ପ୍ରତିଯୋଗିତା ବୁଧବାର ଆରମ୍ଭ ହୋଇଛି। ଏଥିରେ ଜଗଦୀଶ ମହାନ୍ତି ୩-୧ରେ ନିଶି ପ୍ରକାଶ ଦାସ, ଅମିୟ ରଞ୍ଜନ ନାୟକ ୩-୧ରେ ଶ୍ୟାମ ଅଗ୍ରୱାଲ, ମହମ୍ମଦ ରାଜା ୩-୦ରେ ମିଶାଲ ସ୍ୱାଇଁ ଏବଂ ନିଶାନ୍ତ ବିଶ୍ୱାଳ ୩-୦ରେ ସତ୍ୟଦୀପ ଦାସଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।



ସୁବ୍ରତ ଦାସ ଓ କୁନାଲ ଅଗ୍ରୱାଲ।

# ଭାରତ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ବାଦ୍

**ମସ୍କାଟ, ୨୦।୧୧ (ପି.ଟି.)**

୨୦୨୨ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରୁ ଭାରତ ବାଦ୍ ପଡିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧-୦ରେ ଓମାନଠାରୁ ପରାସ୍ତ ହେବା ପରେ ଏହା ସ୍ପଷ୍ଟ ହୋଇଛି। ସ୍ଥାନୀୟ ସୁଲତାନ କାବୁସ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ମୋହସିନ ଅଲ ଘସାନୀ ୩୩ତମ ମିନିଟ୍‌ରେ ଘରୋଇ ଦଳ ତରଫରୁ ୩୩ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହା ପୂର୍ବରୁ ଗୁଆହାଟୀରେ ଅନୁଷ୍ଠିତ ଫାର୍ଷ୍ଟ ଲେଗ୍‌ରେ ଓମାନ ୨-୧ ଗୋଲରେ ଭାରତକୁ ହରାଇଥିଲା। ଭାରତ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୩ ପଏଣ୍ଟ ପାଇବା ସହ ଗ୍ରୁପ୍ ଇ' ତାଲିକାର ଚତୁର୍ଥ ସ୍ଥାନରେ ରହିଛି। କାତାର ୫ଟି ମ୍ୟାଚ୍ ଖେଳି ୧୩ ପଏଣ୍ଟ ପାଇବା ସହ ତାଲିକାର ଶୀର୍ଷରେ ରହିଛି। ତେବେ ୧୨ ପଏଣ୍ଟ ପାଇ ଓମାନ ଦ୍ୱିତୀୟ ସ୍ଥାନରେ ରହିଛି। ଓମାନଠାରୁ ୯ ପଏଣ୍ଟ କମ୍ ପାଇ ଭାରତ ତୃତୀୟ ରାଉଣ୍ଡରୁ ବାଦ୍ ପଡିଛି। ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାୟରରେ ଭାରତ ଆଉ ୩ଟି ମ୍ୟାଚ୍ ଖେଳିବ। ଯଦି ସବୁ ମ୍ୟାଚ୍‌ରେ ବିଜୟୀ ହୁଏ ତେବେ ଭାରତ ୯ ପଏଣ୍ଟ ପାଇବ। ଏପରିକି ରନର୍ସ-ଅପ୍ ଦଳ ମଧ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡରେ ପ୍ରବେଶ କରିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଏପରି ସ୍ଥଳେ ଭାରତ ବାଦ୍ ପଡିବା ନିଶ୍ଚିତ ହୋଇଛି ।



ଭାରତ-ଓମାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବାଂଲାଦେଶ ଲାଗି ବଡ଼ ସମ୍ମାନ

**ଗୌତମ ଗମ୍ଭୀର**

୧୯୯୨ ବିଶ୍ୱକପ୍ ମା ପାଇଁ ଏକ ବଡ଼ ଇଭେଣ୍ଟ ଥିଲା। ସେତେବେଳେ ମୋତେ ୧୦ ବର୍ଷ ହୋଇଥିଲା। ରଙ୍ଗୀନ ପୋଷାକ, ଧଳା ବଲ, ରଙ୍ଗୀନ ଟିଭିରେ ମ୍ୟାଚ୍ ଦେଖିବା ବେଶ୍ ଉପଭୋଗ୍ୟ ହୋଇଥିଲା। ସେତେବେଳେ ଏକ ଧଳା ବଲ୍ ଚାହୁଁଥିଲି। କିନ୍ତୁ ଏହା ବହୁତ ଦାମୀ ଥିଲା କିମ୍ବା ମିଳୁ ନ ଥିଲା। ଶେଷରେ ୬ ଟଙ୍କାରେ ଧଳା କର୍କ ବଲ୍‌ରେ ସନ୍ତୁଷ୍ଟ ହୋଇଥିଲି। କ୍ରିକେଟ ହଠାତ୍ ସେତେବେଳେ ଗ୍ଲାମରିୟସ ଓ ଉତ୍ସାହଜନକ ହୋଇଯାଇଥିଲା।

ଏବେ ପିଙ୍କ୍ ବଲ୍‌ରେ ଇଡେନ ଗାର୍ଡେନରେ ଟେଷ୍ଟ ଖେଳାଯିବ। କ୍ରିକେଟ ପ୍ରଶଂସକଙ୍କଠାରୁ ଆରମ୍ଭ କରି ଖେଳାଳି, ପ୍ରଶାସକ ଓ ଗଣମାଧ୍ୟମ ସମସ୍ତେ ପିଙ୍କ୍ ବଲ୍ କ୍ରିକେଟ ନେଇ ଏବେ ଆଲୋଚନା କରୁଛନ୍ତି। ଏହା ଏକ ଭଲ ପ୍ରୟାସ। ଟେଷ୍ଟ କ୍ରିକେଟରେ ଏଭଳି ଏକ ପରିବର୍ତ୍ତନ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ।

ଜଣେ ବ୍ୟାଟ୍ସମ୍ୟାନ ହିସାବରେ ପିଙ୍କ୍ ବଲ୍‌ରେ ଖେଳିବାରେ ମୋର ଭଲ ଅଭିଜ୍ଞତା ରହିଛି। ୨୦୧୬ରେ ଦୁଲୀପ ଟ୍ରଫି ଖେଳିବା ଅବସରରେ ଏହି ବଲ୍‌ରେ ଭଲ ରନ୍ ସଂଗ୍ରହ କରିଥିଲି। ସେତେବେଳେ କୁକାବୁରା ପିଙ୍କ୍ ବଲ୍‌ରେ ଖେଳିଥିଲୁ। ଦିନ ଓ ରାତି ବେଳେ ବଲ୍ ଭିନ୍ନ ଆଚରଣ ପ୍ରଦର୍ଶନ କରିଥାଏ। ଏସ୍‌ଜି ପିଙ୍କ୍ ବଲ୍ ନେଇ ଖେଳିବା ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଏବେ ଶୀତ ଆରମ୍ଭ ହୋଇଥିବାରୁ କାକର ସମସ୍ୟା ରହିବା ସ୍ୱାଭାବିକ। ଏଥିପାଇଁ ଅବଶ୍ୟ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବ। ତେବେ ପ୍ରକୃତିର ପ୍ରଭାବ ନିଶ୍ଚିତ ଭାବେ ଦେଖିବାକୁ ମିଳିବ। ପିଙ୍କ୍ ବଲ୍‌ରେ ବଲ୍ ସ୍ୱିନ୍ କିମ୍ବା ରିଭର୍ସ ସୁଇଂ ହେବନାହିଁ ବୋଲି ଚର୍ଚ୍ଚା ହେଉଛି। ତେବେ କ'ଣ ହେଉଛି ସେଥିପାଇଁ ଅପେକ୍ଷା କରିବାକୁ ହେବ। ଯାହାବି ହେଉ ଏକ ପରିବର୍ତ୍ତନ ଆବଶ୍ୟକ।

SEAGRAM'S
ROYAL STAG
MEGA MUSIC CDs

ଏହି ଐତିହାସିକ ମ୍ୟାଚ୍‌ରେ ବାଂଲାଦେଶ ଭାରତ ବିପକ୍ଷରେ ଅବତୀର୍ଣ୍ଣ ହେବ। ଏଥିପାଇଁ ବାଂଲାଦେଶ ଗର୍ବ କରିବା ଉଚିତ୍। ଏହା ମ୍ୟାଚ୍ ଦ୍ୱାରା ବିଶ୍ୱ କ୍ରିକେଟରେ ବାଂଲାଦେଶର ମର୍ଯ୍ୟାଦା ବୃଦ୍ଧି ପାଇବ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଭଳି ହାଇପ୍ରୋଫାଇଲ ଦଳ ସାଧାରଣତଃ ଏଭଳି ଐତିହାସିକ ମୁହୂର୍ତ୍ତର ଅଂଶବିଶେଷ ହୋଇଥାନ୍ତି। ତେଣୁ ଭାରତରେ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବାରୁ ବିଶ୍ୱ କ୍ରିକେଟରେ ବାଂଲାଦେଶ ପାଇଁ ଏହା ଏକ ବଡ଼ ସମ୍ମାନ ବୋଲି କୁହାଯାଇପାରେ।

(ଗେମ୍ସପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)

୯ମ ଜନ୍ମଦିନ ଶୁଭେଚ୍ଛା



ଅଭିଷେକ ବାରିକ (ରବି)
ବ୍ରାହ୍ମଣ ଷଡ଼ଙ୍ଗୀ, ବାଲିଅନ୍ତା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ମାମା- ମନୋରମା, ବାବା- ବିନୋଦ, ଜେଜେ, ମା', ଅଜା, ଆଈ, ମାମୁ, ଲିକି, ପୂଜା, ରାନୀ ଓ ମୁକୁଲ୍ ଏବଂ ପରିବାରବର୍ଗ।
ଧ-୪୬୨୬୯

ପ୍ରଥମବର୍ଷ ଜନ୍ମଦିନ ଶୁଭେଚ୍ଛା



ଶ୍ରୀମାନ୍ (ଆୟନ୍)
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହ ଈଶ୍ୱରଙ୍କୁ ତଥା ଜଗତର ନାଥ ଶ୍ରୀଜଗନ୍ନାଥ ଏବଂ ମା' ମଙ୍ଗଳାଙ୍କୁ ପ୍ରାର୍ଥନା କରୁଛୁ କି ତୋର ଜୀବନର ଚଲାପଥ ସୁଦୀର୍ଘ, କୁସୁମିତ ଓ ମଙ୍ଗଳମୟ ହେଉ।
ଶୁଭେଚ୍ଛାସହ:
ଜେଜେ, ମାଆ, ଅଜା, ଆଈ, ବାବା, ମାମା, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୪୮୭୧୯


# କୋହଲି ପେଟା ଇଣ୍ଡିଆ ପର୍ସନ ଅଫ୍ ଦି ଇୟର



**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ଭାରତୀୟ ଅଧିନାୟକ ବିରାଟ କୋହଲି ପିପୁଲ ଫର୍ ଦି ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ (ପେଟା) ଇଣ୍ଡିଆ ପର୍ସନ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଜୀବଜନ୍ତୁଙ୍କ ସ୍ୱାର୍ଥ ରକ୍ଷା ଓ ହିତ ସାଧନ ପାଇଁ କୋହଲି ପ୍ରୟାସ ଜାରି ରଖିଛନ୍ତି। ତାଙ୍କୁ ୨୦୧୯ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶାକାହାରୀ କୋହଲି କିଛିଦିନ ତଳେ ବେଙ୍ଗାଲୁରୁର ଏକ ଆନିମଲ ସେଣ୍ଟରରେ ଯାଇ ସେଠାରେ ଥିବା ଅବହେଳିତ ପ୍ରାଣୀଙ୍କ ଦେଖାଶୁଣା କରିଥିଲେ। ପ୍ରାଣୀଙ୍କୁ କିଣିବା ଅପେକ୍ଷା ସେମାନଙ୍କୁ ନିଜର କରିବା ଉପରେ ଧ୍ୟାନ ଦେବାକୁ ସେ ସମସ୍ତଙ୍କୁ ବାର୍ତ୍ତା ଦେଇଛନ୍ତି। ପ୍ରାଣୀଙ୍କ ଉପରେ ନିଷ୍ଠୁରତା ଆଚରଣ ପ୍ରଦର୍ଶନ ନ କରିବାକୁ ୩୧ ବର୍ଷୀୟ କୋହଲି ପରାମର୍ଶ ଦେଇଥାନ୍ତି। ଜୀବଜନ୍ତୁଙ୍କ ସୁରକ୍ଷା ଓ ହିତ ସାଧନ ନେଇ କୋହଲି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ପେଟା ଇଣ୍ଡିଆ ଡାଇରେକ୍ଟର ଅଫ୍ ସେଲିବ୍ରିଟି ଓ ପବ୍ଲିକ୍ ରିଲେଶନ୍ସ ସଚିନ ବାଙ୍ଗେରା କହିଛନ୍ତି।

କୋହଲିଙ୍କ ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି କେ.ଏସ୍. ପାନିକର ରାଧାକ୍ରିଷ୍ଣନ, ଅଭିନେତ୍ରୀ ଅନୁଷ୍କା ଶର୍ମା, ସନି ଲିଓନ, ସୋନମ କପୁର, କପିଲ ଶର୍ମା, ହେମା ମାଳିନୀ, ଆର. ମାଧବନ ଓ ଜ୍ୟାକଲିନ ଫର୍ନାଣ୍ଡିଜ୍ ଏହି ପୁରସ୍କାର ପାଇଛନ୍ତି।

## ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଦଳ ଚୟନ ଆଜି

# ମୟଙ୍କ ଅଗ୍ରୱାଲଙ୍କ ଉପରେ ନଜର ରହିବ

**କୋଲକାତା, ୨୦।୧୧(ପି.ଟି.)**



ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜ ପାଇଁ ଗୁରୁବାର ଭାରତୀୟ କ୍ରିକେଟ ଦଳ ଚୟନ ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ଉପଅଧିନାୟକ ରୋହିତ ଶର୍ମାଙ୍କ କାର୍ଯ୍ୟଭାର ଏବଂ ଶିଖର ଧାୱନଙ୍କ ଦୁର୍ବଳ ଫର୍ମ ପ୍ରଭୃତି ପ୍ରସଙ୍ଗ ଚୟନ କମିଟି ବୈଠକରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଏହା ବ୍ୟତୀତ ନିକଟ ଅତୀତରେ ମୟଙ୍କ ଅଗ୍ରୱାଲ ଚମତ୍କାର ପ୍ରଦର୍ଶନ କରିଥିବାରୁ ତାଙ୍କ ଉପରେ ମଧ୍ୟ ନଜର ରହିବ। ଏମଏସକେ ପ୍ରସାଦଙ୍କ ନେତୃତ୍ୱରେ ମନୋନୟନ କମିଟିର ଏହା ଶେଷ ବୈଠକ ହେବ। କାରଣ ପ୍ରସାଦ ଏବଂ କେନ୍ଦ୍ରାଞ୍ଚଳ ଚୟନକର୍ତ୍ତା ଗଗନ ଖୋଡାଙ୍କ ୪ ବର୍ଷିଆ କାର୍ଯ୍ୟକାଳ ଏହାପରେ ଶେଷ ହୋଇଯିବ।

ରୋହିତ ଗତ କିଛିମାସଧରି କ୍ରମାଗତ ଖେଳି ଆସୁଛନ୍ତି। ତେଣୁ ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରୁ ତାଙ୍କୁ ବିଶ୍ରାମ ଦେବାପାଇଁ ଚୟନକର୍ତ୍ତା ନିଷ୍ପତ୍ତି ନେଇପାରନ୍ତି। ଏହା ହେଲେ ରୋହିତ ଆସନ୍ତାବର୍ଷ ପ୍ରାରମ୍ଭରେ ସତେଜ ମନରେ ନ୍ୟୁଜିଲାଣ୍ଡ ଗସ୍ତ କରିପାରିବେ। ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ୫ ଟି୨୦, ୩ ଦିନିକିଆ ଓ ୨ଟି ଟେଷ୍ଟ ଖେଳିବା କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନର କାର୍ଯ୍ୟସୂଚୀ ଅନୁସାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩ଟି ଟି୨୦ ମୁମ୍ବାଇ (ଡିସେମ୍ବର ୬), ଥିରୁଭାନନ୍ତପୁରମ(୮) ଓ ହାଇଦ୍ରାବାଦ(୧୧)ରେ ଖେଳିବ। ଏହାପରେ ୩ଟି ଦିନିକିଆ ଯଥାକ୍ରମେ ଡିସେମ୍ବର ୧୫, ୧୮ ଓ ୨୨ରେ ଚେନ୍ନାଇ, ବିଶାଖାପାଟଣା ଓ କଟକରେ ଅନୁଷ୍ଠିତ ହେବ। ରୋହିତ ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)କୁ ମିଶାଇ ୬୦ଟି ପ୍ରତିଦ୍ୱନ୍ଦ୍ୱିତା ମୂଳକ ମ୍ୟାଚ ଖେଳି ସାରିଛନ୍ତି। ଏହା ମଧ୍ୟରେ ୨୫ ଦିନିକିଆ ଓ ୧୧ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ସାମିଲ। କାର୍ଯ୍ୟଭାର ଯୋଗୁ ଅଧିନାୟକ ବିରାଟ କୋହଲିଙ୍କୁ ୨ ଥର ବିଶ୍ରାମ ଦିଆ ଯାଇ ସାରିଛି। ମାତ୍ର ରୋହିତ ତାଙ୍କଠାରୁ ୩ଟି ଦିନିକିଆ ଓ ୪ଟି ଟି୨୦ ମ୍ୟାଚ ଅଧିକ ଖେଳିଛନ୍ତି। ଯଦିଓ ଏ କ୍ଷେତ୍ରରେ ରୋହିତଙ୍କ ମତାମତ ନିଆଯିବ ତେବେ ତାଙ୍କୁ ବିଶ୍ରାମ ଦିଆଯିବା ସମ୍ଭାବନା ଅଧିକ ରହିଛି।

ଧାୱନଙ୍କ ଫର୍ମ ମଧ୍ୟ ଆଲୋଚନା ପରିସରରେ ରହିବ। ଚଳିତ ବର୍ଷ ପ୍ରାରମ୍ଭରେ ବିଶ୍ୱକପ ଅବସରରେ ଆହତ ହେବା ପରଠାରୁ ସେ ନିଜ ଶ୍ରେଷ୍ଠ ଫର୍ମକୁ ଫେରିପାରି ନାହାନ୍ତି। ମୟଙ୍କ ଅଗ୍ରୱାଲ ଟେଷ୍ଟ କ୍ରିକେଟରେ ଚମତ୍କାର ଫର୍ମ ଦେଖାଇଛନ୍ତି। ଲିଷ୍ଟ 'ଏ' କ୍ରିକେଟରେ ମଧ୍ୟ ତାଙ୍କ ଆଭରେଜ ୫୦ ଏବଂ ଷ୍ଟ୍ରାଇକ୍ ହାର ୧୦୦ରୁ ଅଧିକ ରହିଛି। ତେଣୁ ଚଚୟନକର୍ତ୍ତାମାନେ ତୃତୀୟ ଓପନର ବିକଳ୍ପ ଖୋଜିଲେ ଅଗ୍ରୱାଲ ପ୍ରଥମ ପସନ୍ଦ ରହିବେ। ବାଂଲାଦେଶ ବିପକ୍ଷ ଟି୨୦ ସିରିଜରେ ଧାୱନ ରନ ସଂଗ୍ରହ ପାଇଁ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ସେ ୩ଟି ମ୍ୟାଚରେ ଯଥାକ୍ରମେ ୪୨ ବଲ୍‌ରୁ ୪୧, ୨୭ ବଲ୍‌ରୁ ୩୧ ଓ ୧୬ ବଲ୍‌ରୁ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ଫର୍ମକୁ ଫେରିବା ପାଇଁ ସେ ଘରୋଇ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ସେଠାରେ ତାଙ୍କ ପ୍ରଦର୍ଶନ ଆହୁରି ଦୟନୀୟ ରହିଥିଲା। ସେ ଚଳିତ ଘରୋଇ ଟି୨୦ ଚାମ୍ପିୟନଶିପ୍‌ରେ ଜମ୍ମୁ-କଶ୍ମୀର ବିପକ୍ଷରେ ୯ ବଲ୍‌ରୁ ୦, ଝାଡ଼ଖଣ୍ଡ ବିପକ୍ଷରେ ୬ ବଲ୍‌ରୁ ୯, ସିକ୍କିମ ବିପକ୍ଷରେ ୧୮ ବଲ୍‌ରୁ ୧୯ ଏବଂ ଓଡ଼ିଶା ବିପକ୍ଷରେ ୩୩ ବଲ୍‌ରୁ ୩୫ ରନ କରିବାକୁ ସକ୍ଷମ ହୋଇଥିଲେ। ସେହି ତୁଳନାରେ ଦେଖିବାକୁ ଗଲେ ମୟଙ୍କ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଚିତ୍ତାକର୍ଷକ ଦ୍ୱିଶତକ ହାସଲ କରିଥିଲେ। ଏହା ମଧ୍ୟରେ ୨୮ ଚୌକା ଓ ୮ ଛକା ସାମିଲ ଥିଲା।

ଉଇକେଟ କିପର ରିଷଭ ପନ୍ତଙ୍କ କ୍ଷେତ୍ରରେ ମଧ୍ୟ ସେହି ଅବସ୍ଥା। ସେ ସୁଯୋଗର ସଦୁପଯୋଗ କରିପାରି ନ ଥିବାରୁ ସଞ୍ଜୁ ସାମସନ ଦଳରେ ସ୍ଥାନ ପାଇବାର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ତେବେ ପନ୍ତଙ୍କୁ ଆଉ ଏକ ସୁଯୋଗ ମିଳିବା ମଧ୍ୟ ସମ୍ଭାବନା ରହିଛି। ମହେନ୍ଦ୍ର ସିଂ ଧୋନୀ ଟ୍ରେନିଂ ଆରମ୍ଭ କରି ସାରିଛନ୍ତି। ତେଣୁ ପନ୍ତ ଯଦି ଆଗାମୀ ସିରିଜରେ ପ୍ରଦର୍ଶନ ମାଧ୍ୟମରେ ନିଜର ସ୍ଥାନ ପକ୍କା କରି ନ ପାରନ୍ତି ତେବେ ଆଗାମୀ ଦିନରେ ୩୮ ବର୍ଷୀୟ ଧୋନୀଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

ଅନ୍ୟପକ୍ଷରେ ଯଦି ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର ଓ ନଭଦୀପ ସଇନୀ ଆହତ ସମସ୍ୟାରୁ ମୁକୁଳି ନ ଥାନ୍ତି ତେବେ ଶିଭମ୍ ଦୁବେ ଓ ଶାର୍ଦ୍ଦୁଳ ଠାକୁର ଦଳରେ ସ୍ଥାନ ବଜାୟ ରଖି ପାରନ୍ତି। ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବାରୁ ସ୍ପିନ ବୋଲିଂ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଓ କ୍ରୁନାଲ ପାଣ୍ଡ୍ୟାଙ୍କ ଉପରେ ମଧ୍ୟ ନଜର ରଖା ଯାଇଛି। ଯୁଜବେନ୍ଦ୍ର ଚହଲ ନିକଟରେ ଭଲ ବୋଲିଂ କରିଛନ୍ତି। ଏହାଛଡ଼ା ଯଦି ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆ ନ ଯାଏ ତେବେ ସୁନ୍ଦର କିମ୍ବା କ୍ରୁନାଲଙ୍କ ମଧ୍ୟରୁ ଜଣଙ୍କୁ ବାହାରେ ବସିବାକୁ ପଡ଼ିବ। ଭାରତର ନୂଆ ଟି୨୦ ସେନ୍‌ସେସନ ଦୀପକ ଚହର ଭାରତୀୟ ପେସ୍ ଆକ୍ରମଣର ମଙ୍ଗ ଧରିବା ଏକପ୍ରକାର ନିଶ୍ଚିତ। ତେବେ ଖଲିଲ ଅହମ୍ମଦଙ୍କ ଇକୋନୋମି ହାର ଚିନ୍ତାଜନକ ରହିଛି। ଏହି ବାମହାତୀ ପେସର ଶେଷ ୨ଟି ଟି୨୦ରେ ୮ ଓଭରରେ ୮୧ ରନ ବ୍ୟୟ କରିଛନ୍ତି। ରାଜକୋଟ ଟି୨୦ରେ ତାଙ୍କ ବୋଲିଂରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ କ୍ରମାଗତ ୭ ଚୌକା ମାରିଥିଲେ। ଗତବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ପକ୍ଷରୁ ପଦାର୍ପଣ କରିଥିବା ଖଲିଲ ୧୩ ଟି୨୦ ଖେଳି ୯.୦୦ ହାରରେ ରନ ବ୍ୟୟ କରିଛନ୍ତି। ସେହିପରି ସେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟରେ ୧୧ ମ୍ୟାଚରେ ୫.୮୧ ହାରରେ ରନ ଦେଇଛନ୍ତି।

# ୧୬ ବର୍ଷ ବୟସରେ ଟେଷ୍ଟ ପଦାର୍ପଣ



ବ୍ରିସବେନ, ୨୦।୧୧ (ଏଏଫ୍‌ପି)- ସ୍ଥାନୀୟ ଦି ଗାବା ଗ୍ରାଉଣ୍ଡରେ ଗୁରୁବାରଠାରୁ ଘରୋଇ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ଦଳର ଯୁବ ଦ୍ରୁତ ବୋଲର ନସୀମ ଶାହ ପଦାର୍ପଣ କରିବେ ବୋଲି ଅଧିନାୟକ ଆଝର ଅଲି ନିଶ୍ଚିତ କରିଛନ୍ତି। 'ଆମେ ନିଶ୍ଚିତ ଭାବେ ତାଙ୍କୁ ଖେଳାଇବାକୁ ଲକ୍ଷ୍ୟ ରଖିଛୁ। ସେ ବହୁତ ଚମତ୍କାର ବୋଲିଂ କରୁଛନ୍ତି' ବୋଲି ଆଝାର କହିଛନ୍ତି। ଫଳରେ ଖୁବ୍ କମ୍ ବୟସରେ ଟେଷ୍ଟ ପଦାର୍ପଣ କରିଥିବା ଖେଳାଳିଙ୍କ ତାଲିକାରେ ନସୀମଙ୍କ ନାମ ଯୋଡ଼ି ହେବାକୁ ଯାଉଛନ୍ତି। ସଚିନ ତେନ୍ଦୁଲକର ମାତ୍ର ୧୬ ବର୍ଷରେ ପଦାର୍ପଣ କରି ଜଣେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ହୋଇପାରିଥିଲେ। କ୍ରିକ୍‌ଇନ୍‌ଫୋ ପକ୍ଷରୁ ପ୍ରକାଶ ପାଇଥିବା ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟ ପଦାର୍ପଣ କରିଥିବା ତାଲିକାରେ ପାକିସ୍ତାନର ହାସାନ ରାଜା ସର୍ବାଗ୍ରେ ରହିଛନ୍ତି। ରାଜା ମାତ୍ର ୧୪ ବର୍ଷ ବୟସରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ପରେ କିନ୍ତୁ ତାଙ୍କ ଜନ୍ମ ତାରିଖକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଯୁବ ଖେଳାଳିଙ୍କୁ ସୁଯୋଗ ଦେବାରେ ପାକିସ୍ତାନ ଆଗରେ ରହିଛି। ଟେଷ୍ଟ ପଦାର୍ପଣ କରିଥିବା ୧୦ ସର୍ବକନିଷ୍ଠ ଖେଳାଳିଙ୍କ ତାଲିକାରେ ପାକିସ୍ତାନର ୬ ଜଣ ରହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ନସୀମଙ୍କ ମାତୃ ବିୟୋଗ ଘଟିଥିଲା। ସେତେବେଳେ ସେ ଅଷ୍ଟ୍ରେଲିଆ-ଏ ଦଳ ବିପକ୍ଷରେ କାନବେରାରେ ୨ ଦିନିକିଆ ଅଭ୍ୟାସ ମ୍ୟାଚ୍ ଖେଳୁଥିଲେ। ତେବେ ଦୂରତା ଓ ସମୟ ଦୃଷ୍ଟିରୁ ସେ ସ୍ୱଦେଶ ନ ଫେରିବାକୁ ନିଷ୍ପତ୍ତି ନେଇଥିଲେ।

# ମ୍ୟାକ୍‌ଡୋୱେଲ୍ସ ଓଡ଼ିଶା ଏଫସି ପ୍ରାୟୋଜକ

**ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ରେ ପଦାର୍ପଣ କରିଥିବା ଓଡ଼ିଶା ଏଫସିର ପ୍ରାୟୋଜକ ହୋଇଛି ମ୍ୟାକ୍‌ଡୋୱେଲ୍ସ। ଏହା ସହିତ ଏକ ବର୍ଷିଆ ଚୁକ୍ତି ହୋଇଛି ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ମ୍ୟାକ୍‌ଡୋୱେଲ୍ସ ପରି ଏକ ମର୍କି ବ୍ରାଣ୍ଡ ସହିତ ଅନୁବନ୍ଧିତ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ରୋହନ କହିଛନ୍ତି। ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ଚଳିତମାସ ୨୪ ତାରିଖରେ ଏଟିକେ ସହିତ ପୁଣେରେ ଖେଳିବ।


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୌରହରି ଦାଶ
ଭିଆଇପି ରୋଡ଼, ମୁକ୍ତେଶ୍ୱର ମନ୍ଦିର ନିକଟ, ପୁରୀ
ଆବିର୍ଭାବ: ୨୦।୦୬।୧୯୩୭
ତିରୋଧାନ: ୨୦।୧୧।୨୦୧୧
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାର, ବନ୍ଧୁବର୍ଗ ଓ ଦାଶ ଗ୍ଲାସ୍ କୋ/ ଏମକେଡ଼ି ଆସୋସିଏଟସ୍, କଳ୍ପନା ଆସୋସିଏଟସ୍, ପୁରୀ
ଧ-୬୮୦୧

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଗୟାଧର ରାଉତ
ରାଉତ ସାହି, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୭।୧୯୪୪
ତିରୋଧାନ: ୧୧।୧୧।୨୦୧୯
ଆଜିର ଏହି ପୁଣ୍ୟ ଏକାଦଶାହ ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୬୮୫


# କୋଚ୍ ପଦ ଛାଡ଼ିଲେ ମାରାଡୋନା

**ବୁଏନ୍ସ ଆରିଜ୍,୨୦।୧୧ (ଏଏଫ୍‌ପି)**

ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟବଲର ଡିଏଗୋ ମାରାଡୋନା ଆର୍ଜେଣ୍ଟିନାର ସୁପରଲିଗା ଦଳ ଜିମ୍ନାସିଆ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି। ନିଯୁକ୍ତ ହେବାର ୩ ମାସ ମଧ୍ୟରେ ସେ କୋଚ୍ ପଦ ଛାଡିଛନ୍ତି ବୋଲି କ୍ଲବ ଦରଫରୁ ଘୋଷଣା କରାଯାଇଛି। ୫୯ ବର୍ଷୀୟ ପୂର୍ବତନ ଆର୍ଜେଣ୍ଟିନା ଅଧିନାୟକ ମାରାଡୋନା ଗତ ସେପ୍ଟେମ୍ବରରେ ଜିମ୍ନାସିଆର କୋଚ୍ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ମ୍ୟାନେଜମେଣ୍ଟ ସହ ମତ ପାର୍ଥକ୍ୟ କାରଣରୁ ସେ ପଦ ଛାଡିଛନ୍ତି ବୋଲି କୁହାଯାଇଛି। ବିଦେଶରେ କୋଚ୍ ଭାବେ ଦୀର୍ଘଦିନ କାର୍ଯ୍ୟ କରିବା ପରେ ସେ ଅର୍ଜେଣ୍ଟିନାରେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଜିମ୍ନାସିଆ ୮ଟି ମ୍ୟାଚ୍‌ରୁ ୩ଟିରେ ବିଜୟ ହାସଲ କରିଥିଲା। ପୂର୍ବରୁ ସେ ୯ ମାସ କାର୍ଯ୍ୟ କରିବା ପରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମେକ୍ସିକୋର ସେକେଣ୍ଡ ଡିଭିଜନ କ୍ଲବ ଡୋରାଡେସ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ବାର୍ସିଲୋନା ଓ ନାପୋଲି ଫରୱାର୍ଡ ୧୯୮୬ ବିଶ୍ୱକପ୍‌ରେ ଆର୍ଜେଣ୍ଟିନାକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ନିରାଶ କଲେ ମନୁ, ସର୍ନୋବତ୍

**ପୁଟିଆନ (ଚାଇନା), ୨୦।୧୧ (ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱକପ୍ ଫାଇନାଲ୍ସ (ରାଇଫଲ୍ ଓ ପିସ୍ତଲ) ଶୁଟିଂ ପ୍ରତିଯୋଗିତାରେ ଭାରତର ମନୁ ଭାକର ଅଳ୍ପକେ ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ଦିନରେ ସଞ୍ଜୀବ ରାଜପୁତ ମଧ୍ୟ ଅଳ୍ପକେ ଫାଇନାଲ ରାଉଣ୍ଡରେ ପ୍ରବେଶ କରିପାରି ନ ଥିଲେ। ବୁଧବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ମନୁ ୫୮୩ ପଏଣ୍ଟ ସ୍କୋର କରିଥିଲେ। ଆଉ ୨ଜଣ ଶୁଟର୍ ମଧ୍ୟ ସମାନ ସ୍କୋର କରିଥିଲେ। ଇନର୍ ୧୦ଏସ୍ ବ୍ୟବଧାନରେ ୧୦ମ ସ୍ଥାନରେ ରହି ମନୁ ଫାଇନାଲ ରାଉଣ୍ଡରେ ପହଞ୍ଚି ପାରି ନ ଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଶୁଟର୍ ତଥା ଏସିଆନ ଗେମ୍ସ ଚାମ୍ପିୟନ ରାହି ସର୍ନୋବତ୍ ଯୋଗ୍ୟତା ପର୍ଯ୍ୟାୟରେ ଅଷ୍ଟାଦଶ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୨୫ ମିଟର ର୍‍ୟାପିଡ୍ ଫାୟାର୍ ପିସ୍ତଲ ଇଭେଣ୍ଟରେ ଅନିଶ ଭନୱାଲ ୫୭୮ ସ୍କୋର କରି ୧୦ମ ସ୍ଥାନ ଲାଭ କରିଥିଲେ। ଏହି ଇଭେଣ୍ଟର ଟପ୍-୬ ଶୁଟର୍ ଫାଇନାଲ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ ସୁଯୋଗ ପାଇଥିଲେ।

# କଟକରେ ହେବ ବିଗ୍ ବାଉଟ୍ ଇଣ୍ଡିଆନ ବକ୍ସିଂ ଲିଗ୍

**ଭୁବନେଶ୍ୱର, ୨୦।୧୧(କ୍ରୀଡ଼ା ପ୍ରତିନିଧି)**




ପ୍ରଥମଥର ପାଇଁ କଟକରେ ବିଗ୍ ବାଉଟ୍ ଇଣ୍ଡିଆନ ବକ୍ସିଂ ଲିଗ୍ ହେବାକୁ ଯାଉଛି। ଡିସେମ୍ବର ୨ରୁ ଏହା ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆର ସିନିୟର ଅଫିସିଆଲମାନେ ଷ୍ଟାଡିୟମର ଭିତ୍ତିଭୂମି ଦେଖି ସନ୍ତୋଷ ପ୍ରକଟ କରିଛନ୍ତି। ଫଳରେ ଏଠାରେ ବକ୍ସିଂର ଏକ ସମ୍ମାନଜନକ ପ୍ରତିଯୋଗିତା ହେବା ପାଇଁ ପଥ ପରିଷ୍କାର ହୋଇଯାଇଛି। କଟକ ବ୍ୟତୀତ ଏହି ପ୍ରତିଯୋଗିତା ନୂଆଦିଲ୍ଲୀ ଏବଂ ପଞ୍ଜାବର ଲୁଧିଆନାରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଲିଗ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଓଡ଼ିଶା ୱାରିୟର୍ସ ସାମିଲ। ପ୍ରତି ଦଳରେ ୫ ପୁରୁଷ ଓ ୨ ମହିଳା ବକ୍ସର ରହିବେ। ଅତି ବେଶିରେ ଦଳଗୁଡ଼ିକ ୩ ଜଣ ଲେଖାଏ ବିଦେଶୀ ଖେଳାଳିଙ୍କୁ ନେଇ ପାରିବେ। କିମ୍ବଦନ୍ତୀ ମହିଳା ବକ୍ସର ଏମ.ସି. ମେରୀ କମ୍ ଏନସିଆର ପଞ୍ଜାବ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ତାଙ୍କର ପ୍ରତିଦ୍ୱନ୍ଦ୍ୱୀଭାବେ ବିବେଚିତ ହେଉଥିବା ନିଖତ ଜରୀନ ଓଡ଼ିଶା ୱାରିୟର୍ସର ମଙ୍ଗ ସମ୍ଭାଳିବେ। ବିଶ୍ୱ ଚାମ୍ପିୟନଶିପ୍ ସିଲଭର ମେଡାଲିଷ୍ଟ ଅମିତ ପଙ୍ଘାଲ ଅଦାନି ଗୁଜରାଟ, ପିଙ୍କି ରାଣୀ ବେଙ୍ଗାଲୁରୁ ଏବଂ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଇନ୍‌ଗ୍ରିଟ୍ ଭାଲେନ୍ସିଆ ବମ୍ବେ ବୁଲେଟ୍ସ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୦୨୦ ଏସିଆନ ରେସଲିଂ ଚାମ୍ପିୟନଶିପ୍ ମଧ୍ୟ କଟକରେ ଫେବୃୟାରୀ ୧୮ରୁ ୨୩ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି।

# ଶ୍ରୀକାନ୍ତ, ସମୀରଙ୍କ ଅଗ୍ରଗତି

**ଗ୍ୱାଙ୍ଗଝୁ,୨୦।୧୧(ପି.ଟି.)**

କୋରିଆର ଗ୍ୱାଙ୍ଗଝୁଠାରେ ଚାଲିଥିବା କୋରିଆ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳିମାନେ ଦମ୍‌ଦାର ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ତାରକା ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ଓ ସମୀର ବର୍ମା ଅଗ୍ରଗତି କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ଚତୁର୍ଥ ସିଡ ଖେଳାଳି ଶ୍ରୀକାନ୍ତ ହଂକଂର ୱାଙ୍ଗ୍ ୱିଙ୍ଗ୍ କି ଭିନ୍‌ସେଣ୍ଟଙ୍କୁ ୨୧-୧୮, ୨୧-୧୭ରେ ମାତ୍ର ୩୭ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ପୂର୍ବତନ ୧ ନମ୍ବର ଖେଳାଳି ଶ୍ରୀକାନ୍ତ ପ୍ରଭାବ ବିସ୍ତାର କରି ଖେଳିଥିଲେ। ସେ ଦ୍ୱିତୀୟ ରାଉଣ୍ଡରେ ଜାପାନ କାଣ୍ଟା ସୁନେୟାମାଙ୍କୁ ଭେଟିବେ। ଅନ୍ୟପଟେ ଜାପାନର କାଜୁମାସା ସାକାଇ ମ୍ୟାଚ୍ ଅଧାରୁ ରିଯାୟାର୍ଡ କରିବା ଫଳରେ ସମୀର ଦ୍ୱିତୀୟ ରାଉଣ୍ଡକୁ ଉଠିଥିଲେ। ଅବଶ୍ୟ ସେତେବେଳକୁ ସମୀର ୧୧-୮ରେ ଅଗ୍ରଣୀ ରହିଥିଲେ। ସମୀର ତାଙ୍କ ପରବର୍ତ୍ତୀ ମ୍ୟାଚ୍‌ରେ ଡନ୍‌ଘୁନ୍‌ଙ୍କୁ ଭେଟିବେ। ତେବେ ସୌରଭ ବର୍ମା ପ୍ରଥମ ରାଉଣ୍ଡ ମୁକାବିଲାରେ ସ୍ଥାନୀୟ ଫେଭରାଇଟ୍ ଖେଳାଳି କିମ୍ ଡନ୍‌ଘୁନ୍‌ଙ୍କଠାରୁ ୨୧-୧୩, ୧୨-୨୧, ୧୩-୨୧ରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି।

# ଜର୍ସି ଉନ୍ମୋଚିତ, ୧୩ ବିଭାଗରେ ମୁକାବିଲା

**ଭୁବନେଶ୍ୱର, ୨୦।୧୧**
**(କ୍ରୀଡ଼ା ପ୍ରତିନିଧି)**

ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ (ଏବିସି), ଭୁବନେଶ୍ୱର ଆନୁକୂଲ୍ୟରେ ୬ଷ୍ଠ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଚଳିତମାସ ୨୮ ତାରିଖରେ ଆରମ୍ଭ ହେବ। ପୂର୍ବତନ ମନ୍ତ୍ରୀ ତଥା କ୍ରୀଡ଼ାପ୍ରେମୀ ନଳିନୀକାନ୍ତ ମହାନ୍ତିଙ୍କ ସ୍ମୃତିରେ ଆୟୋଜିତ ହୋଇ ଆସୁଥିବା ଏହି ପ୍ରତିଯୋଗିତା ଡିସେମ୍ବର ୧ ପର୍ଯ୍ୟନ୍ତ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ଖେଳାଳିଙ୍କ ଜର୍ସି ଉନ୍ମୋଚନ କରାଯାଇଛି। ଏଥର ଟୁର୍ନାମେଣ୍ଟ ମୋଟ ୧୩ଟି ବିଭାଗରେ ହେବ ବୋଲି ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବର ସାଧାରଣ ସମ୍ପାଦକ ଚଣ୍ଡି ପ୍ରସାଦ ଦାସ ସୂଚନା ଦେଇଛନ୍ତି। ସେଗୁଡ଼ିକ ହେଲା ସିନିୟର ମହିଳା ସିଙ୍ଗଲ୍ସ ଓ ଡବଲ୍ସ, ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ, ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ, ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ, ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ, ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ବାଳିକା ସିଙ୍ଗଲ୍ସ, ୪୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଭେଟେରାନ ଡବଲ୍ସ ଏବଂ ମିକ୍ସ ଡବଲ୍ସ।



କର୍ମକର୍ତ୍ତାମାନେ ଖେଳାଳିଙ୍କ ଜର୍ସି ଉନ୍ମୋଚନ କରୁଛନ୍ତି।

ପ୍ରତିଯୋଗିତା ପାଇଁ ମୋଟ ୩ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନିୟମ ଅନୁସାରେ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରଦର୍ଶନ ଅନୁସାରେ ର୍‍ୟାଙ୍କିଙ୍ଗ୍ ପ୍ରଦାନ କରାଯିବ। ଜଣେ ପ୍ରତିଯୋଗୀ କେବଳ ୨ଟି ଇଭେଣ୍ଟରେ ଅଂଶଗ୍ରହଣ କରି ପାରିବ। ସିଙ୍ଗଲ୍ସ ଲାଗି ୫୦୦ ଓ ଡବଲ୍ସ ପାଇଁ ୧୦୦୦ଟଙ୍କାର ଏଣ୍ଟ୍ରି ଫି ଧାର୍ଯ୍ୟ କରାଯାଇଛି। ଗତବର୍ଷ ପ୍ରତିଯୋଗିତାରେ ମୋଟ ୩୭୬ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥର ବୁଧବାରସୁଦ୍ଧା ୨୪୦ ଏଣ୍ଟ୍ରି ମିଳିସାରିଥିବାରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି ବୋଲି ଚଣ୍ଡିପ୍ରସାଦ କହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଏବଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନକରାଯିବ। ଗତସଂସ୍କରଣରମହିଳା ବିଭାଗରେ କ୍ରିଷ୍ଣା ବରୋ ଓ ପୁରୁଷରେ ମୁରଲୀକ୍ରିଷ୍ଣା ଚାମ୍ପିୟନ ହୋଇଥିଲେ। ଏଥର ଉଦ୍‌ଯାପନୀ ଉତ୍ସବରେ ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ପାରାଆଥଲେଟ୍ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବର ସଭାପତି ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମିଶ୍ର, ସିନିୟର ଉପସଭାପତି କମଳ ଲୋଚନ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ବିକ୍ରମ କେଶରୀ ମହାନ୍ତି ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

**ନଳିନୀକାନ୍ତ ସ୍ମାରକୀ ରାଜ୍ୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ**




ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ନଭେମ୍ବର ୨୧/୨୦୧୯ Sambalpur, Thursday, November 21 / 2019

# ୩ ଦଫା ଦାବିରେ ବଲାଙ୍ଗୀର ବନ୍ଦ

**ବଲାଙ୍ଗୀର ଅଫିସ, ୨୦।୧୧**



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ବିଭିନ୍ନ ସଙ୍ଗଠନ ସଦସ୍ୟ ।

- ସରକାରୀ ଅଫିସରେ ତାଲା ପକାଇଲା ଆକ୍ସନ କମିଟି
- ଆନ୍ଦୋଳନକୁ ସମର୍ଥନ କଲେ ଶତାଧିକ ସଙ୍ଗଠନ
- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ, ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଓ ବହୁପ୍ରତୀକ୍ଷିତ ବାଇପାସ୍ ରାସ୍ତା ନିର୍ମାଣ ଏଭଳି ୩ ଦଫା ଦାବି ନେଇ ଆକ୍ସନ କମିଟି ପକ୍ଷରୁ ବୁଧବାରଠାରୁ ଦୁଇଦିନିଆ ବନ୍ଦ ଆରମ୍ଭ ହୋଇଛି । ଏହି ଆନ୍ଦୋଳନ ଯୋଗୁଁ ଜିଲାର ବିଭିନ୍ନ ସ୍ଥାନରେ ଥିବା ରାଜ୍ୟ ଓ କେନ୍ଦ୍ର ଅଧିନ ସମସ୍ତ ସରକାରୀ ଅଫିସ ବନ୍ଦ ରହିଥିଲା । ଏହି ଆନ୍ଦୋଳନକୁ ବିଭିନ୍ନ ସାମାଜିକ ସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ସମର୍ଥନ ଦିଆଯାଇଥିଲା । ସକାଳ ୬ଟାରୁ ଆକ୍ସନ କମିଟିର ଶତାଧିକ ସଦସ୍ୟ ବାହାରି ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ, ସିଭିଲ କୋର୍ଟ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ । ଜିଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଆକ୍ସନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଭ୍ୟ, ଜାତି ସମାଜ, ରାଜନୈତିକ ଦଳ କର୍ମକର୍ତ୍ତା ଓ ବଲାଙ୍ଗୀର ଜିଲା ଓକିଲ ସଂଘ ସଭ୍ୟମାନେ ସାମିଲ ହୋଇଥିଲେ । ପ୍ରତିବାଦ ସଭାରେ ଅନେକ ବକ୍ତା ବଲାଙ୍ଗୀର ଜିଲାର ନ୍ୟାଯ୍ୟ ଦାବିପୂରଣ କରିବା ଦିଗରେ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଥିଲେ । ୧୯୪୮ ମସିହାରୁ ବଲାଙ୍ଗୀରଠାରେ ଥିବା ହାଇକୋର୍ଟକୁ ଉଠାଇ ଦିଆଯାଇଥିଲା । ସେହିଦିନଠାରୁ ବଲାଙ୍ଗୀରବାସୀ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି ।

୨୦୦୦ମସିହାରୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ସରିନାହିଁ ଗତ ୧୪ ମାସ ହେଲା ଏହି ପ୍ରକଳ୍ପ କାମ ବନ୍ଦ ପଡିଛି । ୨୦୦୧ ମସିହାରୁ ବଲାଙ୍ଗୀର ବାଇପାସ୍ ରାସ୍ତା ଶିଳାନ୍ୟାସ ସରିଥିଲେ ମଧ୍ୟ ଏଯାଏଁ ଏହି କାମ ଆରମ୍ଭ ହୋଇନାହିଁ । ଏଥିରୁ ବଲାଙ୍ଗୀରବାସୀଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସରକାର କିଭଳି ଅବହେଳା ପ୍ରଦର୍ଶନ କରୁଛନ୍ତି ସ୍ପଷ୍ଟ ହୋଇଯାଇଛି । ଏ ଦିଗରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ବକ୍ତାମାନେ କହିଥିଲେ । ପାଲ କମିଶନର ରିପୋର୍ଟ ଦୀର୍ଘ ୬ବର୍ଷ ହେଲା ବିଧାନସଭାରେ ଉପସ୍ଥାପନ ହୋଇପାରିନାହିଁ । ଏ ସଂକ୍ରାନ୍ତରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପାଲ କମିଶନର ରିପୋର୍ଟକୁ ତୁରନ୍ତ ସାର୍ବଜନୀନ କରିବା ପାଇଁ ବିଧାନସଭାରେ ସ୍ୱର ଉତ୍ତୋଳନ କରିଛନ୍ତି । ଏଥିପାଇଁ ବଲାଙ୍ଗୀର ଆକ୍ସନ କମିଟି ପକ୍ଷରୁ ବିଧାୟକ ମିଶ୍ରଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଓକିଲମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବାବେଳେ ବାର କାଉନସିଲ ଅଫ୍ ଇଣ୍ଡିଆ ଓ ସୁପ୍ରିମ କୋର୍ଟ ଏହି ଆନ୍ଦୋଳନକୁ ଅଗଣତାନ୍ତ୍ରିକ କହି ଗିରଫ ଧମକ ଦେଉଛି । ବଲାଙ୍ଗୀରବାସୀଙ୍କ ନ୍ୟାଯ୍ୟ ଅଧିକାର ଉପରେ ତର୍ଜମା ନକରି ସୁପ୍ରିମକୋର୍ଟର ଏପରି ଏକତରଫା ନିର୍ଦ୍ଦେଶକୁ ସଭାରେ ଦୃଢ଼ ନିନ୍ଦା କରାଯାଇଥିଲା । ଗୁରୁବାର ମଧ୍ୟ ଆନ୍ଦୋଳନ ଜାରି ରହିବ ଓ ସମସ୍ତ ସରକାରୀ ଅଫିସ ବନ୍ଦ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ସଭାରେ ମୁନା ପଟ୍ଟନାୟକ, ବିନୋଦ କାଲସାଏ, ନାଗରିକ କମିଟିର ବିକ୍ରମାନନ୍ଦ ବହିଦାର, ବସ୍ତୁ ପ୍ରସାଦ କେଡିଆ, ସିଭିଲ ସୋସାଇଟିର ନୀଳମଣି ମିଶ୍ର, ଓଡ଼ିଶା ଜନମୋର୍ଚ୍ଚାର ବାସୁଦେବ ରଥ, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ଆଡଭୋକେଟ ଅଶୋକ ରାଉତ, ଡ. କୃଷ୍ଣଚନ୍ଦ୍ର ମିଶ୍ର, ଭାଜପାର ପୀତାମ୍ବର ଖମାରୀ, ଶଶୀଭୂଷଣ ପୁରୋହିତ, ପଙ୍କଜିନୀ ପଣ୍ଡା, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, କଂଗ୍ରେସ ଦଳର ମନୀଷ ମିଶ୍ର, ବୁଲୁ ଦାନୀ, ସନ୍ତକ ବହିଦାର, ବିଜେଡିର ଲୋଟସ ଷଡଙ୍ଗୀ, କୋସଳବାଦୀ ନେତା ମନୋରଞ୍ଜନ ସାହୁ, ବିଜିଜିଏର ସଂଗ୍ରାମ ବହିଦାର, ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ଅମନ ନାଗ, ଅମରେନ୍ଦ୍ର ମିଶ୍ର, ରତନ ମହାରଣା, ଭବାନୀ ଶତପଥୀ, ଅରବିନ୍ଦ ପୂଜାରୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ରେଙ୍ଗାଲି, ୨୦।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲିଠାରୁ ସପ୍ନେ ରାସ୍ତା ସାଲଡ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁରିଟିକ୍ରା ଗ୍ରାମର ଲଳିତ ସେଠ (୩୫) । ସେ ଶ୍ୟାମ ମେଟାଲିକ୍ସ କାରଖାନାରୁ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ହେଲେ ରେଙ୍ଗାଲି ସପ୍ନେ ରାସ୍ତା ସାଲଡ ଗ୍ରାମ ପୋଖରୀ ନିକଟରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ବୁଧବାର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।






# ସେମିଫାଇନାଲରେ ଝାରସୁଗୁଡା

**ସୋନପୁର,୨୦।୧୧(ନି.ପ୍ର.)**

**ଭିକି ଆଣ୍ଡ ଗୁଡୁ ମୋମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ**



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ସୋନପୁର ନ୍ୟୁ ଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ରୟାଲ ପଡିଆରେ ଚାଲିଥିବା ୫ମ ଭିକି ଏଣ୍ଡ ଗୁଡୁ ମୋମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ଝାରସୁଗୁଡା ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ଝାରସୁଗୁଡା ଓ ଏମଏନସିସି ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଏମଏନସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୦ଓଭରରେ ୬ଉଇକେଟ୍ ବିନିମୟରେ ୭୧ରନର ବିଜୟ ଲକ୍ଷ ଧାର୍ଯ୍ୟ କରିଥିଲା। ଜବାବରେ ଝାରସୁଗୁଡା ୮ ଓଭରରେ ମାତ୍ର ୨ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍ ତରଭା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୮୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ତରଭା ମାତ୍ର ୪୧ ରନ କରିବାକୁ ସକ୍ଷମ ହୋଇଥିଲା। ତୃତୀୟ ମ୍ୟାଚ୍ ସମ୍ବଲପୁର ଓ ଝାରସୁଗୁଡା ମଧ୍ୟରେ ହୋଇଥିଲା । ଝାରସୁଗୁଡା ଟସ୍ ଜିତି ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ସମ୍ବଲପୁର ବ୍ୟାଟିଂ କରି ୪ଉଇକେଟରେ ୬୮ ରନ କରିବାକୁ ସକ୍ଷମ ହୋଇଥିଲା । ପ୍ରତି ଜବାବରେ ଝାରସୁଗୁଡା ଦଳ ମାତ୍ର ୨ଉଇକେଟ୍ ବିନିମୟରେ ୩ଟି ବଲ ବାକି ଥାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚ ପରିଚାଳନା କରିଥିଲେ ପ୍ରଭାସ ଗୁରୁ, ପୀତବାସ ଭୋଇ, ରମାକାନ୍ତ ସୁନା ଓ ସରୋଜ କୁମ୍ଭାର। ଧାରା ବିବରଣୀ ପ୍ରଦାନ କରିଥିଲେ ପାର୍ଥ ଦାସ ଓ ଆନନ୍ଦ ବାଘ। ସ୍କୋର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ଗଣେଷ ବାରିକ ଓ ଆଶିଷ ।ସାହାରା ସ୍କୁଲର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଶାଶୁ ଉପରେ ଗରମ ପାଣି ଢାଳିଦେଲେ ବୋହୂ

**ରେଢାଖୋଲ, ୨୦।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ କିସିଣ୍ଡା ଥାନା ଅନ୍ତର୍ଗତ ବ୍ରାହ୍ମଣିପାଲି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଶାଶୁ ବୋହୂ କଳି ଉଗ୍ରରୂପ ନେଇଛି। ରାଗରେ ବୋହୂ ତାଙ୍କ ଶାଶୁ ଉପରେ ଗରମ ପାଣି ଢାଳି ଦେଇଛନ୍ତି। ଘଟଣା ଅନୁସାରେ, ଗାଁର ସବିତା ସାମଲ (୩୦) ତାଙ୍କ ଶାଶୁ ରୁକ୍ମିଣୀ ସାମଲ (୫୫)ଙ୍କ ଉପରେ ଗରମ ପାଣି ଢାଳି ଦେଇଥିଲେ। ଫଳରେ ଶାଶୁ ଗୁରୁତର ହୋଇଛନ୍ତି। ତାଙ୍କ ଦେହ ପୋଡି ଯାଇଛି। ୯ ତାରିଖ ଏହି ଘଟଣା ଘଟିଛି। ଶାଶୁ ରୁକ୍ମିଣୀ ବୁଧବାର କିସିଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ରୁକ୍ମିଣି ନାକ୍ଟିଦେଉଳ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ରାତିରେ ତାଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଅଣାଯାଇଛି। ସେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ଅଭିଯୋଗ ପରେ କିସିଣ୍ଡା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଲୋକ ସଭାରେ ଚାଷୀଙ୍କ ସମସ୍ୟା ଉପସ୍ଥାପନ କଲେ ସମ୍ବଲପୁର ଏମ୍‌ପି

**ସମ୍ବଲପୁର, ୨୦।୧୧ (ବ୍ୟୁରୋ)**

ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଲୋକସଭାରେ ଶୂନ୍ୟକାଳରେ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ଓଡିଶାର ସମ୍ବଲପୁର ଜିଲାରେ ଅଧିକ ଧାନ ଅମଳ ହୋଇଥାଏ। ହେଲେ ଗତ ୨୦୧୮ ଖରିଫ ଋତୁରେ ଅଦିନିଆ ବର୍ଷା, ରୋଗପୋକ ଯୋଗୁ ଫସଲ ନଷ୍ଟ ହୋଇଥିଲା । ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଦେବା ପାଇଁ ଘୋଷଣା କରାଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ଚାଷୀମାନଙ୍କୁ ବୀମା ଟଙ୍କା ମିଳିନାହିଁ । ୯ ମାସ ହେଲା ଚାଷୀ ଏଥିପାଇଁ ଆନ୍ଦୋଳନ କରୁଛନ୍ତି। ଏଣୁ ଚାଷୀଙ୍କୁ କିଭଳି ବୀମା ଟଙ୍କା ମିଳିବ ସେ ନେଇ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



# ଝିଅଁର ଭବିଷତ୍ ଚିନ୍ତାରେ ଦେବକୀ

ଗଣ୍ଡତୁରୁମ, ୨୦।୧୧(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ମହୁଲପାଲି ଗାଁର ବିଧବା ମହିଳା ଦେବକୀ ମୁଦୁଲି। ଆପ୍‌ନେ ଆରପାରକେ ଚାଲିଯିବାର ୩ ବଛର ବିତିଯାଇଥିଲେ ବି ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସେ ଭତାର ଲାଗି ୨ ଥର ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ମହୁଲପାଲିର ସ୍ୱର୍ଗତ ସୁରେନ୍ଦ୍ର ମୁଦୁଲି। ସେ ଝନେ ନିହାତି ଗରିବ୍ ଲୋକ୍‌ଥିଲେ। ଜମିବାଡ଼ି, ସଁପତି ବଲି କିଛି ନାଇଁ। ପରିବାର କହେଲେ ମାଏକିନା ଦେବକୀ ଆର ଗୁଟେ ବଲି ଝିଅ ଚନ୍ଦ୍ରିକା। ସୁରେନ୍ଦ୍ର କୁଲିମଜୁରି କରି କୁଟୁମ ପୁଷୁଥିଲେ। ସବୁଦିନର ଲେଖେଁ ସୁରେନ୍ଦ୍ର ୨୦୧୬ ଡିସେମ୍ବର ୧୩ ତାରିଖ କାମ୍ କରବାକେ ଯାଇଥିଲେ। କାମ୍‌ରୁ ଫିରଲା ଉତାରୁ ତାକର ଦିହିପା ବିଗ୍‌ଡି ଯାଇଥିଲା। ଘରେ ତାକର ଛାତି ଦରଦ୍ ହେବାର ସଂଗେ ସେ ତଲେ ପଡ଼ିଯାଇଥିଲେ। ଏନ୍‌ତାଥି ପରିବାର ଲୋକ୍ ତାହାକୁ ଡାକ୍‌ତରଖାନା ନେବାର ଆଗ୍‌ରୁ ତାକର ଜୀବନ୍ ପଲେଇ ଯାଇଥିଲା। ହଠାତ୍



ଦେବକୀ ଝିଅ ଚନ୍ଦ୍ରିକାକେ ପାଇ କରିଛନ୍।

ସୁରେନ୍ଦ୍ର ଆରପାରକେ ଚାଲିଗଲାରୁ ଦେବକୀର ମୁଡ଼େ ଦୁଖର ପାହାଡ଼ ଛିଡ଼ିପଡ଼ିଥିଲା। ଇଆଡ଼େ ଜମିବାଡ଼ି, ସଁପତି ବଲି କିଛି ନାଇଁ। ଏନ୍‌ତାଥି ଦେବକୀକୁଁ ଦୁଇବେଲା ଦୁଇମୁଠା ଖାଏବାରଟା ଯୁଗାଡ଼ କରବାକେ ଭିଡ଼ ହେଲା। ଝିଅକେ କାହାର ପାସେ ଛାଡ଼ି କୁଲି ମଜୁରି କରିଯିବେ, ତାର ଭବିଷତ୍ କାଣା ହେବା, ଏନ୍‌ତା ସବୁ ଭାବି ଦେବକୀ ଦିନୁଦିନ୍‌କେ ଭାଂଗି ପଡ଼ଲେ। ଇ ଦୁଖର ସମିଆରେ ସେ ଥାନୀଅ ସରପଁଚ୍‌ନୁ ବିଡିଓ ତକ୍ ସରକାରୀ ସାହାଯ୍ ଲାଗି ଆବେଦନ କଲେ। ହେଲେ ନିସାହା ମା'ଝିଅକେ ୧୦ କେ.ଜି. ଚାଉଲ ଛଡ଼ା ବାକି କେହେନ୍‌ସି ସହାଯ୍ ନାଇଁ ମିଲ୍‌ଲା। ସେନ୍‌ତା ବିଧବା ଭତାର ଲାଗି ଦେବକୀ ୨ ଥର ଆବେଦନ କରି ନିରାଶ ହେଇଛନ୍। ଇଆଡ଼େ ଆପ୍‌ନେ ଚାଲିଗଲା ଉତାରୁ ପଁଚେଚ୍‌ରୁ ହରିଶ୍ଚନ୍ଦ୍ର ଯୋଜନାର ସାହାଯ୍ ବି ନାଇଁ ମିଲିଥିବାର ଦେବକୀ କହିଛନ୍। ଜିଲା ଆର ବ୍ଲକ ପରଶାସନ ଇ ଦୁଖି ମା'ଝିଅର ଉପରେ ଦୃରୁଷ୍‌ଟି ଦେଇ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

- ଆପ୍‌ନେ ଆରପାରକେ ଚାଲିଯାଇଛନ
- ବିଧବା ଭତାରୁ ବଁଚିତ୍ ଦେବକୀ
- ଜମିବାଡ଼ି, ସଁପତି ବଲି କିଛି ନାଇଁ

## ସଂକ୍ଷେପରେ

### ସୁପ୍ରିୟା ସ୍ମାରକୀ ଫୁଟବଲ: ଜମୁର୍ଡ଼ା, ଖରମୁଣ୍ଡା ବିଜୟୀ

ବରଗଡ଼ ଅଫିସ୍,୨୦।୧୧

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ଜମୁର୍ଡ଼ା ଓ ଖରମୁଣ୍ଡା ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଜମୁର୍ଡ଼ା ଓ ଖଲିଆପାଲି ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଜମୁର୍ଡ଼ା ପ୍ରତିପକ୍ଷକୁ ୪-୨ ଗୋଲରେ ହରାଇଥିଲା। ସେହିପରି ବରପାଲି ଓ ଖରମୁଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ବରପାଲିର କାଦର ପ୍ରଧାନ ଓ ଖରମୁଣ୍ଡାର ପ୍ରମୋଦ ପରୁଆ ପରସ୍ପର ଦଳକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ନିର୍ଦ୍ଧାରୀତ ସମୟ ସୁଦ୍ଧା ଉକ୍ତ ମ୍ୟାଚଟି ୧-୧ ଗୋଲରେ ବରାବର ସ୍ଥିତିରେ ରହିଥିଲା। ଏହାପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଖରମୁଣ୍ଡା ୫-୩ ଗୋଲରେ ବିଜୟୀ ହୋଇଥିଲା। ଶ୍ରୀନିବାସ ରାଓ, ରଞ୍ଜୁ ଛତ୍ରିଆ, ଗୋପାଳ ନାୟକ, ସୁରେଶ ବେହେରା, ସନ୍ତୋଷ ପ୍ରଧାନ, ଉମେଶ ଭୋଇ, ମନୋଜ ଭୂୟାଁ, ନାରାୟଣ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।

### ଅଣଧାନ ଚାଷ ଉପରେ ଗୁରୁତ୍ୱ

ବରଗଡ଼ ଅଫିସ୍,୨୦।୧୧-

ବରଗଡ଼ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ଡୁମେରବାହାଲ ମଧ୍ୟମ ଜଳସେଚନ ପ୍ରକଳ୍ପରେ ରହିଥିବା ମୁନିକେଲ, କନସଡ଼ା ଓ ମାଣ୍ଡୋସିଲ ଗ୍ରାମର ଚାଷୀମାନଙ୍କୁ ନେଇ ରବିଚାଷ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରବିଋତୁରେ ଧାନ ବଦଳରେ ଅଣଧାନ ଚାଷ କରିବାକୁ ନେଇ କର୍ମଶାଳାରେ ଆଲୋଚନା ହୋଇଥିଲା । ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କର୍ମଶାଳାରେ ଯୋଗଦେଇ ରବିଋତୁରେ ଅଣଧାନ ତଥା ଚିନାବାଦାମ, ମୁଗ, ସୂର୍ଯ୍ୟମୁଖୀ, ରାଶି ଆଦି ଚାଷ କରିବାକୁ ପରାମର୍ଶ ଦେଇଥିଲେ । ଏହି ଚାଷ କଲେ ସରକାରଙ୍କ ପକ୍ଷରୁ ମାଗଣାରେ ବିହନ, ଘାସମରା ଓ ପୋକମରା ଔଷଧ, ରିହାତି ମୂଲ୍ୟରେ ଅଣୁସାର, ସୁପର ସାର ଚାଷୀଙ୍କୁ ଯୋଗାଇ ଦିଆଯିବ ଏବଂ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ ଉତ୍ପାଦିତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯିବ ବୋଲି ଗାନ୍ଧୀ ସୂଚନା ଦେଇଥିଲେ। ଏହାପରେ ଚାଷୀମାନେ ଉକ୍ତ ମଧ୍ୟମ ଜଳସେଚନ ପ୍ରକଳ୍ପରେ ୨୦୦ହେକ୍ଟର ଚିନାବାଦାମ, ୧୦୦ ହେକ୍ଟର ସୂର୍ଯ୍ୟମୁଖୀ ଏବଂ ୧୦୦ ହେକ୍ଟର ଜମିରେ ମୁଗଚାଷ କରିବେ ବୋଲି କର୍ମଶାଳାରେ ନିଷ୍ପତ୍ତି ନେଇଥିଲେ । କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର ସାହୁ, କୃଷି ଓଭରସିୟର ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଅଞ୍ଚଳର ଚାଷୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।



ପୁସ୍ତକମେଳାର ଉଦ୍‌ଘାଟନୀ ସମାରୋହର ଅତିଥିବୃନ୍ଦ।

## ବରଗଡ଼ ପୁସ୍ତକମେଳା ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୦।୧୧

ବରଗଡ଼ ପୁସ୍ତକମେଳା ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ଅଷ୍ଟାଦଶ ପୁସ୍ତକମେଳାକୁ ମୁଖ୍ୟଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ବରିଷ୍ଠ କବି ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗାନ୍ଧୀ ସ୍ମୃତି ପାଠାଗାରର ବାର୍ଷିକ ମୁଖପତ୍ର 'ବରପୁତ୍ର'କୁ ଅତିଥିମାନେ ଉନ୍ମୋଚନ କରିଥିବାବେଳେ ବରଗଡ଼ ମହିଳା କଲେଜର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଏହି ପୁସ୍ତକମେଳା ଚାଲିବ। ପ୍ରତିଦିନ ଅପରାହ୍ଣ ସାଢେ ୨ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ପୁସ୍ତକମେଳା ଷ୍ଟଲ ଖୋଲାଯିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ପୁସ୍ତକମେଳାରେ ମୋଟ୍ ୧୨୯ଟି ଷ୍ଟଲ ଖୋଲିଥିବାବେଳେ ସବୁଦିନ ସନ୍ଧ୍ୟାରେ ବିଭିନ୍ନ ଆଲୋଚନାଚକ୍ର କାର୍ଯ୍ୟକ୍ରମ ରହିଛି।

## ଫଟୋରେ ଖବର



ଅତାବିରା ଅଞ୍ଚଳରେ ପ୍ରଥମାଷ୍ଟମୀ ଅବସରରେ ଜଣେ ମହିଳା ତାଙ୍କ ପୁଅର ଶୁଭ ମନାସି ବନ୍ଦାପନା କରୁଛନ୍ତି।

## ଶିକ୍ଷା ସାହିତ୍ୟ ସଂସ୍କୃତି ପରିଷଦର ବୈଠକ

ବରଗଡ଼ ଅଫିସ୍,୨୦।୧୧

ବରଗଡ଼ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ଶିକ୍ଷା ସାହିତ୍ୟ ସଂସ୍କୃତି ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ସଂଯୋଜନା କରିଥିଲେ। ପରିଷଦର ସମ୍ପାଦିକା ତଥା ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ବରଗଡ଼ ପୁସ୍ତକମେଳାରେ ଆସନ୍ତା ୨୩ତାରିଖ ଜିଲା ଶିକ୍ଷା ସାହିତ୍ୟ ସଂସ୍କୃତି ପରିଷଦ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ସଭ୍ୟାସଭ୍ୟଙ୍କ ମତାମତ ଲୋଡ଼ିଥିଲେ। ସେହିପରି ଫୋନ ମାଧ୍ୟମରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ପୁସ୍ତକମେଳାରେ ପରିଷଦର କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ବୈଠକରେ ଏବିଇଓ ପ୍ରମୋଦ ହୋତା, ଭାର୍ଗବ ନାଏକ, ସିଆରସିସି ନମିତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଡଃ ତୋଳାମଣି ଶତପଥୀ, ପ୍ରଧାନଶିକ୍ଷକ ହେମସାଗର ମହାନନ୍ଦ, ପ୍ରତାପ କିଶୋର ଦାଶ, ପରଦେଶୀ ବାରିକ, ମୁହୁରିଆ ପଧାନ, ସଦାନନ୍ଦ ଜାଲ, ଗୋପବନ୍ଧୁ ପୁରୋହିତ, ପରିତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରୋଜାଲିନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷା ସାହିତ୍ୟ ସଂସ୍କୃତି ପରିଷଦର ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟ ।

## ଫୁଟବଲରେ ଜାଣ୍ଡୋଲ ଚାମ୍ପିୟନ

**ବରଗଡ଼ ଅଫିସ୍,୨୦।୧୧:** ବରଗଡ଼ ସହର ଉପକଣ୍ଠ ନାଗେନପାଲି ଖେଳପଡ଼ିଆରେ ବୁଧବାର ଆନନ୍ଦ ଆଚାର୍ଯ୍ୟ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୮ଟି ଫୁଟବଲ ଦଳ ମଧ୍ୟରେ ହୋଇଥିବା ଉକ୍ତ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଜାଣ୍ଡୋଲ ଓ ବରଡ଼ୋଲ ମଧ୍ୟରେ ହୋଇଥିଲା। ଏଥିରେ ଟାଇବ୍ରେକର ସହାୟତାରେ ଜାଣ୍ଡୋଲ ୩-୨ ଗୋଲରେ ବିଜୟୀ ହୋଇଥିଲା। ଜ୍ଞାନରଞ୍ଜନ ପୂଜାରୀ, ଅମୃତ ମହାପାତ୍ର, ପ୍ରତାପ ଦାଶ, ଫକୀର ଚରଣ ପାତ୍ର, ଯଶୋବନ୍ତ ପାତ୍ର, ନିମାଇଁ ସିଂ, ଡାକ୍ତର ସିଂ, ଶିଶିର ଖମାରୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅଶ୍ୱିନୀ ମେହେର, ଅନୀଳ ବାଗ, ନିରଞ୍ଜନ ମହାକୁଡ଼, ଶୁଭମ୍ ପାତ୍ର ମ୍ୟାଚ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଦଳର ଖେଳାଳିମାନେ।

**NOTICE**

**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 266 of 2019**

**Syndicate Bank, Bhadrak Branch, Dist: Bhadrak** .......Applicant
-Versus-
**Mr Srikanta Kabi and others** .......Defendants

To,
**(2) Sri Chittaranjan Jena,** S/o: Jaladhar Jena, At- Gabasahi, PO/ PS/Dist: Bhadrak-756100 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No 266 of 2019** in the court of Debts Recovery Tribunal at Cuttack for a recovery of **Rs.12,46,452.71** only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **27th day of December 2019** at **10.30** A.M as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 15th day of November, 2019 .

Sd/-
Registrar (I/C)
Debts Recovery Tribunal

### ପଦ୍ମପୁର ସୈନିକ କଲ୍ୟାଣ ସଂଘର ମାସିକ ବୈଠକ

**ପଦ୍ମପୁର, ୨୦।୧୧ (ଡି.ଏନ.ଏ.):** ସ୍ଥାନୀୟ ରିକ୍ରିଏସନ୍ ସେଣ୍ଟରରେ ପଦ୍ମପୁର ସୈନିକ କଲ୍ୟାଣ ସଂଘର ମାସିକ ବୈଠକ ଭାସ୍କର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯିଛି। ସଂଘର କୋଷାଧ୍ୟକ୍ଷ ଆନନ୍ଦ କୁମାର ସିଂ ଗତ ବାର୍ଷିକ ଉତ୍ସବର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ନିରୋଜ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଡ. ବାଞ୍ଛାନିଧି ପଣ୍ଡା, ରାହାସ ବିହାରୀ ତ୍ରିପାଠୀ, ରାମଚନ୍ଦ୍ର ତ୍ରିପାଠୀ, ସୁବଳ ଗଡତିଆ, ସୁରେଶ ପତି, ମହେଶ୍ୱର ସାହୁ, କୃଷ୍ଣଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ରବିଚାଷ ଆରମ୍ଭ ନ ହେଉଣୁ ନକଲି ବିହନ ବିକ୍ରି ଠାବ

# ଦୋକାନ ସିଲ୍, ଲାଇସେନ୍ସ ରଦ୍ଦ

ବରଗଡ଼ ଅଫିସ୍,୨୦।୧୧

ବରଗଡ଼ କୃଷି ବିଭାଗ ବୁଧବାର ଜିଲାର ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲରେ ଏକ ଦୋକାନରେ ନକଲି ଧାନ ବିହନ ବିକ୍ରି ହେଉଥିବା ବେଳେ ଠାବ କରିଛି । ସାଇ ଗଣେଶ ଟ୍ରେଡର୍ସ ବିହନ ଦୋକାନରେ ତାହା ଠାବ ହୋଇଛି। ଉକ୍ତ ଦୋକାନର ସମ୍ପୃକ୍ତ ଦୋକାନୀ ଉମାଶଙ୍କର ରେଡ୍ଡିଙ୍କ ଲାଇସେନ୍ସକୁ କୃଷି ବିଭାଗ ତତ୍କାଳ ରଦ୍ଦ କରିଥିବାବେଳେ ଦୋକନକୁ ସିଲ୍ କରି ଦିଆଯାଇଛି। ସମ୍ପୃକ୍ତ ଦୋକାନୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କହିଛନ୍ତି। ରବିଚାଷ ଆରମ୍ଭ ନ ହେଉଣୁ ଜିଲାରେ ଏଭଳି ନକଲି ବିହନ ବିକ୍ରି ଠାବ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ମାଣ୍ଡୋସିଲ ଅଞ୍ଚଳରେ ନକଲି ଧାନ ବିହନ ବିକ୍ରି ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଆଧାର କରି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ଼ ଉପରୋକ୍ତ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ସମ୍ପୃକ୍ତ ଦୋକାନୀ ରାଜ୍ୟ ସରକାରଙ୍କ ଅନୁମତି ନ ଥିବା ସତ୍ତ୍ୱେ ସିଗ୍‌ନେଟ୍ କ୍ରପ ସାଇନ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିଃ ନାମକ ହାଇଦ୍ରାବାଦର ଏକ କମ୍ପାନୀର ବିହନ ଆଣି ବରଗଡ଼ ଜିଲାର ବିଭନ୍ନ ଅଞ୍ଚଳର ଚାଷୀମାନଙ୍କୁ ବିକ୍ରି କରିଥିବା ଜଣାପଡ଼ିଥିଲା। ସେହିପରି ସେହି କିସମ ବିହନର ଧାନ ରୋଗାକ୍ରାନ୍ତ ହୋଇ ଅଗାଡ଼ି ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହାଛଡ଼ା ସମ୍ପୃକ୍ତ ଦୋକାନୀ ବିହନ ବିକୁଥିବାବେଳେ କ୍ରେତା ଚାଷୀଙ୍କୁ ରସିଦ୍ ମଧ୍ୟ ଦେଉ ନଥିବା କିମ୍ବା ବିକ୍ରିଖାତା ଲେଖୁ ନ ଥିବା ଜଣାପଡ଼ିଥିଲା ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ କହିଛନ୍ତି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର ସାହୁ, କୃଷି ଓଭରସିୟର ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିହନ ଦୋକାନରେ କୃଷିବିଭାଗ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**ବୈଁକ ऑफ़ बड़ौदा Bank of Baroda** विजया बैंक VIJAYA BANK | देना बैंक DENA BANK

**କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର), ପ୍ରଥମ ମହଲା, ଜି.ଏମ୍. କଲେଜ ଛକ, ଖ୍ରୀଷ୍ଟିଆନ୍ ପଡ଼ା, ସମ୍ବଲପୁର-୭୬୮୦୦୧**

**ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)**

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।
**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କ୍ରଃ ନଂ | ଶାଖାର ନାମ / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ଚନ୍ଦ୍ର ଭଟ୍ଟ,** ପିତା: ଶ୍ରୀ ସୋଭାନି ଭଟ୍ଟ / **ସହ- ଋଣଗ୍ରହୀତା: ଶ୍ରୀମତୀ ସୁମିତ୍ରା ଭଟ୍ଟ (ଗ୍ୟାରେଣ୍ଟିଦାତା),** ସ୍ୱାମୀ- ଶ୍ରୀ ସୋଭାନି ଭଟ୍ଟ, ଉଭୟଙ୍କ ଠିକଣା ପ୍ଲଟ୍ ନଂ: ୨୫୫୭/୩୮୭୭ ଏବଂ ୨୫୫୭/୬୧୭୪, ଖାତା ନଂ: ୩୪୪/୫୩୨, ସମ୍ବଲପୁର ଟାଉନ୍ ନଂ.୩, ଚାରଭାଟି, ଧନୁପାଲ୍ଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁମିତ୍ରା ଭଟ୍ଟ, ସ୍ୱାମୀ- ଶ୍ରୀ ସୋଭାନୀ ଭଟ୍ଟ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ: ୨୫୫୭/୩୮୭୭, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ପ୍ଲଟ୍ ନଂ: ୨୫୫୭/୬୧୭୪, କ୍ଷେତ୍ର: ଏକର ୦.୫୦ ଡିସିମିଲି, ଖାତା ନଂ: ୩୪୪/୫୩୨, ମୌଜା: ସମ୍ବଲପୁର ଟାଉନ୍ ନଂ.୩, ଥାନା: ଧନୁପାଲ୍ଲୀ, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ ୨୫୫୭ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ ୨୫୫୬ (ଅଂଶ), ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ ୨୫୪୭ | **୧୬.୦୮.୨୦୧୯ / ୧୪.୧୧.୨୦୧୯** | **୧୬.୦୮.୨୦୧୯ ସୁଦ୍ଧା ଟ.୧୩,୧୨,୨୪୫/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୨) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତା: ଶ୍ରୀ ପଞ୍ଚାନନ ନାଥ ମହନ୍ତ / ସହ-ଋଣଗ୍ରହୀତା: ଶ୍ରୀ ଉଦୟଭାନୁ ମହନ୍ତ, ଗ୍ୟାରେଣ୍ଟିଦାତା : ବୃଷଭାନୁ ମହନ୍ତ,** ଉଭୟଙ୍କ ଠିକଣା - ଖାତା ନଂ: ୯୨/୧୭, ପ୍ଲଟ୍ ନଂ: ୩୮୬/୪୪୫, ମୌଜା: ହସ୍ପିୟବାହାଲ, ପୋ: ସିନ୍ଦୁରପଙ୍କ, ଥାନା: ଶାସନ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୧୧୨ | **ଶ୍ରୀ ପଞ୍ଚାନନ ନାଥ ମହନ୍ତ, ପିତା: ଶ୍ରୀ ଅଇଁଷ୍ଟାନାଥ ମହନ୍ତ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୮୬/୪୪୫, କ୍ଷେତ୍ର: ଏକର୦.୧୫ ଡ଼ିସିମିଲ, ଖାତା ନଂ.: ୯୨/୧୭, ମୌଜା: ହସ୍ପିୟବାହାଲ, ଥାନା: ଶାସନ, ତହସିଲି ଏବଂ ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭିମା ମୁଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ନିଜ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | **୨୮.୦୮.୨୦୧୯ / ୧୪.୧୧.୨୦୧୯** | **୨୮.୦୮.୨୦୧୯ ସୁଦ୍ଧା ଟ.୫,୩୯,୪୦୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୩) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତାମାନେ: ୧) ସୁବ୍ରତ ନାୟକ,** ପିତା: ରାମ ପ୍ରସାଦ ନାୟକ, **୨) କାଳେନ୍ଦ୍ରୀ ନାୟକ,** ସ୍ୱାମୀ: ରାମ ପ୍ରସାଦ ନାୟକ / **ଗ୍ୟାରେଣ୍ଟିଦାତା : ରାମ ପ୍ରସାଦ ନାୟକ,** ସମସ୍ତଙ୍କ ଠିକଣା - ଖାତା ନଂ: ୧୩୦/୪୩୦, ପ୍ଲଟ୍ ନଂ: ୧୪୮୫/୨୪୨୭, ମୌଜା: ଲାରପଙ୍କ, ବିହାରୀପଡା, ଭଙ୍ଗାମୁଣ୍ଡା, ରେମିଡ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୬ | **କାଳେନ୍ଦ୍ରୀ ନାୟକ, ସ୍ୱାମୀ: ରାମ ପ୍ରସାଦ ନାୟକ**ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ପ୍ଲଟ୍ ନଂ: ୧୪୮୫/୨୪୨୭, କ୍ଷେତ୍ର : ଏକର ୦.୫୦ ଡିସିମିଲି, ଖାତା ନଂ: ୧୩୦/୪୩୦, ମୌଜା: ଲାରପଙ୍କ, ଥାନା: ହୀରାକୁଦ, ତହସିଲ/ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପ୍ଲଟ୍ ନଂ:୧୪୮୪, ଦକ୍ଷିଣ: ପ୍ଲଟ୍ ନଂ:୧୪୮୫, ପୂର୍ବ: ପ୍ଲଟ୍ ନଂ:୧୪୮୬, ପଶ୍ଚିମ: ପ୍ଲଟ୍ ନଂ: ୧୪୮୫ (ଅଂଶ) | **୦୫.୦୯.୨୦୧୯ / ୧୪.୧୧.୨୦୧୯** | **୦୬.୦୯.୨୦୧୯ ସୁଦ୍ଧା ଟ.୧୪,୨୮,୦୧୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୪) | **ରେଙ୍ଗାଲି ଶାଖା** **ଋଣଗ୍ରହୀତାମାନେ: ୧) ଶ୍ରୀ ଟୁଲୁ ମହାପାତ୍ର ଏବଂ ୨) ଶ୍ରୀମତୀ ସୁନିତା ମହାପାତ୍ର,** ସା: ଧନୁପାଲୀ (ସୋନୀ ହୋଟେଲ), ପୋ: ଧନୁପାଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁନିତା ମହାପାତ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଥେଲକୋଲଇ, ଥାନା: ରେଙ୍ଗାଲି, ତହସିଲି: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର, ଖାତା ନଂ: ୨୧୮/୧୯୭, ପ୍ଲଟ୍ ନଂ: ୧୫୫୩/୪୨୩୯ (ଅଂଶ), କ୍ଷେତ୍ର: ୦.୦୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ ୧୫୫୪, ପୂର୍ବ: ପ୍ଲଟ୍ ନଂ ୧୫୫୫, ପଶ୍ଚିମ: ପ୍ଲଟ୍ ନଂ୧୫୫୨ | **୨୬.୦୮.୨୦୧୯ / ୧୫.୧୧.୨୦୧୯** | **୨୬.୦୮.୨୦୧୯ ସୁଦ୍ଧା ଟ.୧୦,୪୦,୭୮୭/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ: ସମ୍ବଲପୁର**
**ତାରିଖ: ୨୦.୧୧.୨୦୧୯**

**କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା**



"ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଲରମ୍ଭା ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

**ଅତାବିରା,୨୦।୧୧ (ଡି.ଏନ.ଏ.)** ବରଗଡ ଜିଲା ଅତାବିରା ବ୍ଲକ ଲରମ୍ଭା ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ମହାକୁରଙ୍କ ବୁଧବାର ଭୋର ସାଢ଼େ ୫ଟାରେ ତାଙ୍କ ବାସଭବନରେ ହଠାତ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ଅତାବିରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁଅ ସଚିନ ମହାକୁର ମୁଖାଗ୍ନି ଦେଇଥିଲେ।



### ୫୦ ବୋତଲ କୋରେକ୍ସ ସହ ଜଣେ ଗିରଫ

**ପାଇକମାଲ,୨୦।୧୧୯ଡି.ଏନ.ଏ.)** ପାଇକମାଲ ଥାନା ପୋଲିସ ୫୦ ବୋତଲ କୋରେକ୍ସ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜୟନ୍ତ ନାଗ (୨୮)। ଏହା ସହ ଏକ ବାଇକ୍ (ସିଜି ୦୬ଜିସି୩୧୬୭) ଓ ୨ଟି ମୋବାଇଲ ଫୋନ୍ ସହ ନଗଦ ୧ହଜାର ୭୧୦ ଟଙ୍କା ଜବତ କରଛି। ଏ ନେଇ ଥାନାରେ ଏକ ମାମଲା ରଜୁ ହୋଇଛି।



### ବ୍ଲକସ୍ତରୀୟ ଦକ୍ଷତା ବିକାଶ ପରାମର୍ଶ ଶିବିର

**ପଦ୍ମପୁର,୨୦।୧୧(ଡି.ଏନ.ଏ.)** ପଦ୍ମପୁରସ୍ଥିତ ରାଜାଜୀ ଟାଉନ୍ ହଲ୍‌ଠାରେ ବ୍ଲକସ୍ତରୀୟ ଦକ୍ଷତା ବିକାଶ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନାରେ ଓର୍‌ମାସ ତଥା ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ଏବିଡିଓ ସନୁ ବାଗ ଅତିଥି ଭାବରେ ଉପସ୍ଥିତ ଥିଲେ । ବରଗଡ ଓରମାସ ଅତିରିକ୍ତ ନିର୍ଦ୍ଦେଶକ ରାଜଗୋପାଳ ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଶିବିରରେ ୧୮ରୁ ୩୫ ବର୍ଷ ବୟସର ୨୮୬ଜଣ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିଲେ। ୨୨୧ ଜଣଙ୍କୁ ୧୧ଟି ତାଲିମ ପ୍ରଦାନକାରୀ ସଂସ୍ଥା ଚୟନ କରିଛି। ଏହି ଶିବିରକୁ ଦକ୍ଷତା ବିକାଶ ସଂଯୋଜକ ନିତ୍ୟାନନ୍ଦ ପ୍ରଧାନ ଓ ବିପିଏମ ସତ୍ୟ କୁମାର ପରିଚାଳନା କରିଥିଲେ। ଆଇପିଓ ଯଶୋବନ୍ତ ଦାସ, ବିଏସଏସଓ ରଜନୀକାନ୍ତ ବହିଦାର, ବିଏଲସି ଯୋଗେଶ୍ୱରୀ ଧରୁଆ, ଦେବ ମହାନନ୍ଦ, ନିରଞ୍ଜନ ଲୁହା ଆଦି ପ୍ରମୁଖ ସହଯୋଗ କରିଥିଲେ।





ଅତାବିରାରେ ଦୋକାନ ବଜାର ବନ୍ଦ ରହିଛି(ବାମ)। କଟାପାଲିରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି(ମଝି)। ଅତାବିରାରେ ଚାଷୀଙ୍କ ବୈଠକରେ ପୂର୍ବତନ ବିଧାୟକ ନୀହାର ମହାନନ୍ଦ ଉଦବୋଧନ ଦେଉଛନ୍ତି ।

# ଟଳିନି ଟୋକନ ବିବାଦ, ତେଜୁଛି ଆନ୍ଦୋଳନ

**ବରଗଡ଼ ଅଫିସ୍/ଅତବିରା/ ସରଣ୍ଡା/ ଭେଡ଼େନ,୨୦।୧୧**

- ଅତାବିରାରେ ୧୨ଘଣ୍ଟିଆ ବନ୍ଦ ପାଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ
- କଟାପାଲିରେ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କଲେ
- ରାଜପଥ ଉପରେ ଧାନଗଦା କରିବା ପାଇଁ ଚାଷୀଙ୍କ ସଜବାଜ

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାର ଚଳିତଥର ଲାଗୁ କରିଥିବା ଟୋକନ ବ୍ୟବସ୍ଥାକୁ ନେଇ ବିବାଦ ଥମିବାର ନାଁ ନେଉ ନାହିଁ। ଅନ୍ୟପଟେ ଟୋକନ ବ୍ୟବସ୍ଥା ବିରୋଧରେ ଦିନକୁ ଦିନ ଆନ୍ଦୋଳନ ତେଜିବାରେ ଲାଗିଛି। ଜିଲାର ବରଗଡ଼, ଅତାବିରା, ଭେଡ଼େନ ଅଞ୍ଚଳରେ ତାଲା ପକାଇ ଚାଷୀମାନେ ବିଭିନ୍ନ ସରକାରୀ ଅଫିସକୁ ଅଚଳ କରିଦେଇ ଥିବାବେଳେ ବୁଧବାର ଅତାବିରାରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ସେହିପରି ବରଗଡ଼ ବ୍ଲକ କଟାପାଲି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ଅଞ୍ଚଳର ଚାଷୀମାନେ ସୋମବାରରୁ ତାଲା ମାରିଥିବାବେଳେ ବୁଧବାର ପ୍ୟାକ୍ସ ଅଫିସ ଆଗରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କୁଶ ପୁତ୍ତଳିକା ଦାହ କରି ଟୋକନ ବ୍ୟବସ୍ଥାର ପ୍ରତିବାଦ କରିଛନ୍ତି। ତେବେ ଗୁରୁବାର ଅତାବିରା ଅଞ୍ଚଳରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ରାଜପଥ ଉପରେ ଧାନ ଗଦାଇବା ପାଇଁ ସଜବାଜ ହେଉଥିବା ମଧ୍ୟ ସୂଚନା ମିଳିଛି।

ବରଗଡ଼ ଜିଲାରେ ଗତ ୧୫ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ସେହିଦିନଠାରୁ ଜିଲାର ଅତାବିରା, ବରଗଡ଼, ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ଅଧିନରେ ସମୁଦାୟ ୧୬୯ଟି ମଣ୍ଡି ଖୋଲିଛି। ତେବେ ଗତମାସ ୩୧ତାରିଖ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏଥର ନୂଆଭାବେ ଲାଗୁ ହୋଇଥିବା ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଚାଷୀମାନେ ଦାବି କରିଥିଲେ ସୁଦ୍ଧା ତାକୁ କାର୍ଯ୍ୟକାରୀ କରାଯାଇଛି। ଏହା ଜାଣିବା ପରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଟୋକନ ବ୍ୟବସ୍ଥାକୁ ନେଇ ବିରୋଧ ବଢ଼ିବାରେ ଲାଗିଛି ।

ଏହି କ୍ରମରେ ଅତାବିରା, ଭେଡ଼େନ ଓ ବରଗଡ଼ ଅଞ୍ଚଳର ଚାଷୀମାନେ ସଂଗଠିତ ହୋଇ ମଣ୍ଡି ଖୋଲିବା ଦିନଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରଣ ସତ୍ତ୍ୱେ ଅତାବିରା, ଗୋଡ଼ଭଗା ଭଳି କେତେକ ମଣ୍ଡିକୁ ବିନା ଟୋକନରେ ଧାନ ନେଇ ଚାଷୀମାନେ ସେଠାରେ ଗଦା କରିଛନ୍ତି। ତେବେ ଗତ ସୋମବାରଠାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଚାଷୀଙ୍କ ଆନ୍ଦୋଳନ ଯୋଗୁ ବରଗଡ଼, ଅତାବିରା, ଭେଡ଼େନ ଅଞ୍ଚଳର ବିଭିନ୍ନ ସରକାରୀ ଅଫିସ ଅଚଳ ହୋଇ ପଡ଼ିଛି। ଏହାସତ୍ତ୍ୱେ ଟୋକନ ବ୍ୟବସ୍ଥା ଉଚ୍ଛେଦ ହୋଇ ନ ଥିବା ଯୋଗୁ ଅତାବିରା ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପାଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିବାବେଳେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅତାବିରା ଅଞ୍ଚଳର ଦୋକାନ, ବଜାର, ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରହିଥିଲା। ମାତ୍ର ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ଅନୁରୂପଭାବେ ଭେଡ଼େନ ବ୍ଲକର ଥୁଆପାଲି, ଲୁପୁରସିଂହା, ଖୁଣ୍ଟପାଲି ଅଞ୍ଚଳରେ ବନ୍ଦ ପାଳନ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ବରଗଡ଼ ବ୍ଲକ କଟାପାଲି ପ୍ୟାକ୍ସରେ ସୋମବାରରୁ ତାଲା ଝୁଲୁଛି। ଉକ୍ତ ପ୍ୟାକ୍ସ ସମ୍ମୁଖରେ ଚାଷୀମାନେ ଧାରଣାରେ ବସି ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବି କରୁଥିବାବେଳେ ବୁଧବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେହିପରି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ଅତାବିରାରେ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ଏକ ବୈଠକ ମଧ୍ୟ ହୋଇଥିବା ଖବର ହସ୍ତଗତ ହୋଇଛି। ମାତ୍ର ଚାଷୀଙ୍କ ଏଭଳି ବିରୋଧ ସତ୍ତ୍ୱେ ମଧ୍ୟ ଟୋକନ ବ୍ୟବସ୍ଥା ଉଚ୍ଛେଦ ନେଇ ସରକାରୀ ସ୍ତରରେ ଉଦ୍ୟମ ସୁଦ୍ଧା ହେଉ ନ ଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ଟୋକନ ବ୍ୟବସ୍ଥାରେ ଧାନ କିଣାବିକା ସଂଗ୍ରହ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରୟାସ ଚାଲୁଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

## ବାଲି ବୋଝେଇ ଉମ୍ପର ୫୫ ହଜାର ଟଙ୍କା ଜରିମାନା ଗଣିଲେ

**ପଦ୍ମପୁର, ୨୦।୧୧ (ଡି.ଏନ.ଏ.)**

ଓଡିଶାରୁ ପ୍ରତିଦିନ ଛତିଶଗଡକୁ ବାଲି ଚୋରାରେ ଯାଉଛି। ଏଥିପାଇଁ ରାଜସ୍ୱ ବିଭାଗ ବାଲି ମାଫିଆଙ୍କୁ ସହଯୋଗ କରୁଛି। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ଏହିକ୍ରମରେ ପଦ୍ମପୁର ଉପଖଣ୍ଡ ଜଗଦଲପୁରଠାରେ ଥିବା ଅଙ୍ଗନଦୀରୁ ଛତିଶଗଡକୁ ଯାଇଥିବା ୨ଟି ବାଲି ବୋଝେଇ ଡମ୍ପର ୫୫ ହଜାର ଟଙ୍କା ଜରିମାନା ଗଣିଛନ୍ତି।

## ଓଡ଼ିଶାରେ ପୋଲ ନିର୍ମାଣ ପାଇଁ ଛତିଶଗଡ଼ବାସୀଙ୍କ ଦାବି



ଓଡ଼ିଶାରେ ପୋଲ ନିର୍ମାଣ ପାଇଁ ଛତିଶଗଡ଼ବାସୀ ପଦଯାତ୍ରାରେ ପଦ୍ମପୁରରେ ପହଞ୍ଚିଛନ୍ତି।

**ପଦ୍ମପୁର, ୨୦।୧୧ (ଡି.ଏନ.ଏ.)**

ଛତିଶଗଡ ଓ ଓଡିଶାକୁ ସଂଯୋଗ କରୁଥିବା ସରେଇପାଲି ପଦ୍ମପୁର ରାସ୍ତା ମଝିରେ ଲଖମରା-ଚର୍ଦାପାଲିଠାରେ ଅଙ୍ଗନଦୀ ପ୍ରତିବନ୍ଧକ ସାଜିଛି । ଓଡିଶାର ଲଖମରା- ଚର୍ଦାପାଲି ଓ ଅଞ୍ଚଳବାସୀ ଏଥିରେ ଏକ ପୋଲ ନିର୍ମାଣ ପାଇଁ ଅନେକ ଥର ଦାବି କରିଛନ୍ତି। କିନ୍ତୁ ସବୁ ପ୍ରତିଶ୍ରୁତି ବିଫଳ ହୋଇଛି। ଶେଷରେ ଛତିଶଗଡ ସରାଇପାଲି ଥାନା ବୈତାରୀ ଗ୍ରାମର ସାମାଜିକ କର୍ମୀ ପଣ୍ଡିତ ଟିକେଶ୍ୱର ମିଶ୍ରାଙ୍କ ନେତୃତ୍ୱରେ ଏକ ଟିମ୍ ପଦ୍ମପୁର ଆସି ଏଠାକର ସ୍ଥାନୀୟ ପ୍ରଶାସନକୁ ଭେଟିଛନ୍ତି। ସେମାନେ ସେଠାରୁ ପଦଯାତ୍ରାରେ ବାହାରିଥିଲେ। ଲଖମରା- ଚର୍ଦାପାଲିଠାରେ ଅଙ୍ଗ ନଦୀରେ ପୂଜାର୍ଚ୍ଚନା ପରେ ପଦଯାତ୍ରା ପଦ୍ମପୁର ଅଭିମୁଖେ ବାହାରିଥିଲା। ପଦଯାତ୍ରାକୁ ଚର୍ଦାପାଲି, ଲଖମରା ଗ୍ରାମ ପଞ୍ଚାୟତବାସୀଙ୍କ ତରଫରୁ ସ୍ୱାଗତ କରା ଯାଇଥିଲା। ଲଖମରା ଗାନ୍ଧୀ ଛକଠାରେ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ମଧୁସୂଦନ ଦାଶ ଓ ଗ୍ରାମବାସୀ ସେମାନଙ୍କୁ ସ୍ୱାଗତ କରିଥିଲେ। ଅଙ୍ଗନଦୀରେ ପୋଲ ନିର୍ମାଣ, ପଦ୍ମପୁରକୁ ଜିଲା ଭାବରେ ଘୋଷଣା, ପଶ୍ଚିମାଞ୍ଚଳର ୧୩ଟି ଜିଲାକୁ ନେଇ କୋଶଳ ରାଜ୍ୟ ଗଠନ ଓ ବରଗଡଠାରୁ ଖରିଆର ରୋଡ ଭାୟା ପଦ୍ମପୁର ଦେଇ ରେଳପଥ ସଂପ୍ରସାରଣ ପାଇଁ ସ୍ଥାନୀୟ ପ୍ରଶାସନକୁ ଦାବି କରାଯାଇଛି।

## ବିଶ୍ୱ ପାଇଲସ୍ ଦିବସ

**ପାଇକମାଲ, ୨୦।୧୧ (ଡି.ଏନ.ଏ)**

ବରଗଡ ଜିଲାରେ ଅବସ୍ଥିତ ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ପାଇଲ୍ସ ଦିବସ ପାଳିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ନଭେମ୍ବର ୨୦ ତାରିଖକୁ ବିଶ୍ୱ ପାଇଲସ୍ ଦିବସ ରୂପେ ପାଳିତ ହେଉଛି। ଏଥିରେ ଏଲୋପାଥି ଅପେକ୍ଷା ଆୟୁର୍ବେଦରେ ସଫଳତାର ସହିତ ଚିକିତ୍ସା ସମ୍ଭବ ହେଉଛି। ଆୟୁର୍ବେଦରେ ମହର୍ଷି ସୁଶ୍ରୁତଙ୍କ ଚିକିତ୍ସା ପ୍ରଣାଳୀ ଅନୁସାରେ ଭେଷଜ, ଅଗ୍ନି କର୍ମ, କ୍ଷାର କର୍ମ, ଶସ୍ତ୍ର କର୍ମ ଦ୍ୱାରା ରୋଗୀମାନେ ଅଳ୍ପ ଖର୍ଚ୍ଚରେ ସଫଳତାର ସହିତ ଉପକୃତ ହେଉଛନ୍ତି ବୋଲି ଏଥିରେ କୁହାଯାଇଛି। ମହାବିଦ୍ୟାଳୟର ସମ୍ପାଦକ ମନୋଜ କୁମାର ତ୍ରିବେଦୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ଡା. କାମିନୀ କର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଡା. ଜଗବନ୍ଧୁ ମିଶ୍ର ଯୋଗ ଦେଇଥିଲେ। ଡା. ଅଭିରାମ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡା. ମଧୁସୂଦନ ମେହେର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରଫେସର ସୁରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବରପାଲିରେ କୃଷକ ସମାବେଶ

- ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବିରେ ଚାଷୀଙ୍କ ଧାରଣା

**ବରପାଲି, ୨୦।୧୧ (ଡି.ଏନ.ଏ.)**

ଚାରିଆଡେ ଟୋକନ ବ୍ୟବସ୍ଥା ପ୍ରତ୍ୟାହାର ଦାବିରେ ଚାଷୀ ଆନ୍ଦୋଳନ ବ୍ୟାପକ ଆକାର ଧାରଣ କରିଥିବା ବେଳେ ବୁଧବାର ବରପାଲି ମାର୍କେଟ ୟାର୍ଡ ପରିସରରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ଶତାଧିକ ଚାଷୀ, କୃଷକ ଯୋଗଦେଇ ସରକାରଙ୍କ ଭୁଲ୍ ନିଷ୍ପତ୍ତିର ପ୍ରତିବାଦ କରିବା ସହ ଚାଷୀମାରଣ ନୀତି ଟୋକନ ବ୍ୟବସ୍ଥାର ଖୋଲାଖୋଲି ବିରୋଧ କରିଥିଲେ। ଅନ୍ୟପକ୍ଷରେ ଧାନ ବିକ୍ରିର ସହାୟକ ମୂଲ୍ୟ ପ୍ରଦାନ, କୃଷି ଋଣ ଛାଡ, ଟୋକନ ବ୍ୟବସ୍ଥା ପ୍ରତ୍ୟାହାର ଆଦି ଦାବି କରି କେତେକ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚାଷୀନେତା ମଧୁ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭା ପରେ ଚାଷୀମାନେ ଏକ ଶୋଭାଯାତ୍ରାରେ ଯାଇ ତହସିଲ ଅଫିସରେ ତାଲା ପକାଇ ଦେଇଥିଲେ। ଫଳରେ ଅଫିସ କାର୍ଯ୍ୟରେ ବାଧାସୃଷ୍ଟି ହେବା ସହ କର୍ମଚାରୀମାନେ ବାହାରେ ରହିଥିଲେ। ପରେ ଅତିରିକ୍ତ ତହସିଲଦାର ଲୋପାମୁଦ୍ରା କାର୍ଲେଙ୍କ ସହ ଆଲୋଚନା ହେବା ସହ ତାଙ୍କୁ ଏକ ଏକ ଦାବିପତ୍ର ଦିଆଯାଇଥିଲା। ମଧୁ ପଧାନଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟରେ କୁମ୍ଭାରୀ ସମବାୟ ସଭାପତି କସ୍ତୁବ ସାହୁ, ସୁରେଶ୍ୱର ଶତପଥୀ, ସୁରେନ୍ଦ୍ର ପତି, ଯୁବରାଜ ପୂଝାରୀ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ। ଶେଷରେ ତହସିଲଦାର ଶରତ ଚନ୍ଦ୍ର ବାଘ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ ।



ଚାଷୀଙ୍କୁ ସରକାରୀ ଅଧିକାରୀ ବୁଝାଉଛନ୍ତି।

## ବରିଷ୍ଠ ନାଗରିକ ଦିବସ

**ପାଇକମାଲ,୨୦।୧୧୯ଡି.ଏନ.ଏ.):** ପାଇକମାଲ ସ୍ଥିତ ନୃସିଂହନାଥ ଧର୍ମଶାଳାରେ ବୁଧବାର ପାଇକମାଲ ବ୍ଲକସ୍ତରୀୟ ଅନ୍ତର୍ଜାତିୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇ ଯାଇଛି। ଏଥିରେ ଅତିଥି ଭାବରେ ବ୍ଲକ ଅଧକ୍ଷ ଅଲତାପ ମହମଦ, ଆଇଆଇସି ବିଶ୍ୱଜିତ ମନବୋଧ, ନନ୍ଦଲାଲ ତ୍ରିବେଦୀ, ବଳରାମ ସାହୁ, ଭାଗ୍ୟଧର ସାହୁ, ରମେଶଚନ୍ଦ୍ର ସେଠୀ ଯୋଗ ଦେଇଥିବା ବେଳେ ବିଡିଓ ସଦାଶିବ ନାୟକ ସଭାପତିତ୍ୱ କରିଥିଲେ। ଏଥିର ପୋଇକମାଳ ଅଞ୍ଚଳର ୨୫୦ ଜଣ ବୟୋଜ୍ୟୋଷ୍ଠ ନାଗରିକ ଯୋଗ ଦେଇଥିଲେ। ରମେଶ ଚନ୍ଦ୍ର ଧନ୍ୟବାଦ ଦେଇଥିଲେ।



ନୃସିହଂନାଥ ଧର୍ମଶାଳାରେ ବୁଧବାର ପାଇକମାଳ ବ୍ଲକସ୍ତରୀୟ ଅନ୍ତର୍ଜାତିୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରେ ଅନୁଷ୍ଠିତ ସଭାରେ ଅତିଥିମାନେ।



ରେମଣ୍ଡା ଫୁଟବଲ ମହୋତ୍ସବରେ ଅତିଥି ଓ ଖେଳାଳି।

## ରେମଣ୍ଡା ଫୁଟବଲ ମହୋତ୍ସବ, ଜାଙ୍ଗେଡ଼ ଦଳ ବିଜୟୀ

**ଭେଡ଼େନ,୨୦।୧୧(ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳପଡ଼ିଆରେ ଚାଲିଥିବା ରେମଣ୍ଡା ଫୁଟବଲ ମହୋତ୍ସବର ପଞ୍ଚମ ଦିବସ ବୁଧବାର ମ୍ୟାଚରେ ଜାଙ୍ଗେଡ଼ ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜୟୀଦଳ ଚିଚିଣ୍ଡା ଏକାଦଶକୁ ୬-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ହିମାଂଶୁ ସାହୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଉର୍କୁଲୁ ତାଣ୍ଡି, ରଶ୍ମି ରଞ୍ଜନ ପାଢ଼ୀ, ହରେକୃଷ୍ଣ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଶିବାନନ୍ଦ ଦାଶ, ବିଶିକେଶନ ପ୍ରଧାନ ଏବଂ ଗୁଣବନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଖଇରମାଲ ଓ ଗଣ୍ଡିଆପାଲି ମଧରେ ମ୍ୟାଚ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

# ଚାଷୀ-ପ୍ରଶାସନ ବଳ କଷାକଷି

**ବରଗଡ଼ ଅଫିସ,୨୦।୧୧**

**ବିରୋଧ ସତ୍ତ୍ୱେ ଧାନ କିଣାବିକା**

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ବ୍ୟବସ୍ଥାକୁ ନେଇ ବରଗଡ଼ ଜିଲାରେ ଚାଷୀ ଓ ପ୍ରଶାସନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଟୋକନ ବ୍ୟବସ୍ଥା ବିରୋଧରେ ଚାଷୀମାନେ ଉଭୟ ସରକାରୀ, ପ୍ରଶାସନିକ କଳ ଉପରେ ବିଷୋଦଗାର କରିଆନ୍ଦୋଳନ ଓହ୍ଲାଇଛନ୍ତି। ଅପରପକ୍ଷେ ରାଜ୍ୟ ସରକାରଙ୍କ ଏହି ନୂତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ତଥା ପ୍ରଶାସନିକ କଳ ଲାଗି ପଡ଼ିଥିବା ଜଣାପଡ଼ିଛି। ଏହି କ୍ରମରେ ଚାଷୀଙ୍କ ବିରୋଧ ସତ୍ତ୍ୱେ ଟୋକନ ମାଧ୍ୟମରେ ଜିଲାର ବରଗଡ଼, ଅତାବିରା ଓ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧିନ ବିଭିନ୍ନ ମଣ୍ଡିରେ ଧାନ ସଂଗୃହୀତ ହୋଇଛି। ତନ୍ମଧ୍ୟରେ ବରଗଡ଼ ଓ ପଦ୍ମପୁର ଆରଏମସି ଅଧୀନରେ ସଂଗୃହୀତ କିଛି ପରିମାଣର ଧାନ ବିକ୍ରି ହୋଇ ସାରିଥିବାବେଳେ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ସଂଗୃହୀତ ଧାନ ବିକ୍ରି ହୋଇ ନାହିଁ।

ସୂଚନା ଅନୁଯାୟୀ, ବୁଧବାର ସୁଦ୍ଧା ଅତାବିରା ଆରଏମସି ଅଧୀନ ବିଭିନ୍ନ ମଣ୍ଡିରେ ୧ଲକ୍ଷ ୫୭ହଜାର ୯୨୮ ପକେଟ୍ ଧାନ ପଡ଼ିଛି। ସେଥିରୁ ୪୪ହଜାର ୮୪୫ ପକେଟ୍ ଧାନ ଟୋକନ ମାଧ୍ୟମରେ ସଂଗୃହୀତ ହୋଇଛି। ସେହିପରି ମଣ୍ଡିରେ ପଡ଼ିଥିବା ବାକି ଧାନ ମଧ୍ୟରୁ ଅନେକ ଚାଷୀଙ୍କ ଟୋକନ ମଧ୍ୟ ଆସିଛି। ହେଲେ ସମ୍ପୃକ୍ତ ଚାଷୀମାନେ ତାହା ନେଉ ନ ଥିବା ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ୍ ବାରିକ କହିଛନ୍ତି। ସେହିପରି ବରଗଡ଼ ଆରଏମସି ଅଧିନ ମଣ୍ଡି ଗୁଡ଼ିକୁ ଟୋକନ ମାଧ୍ୟମରେ ବୁଧବାର ସୁଦ୍ଧା ୯୦ଜଣ ଚାଷୀଙ୍କ ୧୯ହଜାର ୪୧୩ ପକେଟ୍ ଧାନ ଆସିଛି। ଉକ୍ତ ଆରଏମସି ଅଧିନ ଅଡ଼ଗାଁ, ଭଟଲି, କେଶେଇପାଲି, ଗୁଡ଼େଶିରା, ଖଣ୍ଡହଥା ଆଦି ମଣ୍ଡିରେ ତାହା ସଂଗୃହୀତ ହୋଇଛି। ସେଥିମଧ୍ୟରୁ ଖଣ୍ଡହଥା ମଣ୍ଡିରେ ସଂଗୃହୀତ ୫୦୧ ପକେଟ୍ ଧାନ ବିକ୍ରି ହୋଇ ସାରିଥିବା ବରଗଡ଼ ଆରଏମସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ କହିଛନ୍ତି। ଅନୁରୂପଭାବେ ଟୋକନ ମାଧ୍ୟମରେ ପଦ୍ମପୁର ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ୬୪ଜଣ ଚାଷୀ ୮୧୬୦ ପକେଟ୍ ଧାନ ଆଣିଛନ୍ତି । ଉକ୍ତ ଆରଏମସି ଅଧିନ ପଦ୍ମପୁର, ଦହିଗାଁ, କନସିଂହା, ବରିକେଲ, ସୋହେଲା, ସାଇପାଲି, ବୁଢ଼େନ ଆଦି ମଣ୍ଡିରେ ତାହା ସଂଗୃହୀତ ହୋଇଥିବାବେଳେ ଧାନ ଉଠାଣ ପ୍ରକ୍ରିୟା ଚାଲିଥିବା ଖବର ହସ୍ତଗତ ହୋଇଛି। ଗୋଟିଏ ପଟେ ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବିରେ ଚାଷୀମାନେ ଆନ୍ଦୋଳନରେ ଅଟଳ ଥିବାବେଳେ ଅନ୍ୟପଟେ ଟୋକନ ମାଧ୍ୟମରେ ଜିଲାର ବିଭିନ୍ନ ମଣ୍ଡିରେ ଏଭଳି ଧାନ କିଣାବିକା ହେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
-ସକ୍ରେଟିସ୍



## ସଂକ୍ଷେପରେ

### ଦୁର୍ବୃତ୍ତଙ୍କ ଆକ୍ରମଣରେ ଗହଣା ବ୍ୟବସାୟୀ ଗୁରୁତର

**ରାଉରକେଲା ଅଫିସ, ୨୦।୧୧:** ରାଉରକେଲା ସେକ୍ଟର-୧୯ରେ ଗହଣା ଦୋକାନ କରିଥିବା ବ୍ୟବସାୟୀ ପ୍ରସାଦ ଜୁଏଲାରୀର ମାଲିକ ବିନାୟକ ପ୍ରସାଦଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ବିନାୟକଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିନାୟକ ସବୁଦିନ ଭଳି ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ସେକ୍ଟର -୧୯ରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ପରେ ଘରୁ ବାହାରି ରାଉରକେଲାରୁ ଆସୁଛି ବୋଲି ପରିବାର ଲୋକଙ୍କୁ କହିବା ସହ କାର ଧରି ଘରୁ ବାହାରିଥିଲେ। ତେବେ ଗଞ୍ଜାମ ବସ୍ତି ଟ୍ରାଫିକ ଗେଟ ନିକଟରେ କେତେକ ଦୁର୍ବୃତ୍ତ ବିନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଣସି ପରିଚିତ ବ୍ୟକ୍ତି ବିନାୟକଙ୍କୁ କାର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏ ନେଇ ବିନାୟକଙ୍କ ସମ୍ପର୍କୀୟ ଦିବାକର ପ୍ରସାଦ ପ୍ଲାଣ୍ଟସାଇଟ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

### ସୁରେନ୍ଦ୍ର ମେମୋରିଆଲ ଫୁଟବଲ

# ଲୋଇସିଂହାକୁ ଟାଇଟଲ

**ଦେଓଗାଁ, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପଞ୍ଚମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲଓଡିଶା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଇଲେଭେନଷ୍ଟାର ସମ୍ବଲପୁର ଓ ଏପିଜେ ଅବଦୁଲ କାଲାମ ଲୋଇସିଂହା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ସମ୍ବଲପୁର ଦଳ ପକ୍ଷରୁ ଗଣେଷ ମୁଣ୍ଡା ଗୋଲ ଦେଇଥିଲେ । ଖେଳର ଦ୍ୱିତୀୟାର୍ଦ୍ଧରେ ଲୋଇସିଂହା ତରଫରୁ ସୁଶାନ୍ତ ଓରାମ ଗୋଲଦେଇ ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଲୋଇସିଂହା ବିଜୟୀ ହୋଇଥିଲା। ସମ୍ବଲପୁର ଦଳର ସୀତାରାମ ଓରାମଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଲୋଇସିଂହାର କିଶୋର ନାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଲୋଇସିଂହା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଏ ଅବସରରେ ବରିଷ୍ଠ ଫୁଟବଲ ଖେଳାଳି ଅଶୋକ ଦଣ୍ଡସେନା ଓ କହ୍ନେଇ ପରଧିଆ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖେଳକୁ ଶ୍ରୀବତ୍ସ ମେହେର, କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, କୈଳାସ କର୍ତ୍ତା, ଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ । ପରିଚାଳନା କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ଓ ପ୍ରମୋଦ କୁମାର ବହିଦାରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ରୀନା ମେହେର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ୧୫ ହଜାର ଅର୍ଥ ରାଶି ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ଫାଇନାଲ ଖେଳ ପୂର୍ବରୁ ଭୁବନେଶ୍ୱର ଓ ବରଗଡ ମହିଳା ଫୁଟବଲ ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ଅମୀମାଂସିତ ରହିଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ଜରାସିଂହା ପ୍ୟାକ୍ସ ନିର୍ଦ୍ଦେଶିକା ଯଶୋଦା ମେହେର ପ୍ରମୁଖ ଯୋଗଦେଇଥିଲେ । ଟୁର୍ନାମେଣ୍ଟକୁ କୋଷାଧ୍ୟକ୍ଷ ଲିଲୁ ସିଂ ତଥା ବିଏନଏଏ ସଦସ୍ୟମାନେ ସହଯୋଗ କରିଥିଲେ।

## ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ସାଂସ୍କୃତିକ କମିଟି ବୈଠକ

**ବଲାଙ୍ଗୀର ଅଫିସ,୨୦।୧୧**

ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ପ୍ଲାଟିନିୟମ ଜୁବିଲି ସାଂସ୍କୃତିକ କମିଟି ବୈଠକ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଛି । ବୈଠକରେ ଆଲୁମ୍ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ ଓ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ ଯୁଗ୍ମ ଭାବେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଡିସେମ୍ବର ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ହେବାକୁ ଥିବା ପ୍ଲାଟିନିୟମ ଜୁବୁଲି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ବ୍ୟାପକ ଆଲୋଚନା ହୋଇଥିଲା । ଆସନ୍ତା ୨୪ ତାରିଖରେ ଅପରାହ୍ଣ ସାଢ଼େ ୫ଟାରେ ସାଂସ୍କୃତିକ କମିଟି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସ୍ତାବଗୁଡିକର ଚୂଡାନ୍ତ ରୂପ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା । କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ନେଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ସାହୁ, ଅଶୋକ କୁମାର ମିଶ୍ର, ହିମାଂଶୁ ଶେଖର ଖମାରୀ, ସୁରେଶ ଚନ୍ଦ୍ର ସାହୁ, ଜ୍ୟୋତି ରଞ୍ଜନ ବେଦ୍‌ବାକ୍, ଲଳିତ ପୂଝାରୀ, ନବଘନ ଦାଶ, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ହରିନାରାୟଣ ପୂଝାରୀ, କପିଳେଶ୍ୱର ଖମାରୀ, ସନ୍ଦୀପ କୁମାର ବାଗ, ଅଚ୍ୟୁତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷରେ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ପ୍ଲାଟିନମ ଜୁବୁଲି ସାଂସ୍କୃତିକ କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇ ସୁଲକ୍ଷଣୀ ହୋଇଥା**
**ମଥାରେ ସିନ୍ଦୂର ନାଇଥା ।**

ସ୍ତ୍ରୀ ସଧବା ରହିବା ହିନ୍ଦୁ ସମାଜରେ ଅତି ପୁଣ୍ୟର ଲକ୍ଷଣ ବା ସୌଭାଗ୍ୟର କଥା ହୋଇଥାଏ । ସେ ବଞ୍ଚିଥିବା ପର୍ଯ୍ୟନ୍ତ ସ୍ୱାମୀ ଜୀବିତ ଥିଲେ ଅଇ ସୁଲକ୍ଷଣୀ ବୋଲି କୁହାଯାଏ । ଏହା ସ୍ତ୍ରୀମାନଙ୍କ ପ୍ରତି ଆଶୀର୍ବାଦ ବାଣୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ନଡ଼ବଡ଼ ବାଉଁଶ କଣି**
**କେମିତି କାଢ଼ିବୁ ବାମ୍ଫିରୁ ପାଣି ?**

ବାମ୍ଫିରୁ ପାଣି କାଢ଼ିବାରେ ବହୁ ଶାରୀରିକ ଶ୍ରମ ଲୋଡ଼ା ପଡ଼ିଥାଏ। ଯାହାର ଶରୀର ରୁଗ୍‌ଣ, କ୍ଷୀଣ ତା'ପକ୍ଷେ ଏତେ ଗହୀରରୁ ପାଣି କାଢ଼ିବା ଖୁବ୍ କାଠିକର ପାଠ ହୋଇଥିବା ସ୍ଥଳେ ଦୁର୍ବଳ ମହିଳାଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

# କେନ୍ଦ୍ରୀୟ ଆଧାରରେ ଦରମା ଦିଅ

**ବଲାଙ୍ଗୀର ଅଫିସ, ୨୦।୧୧**

ବଲାଙ୍ଗୀର ଜିଲା ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ରାଜ୍ୟପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ଅମରେନ୍ଦ୍ର କୁମାର ବାଗ ଓ ସାଧାରଣ ସମ୍ପାଦକ ଦେବାଶିଷ ସାହୁଙ୍କ ନେତୃତ୍ୱରେ ଶତାଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏକ ରାଲିରେ ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କ ଦରମା ବିସଙ୍ଗତିକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକମାନେ ଯଥାକ୍ରମେ ୭୪୦୦ ଓ ୯୨୦୦ ଟଙ୍କା ଦରମା ପାଉଥିବାବେଳେ ଏତେ କମ୍ ଟଙ୍କାରେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇଥିଲେ । ରାଜ୍ୟରେ ୪୦ ହଜାର କନିଷ୍ଠ ଶିକ୍ଷକ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ଦରମାକୁ ନେଇ ସେମାନେ ଘୋର ମାନସିକ ଚିନ୍ତାରେ ପଡିଛନ୍ତି ବୋଲି କହିଥିଲେ । ମାନସିକ ଚାପ କାରଣରୁ ସେମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରୁନାହାନ୍ତି । ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା କଥା କହୁଥିବାବେଳେ ଏଭଳି ପରିସ୍ଥିତିରେ ଏହା ପ୍ରହସନ ମନେ ହେଉଛି ବୋଲି କହିଥିଲେ। ପରୀକ୍ଷା ସମୟରେ ସରକାର ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ପାରୁ ନ ଥିବାବେଳେ ଶିକ୍ଷକଙ୍କୁ ଦରମା ଦେଇପାରୁ ନାହାନ୍ତି । ଏଭଳି ସ୍ଥିତିରେ ଗୁଣାତ୍ମକ ଶିକ୍ଷା କଥା କହିବା ହାସ୍ୟାସ୍ପଦ ବୋଲି ସେମାନେ କହିଥିଲେ । ଶିକ୍ଷକଙ୍କ ଆର୍ଥିକ ସମସ୍ୟାର ସମାଧାନ କରି ଗୁଣାତ୍ମକ ଶିକ୍ଷା କଥା କହିବା ବିଚିତ୍ର ବୋଲି ଶିକ୍ଷକମାନେ ତାଚ୍ଛଲ୍ୟ କରି ଆପଣମାନେ ଖୁସି ତ ନାରା ଦେଇଥିଲେ । ଏହି ଆନ୍ଦୋଳନକୁ ଅଲ୍ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ପକ୍ଷରୁ ସମର୍ଥନ କରାଯାଇଥିଲା । ଏଥିରେ ଏଆଇଡିଏସ୍‌ଓର ସୁନୀଲ ଭୋଇ, ଲକ୍ଷ୍ମୀଧର ସାମଲ, ରାଜେନ୍ଦ୍ର ରଣା ଓ ଅନ୍ୟମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଜିଲା କନିଷ୍ଠ ଶିକ୍ଷକ ସଂଘ ସଦସ୍ୟମାନେ ସେମାନଙ୍କ ବହୁ ଅସୁବିଧା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କେନ୍ଦ୍ରୀୟ ଆଧାରରେ ଦରମା ଦେବାକୁ ସେମାନେ ଦାବି କରିଥିଲେ । ଏହି ଆନ୍ଦୋଳନରେ ଜିଲାର ବହୁ କନିଷ୍ଠ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ ସାମିଲ ହୋଇଥିଲେ।




ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ଟୋକନ ଟେନସନ, ଧାନ ବିକ୍ରି ହେଉନି

### ମାତ୍ର ୯ ଚାଷୀ ବିକିଛନ୍ତି ୫୦୩ କୁଇଣ୍ଟାଲ

**ସୋନପୁର,୨୦।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୧୫ ତାରିଖରୁ ଆରମ୍ଭ ହୋଇଛି ଖରିଫ ଧାନ କିଣା । କିନ୍ତୁ ଟୋକନ ଟେନସନ ଯୋଗୁଁ ଚାଷୀଙ୍କ ଧାନ ବିକ୍ରି ହୋଇପାରୁନି। ମଣ୍ଡି ଖୋଲା ଯାଇଥିଲେ ହେଁ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇ ନଥିବାରୁ ସେ ଧାନ ଆଣି ପାରୁନି। ଚଳିତ ଥର କେନ୍ଦ୍ରୀକୃତ ବ୍ୟବସ୍ଥାରେ ଧାନ ସଂଗ୍ରହ ନିମନ୍ତେ ଓଡିଶା ରାଜ୍ୟ ଯୋଗାଣ ନିଗମ ନିଗମ ନିଷ୍ପତ୍ତି ନେଇଛି। କିନ୍ତୁ ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ଧାନ ଅମଳ ସାରିଥିବା ଚାଷୀଙ୍କୁ ଅନଲାଇନ ଟୋକନ ମିଳିନି। ଅଥଚ ଧାନ ଅମଳ କରି ନଥିବା ଡୁଙ୍ଗୁରିପାଲିର କେତେକ ଚାଷୀଙ୍କୁ ଟୋକନ ମିଳିଥିବା ଅଭିଯୋଗ ହେଉଛି। ୧୫ ତାରିଖ ଦିନ ଜିଲାର ଜଣେ ବି ଚାଷୀଙ୍କୁ ଟୋକନ ମିଳି ନଥିବାରୁ ଧାନ କିଣା ଶୁଭାରମ୍ଭ ହୋଇ ପାରି ନ ଥିଲା । ୧୬ ତାରିଖରେ ଡୁଙ୍ଗୁରିପାଲି ପ୍ୟାକ୍ସରେ ଧାନ ବିକ୍ରି କରିବା ପାଇଁ ମାତ୍ର ୩ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ ୧୯ ତାରିଖ ସୁଦ୍ଧା ଜିଲାର ମୋଟ ୩୪୩ ଜଣ ଚାଷୀଙ୍କୁ ୪୨୩ଟି ଟୋକନ ଇସ୍ୟୁ ହୋଇଛି। ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ କେବଳ ୯ ଜଣ ଚାଷୀ ହିଁ ମୋଟ ୫୦୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଅନ୍ୟ କୌଣସି ମଣ୍ଡିରେ ଧାନ କିଣା ଶୁଭାରମ୍ଭ ହୋଇପାରିନି। ଧାନ ବିକ୍ରି କରିବାକୁ ଚାହୁଁଥିବା ଚାଷୀଙ୍କୁ ଟୋକନ ମିଳିନି। ଏହି ଜିଲାର ୪୭ ହଜାର ୯୯୦ ଜଣ ଚାଷୀ ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଧାନ ଅମଳ ଆରମ୍ଭ ହୋଇ ଥିବାରୁ ଡୁଙ୍ଗୁରିପାଲି ଓ ବିନିକା ବ୍ଲକର ଅଧିକ ସଂଖ୍ୟକ ଚାଷୀଙ୍କୁ ଅନଲାଇନ ଟୋକନ ଇସ୍ୟୁ କରିବା ପାଇଁ ଦାବି ହେଉଛି। ମାତ୍ର ଏହା ସମ୍ଭବ ହେଉ ନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଆଗକୁ ଏହା ବିସ୍ଫୋରକ ରୂପ ନେଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣି ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

EDUCATION

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

FINANCE
Ujjivan ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

BUSINESS

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ବୃଦ୍ଧାଶ୍ରମରେ ରହିବା ପାଇଁ ଯୋଗାଯୋଗ
ମାଗଣାରେ ଖାଇବା, ରହିବା, ବସ୍ତ୍ର ଓ ଔଷଧ ଦିଆଯିବା ସ୍ଥାନ – ଖୋର୍ଦ୍ଧା ଟାଉନ୍, ଯୋଗାଯୋଗ –
9090415586, 9090570986
ମହିଳାମାନଙ୍କ ପାଇଁ "ନିଶା ନିବାରଣ କେନ୍ଦ୍ର", ଭୁବନେଶ୍ୱର
ଯୋଗାଯୋଗ –
9090415586, 6372108102
Geriatric Welfare Charitable Trust

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

SUCCESS
DHARITRI Career appointment Every Wednesday and Saturday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ

## ସଂକ୍ଷେପରେ

### ଆଦିବାସୀ ସଂଘ ନାମରେ ଚାନ୍ଦା ଆଦାୟକୁ ବିରୋଧ କରି ଦାବିପତ୍ର

**ଭବାନୀପାଟଣା,୨୦।୧୧(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ନାମରେ କେତେକ ଅସମାଜିକ ବ୍ୟକ୍ତି ନକଲି ଲିଫଲେଟ ଓ ରସିଦ ତିଆରି କରି ବଦାନ୍ୟ ବ୍ୟକ୍ତିଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଗତ ୨୦୧୭ଠାରୁ ବିଧିବଦ୍ଧ ଭାବେ ଡିଷ୍ଟ୍ରିକ ଆଦିବାସୀ ରେଜିଷ୍ଟ୍ରେଶନ ହୋଇଛି। ଏ ନେଇ ସଂଘ କର୍ମକର୍ତ୍ତା ଓ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର ମାଧମରେ ଜିଲା ପ୍ରଶାସନ ମଧ ଅବଗତ ଅଛି। ଏହି ରେଜିଷ୍ଟ୍ରେଶନ ନମ୍ବରକୁ ବ୍ୟବହାହର କରି କିଛି ଖଳ ପ୍ରତିର ଲୋକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଆସନ୍ତା ୧୦ ତାରିଖରେ ପାଳନ ହେବାକୁ ଥିବା ରେଣ୍ଡୋ ମାଝିଙ୍କ ଶହୀଦ ଦିବସ ଉତ୍ସବରେ ପ୍ରକୃତ ଜିଲା ଆଦିବାସୀ ସଂଘର ପ୍ରମାଣପତ୍ର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଶହୀଦ ଦିବସ ପାଳନ ପାଇଁ ଅନୁମତି ଦେବା ନେଇ ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ଭବାନୀପାଟଣା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଖୋଲିଲା ମଣ୍ଡି, ଦୂର ହେଲା ଅଚଳାବସ୍ଥା

**ଭବାନୀପାଟଣା, ୨୦।୧୧ (ଡି.ଏନ.ଏ.)**

ମିଲର୍ସଙ୍କ ଲୁଚକାଳି ଖେଳ ଓ ଫନ୍ଦି ଫିକର ଯୋଗୁ ଧାର୍ଯ୍ୟ ତାରିଖଠାରୁ ୧୭ ଦିନ ବିଳମ୍ବରେ କଳାହାଣ୍ଡିରେ ମଣ୍ଡି ଖୋଲିଛି। ଶେଷରେ ପ୍ରଶାସନ ଆଗରେ ମୁଣ୍ଡ ନୂଆଁଇ ମିଲର୍ସମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଜିଲାରେ ୨୧ଟି ମିଲର୍ସ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହହ ପ୍ରକ୍ରିୟାରେ ସାମିଲ ହୋଇ ଯୋଗାଣ ବିଭାଗ ସହ ଚୁକ୍ତି କରିଛନ୍ତି ଓ ଆବଶ୍ୟକ ପରିମାଣର ବ୍ୟାଙ୍କ ଗ୍ୟାରେଣ୍ଟି ଜମା କରିଛନ୍ତି। ଫଳରେ ଦୀର୍ଘଦିନ ଧରି ମଣ୍ଡି ଖୋଲିବା ନେଇ ଲାଗି ରହିଥିବା ଅଚଳବସ୍ଥା ଦୂର ହୋଇଛି। ମଙ୍ଗଳବାର ଗୋଲାମୁଣ୍ଡା ବ୍ଲକ ବୃନ୍ଦବାହାଲ ମଣ୍ଡିରୁ ପ୍ରଥମ ଧାନ ଉଠାଣ ହୋଇଛି। ବୃନ୍ଦବାହାଲ ମଣ୍ଡିରୁ ୩ ଜଣ ଚାଷୀଙ୍କଠାରୁ ୧୪୨ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଜିଲାର ଆଉ ୭ଟି ସ୍ଥାନରେ ମଣ୍ଡି ଖୋଲିଛି ଓ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜୁନାଗଡ, କର୍ଲାମୁଣ୍ଡା ଓ ଲଡୁଗାଁରେ ମଣ୍ଡି ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୮ଟି ମଣ୍ଡିରେ ୧୦୮୯ଟି ଅଗ୍ରୀମ ଟୋକନ ୭୭୦ ଜଣ ଚାଷୀଙ୍କୁ ବିଭିନ୍ନ ମଣ୍ଡିରୁ ଦିଆଯାଇଛି। ଅଗ୍ରୀମ ଟୋକନରେ ୫୨ ହଜାର ୩ ଶହ କୁଇଣ୍ଟାଲ ଧାନ ସମ୍ପୃକ୍ତ ମଣ୍ଡିଗୁଡିକରେ ଚାଷଷୀମାନେ ବିକ୍ରି କରିବା ପାଇଁ ଟୋକନ ଦିଆଯାଇଛି।



ଗୋଲାମୁଣ୍ଡା ବ୍ଲକ ବୃନ୍ଦବାହାଲ ମଣ୍ଡି ଉଦ୍‌ଘାଟିତ ହୋଇଛି।

ସୂଚନା ଯେ, ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲାରୁ ୨୪ ଲକ୍ଷ ୭୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ଟାର୍ଗେଟ ଦେଇଛନ୍ତି। ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୭୪ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୨୩ଟି ମହିଳା ଏସଏଚଜି ଜରିଆରେ ଜିଲାରେ ୧୮୧ଟି ମଣ୍ଡି ଖୋଲିବା ପାଇଁ ସ୍ଥିର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମାତ୍ର ୨୪ଟି ମଣ୍ଡି ଖୋଲିଛି। ଚଳିତ ଖରିଫ ଋତୁରେ ଜିଲାରେ ସମୁଦାୟ ୭୨ ହଜାର ୮ ଶହ ୪୩ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଜିଲାର ସମସ୍ତ ମଣ୍ଡିରେ ଧାନ ସଂଗ୍ରହ କରିବା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇଛି। ଚାଷୀମାନେ ସେମାନଙ୍କ ନିର୍ଦ୍ଧାରିତ ମଣ୍ଡିରୁ ଅଗ୍ରୀମ ଟୋକନ ସଂଗ୍ରହ କରି ନିର୍ଦ୍ଧାରିତ ତାରିଖରେ ଧାନ ମଣ୍ଡିକୁ ଆଣିବା ପାଇଁ ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରା ଅନୁରୋଧ କରିଛନ୍ତି। ତେବେ ଧାର୍ଯ୍ୟ ସମୟରେ ୧୭ ଦିନ ପରେ କଳାହାଣ୍ଡିରେ ମଣ୍ଡି ଆରମ୍ଭ ହୋଇଥିବା ଯୋଗୁ ଚିନ୍ତାରେ ଥିବା ଚାଷୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ତେବେ ମଣ୍ଡିଗୁଡିକ ସୁପରିଚାଳନା ଓ ମଣ୍ଡିରେ ଦଲାଲଙ୍କ ପ୍ରାଦୁର୍ଭାବ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଦୁର୍ଗମ ଅଞ୍ଚଳ ସ୍କୁଲ ସମୀକ୍ଷା କଲେ ବିଇଓଙ୍କ

**ଜୁନାଗଡ,୨୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ ମଙ୍ଗଳବାର ବ୍ଲକର ଚାରଭାଟି ପଞ୍ଚାୟତର ପାହାଡ ପାଶ୍ୱର୍ବର୍ତ୍ତୀ ତଥା ଦୁର୍ଗମ ଅଞ୍ଚଳରେ ଥିବା ସଂକ୍ରିଗୁଡା ପ୍ରାଥମିକ ବିଦ୍ୟାଳୟକୁ ଅନଲାଇନ ମନଟରିଂ(ସମୀକ୍ଷା) କରିବା ପାଇଁ ପହଞ୍ଚିଥିଲେ। ସେଠାରେ ସେ ସ୍କୁଲ ଭିତ୍ତିଭୂମି, ଉପସ୍ଥାନ, ଉଜ୍ଜ୍ୱଳ ଆଦି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ସମୟରେ ବିଇଓଙ୍କ ସହ ସ୍ଥାନୀୟ ସିଆରସିସି କ୍ଷୀରସିନ୍ଧୁ ଦୁର୍ଗା, ପ୍ରଧାନଶିକ୍ଷକ ପୃଥିରାଜ ମାଝି, ସହକାରୀ ଶିକ୍ଷକ ପ୍ରଶାନ୍ତ ବିଶି ସମେତ ସ୍କୁଲ ପରିଚାଳନା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ବିଇଓ ସୁଧାଂଶୁବାଳା ଦେବୀ ସମୀକ୍ଷା କରିବାକୁ ଆସିଛନ୍ତି।

## ୪୦ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ

**କଲମପୁର,୨୦।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ତହସିଲ ଅନ୍ତର୍ଗତ ମଣ୍ଡଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଠାରେ ବୁଧବାର ମିନଗୁର ପଞ୍ଚାୟତ କର୍ମେଲ ମୌଜାର ୪୦ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରାଯାଉଛି। କଲମପୁର ତହସିଲଦାର ସାୟଦ ସବୀର ସା ଏହି ହିତାଧିକାରୀମାନଙ୍କୁ ତାହା ବଣ୍ଟନ କରିଛନ୍ତି । କର୍ମେଲ ଗାଁଠାରେ ଦୀର୍ଘ ଦିନରୁ ଯେଉଁ ଜାଗାରେ ବସବାସ କରି ରହୁଥିଲେ ସେହି ଯାଗାରେ ହିଁ ୨୦ଜଣ ହିତାଧିକାରୀମାନଙ୍କୁ ପଟ୍ଟା ଦିଆଯାଇଛି ଏବଂ ଅନ୍ୟ ୨୦ଜଣଙ୍କୁ ଆଉ ଅନ୍ୟ ସରକାରୀ ପ୍ଲଟର ପଟ୍ଟା ବଣ୍ଟନ କରାଯାଇଛି । ଏହା ସହିତ ମଣ୍ଡଳ ଆରଆଇ କାର୍ଯ୍ୟାଳୟଠାରେ କ୍ୟାମ୍ପ କୋଟ ଏବଂ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମଣ୍ଡଳ ଆରଆଇ ମୁକ୍ତକାନ୍ତ ଭୋଇ, ସୁପରଭାଇଜର ଚତୁର୍ଭୁଜ ନାଏକ, କନିଷ୍ଠ କିରାଣୀ ଡିଭିଜନ ଧାରୁଆ, ଅମିନ ସୁନୀଲ ପଟ୍ଟନାୟକ, ରଘୁନାଥ ନାଗ, ସୁଶିଲ କୁମାର ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ପଟ୍ଟା ବଣ୍ଟନ କରାଯାଇଛି ।



ପଟ୍ଟା ପାଇଥିବା ହିତାଧିକାରୀମାନେ ।

## ଚପ୍ରିଆଠାରେ କ୍ୱାମି ଏକତା ଦିବସ ପାଳିତ

**କେଗାଁ,୨୦।୧୧ (ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଶାଖା ପକ୍ଷରୁ ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଜୟଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନର ସଭାଗୃହଠାରେ କ୍ୱାମି ଏକତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ଅବନି ଭୋଇ,ସମ୍ମାନିତ ଅତିଥି ଭାବେ କୁନୁ ଦାସ, ପବିତ୍ର ବେହେରା, ମୁଖ୍ୟବକ୍ତା ଭାବେ ନରହରି ବାଗ ପ୍ରମୁଖ ଉପସ୍ଥିତ ରହି କ୍ୱାମି ଏକତା ଦିବସ ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲବଣି ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମନୋଜ ଚନ୍ଦନ,ଚମ୍ପେଶ୍ୱର,ସିବ ସାହୁ,ଅସିତ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସମସ୍ତଙ୍କ ପାଇଁ ଶିକ୍ଷା ଆଲୋଚନାଚକ୍ର

**ଭବାନୀପାଟଣା,୨୦।୧୧(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଆମଳା ଭବନଠାରେ ସମସ୍ତଙ୍କ ପାଇଁ ଶିକ୍ଷା ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଲାଞ୍ଜିଗଡ ପ୍ରଦୀପ ଦିସାରୀ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ଅଧକ୍ଷ ଥୁ.ରାମପୁର ମହାବିଦ୍ୟାଳୟ ସତ୍ୟ ମୁଣ୍ଡଛିନା, ଅନ୍ୟତମ ଅତିଥି ଭାବେ ଭବାନୀପାଟଣା ପଞ୍ଚାୟତ ସମିତି ଉପାଧକ୍ଷ ସଚିଦାନନ୍ଦ ମାହାଖୁଡ, ପଦ୍ମକିଶୋର ପୁଟାରୀ, ଆଇନଜୀବୀ ସନ୍ତୋଷ କୁମାର ମୁଣ୍ଡ ପ୍ରମୁଖ ଶିକ୍ଷାର ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ଦ୍ୱାରା ହିଁ ସମସ୍ତ ସମସ୍ୟା ସମାଧାନ କରାଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ଓ ଚରିତ୍ର ବୋଧତା ଶିକ୍ଷାର ମୂଳମନ୍ତ୍ର ବୋଲି ଦାର୍ଶାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କିସର ଜିଲା ସଂଯୋଜକ ପରିଚାଳନା କରିଥିବା ବେଳେ ସେନାପତି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ଯ୍ୟ ବଗର୍ତି, ଲକ୍ଷ୍ମୀଧର କର, ସୁମନ୍ତ ଦାସ, ବିଜୟ ମାଝି, ବିକାଶ ପ୍ରଧାନ, ରମେଶ ଦାସ, ସୁରେଶ ପାତ୍ର, ସୁବାସ ସାହୁ, ଜଗତ ଶବର ପ୍ରମୁଖ ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

### ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ନାଟକ କୁଳାଙ୍ଗାର ମଞ୍ଚସ୍ଥ

**ଭବାନୀପାଟଣା,୨୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି ଲେଖକ କଳାପରିଷଦଠାରେ ସଙ୍ଗମ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଷଷ୍ଠ ରାଜ୍ୟସ୍ତରୀୟ ଶିଶୁ ନାଟକ ଏବଂ ନୃତ୍ୟମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ଦବସ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗମ ସଭାପତି ରାଜେନ୍ଦ୍ର ପାଢୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ସମ୍ମାନିତ ଚନ୍ଦ୍ରଶେଖର ପଣ୍ଡା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରାଇଥିବା ବେଳେ ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ନାଟକ ଭବାନୀପାଟଣା ଇରିଗେସନ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିଶୁମାନଙ୍କ ଦ୍ୱାରା ନାଟକ କୁଳାଙ୍ଗାର ମଞ୍ଚସ୍ଥ ହୋଇଥିଲା । ଏହି ନାଟକକୁ ପଦ୍ମନାଭ ବାରିକ ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ସହ ନିର୍ଦ୍ଦେଶନାରେ ଅନିତା ପଣ୍ଡା ଓ ରୂପସଜ୍ଜାରେ ଭବାନୀଶଙ୍କର ପ୍ରଧାନୀ ଥିଲେ । ସୁବାସ ପଟ୍ଟନାୟକ ଓ ଶିବାନୀ ଶଙ୍କର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ଏହି ନାଟକ ପ୍ରତିଯୋଗିତାରେ ଉମେଶ ଚନ୍ଦ୍ର ଶତପଥୀ ଓ ନିମାଇଁ ଚରଣ ପାଣି ଜଜ୍ ଭୂମିକା ତୁଲାଇଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ମହାରଣା, ଯୋଗୀନ୍ଦ୍ର ରଣା, ଯତୀନ୍ଦ୍ର ପାଢୀ, ସୁଶାନ୍ତ ପ୍ରଧାନୀ, ରୂପେଶ ନାଗ ପ୍ରମୁଖ ସହଯୋଗ କରିଥିଲେ।



ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ ।

## କ୍ରିକେଟ: ନାକଟିଦେଉଳ ଚାମ୍ପିୟନ

**ନାକଟିଦେଉଳ,୨୦।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜାମୁଯୋରୀ ଗ୍ରାମରେ ସ୍ଥାନୀୟ ସ୍କୁଲ ଖେଳ ପଡ଼ିଆଠାରେ ବୁଧୁବାର ନେହେରୁ କପ ସୁପର ସିକ୍ସ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ନାକଟିଦେଉଳ ଏବଂ ଡୁଙ୍ଗାମାଳ ମଧ୍ୟରେ ହୋଇଥିଲା । ଡୁଙ୍ଗାମାଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ଟି ଉଇକେଟ ହରାଇ ୩୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ନାକଟିଦେଉଳ ଦଳ ୩ ଓଭରରେ ୨ଟି ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ସତ୍ୟରଞ୍ଜନ ପ୍ରଧାନ ଏବଂ ପୁନୁ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ସାଗର କୁମାର ସାହୁ ଏବଂ ସୁନୀଲ କୁମାର ମାଝି ଅତିଥି ଭାବେ ଯୋଗଦେଇ ବିଜେତା ନାକଟିଦେଉଳ ଏବଂ ଉପବିଜେତା ଡୁଙ୍ଗାମାଳ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ତରଣୀ ଦେହୁରୀ, ଲେପନ ଦେହୁରୀ, ଦିକୁନ ପ୍ରଧାନ ଏବଂ ରିଙ୍କୁନ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

**NOTICE**

**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 266 of 2019**

**Syndicate Bank, Bhadrak Branch, Dist: Bhadrak** .......Applicant

-Versus-

**Mr Srikanta Kabi and others** .......Defendants

To,

(2) **Sri Chittaranjan Jena,** S/o: Jaladhar Jena, At- Gabasahi, PO/PS/Dist: Bhadrak-756100 .

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No 266 of 2019** in the court of Debts Recovery Tribunal at Cuttack for a recovery of **Rs.12,46,452.71** only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **27th day of December 2019 at 10.30** A.M as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 15th day of November, 2019 .

Sd/-
Registrar (I/C)
Debts Recovery Tribunal

### କ୍ୱାକ୍ ଭରସାରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା

# ବିନା ଯୋଗ୍ୟତାରେ ଡାକ୍ତରୀ ଚିକିତ୍ସା

**ଭବାନୀପାଟଣା,୨୦।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଜିଲା ସାରା ସବୁଠି ଡାକ୍ତର ଅଭାବ। ଉପଯୁକ୍ତ ଚିକିତ୍ସା ସେବା ନ ପାଇ ଲୋକେ ହଇରାଣ ହେଉଛନ୍ତି । ଧନି ଲୋକେ ଅଧିକ ଖର୍ଚ୍ଚାନ୍ତ କରି ଅନ୍ୟତ୍ର ଚିକିତ୍ସା ପାଇଁ ଯାଉଛନ୍ତି । ହେଲେ ଗରିବ ଲୋକେ ଭାଗ୍ୟକୁ ଆଦରି ପଡି ରହୁଛନ୍ତି କିମ୍ବା ଅଞ୍ଚଳର କ୍ୱାକ୍‌ମାନଙ୍କ ହାବୁଡରେ ପଡୁଛନ୍ତି । ଜିଲାରେ ବହୁ ସଂଖ୍ୟାରେ ଡାକ୍ତର ଅଭାବ ଯୋଗୁ ଗ୍ରାମଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ୱାକଙ୍କ ହାତରେ ଚାଲିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବିନା ଲାଇସେନ୍ସରେ ଶହ ଶହ କ୍ୱାକ୍ ଘର ଘର ବୁଲି ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ତଥାପି ଏଥିପ୍ରତି ବିଭାଗର ନଜର ନାହିଁ । ଜଣେ ଜଣେ କ୍ୱାକ୍ ପ୍ରତିଦିନ ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି । ଏମାନେ ରୋଗୀଙ୍କ ପାଖକୁ ଔଷଧ ନେଇ ପହଞ୍ଚୁଥିବାରୁ ଲୋକଙ୍କ ବିଶ୍ୱାସଭାଜନ ହେଉଛନ୍ତି। ମାତ୍ର ବହୁ ସମୟରେ ଭୁଲ୍ ଚିକିତ୍ସା ଯୋଗୁ ରୋଗୀଙ୍କ ଜୀବନ ମଧ୍ୟ ନେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁସାରେ, ଜିଲାର ମୋଟ ଲୋକ ସଂଖ୍ୟା ୧୫ ଲକ୍ଷରୁ ଅଧିକ ହେବ । ଏମାନଙ୍କୁ ଚିକିତ୍ସା ଯୋଗାଇବା ପାଇଁ ମାତ୍ର ୧୧୫ ଜଣ ଡାକ୍ତର ରହିଛନ୍ତି। ଗୁଡିଏଡାକ୍ତରଖାନା ରହିଛି । ମାତ୍ର ସେଠାରେ ଆବଶ୍ୟକ ଡାକ୍ତର ନାହାନ୍ତି।

ଗ୍ରାମାଞ୍ଚଳରେ ସ୍ଥିତି ସବୁଠୁ ଖରାପ । ଲକ୍ଷ ଲକ୍ଷ ଲୋକ ଥିବା ଅଞ୍ଚଳରେ ମାତ୍ର ଜଣେ ଡାକ୍ତର ଚିକିତ୍ସା କରିବା ଅସମ୍ଭବ ହୋଇପଡିଛି। କେତେକ ଗ୍ରାମାଞ୍ଚଳରେ ନାମ ଫଳକରେ ଡାକ୍ତର ଲେଖି କିଛି ଲୋକ ଚିକିତ୍ସା କରୁଛନ୍ତି । ଏମାନଙ୍କ ପାଖରେ ଲାଇସେନ୍ସ ନ ଥିଲେ ମଧ୍ୟ ଅବାଧରେ ଚିକିତ୍ସା କରୁଛନ୍ତି । ମାତ୍ର ଏଥିପ୍ରତି କାହାର ନଜର ନାହିଁ । ସେହିଭିଳି ହୋମିଓପ୍ୟାଥି ଓ ଆୟୁର୍ବେଦ ପାସ୍ କରିଥିବା ଡାକ୍ତର ଏଲୋପାଥି ଚିକିତ୍ସା କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏସବୁର ଯାଞ୍ଚ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଔଷଧ ଦୋକାନ ଆକଳନରୁ ଜଣାପଡିଛି ଯେ, ରୋଗୀ ଯେତେ ଔଷଧ କିଣି ନ ଥାଏ ତାଠାରୁ ଅଧିକ କ୍ୱାକ୍‌ମାନେ ଔଷଧ କିଣି ଗ୍ରାମାଞ୍ଚଳରେ ନିଜର ପ୍ରାକ୍ଟିସ କରନ୍ତି । ଡାକ୍ତର ଅଭାବ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବନଲତା ଦେବୀଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଥିଲେ ମଧ୍ୟ ‘ମୋ ସରକାର’ ଯୋଜନାରେ ରୋଗୀଙ୍କ ପାଇଁ ବହୁତ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ।

**बैंक ऑफ़ बड़ौदा Bank of Baroda** विजया बैंक VIJAYA BANK देना बैंक DENA BANK

**କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର),**
**ପ୍ରଥମ ମହଲା, ଜି.ଏମ୍. କଲେଜ ଛକ,**
**ଖ୍ରୀଷ୍ଟିଆନ୍ ପଡ଼ା, ସମ୍ବଲପୁର-୭୬୮୦୦୧**

**ଦଖଲ ବିଜ୍ଞପ୍ତି**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତାମାନେ ସେମାନଙ୍କର ରଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ରଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କ୍ରଂ ନଂ | ଶାଖାର ନାମ / ରଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | **କ୍ଷେତରାଜପୁର ଶାଖା** **ରଣଗ୍ରହୀତା: ଶ୍ରୀ କାର୍ତ୍ତିକ ଚନ୍ଦ୍ର ଭଞ୍ଜ,** ପିତା: ଶ୍ରୀ ସୋଭାନି ଭଞ୍ଜ / ସହ- **ରଣଗ୍ରହୀତା: ଶ୍ରୀମତୀ ସୁମିତ୍ରା ଭଞ୍ଜ (ଗ୍ୟାରେଣ୍ଟିଦାତା),** ସ୍ୱାମୀ- ଶ୍ରୀ ସୋଭାନି ଭଞ୍ଜ, ଉଭୟଙ୍କ ଠିକଣା ପ୍ଲଟ୍ ନଂ: ୨୫୫୭/୩୮୭୭ ଏବଂ ୨୫୫୭/୬୧୭୪, ଖାତା ନଂ: ୩୪୪/୫୩୨, ସମ୍ବଲପୁର ଟାଉନ୍ ନଂ.୩, ଚାରଭାଟି, ଧନୁପାଲ୍ଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁମିତ୍ରା ଭଞ୍ଜ, ସ୍ୱାମୀ- ଶ୍ରୀ ସୋଭାନୀ ଭଞ୍ଜ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ: ୨୫୫୭/୩୮୭୭, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ପ୍ଲଟ୍ ନଂ: ୨୫୫୭/୬୧୭୪, କ୍ଷେତ୍ର: ଏକର ୦.୫୦ ଡିସିମିଲି, ଖାତା ନଂ: ୩୪୪/୫୩୨, ମୌଜା: ସମ୍ବଲପୁର ଟାଉନ୍ ନଂ.୩, ଥାନା: ଧନୁପାଲ୍ଲୀ, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ୨୫୫୭ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ ୨୫୫୬ (ଅଂଶ), ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ୨୫୪୭ | **୧୬.୦୮.୨୦୧୯ / ୧୪.୧୧.୨୦୧୯** | **୧୬.୦୮.୨୦୧୯ ସୁଦ୍ଧା ଟ.୧୩,୧୨,୨୪୫/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୨) | **କ୍ଷେତରାଜପୁର ଶାଖା** **ରଣଗ୍ରହୀତା: ଶ୍ରୀ ପଞ୍ଚାନନ ନାଥ ମହନ୍ତ / ସହ-ରଣଗ୍ରହୀତା: ଶ୍ରୀ ଉଦୟଭାନୁ ମହନ୍ତ, ଗ୍ୟାରେଣ୍ଟିଦାତା : ବୃଷଭାନୁ ମହନ୍ତ,** ଉଭୟଙ୍କ ଠିକଣା - ଖାତା ନଂ: ୯୨/୧୭, ପ୍ଲଟ୍ ନଂ: ୩୮୬/୪୪୫, ମୌଜା: ହପ୍ରିୟବାହାଲ, ପୋ: ସିନ୍ଦୁରପଙ୍କ, ଥାନା: ଶାସନ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୧୧୨ | **ଶ୍ରୀ ପଞ୍ଚାନନ ନାଥ ମହନ୍ତ, ପିତା: ଶ୍ରୀ ଅଇଁଣ୍ଠାନାଥ ମହନ୍ତ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୮୬/୪୪୫, କ୍ଷେତ୍ର: ଏକର୦.୧୫ ଡ଼ିସିମିଲ, ଖାତା ନଂ.: ୯୨/୧୭, ମୌଜା: ହପ୍ରିୟବାହାଲ, ଥାନା: ଶାସନ, ତହସିଲି ଏବଂ ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭିମା ମୁଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ନିଜ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | **୨୮.୦୮.୨୦୧୯ / ୧୪.୧୧.୨୦୧୯** | **୨୮.୦୮.୨୦୧୯ ସୁଦ୍ଧା ଟ.୫,୩୯,୪୦୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୩) | **କ୍ଷେତରାଜପୁର ଶାଖା** **ରଣଗ୍ରହୀତାମାନେ: ୧) ସୁବ୍ରତ ନାୟକ,** ପିତା: ରାମ ପ୍ରସାଦ ନାୟକ, **୨) କାଳେନ୍ଦ୍ରୀ ନାୟକ,** ସ୍ୱାମୀ: ରାମ ପ୍ରସାଦ ନାୟକ / **ଗ୍ୟାରେଣ୍ଟିଦାତା : ରାମ ପ୍ରସାଦ ନାୟକ,** ସମସ୍ତଙ୍କ ଠିକଣା - ଖାତା ନଂ: ୧୩୦/୪୩୦, ପ୍ଲଟ୍ ନଂ: ୧୪୮୫/୨୪୨୭, ମୌଜା: ଲାରପଙ୍କ, ବିହାରୀପଡା, ଭଙ୍ଗାମୁଣ୍ଡା, ରେମିଡ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୬ | **କାଳେନ୍ଦ୍ରୀ ନାୟକ, ସ୍ୱାମୀ: ରାମ ପ୍ରସାଦ ନାୟକ**ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ପ୍ଲଟ୍ ନଂ: ୧୪୮୫/୨୪୨୭, କ୍ଷେତ୍ର : ଏକର ୦.୫୦ ଡିସିମିଲି, ଖାତା ନଂ: ୧୩୦/୪୩୦, ମୌଜା: ଲାରପଙ୍କ, ଥାନା: ହୀରାକୁଦ, ତହସିଲ/ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପ୍ଲଟ୍ ନଂ:୧୪୮୪, ଦକ୍ଷିଣ: ପ୍ଲଟ୍ ନଂ:୧୪୮୫, ପୂର୍ବ: ପ୍ଲଟ୍ ନଂ:୧୪୮୬, ପଶ୍ଚିମ: ପ୍ଲଟ୍ ନଂ: ୧୪୮୫ (ଅଂଶ) | **୦୫.୦୯.୨୦୧୯ / ୧୪.୧୧.୨୦୧୯** | **୦୬.୦୯.୨୦୧୯ ସୁଦ୍ଧା ଟ.୧୪,୨୮,୦୧୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୪) | **ରେଙ୍ଗାଲି ଶାଖା** **ରଣଗ୍ରହୀତାମାନେ: ୧) ଶ୍ରୀ ଟୁଲୁ ମହାପାତ୍ର ଏବଂ ୨) ଶ୍ରୀମତୀ ସୁନିତା ମହାପାତ୍ର,** ସା: ଧନୁପାଲୀ (ସୋନୀ ହୋଟେଲ), ପୋ: ଧନୁପାଲୀ, ସମ୍ବଲପୁର-୭୬୮୦୦୫ | **ଶ୍ରୀମତୀ ସୁନିତା ମହାପାତ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଥେଲକୋଲଇ, ଥାନା: ରେଙ୍ଗାଲି, ତହସିଲି: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର, ଖାତା ନଂ: ୨୧୮/୧୯୭, ପ୍ଲଟ୍ ନଂ: ୧୫୫୩/୪୨୩୯ (ଅଂଶ), କ୍ଷେତ୍ର: ୦.୦୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ ୧୫୫୪, ପୂର୍ବ: ପ୍ଲଟ୍ ନଂ ୧୫୫୫, ପଶ୍ଚିମ: ପ୍ଲଟ୍ ନଂ୧୫୫୨ | **୨୬.୦୮.୨୦୧୯ / ୧୫.୧୧.୨୦୧୯** | **୨୬.୦୮.୨୦୧୯ ସୁଦ୍ଧା ଟ.୧୦,୪୦,୭୮୭/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ: ସମ୍ବଲପୁର**
**ତାରିଖ: ୨୦.୧୧.୨୦୧୯**

**କ୍ଷମତାପ୍ରାପ୍ତ ଅଧିକାରୀ,**
**ବ୍ୟାଙ୍କ ଅଫ୍ ବରୋଦା**



“ ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।

- ହିଟ୍ଲର

## ସଂକ୍ଷେପରେ

### ଟୋକନ୍ ବ୍ୟବସ୍ଥାକୁ ବିରୋଧ କରି ବୈଠକ ବର୍ଜନ

**ବାମରା,୨୦।୧୧(ଡି.ଏନ.ଏ.)**- ରାଜ୍ୟ ସରକାର ଧାନ ସଂଗ୍ରହରେ ଚଳିତବର୍ଷ ଟୋକନ ବ୍ୟବସ୍ଥା ଲାଗୁ କରିଛନ୍ତି । ଏହାକୁ ସମ୍ବଲପୁର ଜିଲା କୃଷକ ସଙ୍ଗଠନ ତୀବ୍ର ବିରୋଧ କରି ଜିଲାର ବିଧାୟକଙ୍କ ଘର ସାମନାରେ ଧାନ ବସ୍ତା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେହିଭଳି ବାମରା ବ୍ଲକ ସଭା ଗୃହଠାରେ ମାର୍କେଟିଂ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଆବାହକତ୍ୱରେ ବୁଧବାର ଅନୁଷ୍ଠିତ ବୈଠକରେ କୁଚିଣ୍ଡା ଏସିଏସଓ ଦେବାଶିଷ ମହାନ୍ତି, ବିଡିଓ ସୁଶିଲ କୁଜୁର, ଆରଏମସି ସମ୍ପାଦକ ମନୋଜ ମହାନ୍ତ, ଏସଏ ଆରସିଏସ ହରିହର ସେଠ, ବ୍ଲକର ସମସ୍ତ ପଞ୍ଚାୟତରୁ ଚାଷୀ ନେତାମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ବୈଠକ ଆରମ୍ଭ ହୋଇ ଧାନ କିଣା ପାଇଁ ଟୋକନ ବ୍ୟବସ୍ଥା ଉପରେ ଆଲୋଚନା ହେବା କ୍ଷଣି ଉପସ୍ଥିତ ଚାଷୀମାନେ ପାଟିତୁଣ୍ଡ କରିଥିଲେ। ବାମରା ବ୍ଲକ କୃଷକ ସଙ୍ଗଠନ ଅନ୍ତର୍ଗତ ଜରାବଗା ଗଡପାଟି କୃଷକ ସଙ୍ଗଠନର ଆବାହକ ସୁଦିପ୍ତ ପଟେଲଙ୍କ ନେତୃତ୍ୱରେ ସେଠାରେ ଉପସ୍ଥିତ ଚାଷୀ ନେତା କୁମାର ଚନ୍ଦ୍ର ପଟେଲ, ମହାବୀର ଖଣ୍ଡେଲୱାଲ, ତରଣୀ ସାହୁ, ଲକ୍ଷ୍ମୀନାରାୟଣ ଛତ୍ରିଆ, ସଞ୍ଜୀବ ପାଲ ପ୍ରମୁଖ ବୈଠକ ବର୍ଜନ କରିଥିଲେ । ଫଳରେ ବାଧ ହୋଇ ବୈଠକକୁ ଆସିଥିବା ଅଧିକାରୀମାନେ ଫେରି ଯାଇଥିଲେ ।

ସିଏସ୍‌ପିରୁ ଟଙ୍କା ଆତ୍ମସାତ୍ ମାମଲା

# ପ୍ରଶାସନ ପ୍ରତିଶ୍ରୁତି ପରେ ଧାରଣା ଉଠିଲା

**ନୂଆପଡା ଅଫିସ, ୨୦।୧୧**



ଧାରଣାରେ ବସିଥିବା ଗ୍ରାହକମାନେ।

ସିଏସପି ପରିଚାଳକ ଗ୍ରାହକଙ୍କ ଆକାଉଣ୍ଟରୁ ବିଭିନ୍ନ ବିକଳ୍ପ କରି ଲକ୍ଷାଧିକ ଟଙ୍କା ଗାଏବ କରିଥିବା ଘଟଣାରେ ପୋଲିସ ପରିଚାଳକଙ୍କୁ ଧରିବା ଏବଂ ତାଙ୍କଠାରୁ ଟଙ୍କା ଉଦ୍ଧାର କରିବା ଘଟଣାର ୩ ମାସ ବିତିଯାଇଥିଲେ ମଧ୍ୟ ଲୋକଙ୍କୁ ଟଙ୍କା ମିଳୁ ନ ଥିବାରୁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଟଙ୍କା ମିଳିବା ଆଶାରେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରେ ସୁଫଳ ନ ମିଳିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ଏହା ପ୍ରତ୍ୟାହୃତ ହୋଇଛି। ଜିଲା ସଦର ମହକୁମାଠାରୁ ମାତ୍ର ୧୦ କି.ମି. ଦୂର କୁରୁମପୁରୀ ଷ୍ଟେଟ ବ୍ୟାଙ୍କ ଶାଖା ଗ୍ରାହକ ସେବା କେନ୍ଦ୍ରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାହକ ଅର୍ଥନେଣଦେଣ କରୁଥିଲେ । ଏଥିରେ ବହୁ ଗରିବ ଦିନ ମଜୁରିଆ ଶ୍ରେଣୀର ଲୋକ ମଧ୍ୟ ଟଙ୍କା ଜମା କରିଥିଲେ । ହେଲେ ଗ୍ରାହକ ପରିଚାଳକ କୁଆଡେ ବିଭିନ୍ନ ମାଧ୍ୟମରେ କୌଶଳ କରି ଟଙ୍କା ଉଠାଣ କରି ନେଇଗଲେ । ଏହା ଜାଣିବା ପରେ ଗ୍ରାହକମାନେ ଗତ ଅଗଷ୍ଟ ମାସରେ ନୂଆପଡା ଷ୍ଟେଟବ୍ୟାଙ୍କ ଶାଖା ଘେରାଉ କରିଥିଲେ। ଏହା ପରେ ଗ୍ରାହକମାନେ ଲଖନା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ତତକାଳୀନ ଏସପି ସ୍ମିତ ପରମାରଙ୍କ ନିର୍ଦ୍ଦେଶକ୍ରମେ ମାମଲା ରୁଜୁ ହୋଇଥିଲା । ପରବର୍ତ୍ତି ସମୟରେ ଅଭିଯୁକ୍ତଙ୍କୁ ଗିରଫ କରାଗଲା। ତାଙ୍କଠାରୁ ପୋଲିସ ୧୦ ଲକ୍ଷ ୪ ହଜାର ଟଙ୍କା ଜବତ କରିଥିଲା । ଏହା ପରେ ଲୋକେ ଟିକିଏ କ୍ଷାନ୍ତ ହୋଇଥିଲେ। ଟଙ୍କା ମିଳିବ ବୋଲି ଆଶାବାନ୍ଧି ବସିଥିଲେ। ହେଲେ ଦିନ ପରେ ଦିନ ଗଡିଚାଲିଲା ସିନା ତାହା ମିଳିଲା ନାହିଁ । ଏହାକୁ ନେଇ ବାରମ୍ବାର ଏସପିଙ୍କ କାର୍ଯ୍ୟାଳୟକୁ ଦୌଡିଲେ ସିନା କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ଗତ ୧୦ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିରେ ସ୍ଥାନୀୟ ମୁନ୍ନାଲାଲ ଦେୱାଙ୍ଗନ ନେତୃତ୍ୱ ନେଇଥିବାବେଳେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ମଧ୍ୟ ସମର୍ଥନ ଜଣାଇ ସାମିଲ ଥିଲେ। ଏହା ଉପରେ ଅତିରିକ୍ତ ଜିଲାପାଳ ତର୍ଜମା କରିବା ପରେ କିଛି ଦିନ ସମୟ ମାଗିଥିଲେ। ଏହାକୁ ନେଇ ପ୍ରଶାସନ ବିଚାର କରୁଛି । ଗ୍ରାହକମାନଙ୍କୁ ତୁରନ୍ତ ଟଙ୍କା ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଏହା ପ୍ରତ୍ୟାହୃତ ହୋଇଛି । ଏହା ପରେ ମଧ୍ୟ ନ୍ୟାୟ ନ ମିଳିଲେ ଅନଶନରେ ବସିବେ ବୋଲି ଚେତାଇ ଦେଇଛନ୍ତି।

# ସିନାପାଲିରେ ଖୋଲିଲା ଧାନ ମଣ୍ଡି

**ସିନାପାଲି,୨୦।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଯୁଗେନପଦର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଚଳିତବର୍ଷ ଖରିଫ ଋତୁ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ କୃଷି ଓଭରସିୟର୍ ଭଗତରାମ ମେହେର ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟିତ କରିଥିବା ବେଳେ ସିନାପାଲି ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତୁଳାରାମ ମେହେର, ନରେନ୍ଦ୍ର ମାଝି, ଲଛମନ ରଣା, ଦୀନବନ୍ଧୁ ମେହେର, ଧବଳେଶ୍ୱର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସିନାପାଲି ବ୍ଲକ୍‌ର ନିଲଜୀ, ମଖାପଦର, କୁସୁମଯୋର, ବରଗାଁ, ଗଣ୍ଡାବାହାଲି, କେନ୍ଦୁମୁଣ୍ଡା ସମେତ ବିଭିନ୍ନ ସ୍ଥାନରେ ଧାନମଣ୍ଡି ଖୋଲିବା ବ୍ୟବସ୍ଥା ରହିଥିବା ଜଣାପଡିଛି। ଧାନମଣ୍ଡି ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇ ନ ଥିବାରୁ ପ୍ରଥମ ଦିନରେ ଚାଷୀଙ୍କଠାରୁ କୌଣସି ଧାନ କ୍ରୟ ହୋଇପାରି ନ ଥିଲା। ଅପରପକ୍ଷେ ଚାଷୀମାନେ ଟୋକନ ବ୍ୟବସ୍ଥାକୁ ବିରୋଧ କରିଥିଲେ। ଚାଷୀମାନେ ଧାନ ଅମଳ କରି ଖରାରେ ରଖିଥିବା ବେଳେ ସରକାରଙ୍କ ପକ୍ଷରୁ ସେମାନଙ୍କ ମୋବାଇଲ୍ ଏମ୍‌ଏମ୍‌ଏସ୍ ଆସି ନ ଥିବାରୁ ଧାନ ବିକ୍ରି କରିପାରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କିସମ ଅନୁସାରେ ଚଳିତ ବର୍ଷ କୁଇଣ୍ଟାଲ ପ୍ରତି ଧାନର କ୍ରୟ ମୂଲ୍ୟ ୧୮୩୫ ଓ ୧୮୧୫ ଧାର୍ଯ୍ୟ କରାଯାଇଛି। ଗତବର୍ଷରେ ବିଭିନ୍ନ ଧାନ ମଣ୍ଡିରେ କଟ୍‌ନି ଛଟ୍‌ନି ହେଉଥିବା ଚାଷୀମାନେ ଅଭିଯୋଗ କରିଥିବା ବେଳେ ଏବର୍ଷ କିପରି ଏହାର ପୁନରାବୃତ୍ତି ନ ହୁଏ ସେଥିପ୍ରତି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।



ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

# ଭିନ୍ନକ୍ଷମମାନେ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି

**ନୂଆପଡା ଅଫିସ,୨୦।୧୧**

**ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ସଭାପତିତ୍ୱ କରିଥିବାବେଳେ ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ କୁମାର ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୈତରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବକ୍ତାମାନେ ଭିନ୍ନକ୍ଷମମାନେ କୌଣସି ଗୁଣରେ କମ ନୁହଁନ୍ତି ବୋଲି କହିଥିଲେ। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶ୍ରବଣ ବାଧିତ ୩୫ ଜଣ, ଶାରିରୀକ ଭିନ୍ନକ୍ଷମ ୩୪ଜଣ, ଦୃଷ୍ଟିବାଧିତ ୩୨ଜଣ, ମସ୍ତିଷ୍କ ପକ୍ଷାଘାତ ୩୨ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ବିଭାଗର ପ୍ରଥମ, ଦ୍ୱିତୀୟଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏମାନେ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ଶରତ କୁମାର ପଣ୍ଡା, ଅମୀୟ କୁମାର ପାଢୀ, ହୀରା ପଟେଲ, ଗିରିଧାରୀ ନାଏକ, ସୁନୀତା ଅଗ୍ରୱାଲ, ବିନୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି କୋମନା ଜିତାମିତ୍ର ହାଇସ୍କୁଲରେ କୋମନା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏଥିରେ ହାଇସ୍କୁଲ ପ୍ରଧାନଶିକ୍ଷକ କୁଳମଣୀ ନିଆଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଏବିଇଓ ଜ୍ୟୋତିରଞ୍ଜନ ପଣ୍ଡା ସମ୍ମାନିତ, ପୂର୍ବତନ ଶିକ୍ଷକ ତଥା ସାହିତ୍ୟିକ ଯୁଗଳକିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଆନ୍ତଃ ରାଜ୍ୟ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ବିଶାଖାପାଟଣା

**କୋମନା,୨୦।୧୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ଖେଳ ପଡିଆରେ ଜୟ ଯବାନ କ୍ଲବ ଓ କୋମନା ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୪ତମ ବ୍ୟାସଦେବ ପ୍ରଧାନ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ବିଶାଖାପାଟଣା ଦଳ ରାୟପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ଗ୍ରୁପ୍ ଏ'ରୁ ବିଶାଖାପାଟଣା ଓ ରାୟପୁର ଦଳ ସେମିଫାଇନାଲକୁ ପ୍ରବେଶ କରିଥିଲା। ବୁଧବାର ପୂର୍ବାହ୍ନରେ ଉଭୟ ବିଶାଖାପାଟଣା ଓ ରାୟପୁର ଚାମ୍ପିୟନ କ୍ଲବ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲରେ ସୀମିତ ରହିବା ଯୋଗୁ ପେନାଲଟି ଶୁଟଆଉଟ ଆଶ୍ରୟ ନିଆଯାଇଥିଲା। ଏଥିରେ ବିଶାଖାପାଟଣା ଦଳ ରାୟପୁରକୁ ୩ ଗୋଲ ଦେଇଥିବା ବେଳେ ରାୟପୁର ଦଳ କେବଳ ୨ ଗୋଲ ଦେବାରେ ସକ୍ଷମ ହୋଇଥିଲା। ରାୟପୁର ଦଳ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦା ହୋଇଥିବା ବେଳେ ବିଶାଖାପାଟଣା ଦଳ ଫାଇନାଲରେ ପ୍ରବେଶ କରିଛି। ଆୟୋଜିତ ସଭାରେ ଆୟୋଜନ କମିଟି ସଭାପତି ପ୍ରମୋଦ କୁମାର ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜେଡି ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ସଂଯୋଜକ ଆଶିସ କୁମାର ଠାକୁର, ଡିଏସଓ ଅଜୟ କୁମାର ପଟ୍ଟନାୟକ, ପିଇଟି ମୁରଲିଧର ଆଚାରୀ ଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ପିଇଟି ମଗଶିର ମଲ୍ଲିକ, ଦୀପକ ରାଜହଂସ, ସୁଜିତ ରାଜହଂସ ଓ ଭୁବନେ ଛତ୍ରିଆ ପ୍ରମୁଖ ପରିଚାଳନା କରିଥିଲେ। ଶଙ୍କର ରାଓ ଧାରା ବୀବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଭୁବନେଶ୍ୱର ନାଏକ ଓ ସମ୍ପାଦକ ପ୍ରବୀଣ କୁମାର ଭୋଇଙ୍କ ସମେତ କମିଟି ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ଗ୍ରୁପ ବି'ର ପ୍ରଥମ ମ୍ୟାଚ ଭୁବନେଶ୍ୱର (ଇଉନିଟ-୬) ବନାମ କୋମନା (କେଏଫଏ) ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ଜାନୁୟାରୀ ୬ରୁ ୨୮ତମ ୱାଇଏମ୍‌ସି କ୍ରିକେଟ

**ନୂଆପଡା ଅଫିସ,୨୦।୧୧**

ପ୍ରତିବର୍ଷ ଭଳି ସ୍ଥାନୀୟ ୱାଇଏମସି କ୍ଲବ ପକ୍ଷରୁ ହେଉଥିବା ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ଜାନୁୟାରୀ ୬ ତାରିଖଠାରୁ ଆରମ୍ଭ ହେବ। ଏଥିପାଇଁ ବୁଧବାର ବିଧିବଦ୍ଧ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କ୍ରିକେଟ ଆସୋସିଏଶନ ସଭାପତି ପ୍ରକାଶ ସାହୁ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ତଥା ଟୁର୍ନାମେଣ୍ଟ ଆବାହକ ସରୋଜ କୁମାର ସାହୁ, ୱାଇଏମସି ସଭାପତି ବାପି ଦାସ, ବର୍ଷିୟାନ କ୍ରିକେଟ ଖେଳାଳି ସୁରେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥର ଟୁର୍ନାମେଣ୍ଟରେ ମୋଟ ୮ଟି ବଛା ବଛା ରାଜ୍ୟ ବାହାରୁ ଦଳ ସବୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟକୁ ରୋଚକ କରିବାକୁ ବିଭିନ୍ନ ପ୍ରକାର ଉଦ୍ୟମ ଜାରି ରଖାଯାଇଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ୬୫ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଦେବାର ବ୍ୟବସ୍ଥା କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନ ସମସ୍ତ ବରିଷ୍ଠ ଏବଂ କନିଷ୍ଠ ଖେଳାଳିମାନେ ଯୋଗଦେଇ ନିଜର ମତ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁ ପୁରୋହିତ, ଟୁଲୁ ପାଢୀ, ମହେଶ ନିଆଲ, ବିଭୁ ଦତ ମିଶ୍ର, ରାଜୁ ବହିଦାର, ଦୁଲୁ ସୁପକାର, ସୁଧିର ମିଶ୍ର, ଜାନୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ପଦାଧିକାରୀମାନେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ମହୋତ୍ସବ ଉଦ୍‌ଯାପିତ

**ବୋଡେନ,୨୦।୧୧(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକର ଦାବରି (ସୁକଲପୁର) ଗାଁରେ ୨ଦିନ ଧରି ଚାଲିଥିବା ଜିଲାସ୍ତରୀୟ ପ୍ରାଣୀ ସମ୍ପଦ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନମିତା ପ୍ରଧାନ, ମୁଖ୍ୟବକ୍ତା ଜିଲା ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ବାସନ୍ତି ମାଝି, ସମିତି ସଭ୍ୟ ସୌଦାଗର ସାହୁ, ଖଇରା ସରପଞ୍ଚ ଶୁକାନ୍ତି ନାଗ ପ୍ରମୁଖ ଉପସ୍ଥିତ ହୋଇଥିଲେ। ଜିଲା ଭାରପ୍ରାପ୍ତ ପ୍ରାଣିଧନ ଅଧିକାରୀ ଡ. ଦୟାସାଗର ଦୁରିଆଙ୍କ ସଭାପତିତ୍ୱରେ ଡ. ଆରୟ ପ୍ରକାଶ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କର୍ଲାକୋଟ ପାଲା ଗାୟକ ତ୍ରିମନ ମାଝିଙ୍କ ଦ୍ୱାରା ପ୍ରାଣି ସମ୍ପଦ ଉପରେ ନୃତ୍ୟ ପରିବେଷଣ କରି ବୁଝାଇଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ଗାଈ, ଛେଳି, ମେଣ୍ଢା, କୁକୁଡା ଆଣି ଥିବା ଚାଷୀମାନଙ୍କୁ ମାନପତ୍ର ସହ ପୁରସ୍କାର ଦେଇଥିଲେ। ଏଥିରେ ବୋଡେନ ପ୍ରାଣିଧନ ଚିକିତ୍ସା ଅଧିକାରୀ ଦିପ୍ତିରଞ୍ଜନ ସ୍ୱାଇଁ, ଖରିଆରରୋଡ ପ୍ରାଣିଧନ ଚିକିତ୍ସା ଖରିଆରରୋଡ ରାଜେନ୍ଦ୍ର କୁମାର ପଣ୍ଡା, ଖରିଆର ପ୍ରାଣିଧନ ଚିକିତ୍ସା ଅଧିକାରୀ ହେମଲତା ମେହେର, ବେଲଟୁକରି ପ୍ରାଣିଧନ ଚିକିତ୍ସା ଅଧିକାରୀ ରନମଇ ଶବର, ଅନ୍ୟ କର୍ମଚାରୀ ତୁଳସୀରାମ ମାଝି, ଟିକେରାମ ମାଝି, ତ୍ରିବିକମ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ପୁରୁଷ ମହିଳାମାନେ ଯୋଗଦାନ କରିଥିଲେ।

# ୧୯ ଦାଦନ ଉଦ୍ଧାର, ସର୍ଦ୍ଦାର ଫେରାର

**ନୂଆପଡା ଅଫିସ/ବୋଡେନ, ୨୦।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ଖରିଆରରୋଡ ଜୋଙ୍କ ଥାନା ପୋଲିସ ୧୧ ଦାଦନଙ୍କୁ ଉଦ୍ଧାର କରିଥିବାବେଳେ ସର୍ଦ୍ଦାର ଫେରାର ହୋଇଯାଇଛନ୍ତି । ପୋଲିସ ଉଦ୍ଧାର ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ନିଜ ଗାଁଗୁଡ଼ିରେ ଛାଡି ଦେଇଛି । ଏଥିରେ ୪ଜଣ ମହିଳା ଥିବାବେଳେ ୭ଜଣ ପୁରୁଷ ଶ୍ରମିକ ଅଛନ୍ତି । ଏମାନେ ଖରିଆରରୋଡ ଥାନା ଛିନପାଣି ଏବଂ ଧରମବନ୍ଧା ଥାନା ପାସାମରାର ବୋଲି ଜଣାପଡିଛି। ବୁଧବାର ସକାଳେ ନୂଆପଡାରୁ ରାୟପୁର ଅଭିମୁଖେ ଯାଉଥିବା ଏକ ବସ୍‌ରେ ବସି ଶ୍ରମିକମାନେ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସଗାଡିକୁ ଅଟକାଇ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲା। ପଚରାଉଚୁରା ପରେ ସ୍ଥାନୀୟ ଛିନପାଣି ଗାଁର ରାମ ପ୍ରସାଦ ନାଏକ ନାମକ ଜଣେ ଶ୍ରମିକ ସର୍ଦ୍ଦାର ରାଜ୍ୟ ବାହାରକୁ ନେଉଥିବା ଜଣାପଡିଥିଲା। ପୋଲିସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଶ୍ରମିକମାନେ ସର୍ଦ୍ଦାରଙ୍କଠାରୁ ଅଗ୍ରୀମ ଟଙ୍କା ନେଇ ରାଜ୍ୟ ବାହାରକୁ ଇଟା ଗଢିବାକୁ ଯାଉଥିବା ପ୍ରକାଶ କରିଥିଲେ। ସେହପିରି ବୋଡେନ ଥାନା ଅନ୍ତର୍ଗତ ଖଇରା ଛକଠାରେ ୮ ଦାଦନ ଶ୍ରମିକମାନଙ୍କୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। କୌଣସି ସୂତ୍ରରୁ ଖବର ପାଇ ଖଇରା ଛକ ନିକଟରେ ବୋଡେନ ପୋଲିସ ନାଗପଡା ପଞ୍ଚାୟତର ମାକରବିର୍ଲି ଗାଁର ୮ ଜଣ ଦାଦନ ଶ୍ରମିକଙ୍କୁ ନିଆଯାଉଥିବା ବେଳେ ଅଟକାଇ ବୋଡେନ ଥାନାକୁ ଅଣାଯାଇଥିଲା। ଗୋଟିଏ ଅଟୋ ଗାଡିକୁ ପୋଲିସ ଜବତ କରିଛି। ଉଦ୍ଧାର ଦାଦନମାନେ ହେଲେ ମାକରବିର୍ଲି ଗାଁର କୈକେୟୀ ପାଣ୍ଡେ (୨୫), ବିରବଲ ପାଣ୍ଡେ (୨୬), ଦମୟନ୍ତି ମାଝି (୨୬), ଜୟନ୍ତି ମାଝି (୩୦), ନାଶ ସୁନାନୀ (୩୦), ପ୍ରମିଳା ବାଗ (୩୫), ଝରଣା ଜଗତ (୨୦), ହରଲାଲ ସୁନାନୀ (୨୭) । ସେମାନଙ୍କୁ ବୋଡେନ ପୋଲିସ ଘରେ ଛାଡ଼ିଦେଇଛି। ବୋଡେନ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ଦାଦନ ଦଲାଲ ଟୁନୁ ମାଝି ଫେରାର ଥିବା ବୋଡେନ ପୋଲିସ କହିଛି।

ସୂଚନାଯୋଗ୍ୟ ଯେ, ମାସକ ମଧ୍ୟରେ ଖରିଆରରୋଡ ପୋଲିସକୁ ଏହା ଦ୍ୱିତୀୟ ଥର ପାଇଁ ସଫଳତା ମିଳିଛି। ଗତ ଥର ୯୨ଜଣ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ପୋଲିସ ଶ୍ରମିକମାନଙ୍କୁ ଧରି ଘରେ ଛାଡୁଛି । ହେଲେ ପରବର୍ତ୍ତି ସମୟରେ ପୁଣି ଥରେ ଚାଲିଯାଉଛନ୍ତି । ଏହା ଉପରେ ଜିଲା ପ୍ରଶାସନର ଶ୍ରମ ବିଭାଗ ନିଦାବିଷ୍ଟୁ ହୋଇ ବସି ରହୁଥିବା ଚର୍ଚ୍ଚା ହେଉଛି।



ବୋଡେନ ପୋଲିସ ଦ୍ୱାରା ଉଦ୍ଧାର ଦାଦନ ଶ୍ରମିକମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୧ ନଭେମ୍ବର, ୨୦୧୯



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଭାଙ୍ଗି ପଡ଼ିଛି ଷ୍ଟାଣ୍ଡପୋଷ୍ଟ

ଲାଠୋର, ୨୦।୧୧ (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ତଲିପଡା ପ୍ରହରୀ ମଣ୍ଡପ ନିକଟରେ ଥିବା ଏକ ଷ୍ଟାଣ୍ଡପୋଷ୍ଟ ଭାଙ୍ଗି ପଡିଛି। କିଛିଦିନ ତଳେ ଏହି ଷ୍ଟାଣ୍ଡପୋଷ୍ଟକୁ ଏକ ଗାଡି ଧକ୍କା ଦେବା ପରେ ତାହା ଭାଙ୍ଗି ପଡିଥିଲା। ପଞ୍ଚାୟତ ପ୍ରଶାସନକୁ ମରାମତି ପାଇଁ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ମରାମତି ନ ହେବାରୁ ଏବେ ଜଳଯୋଗାଣ ଉପରେ ତାହାର ପ୍ରଭାବ ପଡିଛି। ଲୋକେ ପାଇପ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଭାଙ୍ଗି ପଡିଥିବା ଷ୍ଟାଣ୍ଡପୋଷ୍ଟକୁ ମରାମତି କରିବା ସହ ଜଳଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି।

### ସମସିଆ ଘେରରେ ଯୋଗୀସର୍ଡ଼ା ଅଙ୍ଗନୱାଡି-୨

ଲୋଇସିଂହା,୨୦।୧୧(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ଯୋଗୀସର୍ଡ଼ା ଗାଁର ଅଙ୍ଗନୱାଡି କେନ୍ଦ୍ର-୨ ଏହେଦେ ଅସାମାଜିକ ଲୁକ୍‌କର ପାଏନ୍‌ଘାଟ ପାଲଟିଛେ। ଇ ଦିଗେ ବିଭାଗୀୟ ଅଧିକାରୀ ଆର ଥାନୀଅ ପଁଚେତ୍ କତ୍ତୁରପକ୍ଷ ପଦକ୍ଷେପ ନାଇଁ ନେବାର। ଏନ୍‌ତାଥି ଅଭିଭାବକ ଆର ବୁଦ୍ଧିଜୀବୀ ମହଲରେ ଅସନ୍‌ତୋଷ ଭାବ୍ ବଢ଼ତେଲ ଯାଉଛେ। ସୂଚନା ହିସାବେ ଯୋଗୀସର୍ଡ଼ା ଗାଁର ଏମ୍‌ଇ ସ୍କୁଲ ପଛଫାଲେ ଯାଇଥିବାର ଗଣ୍ଡପଡ଼ା ରାସ୍‌ତାରେ ଇ ଅଙ୍ଗନୱାଡି କେନ୍ଦ୍ର-୨ ଚାଲୁଛେ। ଇ କେନ୍ଦ୍ରର ନୂତନ କୁଠା ଗଲା ବଛର ଦଶ୍‌ରାରେ କରମୀକଁର ଜିମା ଦିଆଯାଇଥିଲା। ଏହେଦେ ଇ କେନ୍ଦ୍ରରେ ୨୨ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। କେନ୍ଦ୍ରରରେ ମୁଖିଆ ଗେଟ୍ ନାଇଁଥିଲାବେଲେ ପଛ୍‌ଫାଲର ବାଡା ନାଁଇଁନ। ଏନ୍‌ତାଥି ଛନାଛକା ସମିଆରେ ଅସାମାଜିକ ଲୋକ୍‌ମାନେ କେନ୍ଦ୍ର ପରିସରରେ ଝାଡ଼ାଝପଟ୍ ଯାଉଛନ୍। ରଏବାର ରାତି କେହି ଝନେ ଅସାମାଜିକ ଲୋକ୍ କେନ୍ଦ୍ରର ବାରନ୍‌ଡାରେ ଝାଡ଼ା କରିଥିଲେ। ସୋମବାର କେନ୍ଦ୍ରର କରମୀ ସଙ୍ଗିତାମଞ୍ଜରୀ ସେଠ୍ ଆର ସହାୟିକା ଆଏଲା ଉତାରୁ ଇ ଘଟନା ଦେଖିଥିଲେ। ମଙ୍ଗଲବାର ଦିନ୍ ତକ୍ ସେଟା ସଫା ନାଇଁ ହେବାର ଲାଗି ଅଭିଭାବକ ମହଲରେ ଅସନ୍‌ତୋଷ ପରକାଶ ପାଇଥିଲା। ଇ ବାବ୍‌ଦେ କରମୀ ସଙ୍ଗିତାମଞ୍ଜରୀ ସେଠ୍ କହିଛନ୍ ଯେ, କେନ୍ଦ୍ରର ମୁଖିଆ ଗେଟ୍ ଆର ପଛ୍‌ଫାଲର ବାଡା ନାଁଇଁନ। ଛୁଆକର ଲାଗି ତିଆରି ହେଇଥିବାର ପାଇଖାନାକେ ବାହାରିଆ ଅସାମାଜିକ ଲୋକ୍‌ମାନେ ଛିନାଛକା ଦେଖି ବେଭାର କରୁଛନ୍। ଇ ସବୁ ସମସିଆ ବାବ୍‌ଦେ ମୁଇଁ ବିଭାଗୀୟ ଅଧିକାରୀକୁଁ ଜନେଇଛେଁ ବଲି ସେ କହିଥିଲେ। ବାଡା ଆର ମୁଖିଆ ଗେଟ୍ ନାଇଁଥିବାର ଲାଗି ଅସାମାଜିକ ଲୋକମାନେ କେନ୍ଦ୍ରର ପରିସରଟାକେ ପାଏନ୍‌ଘାଟ ଲେଖେଁ ବେଭାର କରି ଅସ୍‌କୁରା କରୁଛନ୍। ବ୍ଲକ ପରଶାସନ ଆର ବିଭାଗୀୟ ଅଧିକାରୀମାନେ ଇ ଦିଗେ ଦୁରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଦ୍ୱିତୀୟ ଦିନରେ ଚାଷୀଙ୍କ ଆମରଣ ଅନଶନ

ବଲାଙ୍ଗୀର ଅଫିସ, ୨୦।୧୧



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ ଅନଶନସ୍ଥଳରେ ଡାକ୍ତର ଚାଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

- ଦୁଇ ଚାଷୀ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି
- ପ୍ରଶାସନରୁ କେହି ଆସିଲେନାହିଁ
- ଚାଷୀ କହିଲେ ଆନ୍ଦୋଳନ ଜାରି ରହିବ
- ଚାଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲେ ଡାକ୍ତର

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦେଓଗାଁ ବ୍ଲକ କୁଲତାପଡା ଓ ଅର୍ଜ୍ଜୁନପୁର ଗ୍ରାମପଞ୍ଚାୟତ କୃଷକ ସଙ୍ଗଠନ ପକ୍ଷରୁ ଆରମ୍ଭ କରାଯାଇଥିବା ଆମରଣ ଅନଶନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆମରଣ ଅନଶନରେ ବସିଥିବା ୧୧ଜଣ ଚାଷୀଙ୍କ ମଧ୍ୟରୁ ଦୁଇଜଣ ଚାଷୀ କବିରାଜ ରଣା ଓ ବିକଳ ପଧାନଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ହେବାରୁ ଉଭୟଙ୍କୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଏହି ଦୁଇ ଚାଷୀଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେମାନେ ସେଠାରେ ଅନଶନ ଜାରି ରଖିଥିବା ଜଣାପଡିଛି। ବୁଧବାର ସକାଳେ ଡାକ୍ତର ସୁଷମା ମାଝି ଅନଶନସ୍ଥଳକୁ ଆସି ଚାଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ କବିରାଜଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବା ଡାକ୍ତର ମାଝି କହିବା ସହ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଅନ୍ୟ ଜଣେ ଚାଷୀ ବିକଳଙ୍କ ଅବସ୍ଥା ବିଗିଡିବାରୁ ତାଙ୍କୁ ମଧ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଅନ୍ୟ ୯ ଜଣ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଜାରି ରଖିଛନ୍ତି। ଦାବିପୂରଣ ନହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରହିବେ ବୋଲି ଜଣାଇଛନ୍ତି।

ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲତାପଡା ଓ ଅର୍ଜ୍ଜୁନପୁର ଗ୍ରାମପଞ୍ଚାୟତର ଶତାଧିକ ଚାଷୀଙ୍କୁ ୨୦୧୭-୧୮ ଓ ୨୦୧୮-୧୯ ବର୍ଷର ମରୁଡିଜନିତ ଫସଲହାନୀର କ୍ଷତିପୂରଣ ଟଙ୍କା ଏଯାଏଁ ମିଳିନାହିଁ। ବିଭାଗୀୟ ଅବହେଳା ଓ ପ୍ରଶାସନିକ ଉଦାସୀନତା କାରଣରୁ ଏହି ପଞ୍ଚାୟତର ଶତାଧିକ ଚାଷୀ ଫସଲ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। କ୍ଷତିପୂରଣ ଦାବି ନେଇ ଚାଷୀମାନେ ପୂର୍ବରୁ ରାସ୍ତାରୋକୋ କରିଥିଲେ। ସେତେବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କ ଦାବି ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହି ପ୍ରତିଶ୍ରୁତି ପାଳନ କରାଯାଇ ନ ଥିବାରୁ ମଙ୍ଗଳବାରଠାରୁ ଉଭୟ ପଞ୍ଚାୟତର ଚାଷୀମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। କୁଲତାପଡା-ଅର୍ଜ୍ଜୁନ୍‌ପୁର କୃଷକ ସଙ୍ଗଠନ ସଭାପତି ବିକ୍ରମ ସାହୁ ଓ ସମ୍ପାଦକ ଉମାକାନ୍ତ ଜାଲ ନେତୃତ୍ୱରେ ଏହି ଆମରଣ ଅନଶନ ଜାରି ରହିଛି। ଅନଶନରେ ବସିଥିବା ଚାଷୀଙ୍କ ପାଖକୁ କୌଣସି ସରକାରୀ ଅଧିକାରୀ ଆସି ନ ଥିବାରୁ ଗାଁର ଅନ୍ୟ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଆନ୍ଦୋଳନକାରୀଙ୍କ କୌଣସି ଅସୁବିଧା ହେଲେ ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

### ଜୋତା, ପୋଷାକରୁ ବଞ୍ଚିତ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର

ଦେଓଗାଁ,୨୦।୧୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ବନ୍ଧପଡା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜୋତା ଓ ପୋଷାକ ପାଇବାରୁ ବଞ୍ଚିତ ରହିଛନ୍ତି। ପିଲାଙ୍କ ଜୋତା ଓ ପୋଷାକ ପାଇଁ ୩ମାସ ତଳେ ବ୍ଲକର ପ୍ରାୟ ସମସ୍ତ ବିଦ୍ୟାଳୟ ଆକାଉଣ୍ଟକୁ ଟଙ୍କା ଆସିଥିଲା। ହେଲେ ଏ ପର୍ଯ୍ୟନ୍ତ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଏହି ଅର୍ଥ ଆସିନାହିଁ। ଶିକ୍ଷାବର୍ଷର ଅର୍ଦ୍ଧାଧିକ ସମୟ ବିତିଯାଇଥିଲେ ସୁଦ୍ଧା ବିଦ୍ୟାଳୟର ୪୭ଜଣ ଛାତ୍ରୀଛାତ୍ର ଏସବୁ ସାମଗ୍ରୀ ପାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ଉପେନ୍ଦ୍ର ମେହେରଙ୍କୁ ପଚାରିବାରୁ କୌଣସି କାରଣରୁ ଟଙ୍କା ଆସି ନ ଥିବାରୁ ପୋଷାକ ଜୋତା କିମ୍ବା ଖେଳ କାର୍ଯ୍ୟକ୍ରମ ସ୍କୁଲରେ ସ୍ଥଗିତ ରହିଛି ବୋଲି କହିଥିଲେ। ବିଇଓ ଭାଗ୍ୟବତୀ ଦାଶଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ପାଇନାହିଁ। ଟଙ୍କା କେଉଁଆଡେ ଗଲା ତଦନ୍ତ କଲେ ଜଣାପଡିବ ବୋଲି କହିଥିଲେ। ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବୁଢ଼ିବାହାଲରେ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

## ୮୬ ନିର୍ମାଣ ଶ୍ରମିକଙ୍କୁ ମିଳିଲା ପରିଚୟ ପତ୍ର

ଖପ୍ରାଖୋଲ, ୨୦।୧୧(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ବୁଢ଼ିବାହାଲ ପ୍ରହରୀ ମଣ୍ଡପଠାରେ ଶ୍ରମ ବିଭାଗ ତରଫରୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରଘୁନାଥ ରଣା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗ୍ରାମୀଣ ଶ୍ରମ ନିରୀକ୍ଷକ ସୁଧିର କୁମାର ସାହୁ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ରଞ୍ଜୁଲତା ସାହୁ, ସମାଜିକ କର୍ମୀ ଅଭୟ ତ୍ରିପାଠୀ, ହେମସାଗର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଦେଶାନ୍ତର ଯାଉଥିବା ଶ୍ରମିକମାନେ ପଞ୍ଜୀକରଣ କରି ଲାଇସେନ୍ସପ୍ରାପ୍ତ ମଧ୍ୟସ୍ଥି ମାଧ୍ୟମରେ ଯିବାକୁ ଶ୍ରମ ଅଧିକାରୀ କହିଥିଲେ। ଏଥିସହିତ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ବକ୍ତାମାନେ କହିଥିଲେ। ନିର୍ମାଣ ଶ୍ରମିକ ଭାବରେ ପଞ୍ଜୀକରଣ ହୋଇଥିବା ୮୬ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ୨୭ଜଣଙ୍କୁ ନବୀକରଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ତେଲେନପାଲି ପଞ୍ଚାୟତର ଗତ ୨୦୧୭ରେ କର୍ଣାଟକରୁ ଉଦ୍ଧାର ହୋଇଥିବା ୩ଜଣ ଗୋତି ଶ୍ରମିକଙ୍କୁ ୨୦ହଜାର ଟଙ୍କା ଲେଖାଏର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆପାଲି, ମହରାପଦର, ଲାଠୋର, ଘୁନସର, ଟଙ୍କପାଣି, ତେଲେନପାଲି ପ୍ରମୁଖ ପଞ୍ଚାୟତର ଶ୍ରମିକମାନେ ଉପସ୍ଥିତ ଥିଲେ।



ଜଣେ ମହିଳା ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

### ଉଠା ଦୋକାନୀଙ୍କ ଯୋଗୁ ମଝିପଡା ରାସ୍ତା ଜାମ

ସୋନପୁର,୨୦।୧୧(ନି.ପ୍ର.)

ସକାଳଠାରୁ ଅପରାହ୍ନ ଦେଢଟା ପର୍ଯ୍ୟନ୍ତ ସୋନପୁର ସହରର ମଝିପଡା ମାର୍କେଟ୍ ରାସ୍ତା ଗହଳି ରହୁଛି। ସଙ୍କୀର୍ଣ୍ଣ ରାସ୍ତା ଉପରେ ଉଠା ପରିବା ଦୋକାନୀଙ୍କ ପସରା ମେଲୁଛି। ପାର୍ଶ୍ୱରେ ବାଇକ୍ ଓ ସାଇକେଲ ଛିଡା ହେବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ଜାମ ଯୋଗୁଁ ଛାତ୍ରୀଛାତ୍ର ସ୍କୁଲ ଯିବା ପାଇଁ ଅସୁବିଧା ଭୋଗୁଛନ୍ତି। ଜରୁରିକାଳୀନ କାର୍ଯ୍ୟରେ ସ୍ଥାନୀୟ ଅଧିବାସୀ ଯାତାୟାତ କରିବା ପାଇଁ ସମସ୍ୟାରେ ପଡୁଛନ୍ତି। ଏଠାରେ ସ୍ଥାୟୀ ଭାବରେ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ଚିନ୍ତାରେ ଅଛନ୍ତି। କାରଣ ରାସ୍ତାରେ ଗହଳି ଯୋଗୁଁ ଗ୍ରାହକମାନେ ଦୋକାନକୁ ସାମଗ୍ରୀ କିଣିବାକୁ ଆସୁ ନାହାନ୍ତି। ବ୍ୟବସାୟୀମାନେ ବୁଧବାର ମ୍ୟୁନିସିପାଲିଟି ଇଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି। ଉଠା ଦେକାନୀଙ୍କୁ ଅନ୍ୟତ୍ର ବସାଇବାକୁ ସେମାନେ ଅନୁରୋଧ କରିଛନ୍ତି। ଗୁରୁବାର ଇଓ ସ୍ଥିତି ଅନୁଧ୍ୟାନ କରିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ମହରାପଦର କୃଷି ସମବାୟ ସମିତିରେ ଧାନକ୍ରୟ ଆରମ୍ଭ ହୋଇଛି।

### ମହରାପଦର କୃଷି ସମବାୟ ସମିତିରେ ଆରମ୍ଭ ହେଲା ଧାନକିଣା

## ଦୁଇ ଚାଷୀଙ୍କ ଉଠିଲା ୧୦୩ କୁଇଣ୍ଟାଲ ଧାନ

ଖପ୍ରାଖୋଲ, ୨୦।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର କୃଷି ସମବାୟ ସମିତିରେ ଚଳିତ ବର୍ଷ ଖରିଫ୍ ଋତୁର ପ୍ରଥମ ଧାନକିଣା ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନ ୨ ଜଣ ଚାଷୀ ୧୦୩ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାଯାଇଛି। ଏହି ଅବସରରେ କୃଷି ସମବାୟ ସମିତି ସଭାପତି କରୁଣାକର କୁଅଁର ନଡିଆ ଭାଙ୍ଗି ଧାନ କିଣା ଆରମ୍ଭ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ଭୋଇ, ଡିଇଓ ଜ୍ୟୋତିରଞ୍ଜନ ପଣ୍ଡା, କମିଟି ସଦସ୍ୟ ଷଡାନନ ଭୋଇ, କିଶୋର ମାଝୀ, ଲଳିତ ମାଝୀ, ସୁଶାନ୍ତ ବେହେରା, ପୂର୍ଣ୍ଣ ସେଠ, ପଞ୍ଚାନନ ପୂଝାରୀ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ରି ଧାନକୁ ବେଲପଡା ଅନନ୍ତପେଡି ରାଇସ୍ ମିଲ କିଣିଛି। ଏ ନେଇ ଖପ୍ରାଖୋଲ ବ୍ଲକ ଯୋଗାଣ ନିରୀକ୍ଷକ ରାଜରାମ ହୋତାଙ୍କୁ ପଚାରିବାରୁ ମହରାପଦର କୃଷି ସମବାୟ ସମିତିରେ ଧାନ କିଣା ଆରମ୍ଭ ହୋଇଛି। ଶୁକ୍ରବାରରୁ ବ୍ଲକର ଅନ୍ୟ ସମସ୍ତ ସମବାୟ ସମିତିରେ ଧାନ କିଣା ଆରମ୍ଭ ହେବ। ଯେଉଁ ଚାଷୀ ଟୋକନ ପାଇଥିବେ ସେମାନେ ତାରିଖ ଅନୁସାରେ ବକ୍ରି କରିପାରିବେ ବୋଲି କହିଛନ୍ତି।

### ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

## ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଅଭିଯୋଗ

ଲୋଇସିଂହା,୨୦।୧୧(ଡି.ଏନ.ଏ.)

ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ କୁମିଆପାଲି ଗାଁର ସରୋଜ ସାହୁ(୪୬) ନାମକ ଜଣେ ଯୁବକ ଗତ ୧୫ ତାରିଖ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସରୋଜଙ୍କ ଅଭିଯୋଗକୁ ଭିତ୍ତି କରି ବଲାଙ୍ଗୀର ସଦର ଥାନାରେ ଏକ ମାମଲା (ନଂ.୨୯୬/୧୯) ରୁଜୁ ହୋଇଥିଲା। ହେଲେ ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ କୋହଳ ମନଭାବ ପୋଷଣ କରୁଥିବା ସରୋଜ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତର କୁମିଆପାଲି ଗାଁର ସରୋଜ ସାହୁ ସଦର ଥାନା ଖୁଣ୍ଟପାଲି ପଞ୍ଚାୟତ ତେଲେନପାଲି ଗାଁରେ ବିବାହ କରିଛନ୍ତି। ଗତ ୧୫ ତାରିଖ ସରୋଜଙ୍କ ଶ୍ୱଶୁର ସୁବଳ ଶବର ଜାତି କାମରେ କୁମିଆପାଲିର ଦିବସ ପାଣ୍ଡେଙ୍କ ଘରକୁ ଆସିଥିଲେ। ଆପରାହ୍ନ ପ୍ରାୟ ୪ଟାରେ କୌଣସି କାରଣକୁ ନେଇ ଦିବସଙ୍କ ପରିବାର ଲୋକେ ସୁବଳଙ୍କୁ ମାରପିଟ କରୁଥିଲେ। ଖବର ପାଇ ସରୋଜ ଘଟଣାସ୍ଥଳକୁ ଆସି ଏଥିରେ ହସ୍ତକ୍ଷେପ କରିଥିଲେ। ଏଥିରେ ଉକ୍ଷିପ୍ତ ହୋଇ ୪ ମହିଳାଙ୍କ ସମେତ ଦିବସ ପାଣ୍ଡେ, ସୁବ୍ରତ ପାଣ୍ଡେ, ରିଙ୍କୁ ଭୂଏ, ବୃନ୍ଦାବନ ଭୂଏ, ରାଜେଶ ଭୂଏ ଠେଙ୍ଗା, ଟାଙ୍ଗିଆ ଭୁଜାଲି ଆଦି ମାରଣାସ୍ତ୍ରରେ ସଂଘବଦ୍ଧଭାବେ ସରୋଜଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଇତିମଧ୍ୟରେ ଘଟଣା ଘଟିବାର ୫ ଦିନ ବିତିଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ସମ୍ପର୍କରେ ମାଗୁରବେଡା ଫାଣ୍ଡି ଏଏସଆଇ ମଳୟ କୁମାର ପଣ୍ଡାଙ୍କୁ ପଚାରିବାରୁ, ସରୋଜଙ୍କ ବିରୋଧରେ ମଧ୍ୟ ପ୍ରତିପକ୍ଷ ଦିବସ ପାଣ୍ଡେ ପାଲଟା ଅଭିଯୋଗ ଆଣିଛନ୍ତି। ଏ ନେଇ ଏକ ମାମଲା (ନଂ.୨୯୭/୧୯) ରୁଜୁ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲିଥିବା ସେ କହିଛନ୍ତି।

## ସୁରକ୍ଷିତ ଶୈଶବ ଶୀର୍ଷକ ଆଲୋଚନାଚକ୍ର

ଲାଠୋର, ୨୦।୧୧ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଲାଠୋର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ବୁଧବାର ବିଶ୍ୱ ଶିଶୁ ଦିବସ ପାଳନ ଅବସରରେ ସୁରକ୍ଷିତ ଶୈଶବ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାଧନ କେନ୍ଦ୍ର ସଂଯୋଜକ କୁଞ୍ଜବିହାରୀ ସରାପଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଏବଂ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ ସ୍ଥାନୀୟ ଯୁକ୍ତଦୁଇ ଉଚ୍ଚବିଦ୍ୟାଳୟ ଅଧ୍ୟକ୍ଷ ଡ.ନାରାୟଣ ପ୍ରଧାନ କହିଥିଲେ ଯେ, ସୁରକ୍ଷିତ ଶୈଶବ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି। ଅବସରପ୍ରାପ୍ତ ଶିକ୍ଷକ ବେହେରା ସରକାରଙ୍କ ପ୍ରଚଳିତ ନୀତି ଏବଂ ମିଳିତ ଜାତିସଂଘ ଆନୁକୂଲ୍ୟରେ ଶିଶୁମାନେ ପାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଶିକ୍ଷକ ପ୍ରଦୀପ ଦାଶ ଓ ଛାତ୍ରୀ କଲ୍ୟାଣୀ ତାଣ୍ଡି ଆଲୋଚନାଚକ୍ରରେ ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ।




ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀମାନେ।

## ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ଦନ୍ଦରା ଚାମ୍ପିୟନ

ମୁରିବାହାଲ, ୨୦।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମ ପଞ୍ଚାୟତ ଜମୁନା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୧ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜମୁନା ଖେଳ ପଡିଆରେ ଫାଇନାଲ ମ୍ୟାଚ ଇଲେଭେନଷ୍ଟାର କନ୍ଧବାହାଲ ଓ ଦନ୍ଦରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭନ ଷ୍ଟାର କନ୍ଦବାହାଲ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ଦନ୍ଦରା ଆବଶ୍ୟକ ରନକୁ ୮ ଉଇକେଟ ବିନିମୟରେ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଉଦଯାପନୀ ସମାରୋହରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିପକ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ହଳଦୀ ସରପଞ୍ଚ ଗୋଷ୍ଟିନାଥ ପାଣିଗ୍ରାହୀ, କ୍ରୀଡାବିତ ଦୁର୍ଗାନନ୍ଦ ମହାକୁର, ନେତ୍ରାନନ୍ଦ ମହାକୁର ପ୍ରମୁଖ ଯୋଗଦେଇଥିଲେ।




ଟ୍ରଫି ସହ ଚାମ୍ପିୟନ ଦନ୍ଦରା କ୍ରିକେଟ ଦଳର ଖେଳାଳିମାନେ।

ଅତିଥିମାନେ ବିଜେତା ଦନ୍ଦରା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଓ ଉପବିଜେତା ଇଲେଭେନଷ୍ଟାର କନ୍ଧବାହାଲ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଚମ୍ପେ ଝାଙ୍କର, ଶ୍ରେଷ୍ଠ ବ୍ୟାଷ୍ଟମ୍ୟାନ ତେଜୁ ଭୋଇ, ମ୍ୟାନ ଅଫ୍ ଦି ମ୍ୟାଚ କାହ୍ନା ଝାଙ୍କରଙ୍କୁ ସ୍ୱତନ୍ତ୍ରଭାବେ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବୈଶାଖୁ ସିକା ଓ ସୁଶାନ୍ତ ପଧାନ ଅମ୍ପେୟାର, ଭିକାରୀ ସିକା ସ୍କୋରର ଓ ଧାରା ବିବରଣୀ ମାଗୁଣୀ ଛୁରା, ଅର୍ଜ୍ଜୁନ ଛୁରା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ସଫଳ ରୂପାୟନରେ ଆୟୋଜକ କମିଟି ସଭାପତି ଧର୍ମେନ୍ଦ୍ର ପଧାନ, ସମ୍ପାଦକ ବ୍ୟାସଦେବ ପଧାନ, କୋଷାଧ୍ୟକ୍ଷ ଅଶୋକ କୁମାର ପଧାନ, ଯୁଧିଷ୍ଠିର ପଧାନ, ପ୍ରହଲ୍ଲାଦ ସିକା, ସରୋଜ ମହାକୁର, ଜିତୁ ସିକା, ସଚିତା ନନ୍ଦ ମହାକୁର, ମକୁଳ ମାଝୀ ଓ ଦେବାଶିଷ ମହାକୁର ପ୍ରମୁଖ ସହଯୋଗ କରିଥିଲେ। ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସର ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
-ସକ୍ରେଟିସ୍



## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ବାନ୍ଧ ଦିବସ

**ସମ୍ବଲପୁର, ୨୦।୧୧ (ବ୍ୟୁରୋ)-** ବାନ୍ଧ କଳାର ଶିଳ୍ପୀ ତଥା ସ୍ୱାଧୀନତା ସଂଗ୍ରାମୀ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀ ବୁଧବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାନ୍ଧ ଦିବସ ମଧ ପାଳନ କରାଯାଇଛି। ଶିବ ପ୍ରସାଦ ମେହେରଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା । ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସହରର ଏକ ମୁଖ୍ୟ ଛକକୁ ରାଧାଶ୍ୟାମଙ୍କ ନାମରେ ନାମିତ କରି ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମତବ୍ୟକ୍ତ କରିଥିଲେ । ସ୍ମୃତି ସମିତି ସମ୍ପାଦକ ବିକ୍ରମ କୁମାର ମେହେର ପ୍ରାରମ୍ଭିକ ସୂଚନା ଦେଇଥିଲେ । ଡ. ସୁବାଷ ମେହେର ସମ୍ମାନୀତ ଅତିଥି ଓ ନମିତା ପ୍ରଧାନ ମୁଖ୍ୟବକ୍ତା ଥିଲେ । ରମାକାନ୍ତ ମେହେର, ସ୍ନେହଲତା ମେହେର, ଡ. ଜୟଦେବ ମେହେର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ସୁରେନ୍ଦ୍ର ମେମୋରିଆଲ ଫୁଟବଲ

# ଲୋଇସିଂହାକୁ ଟାଇଟଲ

**ଦେଓଗାଁ, ୨୦।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପଞ୍ଚମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲଓଡିଶା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଇଲେଭେନଷ୍ଟାର ସମ୍ବଲପୁର ଓ ଏପିଜେ ଅବଦୁଲ କାଲାମ ଲୋଇସିଂହା ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହା ଦଳ ୫-୪ ଗୋଲରେ ବିଜୟୀ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ସମ୍ବଲପୁର ଦଳ ପକ୍ଷରୁ ଗଣେଷ ମୁଣ୍ଡା ଗୋଲ ଦେଇଥିଲେ । ଖେଳର ଦ୍ୱିତୀୟାର୍ଦ୍ଧରେ ଲୋଇସିଂହା ତରଫରୁ ସୁଶାନ୍ତ ଓରାମ ଗୋଲଦେଇ ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଲୋଇସିଂହା ବିଜୟୀ ହୋଇଥିଲା। ସମ୍ବଲପୁର ଦଳର ସୀତାରାମ ଓରାମଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଲୋଇସିଂହାର କିଶୋର ନାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଲୋଇସିଂହା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଏ ଅବସରରେ ବରିଷ୍ଠ ଫୁଟବଲ ଖେଳାଳି ଅଶୋକ ଦଣ୍ଡସେନା ଓ କହ୍ନେଇ ପରଧିଆ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖେଳକୁ ଶ୍ରୀବତ୍ସ ମେହେର, କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, କୈଳାସ କର୍ଣ୍ଣ, ଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ । ପରିଚାଳନା କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ଓ ପ୍ରମୋଦ କୁମାର ବହିଦାରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ରୀନା ମେହେର ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ୧୫ ହଜାର ଅର୍ଥ ରାଶି ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୧୦ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ଫାଇନାଲ ଖେଳ ପୂର୍ବରୁ ଭୁବନେଶ୍ୱର ଓ ବରଗଡ ମହିଳା ଫୁଟବଲ ଟିମ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ଅମୀମାଂସିତ ରହିଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ଜରାସିଂହା ପ୍ୟାକ୍ସ ନିର୍ଦ୍ଦେଶିକା ଯଶୋଦା ମେହେର ପ୍ରମୁଖ ଯୋଗଦେଇଥିଲେ । ଟୁର୍ନାମେଣ୍ଟକୁ କୋଷାଧକ୍ଷ ଲିଲୁ ସିଂ ତଥା ବିଏନଏଏ ସଦସ୍ୟମାନେ ସହଯୋଗ କରିଥିଲେ ।



କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଭିଡ଼ ଜମିଛି।

## ଡ୍ରାଇଭିଂ ଲାଇସେନ୍ସ ପାଇଁ ପ୍ରବଳ ଭିଡ଼

**କୁଚିଣ୍ଡା,୨୦।୧୧(ଡି.ଏନ.ଏ.)**

ସରକାର ଆଗାମୀ ଡିସେମ୍ବର ପହିଲାରୁ ଗାଡି ଚାଳକଙ୍କ ପାଇଁ କଡାକଡି ନିୟମ ଲାଗୁ କରିବାକୁ ଯାଉଛନ୍ତି । ସରକାରଙ୍କ ପକ୍ଷରୁ କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ୧୯ ରୁ ୨୧ ତାରିଖ ୩ ଦିନ ଧରି ଜିଲା ପ୍ରଶାସନ ସହାୟତାରେ କ୍ୟାମ୍ପ କରି ଗାଡି ଚାଳକଙ୍କୁ ସୁବିଧାରେ ଲର୍ନିଂ ଲାଇସେନ୍ସ ପ୍ରଦାନ କରିବା ପାଇଁ ସୁବିଧା କରାଯାଇଛି। ଏଥିପାଇଁ ବ୍ୟକ୍ତିମାନେ ଏହି କ୍ୟାମ୍ପକୁ ଆସି ନିଜ ଲାଇସେନ୍ସ ପାଇଁ ଆବେଦନ ସହ ପରୀକ୍ଷା କରାଯାଇ କୃତକାର୍ଯ୍ୟ ବ୍ୟକ୍ତିଙ୍କ ଲର୍ନିଂ ଲାଇସେନ୍ସ ପ୍ରଦାନ ପାଇଁ ଚିହ୍ନଟ କରାଯାଉଛି । ଅଞ୍ଚଳର ବହୁ ବ୍ୟକ୍ତି ଏଥିପାଇଁ ଗତ ମାସରୁ ଅନଲାଇନ ଆବେଦନ କରିଥିଲେ ହେଁ ସେମାନଙ୍କ ଆବେଦନକୁ ସ୍ଲାଇଡର୍ ହୋଇ ନ ଥିବାରୁ ଉକ୍ତ ବ୍ୟକ୍ତିମାନେ ବହୁ ଅସୁବିଧାର ସମ୍ମୁଖିନ ହେବା ଦେଖିବାକୁ ମିଳିଥିଲା । ଏ ନେଇ କୁଚିଣ୍ଡା ପ୍ରଶାସନର କିଛି ବ୍ୟକ୍ତି ଆଶ୍ରୟ ନେବାରୁ ପ୍ରଶାସନ ଆରଟିଓଙ୍କ ମଧରେ ବାର୍ତ୍ତାଲାପ ପରେ ଅନେକ ବ୍ୟକ୍ତି ସେମାନଙ୍କ ଲାଇସନ୍ସ ପାଇବା ପାଇଁ ପରୀକ୍ଷା ଦେଇଥିଲେ। ଏଥିପାଇଁ ବୁଧବାର ୪୯ ନମ୍ବର ଜାତୀୟ ରାଜପଥରୁ ବ୍ଲକ ପର୍ଯ୍ୟନ୍ତ ଯାନବାହାନ ସହ ଲୋକାରଣ୍ୟ ହୋଇ ଉଠିଥିଲା । ଅଞ୍ଚଳରେ ଆହୁରି ଅନେକ ବିନା ଲାଇସେନ୍ସଧାରୀ ମଧ ରହିଛନ୍ତି । ଏଣୁ ଅଞ୍ଚଳର ସମସ୍ତଙ୍କ ଲାଇସେନ୍ସ ହେବାକୁ ହେଲେ ଆହୁରି କିଛି ଦିନ ସମୟ ଦରକାର। ଏଣୁ ଏହି କ୍ୟାମ୍ପରୁ ଆଉ କିଛି ଦିନ ବଢ଼ାଇବାକୁ ଜନସାଧାରଣ ଦାବି କରନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇ ସୁଲକ୍ଷଣୀ ହୋଇଥା**
**ମଥାରେ ସିନ୍ଦୂର ନାଇଥା ।**

ସ୍ତ୍ରୀ ସଧବା ରହିବା ହିନ୍ଦୁ ସମାଜରେ ଅତି ପୁଣ୍ୟର ଲକ୍ଷଣ ବା ସୌଭାଗ୍ୟର କଥା ହୋଇଥାଏ । ସେ ବଞ୍ଚିଥିବା ପର୍ଯ୍ୟନ୍ତ ସ୍ୱାମୀ ଜୀବିତ ଥିଲେ ଅଇ ସୁଲକ୍ଷଣୀ ବୋଲି କୁହାଯାଏ । ଏହା ସ୍ତ୍ରୀମାନଙ୍କ ପ୍ରତି ଆଶୀର୍ବାଦ ବାଣୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ନଡ଼ବଡ଼ ବାଉଁଶ କଣି**
**କେମିତି କାଢ଼ିବୁ ବାମ୍ଫିରୁ ପାଣି ?**

ବାମ୍ଫିରୁ ପାଣି କାଢ଼ିବାରେ ବହୁ ଶାରୀରିକ ଶ୍ରମ ଲୋଡ଼ା ପଡ଼ିଥାଏ । ଯାହାର ଶରୀର ରୁଗ୍‌ଣ, କ୍ଷୀଣ ତା'ପକ୍ଷେ ଏତେ ଗହୀରରୁ ପାଣି କାଢ଼ିବା ଖୁବ୍ କାଠିକର ପାଠ ହୋଇଥିବା ସ୍ଥଳେ ଦୁର୍ବଳ ମହିଳାଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

# କେନ୍ଦ୍ରୀୟ ଆଧାରରେ ଦରମା ଦିଅ

**ବଲାଙ୍ଗୀର ଅଫିସ, ୨୦।୧୧**

ବଲାଙ୍ଗୀର ଜିଲା ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ରାଜ୍ୟପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ଅମରେନ୍ଦ୍ର କୁମାର ବାଗ ଓ ସାଧାରଣ ସମ୍ପାଦକ ଦେବାଶିଷ ସାହୁଙ୍କ ନେତୃତ୍ୱରେ ଶତାଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏକ ରାଲିରେ ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକଙ୍କ ଦରମା ବିସଙ୍ଗତିକୁ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଓ କନିଷ୍ଠ ଶିକ୍ଷକମାନେ ଯଥାକ୍ରମେ ୭୪୦୦ ଓ ୯୨୦୦ ଟଙ୍କା ଦରମା ପାଉଥିବାବେଳେ ଏତେ କମ୍ ଟଙ୍କାରେ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇଥିଲେ । ରାଜ୍ୟରେ ୪୦ ହଜାର କନିଷ୍ଠ ଶିକ୍ଷକ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ଦରମାକୁ ନେଇ ସେମାନେ ଘୋର ମାନସିକ ଚିନ୍ତାରେ ପଡିଛନ୍ତି ବୋଲି କହିଥିଲେ । ମାନସିକ ଚାପ କାରଣରୁ ସେମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରୁନାହାନ୍ତି । ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା କଥା କହୁଥିବାବେଳେ ଏଭଳି ପରିସ୍ଥିତିରେ ଏହା ପ୍ରହସନ ମନେ ହେଉଛି ବୋଲି କହିଥିଲେ । ପରୀକ୍ଷା ସମୟରେ ସରକାର ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ପାରୁ ନ ଥିବାବେଳେ ଶିକ୍ଷକଙ୍କୁ ଦରମା ଦେଇପାରୁ ନାହାନ୍ତି । ଏଭଳି ସ୍ଥିତିରେ ଗୁଣାତ୍ମକ ଶିକ୍ଷା କଥା କହିବା ହାସ୍ୟାସ୍ପଦ ବୋଲି ସେମାନେ କହିଥିଲେ । ଶିକ୍ଷକଙ୍କ ଆର୍ଥିକ ସମସ୍ୟାର ସମାଧାନ କରି ଗୁଣାତ୍ମକ ଶିକ୍ଷା କଥା କହିବା ବିଚିତ୍ର ବୋଲି ଶିକ୍ଷକମାନେ ତାଚ୍ଛଲ୍ୟ କରି ଆପଣମାନେ ଖୁସି ତ ନାରା ଦେଇଥିଲେ । ଏହି ଆନ୍ଦୋଳନକୁ ଅଲ୍ ଇଣ୍ଡିଆ ଡେମୋକ୍ରେଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ପକ୍ଷରୁ ସମର୍ଥନ କରାଯାଇଥିଲା । ଏଥିରେ ଏଆଇଡିଏସ୍‌ଓର ସୁନୀଲ ଭୋଇ, ଲକ୍ଷ୍ମୀଧର ସାମଲ, ରାଜେନ୍ଦ୍ର ରଣା ଓ ଅନ୍ୟମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଜିଲା କନିଷ୍ଠ ଶିକ୍ଷକ ସଂଘ ସଦସ୍ୟମାନେ ସେମାନଙ୍କ ବହୁ ଅସୁବିଧା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କେନ୍ଦ୍ରୀୟ ଆଧାରରେ ଦରମା ଦେବାକୁ ସେମାନେ ଦାବି କରିଥିଲେ । ଏହି ଆନ୍ଦୋଳନରେ ଜିଲାର ବହୁ କନିଷ୍ଠ ଓ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକ ସାମିଲ ହୋଇଥିଲେ ।



ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

## ଗଛରେ ପିଟିହେଲା ବସ୍: ୧୫ ଆହତ

**ସଜନାଗଡ଼,୨୦।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବରହମ୍ପୁର ଥାନା ଅଧୀନ ୧୯ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ତେଲିପାଳ ଆଶ୍ରମ ନିକଟରେ ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକକୁ ଅତିକ୍ରମ କଲା ବେଳେ ବସ୍‌ରେ ଟ୍ରକ ଡାଲା ବାଜିବାରୁ ଏହା ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଯାଇଥିଲା । ଏଥିରେ ୧୫ ଯାତ୍ରୀ ଆହତ ହୋଇଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା । ବରହମ୍ପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ପୋଲିସ ସୂଚନା ଅନୁଯାୟୀ, ସାହୁ ଆଣ୍ଡ ସାହୁ ନାମକ ଯାତ୍ରୀବାହୀ ବସ୍ (ଓଡି୦୧ଏଲ୍-୪୪୪୫) ବାଲେଶ୍ୱରରୁ ଯାତ୍ରୀ ନେଇ ଉଦଳା ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଅନ୍ୟପାର୍ଶ୍ୱରୁ ଆସୁଥିବା ମାଲବାହୀ ଟ୍ରକ୍ ନମ୍ବର ଓଆର୍୦୧ଆର୍-୦୯୪୫। ବସ୍‌ରେ ପ୍ରାୟ ୬୦ରୁ ଅଧିକ ଯାତ୍ରୀ ଥିଲେ। ଆହତ ୧୫ ଯାତ୍ରୀଙ୍କୁ ବରହମପୁର ଓ ନୀଳଗିରି ମେଡ଼ିକାଲରେ ଚିକିତ୍ସା କରାଯାଇ ପରେ ଗୁରୁତର ଯାତ୍ରୀଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟ ବସ୍ ଓ ଟ୍ରକ୍ ଜବତ ହୋଇଛି। ବସ୍ ଓ ଟ୍ରକର କାଗଜପତ୍ର ଯାଞ୍ଚ ଚାଲିଛି। ଏହି ରାସ୍ତାରେ ଚଳାଚଳ ଲାଗି ପରମିଟ୍ ପାଇଥିବା ବସ୍‌ର ମରାମତି ଚାଲିଥିବାରୁ ଏହା ସ୍ଥାନରେ ରିଜର୍ଭ ଥିବା ଅନ୍ୟ ଏକ ବସ୍ କିଛିଦିନ ଧରି ଚାଲୁଥିଲା ବୋଲି ଜଣାପଡିବାରୁ ଏ ନେଇ ଅଧିକ ତଦନ୍ତ କରାଯାଉଛି। ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DHARITRI Career appointment Every Wednesday and Saturday

FINANCE

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB-9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
Ujjivan ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS

ବୃଦ୍ଧାଶ୍ରମରେ ରହିବା ପାଇଁ ଯୋଗାଯୋଗ
ମାଗଣାରେ ଖାଇବା, ରହିବା, ବସ୍ତ୍ର ଓ ଔଷଧ ଦିଆଯିବା ସ୍ଥାନ – ଖୋର୍ଦ୍ଧା ଟାଉନ୍, ଯୋଗାଯୋଗ –
9090415586, 9090570986
ମହିଳାମାନଙ୍କ ପାଇଁ "ନିଶା ନିବାରଣ କେନ୍ଦ୍ର", ଭୁବନେଶ୍ୱର
ଯୋଗାଯୋଗ – 9090415586, 6372108102
Geriatric Welfare Charitable Trust

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୧ ନଭେମ୍ବର ,୨୦୧୯



"ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ଯୁବକ ଗିରଫ

ଝାରସୁଗୁଡ଼ା ଅଫିସ୍/ଲଖନପୁର, ୨୦।୧୧(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବଡ଼ମାଲ ପୋଲିସ ଚୋରି ଅଭିଯୋଗରେ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଞ୍ଜାରୀ ଗ୍ରାମର ଶିବ ଓରାମ। ପୋଲିସ ତାଙ୍କ ନିକଟରୁ ଗୋଟିଏ ଚୋରି ମୋବାଇଲ୍ ଓ ୫ହଜାର ଟଙ୍କା ଉଦ୍ଧାର କରିଛି। ଅଭିଯୁକ୍ତ ଶିବଙ୍କ ନାମରେ ପୂର୍ବରୁ ୪ଟି ଚୋରି ମାମଲା ରହିଛି ବୋଲି ଆଇଆଇସି ଅମିତାଭ ପଣ୍ଡା କହିଛନ୍ତି। ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ବେଦାନ୍ତ ସେପକୋ ଆଇପିପି ବ୍ୟାରେକ୍‌ରେ ପଶି ଅଭିଯୁକ୍ତ ଜଣଙ୍କ ମୋବାଇଲ ଫୋନ୍ ଓ ୫ହଜାର ଟଙ୍କା ଚୋରି କରିଥିଲେ। ଚୋରି ବେଳେ ବ୍ୟାରେକ୍ କର୍ମଚାରୀଙ୍କ ହାତରେ ଧରାପଡ଼ିଥିଲେ। ଏନେଇ କର୍ମଚାରୀ ସୌରଭ ଶର୍ମା ବଡ଼ମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବଡ଼ମାଲ ପୋଲିସ କେସ୍ ନଂ.୧୮୨/୧୯ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ହଷ୍ଟେଲ ଆଟେଣ୍ଡାଣ୍ଟଙ୍କ ମାଡ଼ରେ ଛାତ୍ର ଆହତ

ଲଖନପୁର,୨୦।୧୧(ଡି.ଏନ୍.ଏ.)

ସ୍କୁଲରେ ଛାତ୍ରୀଛାତ୍ରଙ୍କୁ କେହି ମାଡ଼ ମାରିପାରିବେ ନାହିଁ। ଏଥିପାଇଁ ଶିକ୍ଷା ବିଭାଗ ତରଫରୁ ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଯଦି କେହି ଏହି ନିର୍ଦ୍ଦେଶନାମାକୁ ଉଲଂଘନ କରେ ତା'ହେଲେ ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ତଥାପି ଛାତ୍ରୀଛାତ୍ରଙ୍କୁ ଶିକ୍ଷକ ଓ କର୍ମଚାରୀମାନେ ଦଣ୍ଡଦେବା ପାଇଁ ପଛାଉନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଲସଦା ଉଦୟ ବେହେରା ହାଇସ୍କୁଲରେ। ହାଇସ୍କୁଲ ହଷ୍ଟେଲର ଆଟେଣ୍ଡାଣ୍ଟ କମ୍ କୁକ୍ ମହେନ୍ଦ୍ର ଭୋଇଙ୍କ ମାଡ଼ରେ ଜଣେ ଅନ୍ତେବାସୀ ଆହତ ହୋଇଛନ୍ତି। ଆହତ ଅନ୍ତେବାସୀ ଜଣଙ୍କ ହେଲେ ୧୦ମ ଶ୍ରେଣୀର ଛାତ୍ର ସତ୍ୟଜିତ କିଷାନ। ତାଙ୍କ ହାତରେ ଆଘାତ ଲାଗିଛି। ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବେଲପାହାଡ଼ ଓ ଝାରସୁଗୁଡ଼ାର ଏକ ଘରୋଇ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଯାଇଛି। ଏବେ ଆହତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍‌ଥିବା ସ୍କୁଲର ପ୍ରଧାନଶିକ୍ଷକ ସତ୍ୟବାଦୀ ମେହେର କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ମେହେର ଜିଲା ମଙ୍ଗଳ ଅଧିକାରୀ ଓ ବ୍ଲକ ସମ୍ପ୍ରସାରଣ ଅଧିକାରିଣୀଙ୍କୁ ଜଣାଇଛନ୍ତି। ଖବରପାଇ ବୁଧବାର ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ଆନନ୍ଦିନୀ ପାଢ଼ୀ, ମମତା ତ୍ରିପାଠୀ, ଅହଲ୍ୟା ନାୟକ, ଗୁଣନିଧି ଭଇଁସା, ଚାଇଲ୍ଡଲାଇନ୍ ଜିଲା ସଂଯୋଜକ ଆଶିଷ କୁମାର ପଣ୍ଡା ଓ ରାଧେଶ୍ୟାମ ନାୟକ ପ୍ରମୁଖ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି। ଏ ସମ୍ପର୍କରେ ତଦନ୍ତ ରିପୋର୍ଟ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ସମିତି ଅଧକ୍ଷା ପାଢ଼ୀ କହିଛନ୍ତି। ଏନେଇ ସ୍କୁଲ ପରିଚାଳନା କମିଟି ତରଫରୁ ବୁଧବାର ଏକ ଜରୁରି କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଟେଣ୍ଡାଣ୍ଟ ଭୋଇ ନିଜର ଭୁଲ ସ୍ୱୀକାର କରି ସ୍କୁଲ ପରିଚାଳନା କମିଟିକୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ସ୍କୁଲ ପରିଚାଳନା କମିଟି ସମ୍ପୃକ୍ତ ଆଟେଣ୍ଡାଣ୍ଟଙ୍କୁ ଚାକିରିରୁ ବହିଷ୍କାର କରାଯିବ ବୋଲି ଏକ ପ୍ରସ୍ତାବ ଗୃହୀତ କରିଛି। ଏହି ପ୍ରସ୍ତାବ ସମ୍ପର୍କରେ କମିଟି ଡିଡବ୍ଲୁଓ ଓ ଡବ୍ଲୁଇଓଙ୍କୁ ଅବଗତ କରିବ ବୋଲି ଜଣାପଡ଼ିଛି। ସ୍କୁଲ ପ୍ରଧାନଶିକ୍ଷକ ମେହେର କହିବା ଅନୁଯାୟୀ ଗତ ରବିବାର ରାତି ସାଢ଼େ ୮ ଟାରେ ଛାତ୍ର ସତ୍ୟଜିତ ପାଠ ନ ପଢ଼ି ଶୋଇପଡ଼ିଥିଲେ। ଏହା ଦେଖି ଆଟେଣ୍ଡାଣ୍ଟ ଭୋଇ ଅନ୍ତେବାସୀଙ୍କୁ ପାଠ ନ ପଢ଼ି କାହିଁକି ଶୋଇଛୁ କହି ଏକ ମଶାରି ବାଡ଼ିରେ ମାଡ଼ମାରିଥିଲେ। ଏହା ଜଣାପଡ଼ିବା ପରେ ସ୍କୁଲ ତରଫରୁ ଅନ୍ତେବାସୀଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା।



ସିଡବ୍ଲୁସି ଓ ଚାଇଲ୍ଡଲାଇନ୍ ଅଧିକାରୀମାନେ ସ୍କୁଲରେ ଘଟଣାର ତଦନ୍ତ କରୁଛନ୍ତି।

## ପ୍ରଥମାଷ୍ଟମୀ ଫୁଟବଲ ପ୍ରତିଯୋଗିତା, ରାଜପୁର ଚାମ୍ପିୟନ

ବ୍ରଜରାଜନଗର, ୨୦।୧୧(ଡି.ଏନ୍.ଏ.)

ସ୍ଥାନୀୟ ରାଜପୁର ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ନେତାଜୀ କ୍ଲବ ରାଜପୁର ଓ କୁଚିଣ୍ଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ କେହି କାହାରିକୁ ଗୋଲ୍ ଦେବାରେ ସକ୍ଷମ ହୋଇ ପାରି ନ ଥିଲେ। ପରେ ଟାଇବ୍ରେକର ସାହାଯ୍ୟରେ ରାଜପୁର ଦଳ ୩-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବେଲପାହାଡ ପୌରାଧକ୍ଷ ପର୍ଶୁରାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା କ୍ରୀଡ଼ା ସାଧାରଣ ସମ୍ପାଦକ ତାପସ ରାଏ ଚୌଧୁରୀ, ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାଏକ, ତ୍ରିନାଥ ଗୁଆଲ, ନେତାଜୀ କ୍ଲବ ପରାମର୍ଶଦାତା ପ୍ରଶାନ୍ତ ପାଇଯୋଷୀ, ସମିତି ସଭ୍ୟ ଗଣେଶରାମ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୧୦ ହଜାର ଓ ରନର୍ସଅପ୍ ଦଳକୁ ୭ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରାଜୀବ ପାଇଯୋଷୀ ମଞ୍ଚ ପରିଚାଳନା କରିଥିଲେ ।

## ଜିଲାସ୍ତରୀୟ ଯୁଥ ଫେଷ୍ଟିଭାଲ
# ଧରଣୀଧର ସଙ୍ଗୀତ ପରିଷଦ ପ୍ରଥମ

କୋଲାବିରା, ୨୦।୧୧ (ଡି.ଏନ୍.ଏ.)

ଜିଲାସ୍ତରୀୟ ଯୁଥ ଫେଷ୍ଟିଭାଲରେ କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହାସ୍ଥିତ ଧରଣୀଧର ସଙ୍ଗୀତ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକଗୀତ ପରିବେଷଣ କରି ଧରଣୀଧର ସଙ୍ଗୀତ ପରିଷଦ ପ୍ରଥମ ସ୍ଥାନ ଅଧିକାର କରି ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଉନ୍ନୀତ ହୋଇଛି। ଧରଣୀଧର ସଙ୍ଗୀତ ପରିଷଦର ଅତୁଲ୍ୟ ଚାନ୍ଦ ଓ ତାଙ୍କ ଦଳ ମିଳିତ ଭାବେ ଲୋକଗୀତ ପରିବେଶଣ କରି ପୁରସ୍କୃତ ହୋଇଥିବାବେଳେ ତବଲା ବାଦନରେ ମଧ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସମାସିଂହାସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସଙ୍ଗୀତ ପରିଷଦ ସମାସିଂହା ଧରଣୀଧର ସଙ୍ଗୀତ ପରିଷଦ ୨୦୧୫ ମସିହାଠାରୁ ନିରବଚ୍ଛିନ୍ନ ଭାବେ ମାଗଣାରେ ସଙ୍ଗୀତ ପ୍ରଶିକ୍ଷଣ ଦେଇଆସୁଛି। ଧରଣୀଧର ସଙ୍ଗୀତ ପରିଷଦର ସମ୍ପାଦକ ଅତୁଲ୍ୟ ଚାନ୍ଦ, ଉପଦେଷ୍ଟା ମଦନ ମୋହନ ପଟେଲ, ଗୁରୁଚରଣ ସାହୁ, ଗୌରିଶଙ୍କର ନାଏକ, କୌଶଳ ଜୟପୁରିଆ, ଭୁଲେନ୍ଦ୍ର ଚାନ୍ଦ, କିଶୋର ସିଂ ଠାକୁର, ନିର୍ମଳ ଚାନ୍ଦ ପ୍ରମୁଖ ସଂସଦର କାର୍ଯ୍ୟକର୍ତ୍ତା ଅନୁଷ୍ଠାନ ପାଇଁ ଉତ୍ସର୍ଗିକୃତ ଭାବେ କାର୍ଯ୍ୟକରୁଛନ୍ତି।

## ଚାଇଲ୍ଡଲାଇନ୍ ସହ ବନ୍ଧୁତା ସ୍ଥାପନ କାର୍ଯ୍ୟକ୍ରମ ଉଦ୍‌ଯାପିତ
# ଅତିରିକ୍ତ ଜିଲାପାଳଙ୍କୁ ରାଖି ବାନ୍ଧିଲେ ଛାତ୍ରୀ



ଜଣେ ଛାତ୍ରୀ ଅତିରିକ୍ତ ଜିଲାପାଳଙ୍କ ହାତରେ ରାଖି ବାନ୍ଧି ବନ୍ଧୁତା ସ୍ଥାପନ କରୁଛନ୍ତି।

ଝାରସୁଗୁଡା ଅଫିସ୍ / ଲଖନପୁର, ୨୦।୧୧(ଡି.ଏନ୍.ଏ.)

ଜିଲା ଚାଇଲ୍ଡଲାଇନ୍ ତରଫରୁ ସପ୍ତାହେ ବ୍ୟାପି ବନ୍ଧୁତା ସ୍ଥାପନ କାର୍ଯ୍ୟକ୍ରମ ଚାଲିଥିଲା। ଏହି କାର୍ଯ୍ୟକ୍ରମ ଗତ ଶିଶୁ ଦିବସରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି। ଏହି ଅବସରରେ ଚାଇଲ୍ଡଲାଇନ୍ କର୍ମକର୍ତ୍ତାମାନେ ବିଭିନ୍ନ ସ୍କୁଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ତାଲିମ ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ର୍‍ୟାଲି କରାଯାଇଥିଲା । ପୋକ୍ସଆକ୍ଟ ଓ କିଶୋର ଆଇନ୍ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଏକ ସାମୁହିକ ଦସ୍ତଖତ ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ଦିବସରେ ଚାଇଲ୍ଡଲାଇନ୍ ଜିଲା ସଂଯୋଜକ ଆଶିଷ ପଣ୍ଡାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ହାତରେ ରାଖି ବାନ୍ଧି ବନ୍ଧୁତା ସ୍ଥାପନ କରିଥିଲେ।

## ୬୫ତମ ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନଶିପ୍
# ଦ୍ୱିତୀୟ ଦିବସରେ ୧୬ଟି ଲିଗ୍ ମ୍ୟାଚ୍ ସମ୍ପନ୍ନ

ଝାରସୁଗୁଡା ଅଫିସ୍/ ଲଖନପୁର /ବେଲପାହାଡ଼,୨୦।୧୧ (ଡି.ଏନ୍.ଏ.)

ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଘ ଓ ଝାରସୁଗୁଡ଼ା ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଗତ ମଙ୍ଗଳବାରରୁ ଝାରସୁଗୁଡ଼ାରେ ୬୫ତମ ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଉକ୍ତ ଚାମ୍ପିୟନଶିପର ଦ୍ୱିତୀୟ ଦିବସରେ ବୁଧବାର ୪ଟି ଖେଳ ପଡ଼ିଆରେ ୧୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଗୁଡ଼ିକ ମଧ୍ୟରୁ ୮ଟି ମ୍ୟାଚ୍ ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୨ଟି ପଡ଼ିଆରେ, ୪ଟି ମ୍ୟାଚ୍ ବଡ଼ମାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଓ ୪ଟି ମ୍ୟାଚ୍ ମନମୋହନ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ୨୬ଟି ଜିଲାକୁ ମୋଟ ୮ଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ଆୟୋଜିତ କଳାହାଣ୍ଡି ଓ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-ଗୋଲରେ ଡ୍ର ହୋଇଛି। ବାଲେଶ୍ୱର ୩-୧ ଗୋଲ୍‌ରେ କଟକକୁ ହରାଇ ବିଜୟୀ ହୋଇଛି। ବରଗଡ଼ ୨-୧ ଗୋଲରେ ଝାରସୁଗୁଡ଼ାକୁ ହରାଇ ବିଜୟୀ ହୋଇଛି, ସୁନ୍ଦରଗଡ ୧-୦ ଗୋଲ୍‌ରେ କଟକକୁ ପରାଜିତ କରି ବିଜୟୀ ହୋଇଛି। ମୟୁରଭଞ୍ଜ ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଡ୍ର ହୋଇଛି। ଭଦ୍ରକ ୫-୦ ଗୋଲରେ ଖୋର୍ଦ୍ଧାଠାରୁ ବିଜୟୀ ହୋଇଛି, ନୟାଗଡ଼ ୨-୦ ଗୋଲ୍‌ରେ କୋରାପୁଟକୁ ହରାଇ ବିଜୟୀ ହୋଇଛି, ସମ୍ବଲପୁର ୫-୦ ଗୋଲ୍‌ରେ ଖୋର୍ଦ୍ଧାକୁ ହରାଇ ବିଜୟୀ ହୋଇଛି। ନବରଙ୍ଗପୁର ୬-୦ ଗୋଲ୍‌ରେ ବୌଦ୍ଧକୁ ହରାଇ ବିଜୟୀ ହୋଇଛି, ବଲାଙ୍ଗୀର ଓ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଡ୍ର ହୋଇଛି। କନ୍ଧମାଳ ୧-୦ରେ ନବରଙ୍ଗପୁରକୁ ହରାଇ ବିଜୟୀ ହୋଇଛି, ଢେଙ୍କାନାଳ ୧-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି, କେନ୍ଦୁଝର ୮-୦ ଗୋଲ୍‌ରେ ସୋନପୁରକୁ ହରାଇ ବିଜୟୀ ହୋଇଛି, କେନ୍ଦ୍ରାପଡ଼ା ୧-୦ ଗୋଲ୍‌ରେ ପୁରୀକୁ ହରାଇ ବିଜୟୀ ହୋଇଛି, ଯାଜପୁର ୧-୦ ଗୋଲରେ ଦେବଗଡ଼କୁ ହରାଇ ବିଜୟୀ ହୋଇଛି ଏବଂ ଭୁବନେଶ୍ୱର ୭-୦ ଗୋଲରେ ସୋନପୁରକୁ ହରାଇ ବିଜୟୀ ହୋଇଛନ୍ତି। ବଲାଙ୍ଗୀର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରକାଶ ପରିଡ଼ା ଏବଂ ଝାରସୁଗୁଡ଼ା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଡ଼ମ୍ବରୁଧର ପୂଜାରୀଙ୍କ ସମେତ ବିଭିନ୍ନ ଜିଲାର ଶାରୀରିକ ଶିକ୍ଷା ନିରୀକ୍ଷକ ମହେଶ ଡ଼ନସନା, ତ୍ରୈଲୋକ୍ୟ ନାଏକ, ମନୋରଞ୍ଜନ ପ୍ରହରାଜ ଓ ମହେନ୍ଦ୍ର ବିଶ୍ୱାଳଙ୍କ ତତ୍ୱାବଧାନରେ ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହାଇଥିଲା। ଆସନ୍ତା ଗୁରୁବାର ୮ଟି ଗ୍ରୁପର ଅବଶିଷ୍ଟ ଲିଗ୍ ମ୍ୟାଚଗୁଡ଼ିକ ଖେଳାଯିବା ପରେ କ୍ୱାର୍ଟର ଓ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚାମ୍ପିୟନସିପର ମୁଖ୍ୟ ସଂଯୋଜକ ରଞ୍ଜନ କୁମାର ଦାସ ପ୍ରକାଶ କରିଛନ୍ତି।



ଝାରସୁଗୁଡ଼ା ଦଳ ଓ ବରଗଡ଼ ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।

**NOTICE**

**IN THE DEBT RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 266 of 2019**

**Syndicate Bank, Bhadrak Branch, Dist: Bhadrak** .......Applicant

-Versus-

**Mr Srikanta Kabi and others** .......Defendants

To,

**(2) Sri Chittaranjan Jena,** S/o: Jaladhar Jena, At- Gabasahi, PO/ PS/Dist: Bhadrak-756100 .

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No 266 of 2019** in the court of Debts Recovery Tribunal at Cuttack for a recovery of **Rs.12,46,452.71** only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent in support of their defense to show cause within 30 days from the date of publication or on **27th day of December 2019 at 10.30** A.M as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 15th day of November, 2019 .

Sd/-
Registrar (I/C)
Debts Recovery Tribunal

## ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପ୍ରସଙ୍ଗ
# ପଦଯାତ୍ରାରେ ଲଖନପୁର ବ୍ଲକରେ ପହଞ୍ଚିଲେ ସତ୍ୟବ୍ରତ

ଝାରସୁଗୁଡା ଅଫିସ୍ / ଲଖନପୁର, ୨୦।୧୧ (ଡି.ଏନ୍.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ମହାନଦୀ ଜଳ ସମସ୍ୟା ଓ ନିର୍ମାଣାଧୀନ ପୋଲାଭରମ ପ୍ରକଳ୍ପ ବନ୍ଦ ଦାବିରେ ଜଗତସିଂପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିଣ୍ଡୋଳ ଗ୍ରାମର ଯୁବକ ସତ୍ୟବ୍ରତ ଭୋଇ ପଦଯାତ୍ରାରେ ବାହାରି ବୁଧବାର ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକରେ ପହଞ୍ଚିଛନ୍ତି। ସେ ବ୍ଲକରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଜିପିଓ ଗିରେନ୍ଦ୍ର ପଟେଲ ସତ୍ୟବ୍ରତଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଛନ୍ତି। ଏହି ସମୟରେ ବିଏସ୍‌ଓ ସୌମ୍ୟରଞ୍ଜନ ଭୋଇ, ସାମାଜିକ କର୍ମୀ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେ ରାସ୍ତାରେ ଚାଲିଚାଲି ଗଲାବେଳେ ତାଙ୍କୁ ସ୍ଥାନୀୟ ଲୋକେ ସମର୍ଥନ ଜଣାଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି। ସେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ ପରେ ବେଲପାହାଡ଼ରେ ପହଞ୍ଚି ରାତ୍ରୀଯାପନ କରିଛନ୍ତି। ଲଖନପୁର ଓ ବେଲପାହାଡ ଅଞ୍ଚଳରେ ଏହି ଖବର ପ୍ରଚାର ହେବା ପରେ ବିଭିନ୍ନ ସଂଗଠନ ତରଫରୁ ସତ୍ୟବ୍ରତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅଛୁଟିଛି। ସେ ଗୁରୁବାର ସକାଳେ ୪୯ନଂ ଜାତୀୟ ରାଜପଥ ଦେଇ ଝାରସୁଗୁଡ଼ା ବ୍ଲକରେ ପହଞ୍ଚି ସେଠାରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେ ଧରିତ୍ରୀକୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା ଦରକାର। ଏହି ପ୍ରଚେଷ୍ଟା ସେ ଜାରିରଖି ଗତ ଜୁଲାଇ ୧୦ ତାରିଖରୁ ଯାଜପୁର ଜିଲା ବଡଚଣା ବ୍ଲକରୁ ତାଙ୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ସେ ରାଜ୍ୟର ୩୧୪ ବ୍ଲକରେ ପହଞ୍ଚି ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ। ସେ ଏବେ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ ଜିଲା ଶେଷକରି ଝାରସୁଗୁଡ଼ା ଜିଲାରେ ପହଞ୍ଚିଛନ୍ତି। ଏହିସବୁ ଜିଲାର ୯୫ ବ୍ଲକରେ ପହଞ୍ଚି ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଦଯାତ୍ରାକୁ ଇତିମଧ୍ୟରେ ୩୩୧ ଦିନ ହେଲାଣି। ଏଥିପାଇଁ ସେ ୨୬ଶହରୁ ଉର୍ଦ୍ଧ୍ୱ କିଲୋମିଟିର ପଦଯାତ୍ରା କରିସାରିଲେଣି। ଏହି ପଦଯାତ୍ରା ସମୟରେ ସେ ଜନସାଧାରଣଙ୍କୁ ସନ୍ଦେଶ ଦେଉଛନ୍ତି ଯେ, ନିଜନିଜ ଭିତରେ ଦେଶଭକ୍ତି ଜାଗ୍ରତ କର। ମଣିଷ ହୋଇ ଜନ୍ମ ହୋଇଛୁ ମାନେ ସମାଜ ପାଇଁ କିଛି ଭଲ କାମ କରିକି ଯିବା ବୋଲି ସତ୍ୟବ୍ରତ କହିଛନ୍ତି।

- ୩୧୪ ବ୍ଲକରେ ପହଞ୍ଚିବାର ଲକ୍ଷ୍ୟ ରହିଛି
- ୯୫ ବ୍ଲକରେ ପହଞ୍ଚିବା ପାଇଁ ୩୩୧ ଦିନ
- ୩୩୧ ଦିନରେ ୨୬ଶହ କି.ମି. ପଦଯାତ୍ରା




ସତ୍ୟବ୍ରତ ଲଖନପୁର ବ୍ଲକରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବ୍ୟାଙ୍କ ଅଫ୍ ବଡ଼ୌଦା / Bank of Baroda — ବିଜୟା ବ୍ୟାଙ୍କ VIJAYA BANK | ଦେନା ବ୍ୟାଙ୍କ DENA BANK

**କ୍ଷେତ୍ରୀୟ କାର୍ଯ୍ୟାଳୟ (ସମ୍ବଲପୁର କ୍ଷେତ୍ର),**
**ପ୍ରଥମ ମହଲା, ଜି.ଏମ୍. କଲେଜ ଛକ,**
**ଖ୍ରୀଷ୍ଟିଆନ୍ ପଡ଼ା, ସମ୍ବଲପୁର-୭୬୮୦୦୧**

**ଦଖଲ ବିଜ୍ଞପ୍ତି**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କ୍ରଃ ସଂ | ଶାଖାର ନାମ / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ଚନ୍ଦ୍ର ଭଟ୍ଟ,** ପିତା: ଶ୍ରୀ ସୋଭାନି ଭଟ୍ଟ / ସହ- **ଋଣଗ୍ରହୀତା: ଶ୍ରୀମତୀ ସୁମିତ୍ରା ଭଟ୍ଟ (ଗ୍ୟାରେଣ୍ଟିଦାତା),** ସ୍ୱାମୀ- ଶ୍ରୀ ସୋଭାନି ଭଟ୍ଟ, ଉଭୟଙ୍କ ଠିକଣା ପ୍ଲଟ୍ ନଂ: ୨୫୫୭/୩୮୭୭ ଏବଂ ୨୫୫୭/୬୧୭୪, ଖାତା ନଂ: ୩୪୪/୫୩୨, ସମ୍ବଲପୁର ଟାଉନ୍ ନଂ.୩, ଚାରଭାଟି, ଧନୁପାଲ୍ଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁମିତ୍ରା ଭଟ୍ଟ, ସ୍ୱାମୀ- ଶ୍ରୀ ସୋଭାନୀ ଭଟ୍ଟ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ: ୨୫୫୭/୩୮୭୭, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଏବଂ ପ୍ଲଟ୍ ନଂ: ୨୫୫୭/୬୧୭୪, କ୍ଷେତ୍ର: ଏକର ୦.୫୦ ଡିସିମିଲି, ଖାତା ନଂ: ୩୪୪/୫୩୨, ମୌଜା: ସମ୍ବଲପୁର ଟାଉନ୍ ନଂ.୩, ଥାନା: ଧନୁପାଲ୍ଲୀ, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ୨୫୫୭ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ ୨୫୫୬ (ଅଂଶ), ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ୨୫୪୭ | **୧୬.୦୮.୨୦୧୯ / ୧୪.୧୧.୨୦୧୯** | ୧୬.୦୮.୨୦୧୯ ସୁଦ୍ଧା **ଟ.୧୩,୧୨,୨୪୫/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୨) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତା: ଶ୍ରୀ ପଞ୍ଚାନନ ନାଥ ମହନ୍ତ / ସହ-ଋଣଗ୍ରହୀତା: ଶ୍ରୀ ଉଦୟଭାନୁ ମହନ୍ତ, ଗ୍ୟାରେଣ୍ଟିଦାତା : ବୃଷଭାନୁ ମହନ୍ତ,** ଉଭୟଙ୍କ ଠିକଣା - ଖାତା ନଂ: ୯୨/୧୭, ପ୍ଲଟ୍ ନଂ: ୩୮୬/୪୪୫, ମୌଜା: ହପ୍ରିୟବାହାଲ, ପୋ: ସିନ୍ଦୁରପଙ୍କ, ଥାନା: ଶାସନ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୧୧୨ | **ଶ୍ରୀ ପଞ୍ଚାନନ ନାଥ ମହନ୍ତ, ପିତା: ଶ୍ରୀ ଅଇଁଣ୍ଠାନାଥ ମହନ୍ତ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୮୬/୪୪୫, କ୍ଷେତ୍ର: ଏକର୦.୧୫ ଡ଼ିସିମିଲ, ଖାତା ନଂ.: ୯୨/୧୭, ମୌଜା: ହପ୍ରିୟବାହାଲ, ଥାନା: ଶାସନ, ତହସିଲି ଏବଂ ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭିମା ମୁଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ନିଜ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଖାଲି ଜମି | **୨୮.୦୮.୨୦୧୯ / ୧୪.୧୧.୨୦୧୯** | ୨୮.୦୮.୨୦୧୯ ସୁଦ୍ଧା **ଟ.୫,୩୯,୪୦୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୩) | **କ୍ଷେତରାଜପୁର ଶାଖା** **ଋଣଗ୍ରହୀତାମାନେ: ୧) ସୁବ୍ରତ ନାୟକ,** ପିତା: ରାମ ପ୍ରସାଦ ନାୟକ, **୨) କାଳେନ୍ଦ୍ରୀ ନାୟକ,** ସ୍ୱାମୀ: ରାମ ପ୍ରସାଦ ନାୟକ / **ଗ୍ୟାରେଣ୍ଟିଦାତା : ରାମ ପ୍ରସାଦ ନାୟକ,** ସମସ୍ତଙ୍କ ଠିକଣା - ଖାତା ନଂ: ୧୩୦/୪୩୦, ପ୍ଲଟ୍ ନଂ: ୧୪୮୫/୨୪୨୭, ମୌଜା: ଲାରପଙ୍କ, ବିହାରୀପଡା, ଭଙ୍ଗାମୁଣ୍ଡା, ରେମିଡ, ତହସିଲ ଏବଂ ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୬ | **କାଳେନ୍ଦ୍ରୀ ନାୟକ, ସ୍ୱାମୀ: ରାମ ପ୍ରସାଦ ନାୟକ**ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ଯାହାର ପ୍ଲଟ୍ ନଂ: ୧୪୮୫/୨୪୨୭, କ୍ଷେତ୍ର : ଏକର ୦.୫୦ ଡିସିମିଲି, ଖାତା ନଂ: ୧୩୦/୪୩୦, ମୌଜା: ଲାରପଙ୍କ, ଥାନା: ହୀରାକୁଦ, ତହସିଲ/ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପ୍ଲଟ୍ ନଂ:୧୪୮୪, ଦକ୍ଷିଣ: ପ୍ଲଟ୍ ନଂ:୧୪୮୫, ପୂର୍ବ: ପ୍ଲଟ୍ ନଂ:୧୪୮୬, ପଶ୍ଚିମ: ପ୍ଲଟ୍ ନଂ: ୧୪୮୫ (ଅଂଶ) | **୦୫.୦୯.୨୦୧୯ / ୧୪.୧୧.୨୦୧୯** | ୦୬.୦୯.୨୦୧୯ ସୁଦ୍ଧା **ଟ.୧୪,୨୮,୦୧୨/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ୪) | **ରେଙ୍ଗାଲି ଶାଖା** **ଋଣଗ୍ରହୀତାମାନେ: ୧) ଶ୍ରୀ ଟୁଲୁ ମହାପାତ୍ର ଏବଂ ୨) ଶ୍ରୀମତୀ ସୁନିତା ମହାପାତ୍ର,** ସା: ଧନୁପାଲୀ (ସୋନୀ ହୋଟେଲ), ପୋ: ଧନୁପାଲୀ, ସମ୍ବଲପୁର- ୭୬୮୦୦୫ | **ଶ୍ରୀମତୀ ସୁନିତା ମହାପାତ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଥେଲକୋଲଇ, ଥାନା: ରେଙ୍ଗାଲି, ତହସିଲି: ରେଙ୍ଗାଲି, ଜିଲ୍ଲା: ସମ୍ବଲପୁର, ଖାତା ନଂ: ୨୧୮/୧୯୭, ପ୍ଲଟ୍ ନଂ: ୧୫୫୩/୪୨୩୯ (ଅଂଶ), କ୍ଷେତ୍ର: ୦.୦୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ ୧୫୫୪, ପୂର୍ବ: ପ୍ଲଟ୍ ନଂ ୧୫୫୫, ପଶ୍ଚିମ: ପ୍ଲଟ୍ ନଂ୧୫୫୨ | **୨୬.୦୮.୨୦୧୯ / ୧୫.୧୧.୨୦୧୯** | ୨୬.୦୮.୨୦୧୯ ସୁଦ୍ଧା **ଟ.୧୦,୪୦,୭୮୭/-** ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ: ସମ୍ବଲପୁର**
**ତାରିଖ: ୨୦.୧୧.୨୦୧୯**

**କ୍ଷମତାପ୍ରାପ୍ତ ଅଧିକାରୀ,**
**ବ୍ୟାଙ୍କ ଅଫ୍ ବରୋଦା**

## ସଂକ୍ଷେପରେ

### ଟୋକନ ଟେନସନ, ଧାନ ବିକ୍ରି ହେଉନି

ସୋନପୁର,୨୦।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ୧୫ ତାରିଖରୁ ଆରମ୍ଭ ହୋଇଛି ଖରିଫ ଧାନ କିଣା । କିନ୍ତୁ ଟୋକନ ଟେନସନ ଯୋଗୁଁ ଚାଷୀଙ୍କ ଧାନ ବିକ୍ରି ହୋଇପାରୁନି। ମଣ୍ଡି ଖୋଲା ଯାଇଥିଲେ ହେଁ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇ ନଥିବାରୁ ସେ ଧାନ ଆଣି ପାରୁନି। ଚଳିତ ଥର କେନ୍ଦ୍ରୀକୃତ ବ୍ୟବସ୍ଥାରେ ଧାନ ସଂଗ୍ରହ ନିମନ୍ତେ ଓଡିଶା ରାଜ୍ୟ ଯୋଗାଣ ନିଗମ ନିଗମ ନିଷ୍ପତ୍ତି ନେଇଛି। କିନ୍ତୁ ସରକାରଙ୍କ ପୂର୍ବ ପ୍ରସ୍ତୁତି ନ ଥିବାରୁ ଧାନ ଅମଳ ସାରିଥିବା ଚାଷୀଙ୍କୁ ଅନଲାଇନ ଟୋକନ ମିଳିନି। ଅଥଚ ଧାନ ଅମଳ କରି ନଥିବା ଡୁଙ୍ଗୁରିପାଲିର କେତେକ ଚାଷୀଙ୍କୁ ଟୋକନ ମିଳିଥିବା ଅଭିଯୋଗ ହେଉଛି। ୧୫ ତାରିଖ ଦିନ ଜିଲାର ଜଣେ ବି ଚାଷୀଙ୍କୁ ଟୋକନ ମିଳି ନଥିବାରୁ ଧାନ କିଣା ଶୁଭାରମ୍ଭ ହୋଇ ପାରି ନ ଥିଲା । ୧୬ ତାରିଖରେ ଡୁଙ୍ଗୁରିପାଲି ପ୍ୟାକ୍ସରେ ଧାନ ବିକ୍ରି କରିବା ପାଇଁ ମାତ୍ର ୩ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଥିଲା ।

■ଜେଏନ୍‌ୟୁ ଛାତ୍ରଙ୍କ ଉପରେ ଦମନଲୀଳା ନେଇ ପ୍ରତିବାଦ

# ମିଳିତ ଯୁବ ଛାତ୍ର ସଂଘ ପକ୍ଷରୁ ପ୍ରତିବାଦ, ବିକ୍ଷୋଭ

ରାଉରକେଲା ଅଫିସ,୨୦।୧୧



ଉଦିତନଗର ଆମ୍ବେଡକର ଛକଠାରେ ମିଳିତ ଯୁବ ଛାତ୍ର ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

କେନ୍ଦ୍ର ମାନବ ସମ୍ବଳ ବିଭାଗ ପକ୍ଷରୁ ଦିଲ୍ଲୀଠାରେ ଥିବା ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ (ଜେଏନୟୁ)ରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଉପରେ କେନ୍ଦ୍ର ସରକାରଙ୍କ ଦମନଲୀଳା ସୀମା ଟପିଛି। ଫି ବୃଦ୍ଧି ପ୍ରତିବାଦରେ ଛାତ୍ରୀଛାତ୍ର ଗଣତାନ୍ତ୍ରିକ ଆନ୍ଦୋଳନ ଚଳାଇଥିଲେ। ମାତ୍ର ଏହାକୁ ଦମନ କରିବା ନିନ୍ଦନୀୟ ବୋଲି ବୁଧବାର ରାଉରକେଲା ଉଦିତନଗର ଆମ୍ବେଦକର ଛକଠାରେ ଆୟୋଜିତ ମିଳିତ ପ୍ରତିବାଦ ସଭାରେ ଯୋଗ ଦେଇଥିବା ନେତୃମଣ୍ଡଳୀ ଏଭଳି ମତପ୍ରକାଶ କରିଛନ୍ତି। ଏଥିରେ ଏଆଇଏସ୍‌ଏଫ, ଏସ୍‌ଏଫ୍‌ଆଇ, ଡିୱାଇଏଫ୍‌ଆଇ, ଏଆଇଡିଏସଓ ଏବଂ ଏଆଇଡିୱାଇଓ ଭଳି କେତେକ ଯୁବ ଛାତ୍ର ସଙ୍ଗଠନ ସାମିଲ ହୋଇଥିଲେ। ଏଥିରେ ଜେଏନୟୁ ଛାତ୍ରୀଛାତ୍ରଙ୍କୁ ପୋଲିସ ଆକ୍ରମଣ କରିବା ନେଇ ସମାଲୋଚନା କରାଯାଇ ଥିଲା। ଦେଶର ସମସ୍ତ ଯୁବଛାତ୍ର ଏଭଳି ନିନ୍ଦନୀୟ ଘଟଣାକୁ ନାପସନ୍ଦ କରିଥିବା ବେଳେ ଆଗାମୀ ଦିନରେ ଏହାର କଡା ଜବାବ ଦିଆଯିବ ବୋଲି କୁହାଯାଇଥିଲା। ଏଥିରେ ଯୁବ ନେତା ରାଜକିଶୋର ପ୍ରଧାନ, ମହେଶ୍ୱର ଦୀପ, ସଂଗ୍ରାମ ପରିଡା, ସଦାନନ୍ଦ ସାହୁ, ପଞ୍ଚାନନ ସୁନା, ଭାଗ୍ୟଧର ରାଉତ, ମହମ୍ମଦ ଆରିଫ, ବିନୟ ଯାଦବ, ସତ୍ୟମ ତନ୍ତି, ପରେଶ ମହାନ୍ତି, ସି ଦିବାକର ରାଓ, ଅପର୍ଣ୍ଣ ରାଉତରାୟ, ବ୍ରହ୍ମାନନ୍ଦ ସାହୁ, ବୀରେନ ନାୟକ, ସଙ୍ଗୀତା ମୁଣ୍ଡାରୀ, ସୁରେନ୍ଦ୍ର ଦାସ, ଚନ୍ଦ୍ରଭାନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ

ରାଉରକେଲା ଅଫିସ,୨୦।୧୧

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ନେଇ କଂଗ୍ରେସ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବାକୁ ନିଷ୍ପତ୍ତି ନେଇଛି। ଏନେଇ ଲୋକସଭା ସଂସଦୀୟ କ୍ଷେତ୍ର ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ଜିଲାପାଳଙ୍କ ଅଫିସ ଘେରିବା ଏହା ପୂର୍ବରୁ ଜର୍ଜ ରାଉରକେଲା କଂଗ୍ରେସ ନେତାଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ବୈଠକରେ ଜର୍ଜ କହିଥିଲେ, ସମ୍ପ୍ରତି ଦେଶର ଆର୍ଥିକ ମାନ୍ଦାବସ୍ଥା ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିଛି। ଉତ୍କଟ ବେକାରୀ ସମସ୍ୟା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଅସହ୍ୟ ହେଲାଣି। କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଛି। ଦେଶର ସାଧାରଣ ଜନତାଙ୍କୁ ଉଭୟ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ବାନ୍ଧି ରଖିଛନ୍ତି। ଏନେଇ ରାଜ୍ୟ ଓ ଜିଲାସ୍ତରରେ କଂଗ୍ରେସ ପ୍ରତିବାଦ କରିବ। ଆନ୍ଦୋଳନକୁ ଓହ୍ଲାଇବ। ଏହି ମର୍ମରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯେଉଁ ଧାରଣା ପ୍ରତିବାଦ କରାଯିବ ସେଥିରେ ରାଉରକେଲାରୁ କିପରି ଅଧିକ କଂଗ୍ରେସ କର୍ମୀ ସାମିଲ ହେବେ ସେନେଇ ପ୍ରସ୍ତୁତି ଶେଷ ହୋଇଛି। ବୈଠକରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଯୁବ ନେତା ପ୍ରଶାନ୍ତ ସେଠୀ, ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ମହିଳା ନେତ୍ରୀ ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ଜ୍ୟୋତି ଡୁଙ୍ଗଡୁଙ୍ଗ, ଛାତ୍ର ନେତା ସୂର୍ଯ୍ୟକାନ୍ତ ବାରିକ, ମହିଳା ନେତ୍ରୀ ନିରୁପମା ବଳିଆର ସିଂ, ଚିତ୍ତରଞ୍ଜନ ମହାନ୍ତି, ଉମେଶ ଶରଣ, ନିହାର ଦାସ, ଗୋପାଳ ଦାସ, କୀର୍ତ୍ତନ ଦାସ, ସରୋଜ ଲେଙ୍କା, ଆରପି ସିଂ, ସୁନୀଲ ପଟ୍ଟନାୟକ, ରଘୁନାଥ ଦାସ, ସୁଲେମାନ କାଉଡିଆ, ମଧୁସୂଦନ ଭୁଇନା, ସଦ୍ଭାବ ଅହମ୍ମଦ, ଏମଡି ସମସାଦ ଓ ବିଶ୍ୱରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରୟାସ ତରଫରୁ ନାଟ୍ୟ କର୍ମଶାଳା

ରାଉରକେଲା ଅଫିସ, ୨୦।୧୧


ପ୍ରୟାସରେ ଅନୁଷ୍ଠିତ ନାଟ୍ୟ କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ନାଟ୍ୟ ସମ୍ପର୍କରେ ବୁଝାଉଛନ୍ତି।

ନାଟ୍ୟାନୁଷ୍ଠାନ ପ୍ରୟାସ ତରଫରୁ ଏକ ଦିବସୀୟ ନାଟ୍ୟ କର୍ମଶାଳା ସେକ୍ଟର-୮ ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନିବେଦିତା ଜେନାଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ଅଧ୍ୟାପକ ସମର ମୁଦାଲି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ବନ୍ଧରେ ଜେନା ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସୃଜନାତ୍ମକ କଳାକୁ ଲୋକଲୋଚନକୁ ଆଣିବା ଏବଂ ଖେଳ ଓ ଅଭିନୟ ମାଧ୍ୟମରେ ଡ୍ରାମାକୁ କିପରି ଶିକ୍ଷା ସହ ଯୋଡା ଯାଇପାରିବ ତାହା ଏହି କର୍ମଶାଳାର ଉଦ୍ଦେଶ୍ୟ ବୋଲି ମତପ୍ରକାଶ କରିଥିଲେ। ଭୋପାଳ ଜାତୀୟ ନାଟ୍ୟ ବିଦ୍ୟାଳୟର ସ୍କଲାର ନିର୍ଦ୍ଦେଶକ ଉଜ୍ଜ୍ୱଳ ସିହ୍ନା ଛାତ୍ରୀଛାତ୍ରଙ୍କୁ ଅଭିନୟର କୌଶଳ, ଉପଯୋଗ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଭୋପାଲର ୬ଜଣ ପିଲାଙ୍କ ସହ ସେକ୍ଟର-୩ ବାଜିରାଉତ ଶିକ୍ଷା ନିକେତନ, ସେକ୍ଟର-୧୯ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ଓ ସେକ୍ଟର-୬ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଫୁଲ୍ଲ ସେଠୀ, କଳ୍ପନା ଶତପଥି, ପ୍ରସନ୍ନ ପାତ୍ର, ଶରତ ଦାସ, ସୁଜାତା ବାରିକ, ଅକ୍ଷୟ ଦାସ, ଗଙ୍ଗାଧର ରାଉତ, ରାଜେଶ ରାୟ, ସୁଶାନ୍ତ ଦଲାଇ, ରମେଶ ସାହୁ, ଶିବଶଙ୍କର ମହାରଣା, ଅନ୍ୱେଷା ମହାପାତ୍ର, ଅକ୍ଷୟ ମହାନ୍ତି, ସନ୍ତୋଷିନୀ ବାରିକ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନାଟ୍ୟ ସମ୍ପର୍କିତ ପ୍ରଶୋତ୍ତରୀ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ନିବେଦିତା ଜେନା ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପିରେ ରେକର୍ଡ ପରିମାଣର ଉତ୍ତପ୍ତ ଧାତୁ ଉତ୍ପାଦନ

ରାଉରକେଲା ଅଫିସ, ୨୦।୧୧


ସିଇଓଙ୍କ ସହ ବୈଠକ ପରେ ସମବେତ ବ୍ଲାଷ୍ଟ ଫର୍ନେସର କର୍ମଚାରୀଗଣ।

ନଭେମ୍ବର୧୮ ତାରିଖରେ ୨ଟି ବ୍ଲାଷ୍ଟ ଫର୍ଣ୍ଣେସରୁ ୧୧୩୯୫ ଟନ ଉତ୍ତପ୍ତ ଧାତୁ ଉତ୍ପାଦନ ହୋଇ ରାଉରକେଲା ଇସ୍ପାତ କାରଖାନାରେ ଏକ ନୂତନ ରେକର୍ଡ ସୃଷ୍ଟି ହୋଇଛି। ଯେକୌଣସି ଦିବସ ନିମନ୍ତେ ଏହା ହେଉଛି ସବୁଠାରୁ ଶ୍ରେଷ୍ଠ ଉତ୍ପାଦନ। ସୋମବାର ବ୍ଲାଷ୍ଟ ଫର୍ଣ୍ଣେସ-୧ରୁ ୩୧୯୪ ଟନ ଓ ୫ନଂ. ବ୍ଲାଷ୍ଟ ଫର୍ଣ୍ଣେସରୁ ୮୨୦୧ ଟନ ଉତ୍ତପ୍ତ ଧାତୁ ଉତ୍ପାଦନ ହୋଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସ -୧ ନିମନ୍ତେ ଚଳିତମାସ ଏକ ମହତ୍ୱପୂର୍ଣ୍ଣ ମାସ ଭାବେ ପରିଗଣିତ ହୋଇପାରିଛି ଯାହାକି ନଭେମ୍ବର ୮ରୁ ନିରବଚ୍ଛିନ୍ନ ଭାବେ ପ୍ରତିଦିନ ୩୦୦୦ ଟନରୁ ଅଧିକ ଉତ୍ତପ୍ତ ଧାତୁ ଉତ୍ପାଦନ କରିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ଲାଷ୍ଟ ଫର୍ଣ୍ଣେସ-୧ରୁ ଉତ୍ପାଦନ କ୍ଷମତା ହାରାହାରି ୨୯୦୦ ଟନ ଅଟେ। ୧୧ ତାରିଖରେ ଏଥିରୁ ୩୪୧୫ଟନ ଉତ୍ତପ୍ତ ଧାତୁ ଉତ୍ପାଦନ ହୋଇଥିଲା ଯାହାକି ଏହାର ସର୍ବଶ୍ରେଷ୍ଠ ଉତ୍ପାଦନ ଅଟେ। ଏହା ପୂର୍ବରୁ ୨୦୧୮ ଜାନୁଆରୀ ୪ ଓ ଏପ୍ରିଲ ୨୬ ରେ ୪ ଓ ୫ ନଂ. ବ୍ଲାଷ୍ଟ ଫର୍ଣ୍ଣେସରୁ ଦୈନିକ ୧୧୦୦୦ ଟନରୁ ଅଧିକ ଉତ୍ତପ୍ତ ଧାତୁ ଉତ୍ପାଦନ ହୋଇଥିଲା। ଗତ ମଙ୍ଗଳବାର ପୂର୍ବାହ୍ନରେ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଅଧିକାରୀ ବୃନ୍ଦ ସିଇଓ ଦୀପକ ଚଟ୍ଟରାଜଙ୍କ କାର୍ଯ୍ୟାଳୟରେ ଏହି ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଚଟ୍ଟରାଜ ଉକ୍ତ ସଫଳତା ପାଇଁ ବିଭାଗୀୟ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇବା ସହ ଉତ୍ପାଦନ ଧାରାକୁ ବଜାୟ ରଖିବା ନିମନ୍ତେ ଆଶା ପୋଷଣ କରିଥିଲେ।

### ଦୁର୍ବୃତ୍ତଙ୍କ ଆକ୍ରମଣରେ ଗହଣା ବ୍ୟବସାୟୀ ଗୁରୁତର

ରାଉରକେଲା ଅଫିସ, ୨୦।୧୧

ରାଉରକେଲା ସେକ୍ଟର-୧୯ରେ ଗହଣା ଦୋକାନ କରିଥିବା ବ୍ୟବସାୟୀ ପ୍ରସାଦ ଜୁଏଲାରୀର ମାଲିକ ବିନାୟକ ପ୍ରସାଦଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ବିନାୟକଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିନାୟକ ସବୁଦିନ ଭଳି ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ସେକ୍ଟର -୧୯ରେ ଥିବା ନିଜ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ପରେ ଘରୁ ବାହାରି ରାଉରକେଲାରୁ ଆସୁଛି ବୋଲି ପରିବାର ଲୋକଙ୍କୁ କହିବା ସହ କାର ଧରି ଘରୁ ବାହାରିଥିଲେ। ତେବେ ଗଞ୍ଜାମ ବସ୍ତି ଟ୍ରାଫିକ ଗେଟ ନିକଟରେ କେତେକ ଦୁର୍ବୃତ୍ତ ବିନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଣସି ପରିଚିତ ବ୍ୟକ୍ତି ବିନାୟକଙ୍କୁ କାର ଭିତରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏ ନେଇ ବିନାୟକଙ୍କ ସମ୍ପର୍କୀୟ ଦିବାକର ପ୍ରସାଦ ପ୍ଲାଣ୍ଟସାଇଟ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୩୬୮/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ତେବେ ବିନାୟକ ପ୍ରସାଦଙ୍କୁ ଲୁଟ ପାଇଁ ନା ଅନ୍ୟ କୌଣସି କାରଣ ପାଇଁ ଆକ୍ରମଣ କରାଗଲା ସେ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଏହି କାଣ୍ଡ ଭିଆଇଥିବା କୌଣସି ଅପରାଧି ବିଷୟରେ କୌଣସି ସୁରାକ ପାଇପାରିନାହିଁ।

■ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଶସ୍ତ୍ର ଆକ୍ରମଣ

# ଅଫୁଟା ବୋମା ଉଦ୍ଧାର, ୪ ଗିରଫ

ହେମଗିର, ୨୦।୧୧ (ଡି.ଏନ.ଏ)

ହେମଗିର ଥାନା ଅନ୍ତର୍ଗତ ବାଙ୍କୁରକେଲା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଶସ୍ତ୍ର ଆକ୍ରମଣ କରାଯାଇଥିଲା । ଯାହାଦ୍ୱାରା ପୋଲିସ ୪ଜଣଙ୍କୁ ଗିରଫ ସହ ଗୋଟାଏ ଅଫୁଟା ବୋମା ଉଦ୍ଧାର କରିଛି । ଘଟଣାର ପ୍ରକାଶ ଯେ, ଗତ ୧୯ ତାରିଖ ଅପରାହ୍ଣ ସାଢ଼େ ୪ଟାରେ ବାଇକ ଯୋଗେ ବାଙ୍କୁରକେଲା ତ୍ରିଲୋଚନ ମାଝୀ (୩୨), ବଳରାମ ନାଏକ (୪୦), ସେହି ଗ୍ରାମର ମୁକ୍ତେଶ୍ୱର ବାଗ (୪୦) ଘରକୁ ଆସିଥିଲେ । ତାଙ୍କ ସାଙ୍ଗରେ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଧଉଁରାଅଡା ଗ୍ରାମର ପ୍ରଫୁଲ୍ଲ ମାଝୀ (୧୯) ଓ ଲେଫ୍ରିପଡା ଥାନା ଅନ୍ତର୍ଗତ ନୂଆମୁଣ୍ଡା ଗ୍ରାମର ସୁରଥ ନାଏକ (୨୩) ମଧ୍ୟ ଆସିଥିଲେ । ସେମାନେ ସମସ୍ତେ ମୁକ୍ତେଶ୍ୱରର ସ୍ତ୍ରୀ ଅଞ୍ଜନା ବାଗକୁ ତାଙ୍କ ସ୍ୱାମୀ କୁଆଡେ ଯାଇଛି ଆଜି ତାକୁ ମାରିବୁ ବୋଲି ଧମକ ଦେଇଥିଲେ । ପରେ ସେମାନେ ମୁକ୍ତେଶ୍ୱରର ବାଡି ପଟେ ଏକବୋମା ମାଡ କରିଥିଲେ ଯାହା ଫୁଟିନଥିଲା। ଏଥି ସହ ଭୁଜାଲି, ପିସ୍ତଲ ମଧ ଦେଖାଇଥିବା ମୁକ୍ତେଶ୍ୱର ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏନେଇ ୨୦ ତାରିଖ ହେମଗିର ଥାନାରେ ଏକ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ କେଶ ନଂ. ୧୬୭/୧୯ ରୁଜୁ କରି ଘଟଣା ସ୍ଥଳରୁ ଉକ୍ତ ଚାରି ଜଣଙ୍କୁ ଗିରଫ ସହ ଏକ ଅଫୁଟା ବୋମା ଉଦ୍ଧାର କରିଥିଲେ । ଘଟଣାଟି ଛାଡଖାଇ ଦିନରେ ଉଭୟଙ୍କ ଭିତରେ ଗଣ୍ଡଗୋଳ ହୋଇ ଶତ୍ରୁତା ବୃଦ୍ଧି ପାଇଥିବାର ଜଣାପଡିଛି । ପୋଲିସ ଅଧିକ ସୂଚନା ପାଇ ଅନୁସନ୍ଧାନ ଜାରି ରଖିଛି ।

ଯୋଗାଣ ବିଭାଗ ଚାଉଳ ଦୁର୍ନୀତି

# ଭିଜିଲାନ୍ସ ତଦନ୍ତ ଦାବି କଲା କଂଗ୍ରେସ

ରାଉରକେଲା ଅଫିସ, ୨୦।୧୧


ଭିଜିଲାନ୍ସ କାର୍ଯ୍ୟାଳୟରେ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ସହ କଂଗ୍ରେସ କର୍ମୀ।

ଗତ ଅକ୍ଟୋବର ୩୦ ତାରିଖରେ ଏଫସିଆଇ ଗୋଦାମରୁ ଯୋଗାଣ ବିଭାଗର ୧୦୦ କୁଇଣ୍ଟାଲ ଚାଉଳ ବେଆଇନ ଭାବେ ବିନା କାଗଜପତ୍ରରେ ଚାଲାଣ ହେଉଥିବା ବେଳେ ଧରାପଡ଼ିଥିଲା। ଗଣମାଧ୍ୟମ ଚାପରେ ଯୋଗାଣ ବିଭାଗ ଅଧିକାରୀ ଏହି ଚାଉଳକୁ ଜବତ କରିଥିବା ବେଳେ ଟ୍ରକକୁ ଥାନାରେ ଜିମା ଦେଇଥିଲେ। କିନ୍ତୁ ଏହି ଚାଉଳ ଲୁଟ ଘଟଣାର ଆବଶ୍ୟକୀୟ ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଗୋଦାମ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ବିଭାଗୀୟ କର୍ତ୍ତୃପକ୍ଷ ନିଜ କାମ ସାରିଦେଇଛନ୍ତି। ଏଣୁ ଯୋଗାଣ ବିଭାଗରେ ଖାଦ୍ୟ ସୁରକ୍ଷା ଚାଉଳ ଓ ଗହମ ନିୟମିତ ଭାବରେ ହରିଲୁଟ ହେଉଥିବାରୁ ସାଧାରଣ ଖାଉଟି ଠିକ ଭାବରେ ଖାଉଟି ସାମଗ୍ରୀ ପାଇ ପାରୁନାହାନ୍ତି। ଏହି କାରବାର ଯୋଗାଣ ବିଭାଗ ଅଧିକାରୀ ଓ କେତେକ ଅସାଧୁ ବ୍ୟବସାୟୀଙ୍କ ସଲାସୁତୁରାରେ ଚାଲିଥିବାରୁ ଉକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବାକୁ କଂଗ୍ରେସ ତରଫରୁ ଦାବି କରାଯାଇଛି। ଏହି ମର୍ମରେ ବୁଧବାର କଂଗ୍ରେସ ନେତା ଜର୍ଜ ତିର୍କୀ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ରାଉରକେଲା ଭିଜିଲାନ୍ସ ଉପଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଚାଉଳ ଲୁଟ ଘଟଣାର ତଦନ୍ତ ପାଇଁ ଏତାଲା ଦାଏର କରିଛନ୍ତି। ଏହି ଚାଉଳ ନେବା ପାଇଁ କିଏ ଅନୁମତି ଦେଇଥିଲା, କିଏ ଚାଉଳ ନେଉଥିଲା ଏବଂ କେଉଁ ସ୍ଥାନକୁ ଏହି ଚାଉଳ ଯାଉଥିଲା ଓ ଏହାକୁ କିଏ ଗ୍ରହଣ କରିଥାନ୍ତେ ବୋଲି ଏତଲାରେ ଦର୍ଶାଯାଇଛି। ଏହା ସହ ଏ ସମସ୍ତ ଘଟଣାର ଉପଯୁକ୍ତ ତଦନ୍ତ ହେଲେ ଯୋଗାଣ ବିଭାଗରେ ଚାଲିଥିବା ଦୁର୍ନୀତି ଘଟଣାର ପର୍ଦ୍ଦାଫାଶ ହୋଇପାରନ୍ତା ବୋଲି କଂଗ୍ରେସ ପକ୍ଷରୁ ଏତଲାରେ ଦର୍ଶାଯାଇଛି। ଏତଲା ଦେବା ସମୟରେ ନେତା ତିର୍କୀଙ୍କ ସହ ବୀରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ, ପ୍ରବୋଧ ଦାସ, ସୂର୍ଯ୍ୟକାନ୍ତ ବାରିକ, ବିନୋଦ ରାଉତ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଜିଲା କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାଉରକେଲା ଅଫିସ, ୨୦।୧୧


କଂଗ୍ରେସ କର୍ମୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ଅତିରିକ୍ତ ଜିଲାପାଳଙ୍କ ନିକଟକୁ ଯାଉଛନ୍ତି।

ଜିଲା କଂଗ୍ରେସ ପକ୍ଷରୁ ବୁଧବାର ରାଉରକେଲା ଅତିରିକ୍ତ ଜିଲାପାଳ ଡ. ୟେଦୁଲା ବିଜୟଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇ ଥିଲା। ସମ୍ପ୍ରତି ଦେଶର ଅର୍ଥ ବ୍ୟବସ୍ଥା ଭୁଶୁଡି ପଡିଥିବାବେଳେ ଦେଶବାସୀ ଘୋର ସଂକଟ ଦେଇ ଗତି କରୁଥିବା ଉପସ୍ଥିତ କଂଗ୍ରେସ ନେତା ରବି ରାୟ, ଯୁବ ନେତା ରଶ୍ମି ପାଢୀ ପ୍ରମୁଖ ଅଭିଯୋଗ କରିଥିଲେ। ଦରଦାମ ବୃଦ୍ଧି ସବୁ ବର୍ଗଙ୍କୁ ଅତିଷ୍ଠ କରିଥିବା ବେଳେ ବେକାର ଯୁବକଙ୍କ ଅବସ୍ଥା ନ କହିବା ଭଲ ବୋଲି ଏଥିରେ ଅଭିଯୋଗ କରାଯାଇ ଥିଲା। ପେଟ୍ରୋଲ ଡିଜେଲ ଦର ନେଇ ସରକାର ଚୁପ ବସିଥିବା ବେଳେ ହୁହୁ ହୋଇ ଦାରଦାମ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ ମୋଦି ସରକାର ବିଫଳ ହୋଇଛନ୍ତି। ଏ ସରକାର ବାହାରକୁ ଚକଚକ ଦେଖା ଯାଉଥିବା ବେଳେ ଭିତର ଫମ୍ପା ବୋଲି ଏଥିରେ ଅଭିଯୋଗ କରାଯାଇ ଥିଲା। କୃଷକ, ଶ୍ରମିକ, ବେକାର ଯୁବକ, ମହିଳା ଶିଶୁ ସବୁ ବର୍ଗର ଲୋକେ ଆଜି ତ୍ରାହି ତ୍ରାହି କରୁଛନ୍ତି। ଚାଷୀ ଆତ୍ମହତ୍ୟା, ମହିଳା ନିର୍ଯାତନା ସାଧାରଣ ଘଟଣାରେ ପରିଣତ ହେଲାଣି। ଏଭଳି ଅବସ୍ଥା ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି କଂଗ୍ରେସ ନେତା ଚେତାବନୀ ଦେଇଥିଲେ। ଏମିତି ଅବସ୍ଥାରେ କେନ୍ଦ୍ର ସରକାର ନିଦାବିଷ୍ଣୁ ସାଜି ବସିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କୁହାଯାଇଥିଲା। ଏପରି ଅବସ୍ଥାରେ ରାଷ୍ଟ୍ରପତିଙ୍କୁ କଂଗ୍ରେସ ଦାବିପତ୍ର ପ୍ରଦାନ କରି ଆଶୁ ସମାଧାନ ଆଶା କରୁଛି ବୋଲି ଉପସ୍ଥିତ ଦଳୀୟ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଏଥିରେ ସବିର ହୁସେନ, ଅଜିତ ସାମଲ, ପ୍ରଭାତ ମହାପାତ୍ର, ରାଜକୁମାର ଯାଦବ, ବରିୟମ ସିଂ, ଇଜାଜ ଅଖତର, ଲତା ନାୟକ, ଦୁଶା ନାୟକ, ଗୀତା ସିଂ, ଝୁନୁ ପ୍ରଧାନ, ଆରତୀ ବେହେରା, ପ୍ରଦୀପ ବେହେରା ଓ ଦୀନେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚାଉଳ କାରଖାନାରେ ଭୟାବହ ଅଗ୍ନିକାଣ୍ଡ

ରାଜଗାଙ୍ଗପୁର, ୨୦।୧୧ (ଡି.ଏନ.ଏ)


ଅଗ୍ରେସନ ଚାଉଳ କାରଖାନାରେ ନିଆଁ ଲାଗିଛି।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ତେତେଲକେରା ଗ୍ରାମଠାରେ ଥିବା ଅଗ୍ରେସନ ଚାଉଳ କାରଖାନାରେ ବୁଧବାର ଭୋର ୩ଟାରେ ନିଆଁ ଲାଗି ଯାଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଦୀର୍ଘ ୧୭ ଘଣ୍ଟା ପରେ ମଧ ନିଆଁକୁ ଆୟତ କରାଯାଇ ପାରି ନ ଥିବା ଜଣାପଡିଛି। କୁତ୍ରା ଥାନା ତଥା ରାଜଗାଙ୍ଗପୁର ବ୍ଲକର କୁନୁମୁରୁ ଛକ ପାଖରେ ଥିବା ଅଗ୍ରେସନ ଚାଉଳ କାରଖାନା ଭିତରେ ଥିବା ଟାୟାର ଗୋଦାମରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ନିଆଁ ଲାଗିଲା ପରେ ଧିରେ ଧିରେ ନିଆଁର ପ୍ରଭାସ ବଢ଼ିବାରେ ଲାଗିଲା । ଘଟଣା ସମ୍ପର୍କରେ ଜାଣିଲା ପରେ କାରଖାନାରେ ଉପସ୍ଥିତ କର୍ମଚାରୀ କୁତ୍ରା ଓ ରାଜଗାଙ୍ଗପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନିଆଁର ପ୍ରଭାବ ଏତେ ଭୟାବହ ଥିଲା ଯେ କୁତ୍ରା, ରାଜଗାଙ୍ଗପୁର ଓ ପରେ ସୁନ୍ଦରଗଡ ଅଗ୍ନିଶମ ବିଭାଗ ଦୀର୍ଘ ୧୭ ଘଣ୍ଟା ଚେଷ୍ଟା ସତ୍ତ୍ୱେ ସନ୍ଧ୍ୟା ପର୍ଯ୍ୟନ୍ତ ନିଆଁକୁ ଆୟତ କରିପାରି ନ ଥିଲେ । ଏବାବଦରେ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କୁ ପଚାରିବାରୁ ଅଗ୍ରେସନ ରାଇସ ମିଲରେ ଅବ୍ୟବହାର ଯୋଗୁ ଟାୟରରୁ ପିଚୁ ତିଆରି ପାଇଁ କଞ୍ଚାମାଲ ପ୍ରସ୍ତୁତ କରିବାର କାରଖାନ ଥିବା ବେଳେ ଟାୟର ଗୁଡିକୁ ପୋଡି ଏହି କଞ୍ଚାମାଲ ତିଆରି କରିବା ସାଙ୍ଗକୁ ଟାୟରରେ ଥିବା ତାରକୁ ବାହାର କରାଯାଇଥିଲା। ଏଥିପାଇଁ କାରଖାନା ପରିସରରେ ବହୁ ଗୁଡାଏ ଟାୟର ରଖାଯାଇଥିଲା । କୌଣସି କାରଣରୁ ଏହି ଟାୟାରରେ ନିଆଁ ଲାଗିଯାଇଥିବାରୁ ନିଆଁକୁ ଆୟତ କରିବା ପାଇଁ ସମୟ ଲାଗିଥିବା ପ୍ରକାଶ କରିଥିଲେ । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଟାୟର ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଥିବା ବେଳେ କ୍ଷତିର ଠିତ ଆକଳନ କରାଯାଇ ପାରିନାହିଁ ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



**ସଂକ୍ଷେପରେ**

## ବିଷପାନକରି ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ବଣାଇ, ୨୦।୧୧(ସ୍ୱ.ପ୍ର) :** ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅନ୍ତର୍ଗତ କଷଡା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବିବାହିତା ମହିଳା ବିଷପାନ କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ଲିଲି ପାତ୍ର (୩୫) କୌଣସି ପାରିବାରିକ କାରଣକୁ ନେଇ ସନ୍ଧ୍ୟାରେ ଘରେ ଥିବା କୀଟନାଶକ ପିଇଥିଲେ। ଏ ବିଷୟରେ ପରିବାର ଲୋକ ବହୁ ବିଳମ୍ବରେ ଜାଣିବା ପରେ ତୁରନ୍ତ ଚିକିତ୍ସା ନିମନ୍ତେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଟିକାୟତପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଜାରି ରଖିଛି। ଆତ୍ମହତ୍ୟା ପଛରେ ଆଉ କେଉଁ କାରଣ ରହିଛି ପୋଲିସ ତାହାର ତଦନ୍ତ ଜାରି ରଖିଛି।

# ଇକୋଟୁରିଜମ୍ ରାସ୍ତା ନିର୍ମାଣରେ ଅନିୟମିତତା

**ଲେଫ୍ରିପଡା,୧୯।୧୧(ଡି.ଏନ.ଏ)**

- ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ବି ଆରଡ଼ି ବିଭାଗ ନୀରବ
- ରାସ୍ତା କାମର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ
- ନିର୍ମାଣ ପରେ ରାସ୍ତାରେ ପିଚୁ ଉଠିଯାଉଛି, କଂକ୍ରିଟ ଫାଟି ଯାଉଛି

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଗିରିଙ୍ଗକେଲା ପଞ୍ଚାୟତର ଲୁଡକିଝରଣ ସମ୍ମୁଖରେ ଥିବା ପିଡବ୍ଲ୍ୟୁଡି ରାସ୍ତା ଠାରୁ ବାଡୁନଝରିଆ ଇକୋଟୁରିଜିମ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ସୁନ୍ଦରଗଡ ଜିଲା ଗ୍ରାମ୍ୟ ନିର୍ମାଣ (ଆରଡ଼ି) ବିଭାଗ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୨କୋଟି ୯୬ଲକ୍ଷ ୪୮ହଜାର ୧୧୦ଟଙ୍କା ବ୍ୟୟଅଟକଳରେ ଚାରି କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଉକ୍ତ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟକରି ଅର୍ଥ ଆତ୍ମସାତ୍ କରୁଥିବା ଏବଂ ରାସ୍ତାର ଆବଶ୍ୟକ ଯାଗାରେ ଗାର୍ଡ ୱାଲ ନିର୍ମାଣ ନ କରି ଅନାବଶ୍ୟକ ଜାଗାରେ ନିର୍ମାଣ କରାଯାଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟର ଅଟକଳ ମୁତାବକ ଉଚ୍ଚମାନର ଯନ୍ତ୍ରାଂଶ ବ୍ୟବହାର ନ କରି ନିମ୍ନମାନର ପଥର ମେଟାଲ, ବାଲି ଇତ୍ୟାଦି ବ୍ୟବହାର କରି ଖୋଲାଖୋଲି ଉଲ୍ଲଂଘନ କରୁଥିବା ଜଣାପଡିଛି। ଅଳ୍ପ କିଛି ଦିନ ତଳେ ରାସ୍ତାରେ ପିଚୁ ପକାଇଥିବା ବେଳେ କାର୍ଯ୍ୟ ଶେଷ ନ ହେଉଣୁ ବର୍ତ୍ତମାନ ରାସ୍ତା କାମର ବିଭିନ୍ନ ସ୍ଥାନରେ ପିଚୁ ଫାଟି ଯାଇଥିବା ସହ କଂକ୍ରିଟ୍ ରାସ୍ତା ମଧ୍ୟ ଫାଟି ଯାଉଥିବା ଦେଖାଦେଇଛି। ରାସ୍ତାରେ ଥିବା ବିଭିନ୍ନ ପୁରୁଣା କଲଭର୍ଟଗୁଡିକୁ ସ୍ଥାୟୀତ୍ୱ ଅବଧି ସରିଯାଇଥିଲେ ବି ସେହି କଲଭର୍ଟ ସବୁ କେବଳ ପ୍ଲାଷ୍ଟର କରାଯାଉଥିବାରୁ ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାସ୍ତା ନିର୍ମାଣର ଅନିୟମିତତା ଅଭିଯୋଗ ସମ୍ପର୍କରେ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଅଭିଯୋଗ କରୁଥିଲେ ବି କିଛି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ପରିବେଶ ପର୍ଯ୍ୟଟନସ୍ଥଳୀ ଭାବେ ବାଡୁନଝରିଆ ବର୍ତ୍ତମାନ ରାଜ୍ୟ ମାନଚିତ୍ରରେ ସ୍ଥାନ ପାଇ ଜାତୀୟସ୍ତରରେ ପ୍ରସିଦ୍ଧ ଲାଭ କରିଥିବାବେଳେ ବାହାରୁ ନିୟମିତ ଭାବେ ପର୍ଯ୍ୟଟକଙ୍କ ବେଶ୍ ଗହଳି ଜମିବାରେ ଲାଗିଛି।

ଆଗାମୀ ଦିନରେ ପର୍ଯ୍ୟଟକମାନଙ୍କ ଗମନାଗମନ ସକାଶେ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଅନୁଦାନ ରାଶିକୁ ସମ୍ପୃକ୍ତ ଠିକା ସଂସ୍ଥା ସଦ୍‌ବିନିଯୋଗ ନ କରି ଖୋଲାଖୋଲି ଉଲ୍ଲଂଘନ କରିଚାଲିଥିଲେ ବି ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କାହିଁକି ପ୍ରଶ୍ରୟ ଦିଆଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ଏହି କାମର ତଦନ୍ତ କରାଯାଇ ବିଭାଗୀୟ ଅଧିକାରୀ, ଠିକା ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଲୋକେ। ଅଭିଯୋଗ ସମ୍ପର୍କରେ ସୁନ୍ଦରଗଡ ଗ୍ରାମ୍ୟ ନିର୍ମାଣ ବିଭାଗ (ଆରଡ଼ି)ର ହେମଗିର ସବ୍‌ଡିଭିଜନ ଏସ୍‌ଡିଓଙ୍କୁ ପଚାରିବାରୁ ଆମ୍ଭର କେତେକ କଲଭର୍ଟକୁ ରିପିୟାରିଂ କରାଯିବାର ବ୍ୟବସ୍ଥା ରହିଛି। ଗାର୍ଡୱାଲ ସମ୍ପର୍କରେ ପଚାରିବାରୁ ଆଗାମୀ ଦିନରେ ଗ୍ରାମବାସୀ କହୁଥିବା ସ୍ଥାନରେ ମଧ୍ୟ ଗାର୍ଡୱାଲ ନିର୍ମାଣ କରାଯିବ ବୋଲି କହିଛନ୍ତି। ପିଚୁଉଠି ଯାଉଥିବା ଏବଂ କଂକ୍ରିଟ୍ ରାସ୍ତା ଫାଟି ଯାଉଥିବା ସମ୍ପର୍କରେ ପଚାରିବାରୁ ଆମ୍ଭେ ସାଇଟ୍‌କୁ ଯାଇ ଦେଖିବୁ। ଯଦି ଫାଟି ଯାଉଛି ତା' ହେଲେ କାର୍ଯ୍ୟରତ ଠିକା ସଂସ୍ଥାକୁ ତାଗିଦ୍ କରି ପୁଣି ନୂଆ କରିବା ପାଇଁ କୁହାଯିବ ବୋଲି କହିଛନ୍ତି।



ବାଡୁନଝରିଆ ଇକୋଟୁରିଜିମ୍ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନିମ୍ନମାନର ରାସ୍ତା।

## ନାବାଳିକାକୁ ଅପହରଣ, ବଳାତ୍କାର ଅଭିଯୋଗ

**ବଣାଇ/ଲହୁଣୀପଡା, ୨୦।୧୧ (ସ୍ୱ.ପ୍ର./ଡି.ଏନ.ଏ)**

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବଡବାଲିଯୋର ଗ୍ରାମର ଜଣେ ନାବାଳିକାକୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବଡବାଲିଯୋର ଗ୍ରାମର ନାବାଳିକାକୁ ରେଞ୍ଜଡା ଗ୍ରାମର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ନେଇଯାଇଥିଲେ। ତାଙ୍କୁ ଏକ ଘରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅପହରଣ କରିବାର ପ୍ରାୟ ୭ ରୁ ୮ ଦିନ ପରେ ସୋମବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମଙ୍ଗଳବାର ନାବାଳିକାଙ୍କ ଡାକ୍ତରୀମାଇନା କରାଇଛି। ତେବେ ବିଳମ୍ବରେ ଅଭିଯୋଗ ପଛରେ କି ରହସ୍ୟ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଚରାଉଚରା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

## ଦର୍ଲିପାଲି ଏନ୍‌ଟିପିସି ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଘରୋଇକରଣକୁ ବିରୋଧ

**ଲେଫ୍ରିପଡ଼ା,୨୦।୧୧(ଡି.ଏନ.ଏ)**

କେନ୍ଦ୍ର ସରକାର ସରକାରୀ ଉଦ୍ୟୋଗଗୁଡ଼ିକକୁ ଘରୋଇକରଣ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଏହାକୁ ଦର୍ଲିପାଲି ଏନ୍‌ଟିପିସି କର୍ମଚାରୀ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏନ୍‌ଟିପିସିରୁ ସରକାରୀ ମାଲିକାନା ପ୍ରତ୍ୟାହାର, ପୁଞ୍ଜି ପ୍ରତ୍ୟାହାର ତଥା ଘରୋଇକରଣ ପ୍ରସ୍ତାବକୁ ସଂଘ ପକ୍ଷରୁ କ୍ୟାଣ୍ଡେଲ୍ ମାର୍ଚ୍ଚ ଜରିଆରେ ବୁଧବାର ପ୍ରତିବାଦ କରାଯାଇଥିଲା। କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗ ତଥା ପ୍ରାୟ ୩୫୦ଜଣ ଏକତ୍ରିତ ସଦସ୍ୟ ହୋଇ ସଂଘର ସଭାପତି ଗୁରପ୍ରୀତ୍ ହୀରଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ବାହାର କରିଥିଲେ। ଏହାଛଡ଼ା ସଂଘର ସାଧାରଣ ସମ୍ପାଦକ ପ୍ରତୀକ ସିହ୍ନା, ଯୁଗ୍ମ ସମ୍ପାଦକ ସାହିଲ ଘାଇ, ଅତୁଲ ସୋନି ଏବଂ ଲୋକସମ୍ପର୍କ ସମ୍ପାଦକ ଲୁକେଶ କୁମାର ପ୍ରମୁଖ ସରକାରଙ୍କ ଏଭଳି ନୀତିକୁ ତୀବ୍ର ନିନ୍ଦା କରି ଏହା ବିରୁଦ୍ଧରେ ସବୁ କର୍ମଚାରୀ ସଙ୍ଗଠିତ ହୋଇ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ଏହା ଦେଶର ସର୍ବବୃହତ ବିଦ୍ୟୁତ୍ ଉତ୍ପାଦନକାରୀ ଏବଂ ନବରତ୍ନ ପୁରସ୍କୃତ କମ୍ପାନୀ ହୋଇଥିବା ବେଳେ ଆଞ୍ଚଳିକ ଓ ପାରିପାର୍ଶ୍ୱିକ ବିକାଶ କ୍ଷେତ୍ରରେ କମ୍ପାନୀର ଅତୁଳନୀୟ ଅବଦାନ ରହିଛି। ଏଣୁ ସରକାରଙ୍କ ଘରୋଇକରଣ ନୀତି ବିରୋଧରେ କମ୍ପାନୀର କର୍ମଚାରୀ ଏବଂ ପରିବାରବର୍ଗ ସଙ୍ଗଠିତ ହୋଇ ସବୁବେଳେ ପ୍ରତିବାଦ ଜାରି ରଖିବେ ବୋଲି ଜଣାଇଛନ୍ତି।




ଦର୍ଲିପାଲି ଏନ୍‌ଟିପିସି କର୍ମଚାରୀ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

## ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ ପାଇଁ ଜିଲା କବାଡି ଖେଳାଳି ଚୟନ ଶିବିର ୨୯ରେ

**ସୁନ୍ଦରଗଡ଼, ୨୦।୧୧ (ଡି.ଏନ୍.ଏ.)**

ଝାରସୁଗୁଡା ଓଡ଼ିଶା ସଶସ୍ତ୍ର ପୋଲିସ ବାହିନୀ ପ୍ୟାରେଡ ପଡିଆଠାରେ ନଭେମ୍ବର ୩୦ରୁ ଡିସେମ୍ବର ୩ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ସିନିୟର କବାଡି (ମହିଳା ଓ ପୁରୁଷ) ପ୍ରତିଯୋଗିତା ପାଇଁ ସୁନ୍ଦରଗଡ ଜିଲା ଦଳ ପାଇଁ ଖେଳାଳି ଚୟନ କରାଯିବ। ଜିଲା କ୍ରୀଡା ସଂସଦ ସୁନ୍ଦରଗଡ ଆନୁକୂଲ୍ୟରେ ଏହି ଚୟନ ପ୍ରକ୍ରିୟା ନଭେମ୍ବର ୨୯ରେ କରାଯିବ। ଏଥିପାଇଁ ୨୯ ତାରିଖ ସକାଳ ୯ଟା ସୁଦ୍ଧା ଆଗ୍ରହୀ ଖେଳାଳିମାନେ ନିଜର ନାମପଞ୍ଜିକରଣ କରିବାକୁ ଏକ ପ୍ରେସ୍ ବିଜ୍ଞପ୍ତିରେ କ୍ରୀଡା ସଂସଦ ପକ୍ଷରୁ କୁହାଯାଇଛି। ଏହି ପଞ୍ଜିକରଣରେ ପୁରୁଷଙ୍କ ଓଜନ ୮୫କେଜି ଏବଂ ମହିଳାଙ୍କ ଓଜନ ୭୫କେଜି ମଧ୍ୟରେ ଆବଶ୍ୟକ। ପଞ୍ଜିକରଣ ସମୟରେ ଖେଳାଳିମାନେ ୨ଟି ପାସପୋର୍ଟ ସାଇଜ ଫଟୋ, ମୂଳ ଆଧାର କାର୍ଡ ଏବଂ ଫଟୋ କପି ସଙ୍ଗରେ ଧରି ଆସିବାକୁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ଏହି ବିଜ୍ଞପ୍ତି ଜରିଆରେ ଅନୁରୋଧ କରିଛନ୍ତି।




ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତାରେ ଅତିଥି, ବକ୍ତା।

## ମଣ୍ଡଳସ୍ତରୀୟ ବିଜ୍ଞାନମେଳା, ଭଲିବଲ ପ୍ରତିଯୋଗିତା

**ସୁନ୍ଦରଗଡ଼, ୨୦।୧୧ (ଡି.ଏନ୍.ଏ.)**

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସୁନ୍ଦରଗଡ ଶିକ୍ଷାମଣ୍ଡଳ ଅଧୀନସ୍ଥ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ବିଦ୍ୟାଳୟମାନଙ୍କରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା ଦେଓକରଣପୁର ଉଚ୍ଚବିଦ୍ୟାଳୟ ସୁନ୍ଦରଗଡଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁନ୍ଦରଗଡ ଶିକ୍ଷା ମଣ୍ଡଳାଧୀଶ ଅକ୍ଷୟ କୁମାର ମହାନ୍ତ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କର୍ଣ୍ଣ ମାଝି, ସହକାରୀ ଶିକ୍ଷକ ଶେଷଦେବ ନନ୍ଦ, ଚନ୍ଦ୍ରମଣି ତାଜନ, ସରୋଜ କୁମାର ମହାପାତ୍ର, ଶ୍ରୀକାନ୍ତ ପଟେଲ, ରାସବିହାରୀ ଷଣ୍ଢ, ସୁରଦୀପ ଭୋଇ, ଜୟନ୍ତ ପଟେଲ, ମହେନ୍ଦ୍ର ଲାକ୍ରା, ଶିକ୍ଷୟିତ୍ରୀ ସୀମା ପଟେଲ, କାଦମ୍ବିନୀ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କେନାଭେଟାରେ ଶରତ ରାସୋତ୍ସବ

**ବଣାଇ, ୨୦।୧୧(ସ୍ୱ.ପ୍ର)**

ବଣାଇ ବ୍ଲକ ଅନ୍ତର୍ଗତ କେନାଭେଟା ଗ୍ରାମରେ ଥିବା ଶ୍ରୀଶ୍ରୀ ବଂଶୀଧର ମହାପ୍ରଭୁଙ୍କର ଶରଦ ରାସୋତ୍ସବ ପର୍ବ ଗତ ୧୮ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ପାରମ୍ପରିକ ରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଦଧିବିକା ପର୍ବ ହୋଇଥିଲା। ଦ୍ୱିତୀୟ ଦିବସରେ ରାସଯାତ୍ରାରେ ଆଖପାଖ ଅଞ୍ଚଳରୁ ୧୦ରୁ ଊର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରି ସମ୍ପ୍ରଦା ପରିବେଷଣ କରିଥିଲେ। ସେହିପରି ଅନ୍ତିମ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ କେନାଭେଟା ଗ୍ରାମର ବଂଶୀଧର କଳାକାର ମାନଙ୍କ ଦ୍ୱାରା ଦଶାବତାର ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଦୁଃଶାସନ ଖମାରୀ ଲେଖକ ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଇଥିବାବେଳେ ଗୁଲେଖ ଖମାରୀ, ରାଜେଶ ଖମାରୀ ଓ ସଞ୍ଜିବ ଖମାରୀ ପରିଚାଳନା ସମ୍ପାଦନ କରିଥିଲେ। ରାସୋତ୍ସବ ପରିଚାଳନାରେ ଗ୍ରାମର ସଭାପତି ତ୍ରିଲୋଚନ ଖମାରୀ, ସମ୍ପାଦକ ଉମେଶ ସାହୁଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା। ଗ୍ରାମର ଶିବସୁନ୍ଦର ରାଉତ, ଶଙ୍ଖାଳି ସାହୁ, ରଘୁନାଥ ସାହୁ, ଝସକେତନ ଖମାରୀ, ଗୋବିନ୍ଦ ବିଶ୍ୱାଳ, ଏକାଦଶିଆ ବେହେରା, ବୈକୁଣ୍ଠ ସାହୁ, ଗୁଡୁ ବେହେରା ପ୍ରମୁଖ ସଭ୍ୟ ମିଳିତ ଭାବେ ପରିଚାଳନା କରି ସହଯୋଗ କରିଥିଲେ। ସନ୍ଧ୍ୟା ସମୟରେ କଟକରୁ ଆସିଥିବା ଦିଶା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଖପାଖ ଗ୍ରାମମାନଙ୍କରୁ ବହୁଭକ୍ତ ଏହି ଶରଦ ରାସୋତ୍ସବରେ ଯୋଗଦେଇ ଥିବାବେଳେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନର ବ୍ୟବସ୍ଥା ହୋଇଥିଲା।



ଶ୍ରୀଶ୍ରୀ ବଂଶୀଧର ମହାପ୍ରଭୁଙ୍କର ଶରଦ ରାସୋତ୍ସବ ପର୍ବ।

## ଦୁଇ ଦୁର୍ଘଟଣାରେ ୨ମୃତ: ଜଣେ ଆହତ

**ଲହୁଣୀପଡା, ୨୦।୧୧ (ଡି.ଏନ.ଏ)**

ଲହୁଣୀପଡା ଥାନା ଅଞ୍ଚଳରେ ପୃଥକ୍ ପୃଥକ୍ ଦୁର୍ଘଟଣା ଘଟି ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଜଣେ ଆହତ ହୋଇଛନ୍ତି। ବୁର୍ଡା ପଞ୍ଚାୟତର ଲଲେଇ ଛକରେ ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ଏକ ବାଇକ ରାସ୍ତା କଡରେ ଥିବା ଗଛରେ ପିଟି ହୋଇ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଆହତ ଦୁଇଜଣଙ୍କୁ ବଣାଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ମଧ୍ଯ ଜଣଙ୍କର ମୃତ୍ୟୁ ଘଟିଛି। ବଣାଇର ଏକ ସ୍ପଞ୍ଜ କାରଖାନାରେ ଚାକିରୀ କରୁଥିବା ଦୁଇ ସାଙ୍ଗ ଓଡି ୧୪ ଏନ- ୭୩୭୬ ବାଇକ ଯୋଗେ ଖଣ୍ଡାଧାର ବୁଲି ଯାଇଥିଲେ। ଖଣ୍ଡାଧାରରୁ ଫେରୁଥିବାବେଳେ ଲଲେଇ ଛକ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଏକ ଗଛରେ ବାଡେଇ ହୋଇଯାଇଥିଲେ। ଉଭୟଙ୍କ ପରିଚୟ ମିଳିପାରି ନାହିଁ। ସେହିଭଳି ଅନ୍ୟ ଏକ ଦୁର୍ଘଟଣା କଲେଇପୋଷ-ବାହାଡାପୋଷି ରାଜ୍ୟ ରାଜପଥ ୧୦ (କ)ର କଲେଇପୋଷ ଉଲସୁରେଇ ରାସ୍ତା ମଧରେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଘଟିଥିଲା। ଉଲସୁରେଇ ନିକଟସ୍ଥ କୁଡେଇକଳା ମାମୁ ଘରୁ ନିଜ ଘର କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାନ୍ଧୁପଡା ଗ୍ରାମକୁ ଓଆର ୧୪ ଜି- ୭୯୪୫ ବାଇକ ଯୋଗେ ଫେରୁଥିବାବେଳେ ଟ୍ରକ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ସରୋଜ କୁମାର ମାହାନ୍ତ (୨୩)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## କିଷାନ - କୁଁଡାହା ସମାଜର ସାଂସ୍କୃତିକ ମେଳା

**ସୁନ୍ଦରଗଡ଼, ୨୦।୧୧ (ଡି.ଏନ୍.ଏ)**

ସ୍ଥାନୀୟ ଶଙ୍କରା ପଣସପଡାସ୍ଥିତ ସଂସ୍କୃତି କେନ୍ଦ୍ରଠାରେ ବୁଧବାର କିଷାନ -କୁଁଡାହା ସମାଜର ସାଂସ୍କୃତିକ ମେଳା ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲାର କିଷାନ ପ୍ରମୁଖ ଦଳ ଓ ସଂସ୍କୃତି କେନ୍ଦ୍ର ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କିଷାନ ସଂସ୍କୃତିପ୍ରେମୀଙ୍କ ସମାଗମ ହୋଇଥିଲା। ଏଥିରେ କିଷାନ ମହାବେଲ ଜୁନାସ ଏକ୍କା ପ୍ରାରମ୍ଭିକ ସ୍ୱାଗତ ସମ୍ଭାଷଣ ପରେ ଜନ୍ ଏକ୍କାଙ୍କ ଦ୍ୱାରା ପ୍ରସ୍ତୁତ କିଷାନ ଭାଷାର ଲିପି ଓର ଲିପିର ଉଦ୍‌ଘାଟନ କରାଯାଇଥିଲା। ଏହା ପରେ ଅଗଷ୍ଟିନ କୁଜୁର କିଷାନ ଜାତିର ଇତିହାସ ଉପରେ ଏବଂ ଇସାକ ଲାକ୍ରା କିଷାନ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏଥିରେ ସୁନ୍ଦରଗଡ ଜିଲାର ୧୨ ଓ ଝାଡଖଣ୍ଡର ଗୋଟିଏ ସାଂସ୍କୃତିକ ଦଳ ଯୋଗଦେଇ ପାରମ୍ପାରିକ କିଷାନ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ମାଦଳ ଓ ଢୋଲ ବାଦ୍ୟଯନ୍ତ୍ର ସଙ୍ଗେ ସଙ୍ଗେ କିଷାନ ଜାତିର ପାରମ୍ପରିକ ଶିଂଘା ଟଣ୍ହେର ନାଦରେ ସଂସ୍କୃତି କେନ୍ଦ୍ର ପ୍ରାଙ୍ଗଣ ଦୁଲୁକି ଉଠିଥିଲା। କିଷାନ ଜାତିର ସାଂସ୍କୃତିକ ବିଭବ ଦେଖି ଦର୍ଶକମାନେ ମଧ୍ୟ ଅଭିଭୂତ ହୋଇପଡିଥିଲେ। କିଷାନ ଜାତିର ପରମ୍ପରା, ରୀତି ନୀତି, ଗୀତ ଓ ନୃତ୍ୟର ସଂରକ୍ଷଣ ଦିଗରେ ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା।



କିଷାନ -କୁଁଡାହା ସମାଜର ସାଂସ୍କୃତିକ ମେଳାରେ ଉପସ୍ଥିତ କର୍ମକର୍ତ୍ତା, ଅତିଥି।

■ କୁଆଁରମୁଣ୍ଡା ବ୍ଲକରେ କାର୍ଯ୍ୟକାରୀ ହେଉନି ସରକାରୀ ବଦଳି ନିୟମ

# ୫ ବର୍ଷ ପରେ ବି ବଦଳୁ ନାହାନ୍ତି ଯନ୍ତ୍ରୀ

**ମହେନ୍ଦ୍ର କୁମାର ସାହୁ**
**କୁଆଁରମୁଣ୍ଡା, ୨୦।୧୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବଦଳି ନିୟମ ଅନୁଯାୟୀ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ଲକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରାଯିବା କଥା। ମାତ୍ର ବିଡ଼ମ୍ବନାର ବିଷୟ ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକରେ ଏହି ନିୟମର କାର୍ଯ୍ୟାନ୍ୱୟନ ହେଉନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଏଠାରେ କାର୍ଯ୍ୟରତ ଏକାଧିକ କନିଷ୍ଠଯନ୍ତ୍ରୀ (ଜେଇ)ମାନଙ୍କ କାର୍ଯ୍ୟକାଳ ୫ ବର୍ଷ ଟପିଗଲାଣି। କିନ୍ତୁ ସେମାନେ ଏଠାରେ କାର୍ଯ୍ୟରତ ଅଛନ୍ତି। ସେମାନେ ପୁଣି ୩ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ବ୍ଲକରେ କନିଷ୍ଠ ଯନ୍ତ୍ରୀମାନେ ଏକାଧିକ ପଞ୍ଚାୟତ ଦାୟିତ୍ୱ ହାତକୁ ନେବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ହାତଗୁଞ୍ଜା ଦେଉଛନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ନ କରି ଆଖିବୁଜା ପିସି ଆଦାୟରେ ବ୍ୟସ୍ତ ରହୁଛନ୍ତି କନିଷ୍ଠ ଯନ୍ତ୍ରୀମାନେ। ଅହେତୁକ ପିସି କାରବାର ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଛି। ଫଳରେ ବର୍ଷେ ଦୁଇ ବର୍ଷ ମଧ୍ୟରେ ନିର୍ମିତ କାର୍ଯ୍ୟଗୁଡିକ ନଷ୍ଟ ହୋଇଯାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଚଳିତ ଆମ୍‌କୋ-ସିମ୍‌କୋ ଶହୀଦ ପୀଠର ପାଚେରୀ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ। ଗତ ବର୍ଷ ସାଧାରଣ ବର୍ଷାରେ ଏହି ଶହୀଦ ପୀଠର ପାଚେରୀ ସମ୍ପୂର୍ଣ୍ଣଭାବେ ଭୁଶୁଡି ପଡିଥିଲା। ସେତେବେଳେ ମଧ୍ୟ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ମଧ୍ୟରେ ସଲାସୁତୁରାରେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏତେ ସବୁ ସତ୍ତ୍ୱେ ଉକ୍ତ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କିଭଳି ଏହି ବ୍ଲକରେ ଅଦ୍ୟାବଧି କାର୍ଯ୍ୟ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ପଛରେ କୁଆଡେ ଜିଲାସ୍ତରୀୟ ଜନୈକ ଅଧିକାରୀଙ୍କ ଭିତିରି ହାତ ରହିଥିବା କୁଆଁରମୁଣ୍ଡା ଅଞ୍ଚଳରେ ଆଲୋଚନା ହେଉଛି। ସେହିପରି ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀ (ଜେଇ) ବିଶ୍ରା ବ୍ଲକରେ ଚାକିରୀ କରୁଥିବା ବେଳେ କୁଆଁରମୁଣ୍ଡା ବ୍ଲକରେ ଡେପୁଟେସନରେ ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ରହି କାର୍ଯ୍ୟ କରୁଛନ୍ତି। ମୋଟାମୋଟି ଭାବେ ଦେଖିବାକୁ ହେଲେ ଜେଇମାନେ ଏହି ବ୍ଲକରୁ ଅନ୍ୟ ବ୍ଲକକୁ ବଦଳି ହେବାକୁ ଆଦୌ ଚାହୁଁ ନ ଥିବା ନେଇ ଆଲୋଚନା ହେଉଛି। ଏ ନେଇ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ, ମୁଁ ଏହି ଅଳ୍ପ ଦିନ ହେଲା ଆସିଥିବାରୁ ଆମକୋ-ସିମ୍‌କୋ ଶହୀଦ ସ୍ମାରକୀ ପୀଠର ପାଚେରୀ ଭୁଶୁଡିବା ବିଷୟ ଜାଣି ନାହିଁ। ଏବେ ଜାଣିଲି। ତେବେ ୫ ବର୍ଷରୁ ଊର୍ଦ୍ଧ୍ୱ ଗୋଟିଏ ବ୍ଲକରେ କାର୍ଯ୍ୟ କରୁଥିବା ଜେଇମାନଙ୍କୁ ଖୁବଶୀଘ୍ର ଅନ୍ୟତ୍ର ବଦଳି କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ପଟେଲ କହିଛନ୍ତି।